ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୫ /୨୦୧୯ (୨୦ ପୃଷ୍ଠା) | Bhubaneswar, Friday, February 15/ 2019 | ★★★★★★

୪୫ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-

ଓଡ଼ିଶା ସରକାର

DSPL-408

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ଚାଷୀ ମହାସମାବେଶ
କେନ୍ଦ୍ରାପଡ଼ା
୧୫ ଫେବୃଆରୀ ୨୦୧୯, ଶୁକ୍ରବାର

ଏବେ ଭୂମିହୀନଙ୍କ ପାଇଁ କାଳିଆ

ଶୁଭାରମ୍ଭ ହେଉଛି **୧୦ ଲକ୍ଷ**ରୁ ଉର୍ଦ୍ଧ୍ୱ ଭୂମିହୀନଙ୍କୁ ଜୀବିକା ଅର୍ଜନ, ଆନୁସଙ୍ଗିକ କୃଷିକାର୍ଯ୍ୟ ପାଇଁ ୩ଟି କିସ୍ତିରେ **୧୨,୫୦୦** ଟଙ୍କାର ସହାୟତା

"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ ବଞ୍ଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

39001/13/0017/1819

www.kalia.co.in | କାଳିଆ ହେଲପ୍‌ଲାଇନ୍ ୨୪X୭ | ୧୮୦୦ ୫୭୨ ୧୧୨୨

ODISHA ONE

ଓଡ଼ିଶା ଆମ ଗୌରବ

ଓଡ଼ିଶା ଶାସନ

ଓଡ଼ିଶା ସରକାର

ଭେଲାଙ୍କାନୀ – ନାଗାପଟ୍ଟିନମ୍ – ଥାନ୍‌ଜାଭୁର୍ ଅଭିମୁଖୀ

୧୦ମ **"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"** ଟ୍ରେନ୍।

ଏଥର ଶୁଭାରମ୍ଭ ହେଉଛି

ବ୍ରହ୍ମପୁର ଠାରୁ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ଆଜି ପୂର୍ବାହ୍ନ **୧୧.୪୫ମି.**ରେ
ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ
ତୀର୍ଥଯାତ୍ରୀମାନଙ୍କୁ ଶୁଭବିଦାୟ ଜଣାଇବା ସହିତ
ସମସ୍ତଙ୍କ ପାଇଁ ଏକ ମଙ୍ଗଳମୟ ଯାତ୍ରାର
କାମନା କରୁଛନ୍ତି।

DSPL-407

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ



37001/13/0091/1819

ODISHA
Scenic · Serene · Sublime

www.odishatourism.gov.in
www.visitodisha.org
E-mail: oritour@gmail.com

@Naveen_Odisha | CMO. Odisha | @CMO_Odisha | CMO. Odisha

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୫/୨୦୧୯ | Bhubaneswar, Friday, February 15/2019 | ପୃଷ୍ଠା-୧

ନିଜ ବାୟୋପିକ୍‌ରେ ନିର୍ଦ୍ଦେଶନା ଦେବେ କଙ୍ଗନା

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ଖୁବ୍ ଶୀଘ୍ର ନିଜ ବାୟୋପିକ୍ (ଜୀବନକାହାଣୀ ଭିତ୍ତିକ ଫିଲ୍ମ)ର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି।

୦୮ ୧୭

ପ୍ରମୋଦଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ୟୁଏଇଠାରେ ଚାଲିଥିବା ୱାର୍ଲ୍ଡ ପାରା ଗେମ୍ସରେ ଓଡ଼ିଶାର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଜିତି ଶ୍ରେଷ୍ଠ ସଫଳତା ପାଇଛନ୍ତି।

ସୁରକ୍ଷା ବଳକୁ ଜୈଶ୍‌ର ଟାର୍ଗେଟ
୪୪ ଯବାନ ଶହୀଦ

ଶ୍ରୀନଗର,୧୪।୨(ପି.ଟି.)

କିଛିଦିନର ନୀରବତା ପରେ ଉପତ୍ୟକାରେ ପୁଣିଥରେ ରକ୍ତମୁଖା ହୋଇଛନ୍ତି ପାକିସ୍ତାନୀ ଆତଙ୍କବାଦୀ। ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଗୁରୁବାର ସୁରକ୍ଷା ବଳ ଉପରେ ବଡ଼ଧରଣର ଆକ୍ରମଣ କରିଛନ୍ତି। ସେମାନଙ୍କ ଦ୍ୱାରା ଘଟାଯାଇଥିବା ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୪ ଯବାନ ଶହୀଦ ହୋଇଛନ୍ତି। ଏଥିସହ ଆକ୍ରମଣରେ ଅନେକେ ଆହତ ହୋଇଛନ୍ତି। ୨୦୧୬ରେ ଉରି ଆକ୍ରମଣ ପରେ ଏହା ହେଉଛି ଆତଙ୍କବାଦୀଙ୍କ ସବୁଠୁ ବଡ଼ ସଂହାରଲୀଳା। ଏହି ଆକ୍ରମଣକୁ ସବୁ ମହଲରେ ନିନ୍ଦା କରାଯାଇଛି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ଆତଙ୍କବାଦୀଙ୍କୁ ଧରିବା ପାଇଁ ଜୋର୍‌ଦାର ତଲାସି ଅଭିଯାନ ଚଳାଇଛି।

ଜମ୍ମୁ-କଶ୍ମୀରର ପୁଲୱାମା ଜିଲା ଅୱନ୍ତିପୋରା ଅଞ୍ଚଳ। ଶ୍ରୀନଗର-ଜମ୍ମୁ ରାଜପଥ ଦେଇ ୭୮ଟି ସିଆର୍‌ପିଏଫ୍ ଭ୍ୟାନ୍ ଯାଉଥିଲା। ସେଥିରେ ୨,୫୪୭ ଯବାନ ଜମ୍ମୁ ଶିବିରରୁ ଶ୍ରୀନଗର ଅଭିମୁଖେ ଯାଉଥିଲେ। ବସ୍‌ଗୁଡ଼ିକ ସୂର୍ଯ୍ୟାସ୍ତ ପୂର୍ବରୁ ରାଜଧାନୀ ଶ୍ରୀନଗରସ୍ଥିତ ଶିବିରରେ ପହଞ୍ଚିଆସିବାନ୍ତା। ହେଲେ ସେଠାରୁ ୩୦ କି.ମି. ଦୂର ଲେଥ୍‌ପୋରାରେ ଅପରାହ୍ନ ୩ଟା ୧୫ରେ ସିଆର୍‌ପିଏଫ୍‌ର ୫୪ତମ ବାଟାଲିୟନ୍‌ର ଏକ ବସ୍‌କୁ ହଠାତ୍ ଧକ୍କା ଦେଇଥିଲା ଆତଙ୍କବାଦୀଙ୍କ ବିସ୍ଫୋରକ ବୋଝେଇ ଭ୍ୟାନ୍। ଆତ୍ମଘାତୀ ବିସ୍ଫୋରଣରେ ବସ୍ ଧ୍ୱଂସ ହୋଇଯାଇଥିବାବେଳେ ଅନ୍ୟ ଏକ ଭ୍ୟାନ୍ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ବସ୍‌ରେ ଥିବା ୫୪ ଯବାନଙ୍କ ମଧ୍ୟରୁ ୪୪ ଜଣ ଶହୀଦ ଓ ଅନେକ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଆମୁଲାନ୍ସ ଯୋଗେ ହସ୍ପିଟାଲକୁ ନିଆଯାଇଛି।

ପୁଲୱାମା ଜିଲା ଲେଥ୍‌ପୋରାସ୍ଥିତ ଶ୍ରୀନଗର-ଜମ୍ମୁ ରାଜପଥର ଆକ୍ରମଣସ୍ଥଳ।

ଆତଙ୍କବାଦୀ ରକ୍ତମୁଖା

- ସିଆର୍‌ପିଏଫ୍ ବସ୍‌କୁ ଧକ୍କାଦେଲା ବିସ୍ଫୋରକ ବୋଝେଇ ଭ୍ୟାନ୍
- ଆତ୍ମଘାତୀ ଆକ୍ରମଣରେ ୨୫ରୁ ଊର୍ଦ୍ଧ୍ୱ ଆହତ
- ବଢ଼ିପାରେ ମୃତ୍ୟୁସଂଖ୍ୟା
- ୨୦୧୬ ଉରି ଆକ୍ରମଣ ପରେ ସବୁଠୁ ବଡ଼ ଟାର୍ଗେଟ
- ଆକ୍ରମଣସ୍ଥଳରେ ଫୋରେନ୍‌ସିକ୍ ଟିମ୍, ତଲାସି ଜୋର୍‌ଦାର

ଚିକିତ୍ସାଧୀନ ଯବାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଶହୀଦଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଖରାପ ପାଗ ଯୋଗୁ ଶ୍ରୀନଗର-ଜମ୍ମୁ ରାଜପଥ ୨ ଦିନ ଧରି ବନ୍ଦ ଥିଲା। ପାଗ ସୁଧୁରିବା ପରେ ଏକାଥରକେ ଏତେସଂଖ୍ୟକ ସିଆର୍‌ପିଏଫ୍ ଯବାନ ସେହି ପଥ ଦେଇଯାଉଥିବାବେଳେ ଜୈଶ୍ ଏହାର ସୁଯୋଗ ନେଇ ଟାର୍ଗେଟ କରିଛି। ଯବାନଙ୍କ ମଧ୍ୟରୁ ଅଧିକାଂଶ ଛୁଟି କାଟିବା ପରେ ଘରୁ ଫେରୁଥିଲେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସ୍ଥାନୀୟ ନ୍ୟୁଜ୍‌ଏଜେନ୍ସିଏନ୍‌ଏସ୍‌କୁ ଏକ ବିବୃତି ଜାରି କରି ଏହି ରକ୍ତସ୍ନାନ ପାଇଁ ଜେଇଏମ୍ ନିଜକୁ ଦାୟୀ କରିଛି। ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ୍ ସିଂ ଏହାକୁ ଆତ୍ମଘାତୀ ଆକ୍ରମଣ ବୋଲି ସ୍ପଷ୍ଟ କରିଛନ୍ତି। ଆତ୍ମଘାତୀ ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେ ହେଉଛନ୍ତି ପୁଲୱାମାସ୍ଥିତ କାକାପୋରାର ଆଦିଲ୍ ଅହମ୍ମଦ। ଆଦିଲ୍ ୨୦୧୮ରେ ଜେଇଏମ୍‌ରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ବିସ୍ଫୋରଣ ପରେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିବା ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ଆର୍.ଆର୍. ଭଟ୍ଟନାଗର ସୂଚନା ଦେଇଛନ୍ତି। ଆକ୍ରମଣସ୍ଥଳକୁ ଫୋରେନ୍‌ସିକ୍ ଓ ବୋମା ବିଶ୍ଳେଷକ ଟିମ୍ ପହଞ୍ଚି ତନାଘନା ଚଳାଇଛି। ସେଠାରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇ ତଲାସିଅଭିଯାନକୁ ଜୋରଦାର କରାଯାଇଛି।

ଏନ୍‌ଏସ୍‌ଜି, ଏନ୍‌ଆଇଏକୁ ତଦନ୍ତ ଦାୟିତ୍ୱ

ନୂଆଦିଲ୍ଲୀ,୧୪।୨: ପୁଲୱାମା ଆକ୍ରମଣର ତଦନ୍ତ କରିବେ ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଉଭୟ ନିରାପତ୍ତା ସଂସ୍ଥାର ଏକ ମିଳିତ ଟିମ୍‌କୁ ଶୁକ୍ରବାର ଆକ୍ରମଣସ୍ଥଳକୁ ପଠାଯାଇଛି। ଆକ୍ରମଣର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଉଚ୍ଚକ୍ଷମତାସମ୍ପନ୍ନ ଟିମ୍‌କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

୧୦ କି.ମି. ଶୁଭିଲା ବିସ୍ଫୋରଣ

ଆଦିଲ୍ ଅହମ୍ମଦ

ଶ୍ରୀନଗର,୧୪।୨(ପି.ଟି.): ଜମ୍ମୁ-କଶ୍ମୀରର ପୁଲୱାମାରେ ସିଆର୍‌ପିଏଫ୍ ବସ୍ ଧକ୍କା ହୋଇଥିବା ସ୍କର୍ପିଓରେ ୩୦୦ କେ.ଜି. ବିସ୍ଫୋରକ ଥିଲା। ଏହା ଧକ୍କା ହେବା ପରେ ବିସ୍ଫୋରଣର ଶବ୍ଦ ୧୦ କି.ମି. ଯାଏ ଶୁଭିଥିଲା। ଏଥିରେ ଆଖପାଖ ଅଞ୍ଚଳର ଲୋକେ ଭୟରେ ଥରି ଉଠିଥିଲେ। ସ୍କର୍ପିଓ ଚଳାଉଥିବା ଆତଙ୍କବାଦୀ ଆଦିଲ୍ ଅହମ୍ମଦ ଏଥିରେ ନିହତ ହୋଇଛନ୍ତି। ସେ ଗତବର୍ଷ ଜୈଶ୍‌ରେ ସାମିଲ ହୋଇଥିଲେ। ଉପତ୍ୟକାରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଅନେକ ଆକ୍ରମଣରେ ତାଙ୍କର ହାତ ଥିଲା ବୋଲି ପୋଲିସ କହିଛି।

ବିଶ୍ୱବ୍ୟାପୀ ନିନ୍ଦା

ନୂଆଦିଲ୍ଲୀ, ୧୪।୨(ପି.ଟି): ଜମ୍ମୁ- କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଆମେରିକା, ରୁଷିଆ ଏବଂ ଫ୍ରାନ୍ସ ସମେତ ଅନେକ ରାଷ୍ଟ୍ର ଆତଙ୍କବାଦ ଦମନ କ୍ଷେତ୍ରରେ ଭାରତକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ନିରାପତ୍ତା ସମ୍ପର୍କିତ କ୍ୟାବିନେଟ୍ ବୈଠକ ଆଜି

ନୂଆଦିଲ୍ଲୀ,୧୪।୨(ପି.ଟି.): ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିରାପତ୍ତା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍) ଶୁକ୍ରବାର ପୂର୍ବାହ୍ନ ୯ଟାରେ ବସିବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିବେ। ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ସମେତ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମନ୍, ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଏଥିରେ ଯୋଗଦେବେ ବୋଲି ଜଣାପଡ଼ିଛି।

ଗଣମାଧ୍ୟମ ପାଇଁ ନିର୍ଦ୍ଦେଶନାମା

ନୂଆଦିଲ୍ଲୀ,୧୪।୨(ପିଆଇବି): ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ସମ୍ପର୍କିତ ଖବର ପ୍ରସାରଣ କ୍ଷେତ୍ରରେ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲଗୁଡ଼ିକ ଧାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସଂଯମତା ଅବଲମ୍ବନ କରିବାକୁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସଂକ୍ରାନ୍ତ କୌଣସି ଉତ୍ତେଜନାମୂଳକ ଖବର ପ୍ରସାରଣ ଦ୍ୱାରା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରିକି ଦେଶ ବିରୋଧୀ ଆଚରଣ ବୃଦ୍ଧି ପାଇବା ସହିତ ଜାତୀୟ ସଂହତି ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ଏଭଳି କୌଣସି ବିଷୟବସ୍ତୁ ପ୍ରସାରଣ ନ କରିବା ଲାଗି କୁହାଯାଇଛି। କେବୁଲ ଟେଲିଭିଜନ୍ ନେଟୱର୍କସ (ନିୟାମକ) ଆଇନରେ ଥିବା କାର୍ଯ୍ୟକ୍ରମ ପ୍ରସାରଣ ଓ ବିଜ୍ଞାପନ ସଂକ୍ରାନ୍ତ ନୀତିନିୟମକୁ କଡାକଡି ପାଳନ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି।

ଆଜିଠୁ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧୪।୨(ବ୍ୟୁରୋ): ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବା ଚଳିତବର୍ଷ ସମଗ୍ର ଦେଶରୁ ମୋଟ ୧୨ଲକ୍ଷ ୮୭ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ସେହିଭଳି ଓଡ଼ିଶାରୁ ପ୍ରାୟ ୧୬ହଜାର ପିଲା ଚଳିତବର୍ଷ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଦେବେ। ପ୍ରଥମ ଦିନରେ 'ଧନ୍ଦାମୂଳକ ଶିକ୍ଷା' ବିଷୟର ପରୀକ୍ଷା ଅନୁଷ୍ଠିତ ହେବ। ଏହାପରେ ମାର୍ଚ୍ଚ ୨ରୁ ଅନ୍ୟ ବିଷୟରେ ପରୀକ୍ଷା ଆରମ୍ଭ ହେବ, ଯାହା କି ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୦ଟା ୧୫ରେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ୧୦ଟା ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଅନୁମତି ମିଳିବନାହିଁ। ପରୀକ୍ଷାର୍ଥୀମାନେ ହଲ୍‌କୁ ଯିବା ସମୟରେ ସାଙ୍ଗରେ କେବଳ କଲମ ଓ ଆବଶ୍ୟକ ଷ୍ଟେସନେରି ସାମଗ୍ରୀ ନେଇପାରିବେ। ଡାଇବେଟିସ୍ ପରୀକ୍ଷାର୍ଥୀ ସାଙ୍ଗରେ ଖାଦ୍ୟନେଇ ☞ ପୃଷ୍ଠା-୨

ସୁଶୀଲ ଚନ୍ଦ୍ରା ହେଲେ ନିର୍ବାଚନ କମିଶନର

ନୂଆଦିଲ୍ଲୀ, ୧୪।୨(ପି.ଟି.): ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରାଙ୍କୁ ଗୁରୁବାର ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଜଣେ ଆଇଆଇଟି ସ୍ନାତକ ଏବଂ ୧୯୮୦ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆୟକର କ୍ୟାଡର)। ଚଳିତ ମାସ ଶେଷ ସୁଦ୍ଧା ନିର୍ବାଚନ ତାରିଖ ଘୋଷଣା ହେବା ଆଶା କରାଯାଉଛି। ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନରେ ଡିସେମ୍ବର ମାସରୁ ଜଣେ ସଦସ୍ୟ ପଦ ଖାଲିପଡିଥିଲା। ଫଳରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା, ☞ ପୃଷ୍ଠା-୨

ଆଜିର ସମ୍ପାଦକୀୟ

ସନ୍ଦେହ ଘେରରେ ଟିକସଦାତା

ଆଜିର ମନ୍ତବ୍ୟ

ଭାଜପା-ଆର୍‌ଏସ୍‌ଏସ୍‌ର ଘୃଣା ବିସ୍ତାରକୁ ପ୍ରେମରେ ମୁକାବିଲା କରିବ କଂଗ୍ରେସ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

କିଛି ତଥ୍ୟ

ନଭେମ୍ବରରେ ଆରମ୍ଭ ହୋଇଥିବା ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ କାର୍ଯ୍ୟକ୍ରମ ଅଧୀନରେ ୧୦୦ ଦିନରେ ସଂସ୍ଥାଗୁଡ଼ିକୁ ୨୦,୯୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।

- ଆର୍ଥିକ ସେବା ବିଭାଗ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 14.02.2019 Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	72	122	132
CTC	74	124	134
DKL	73	123	133
BDK	75	126	136
BLS	77	128	138
ANG	75	126	136

Eggs Retail Price- 52/-Dozen
Issued in the Interest of Consumers
*Conditions Apply

ନିମ୍ନମାନର ଛତୁଆ ଖାଉଛନ୍ତି ଶିଶୁ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

- ରାଜ୍ୟ ଜନସ୍ୱାସ୍ଥ୍ୟ ରିପୋର୍ଟରୁ ଧରାପଡ଼ିଲା
- ୨୩୦ ନମୁନା ଅଖାଦ୍ୟ

ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ। ମାତ୍ର ସେହି କୋମଳମତି ଶିଶୁମାନେ ମଧ୍ୟ ଦୁର୍ନୀତିର ଚକ୍ରବ୍ୟୂହରୁ ମୁକ୍ତ ନୁହନ୍ତି। ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରରେ ଅଢେଇ ବର୍ଷରୁ ୬ ବର୍ଷର ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପୁଷ୍ଟିକର ଯୋଜନାରେ ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଏହି ଅର୍ଥର ସୁଫଳ ଶିଶୁଙ୍କ ନିକଟରେ ପହଞ୍ଚି ପାରୁ ନାହିଁ। ଅତ୍ୟନ୍ତ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବାରୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡୁଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ୨୦୧୩-୧୪ରୁ ଏ ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ଖାଇବାକୁ ଦିଆଯାଇଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡିଛି। ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୩୦ଟି ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରୁ ୨୬,୪୨୩ ଛତୁଆର ନମୁନା ସଂଗ୍ରହ ☞ ପୃଷ୍ଠା-୨

ପରସ୍ପର ବିରୋଧରେ ଆପତ୍ତି ଉଠାଇଲେ ଦଳ

ନିର୍ବାଚନ କମିଶନର ଅଶୋକ ଲାଭାସା ଭୁବନେଶ୍ୱରଠାରେ ପତାକା ଦେଖାଇ ନିର୍ବାଚନ ସଚେତନତା ଗାଡ଼ିକୁ ଶୁଭାରମ୍ଭ କରୁଛନ୍ତି।

ନିର୍ବାଚନ କମିଶନଙ୍କ ସମୀକ୍ଷା

- ଅର୍ଥ, ବାହୁବଳ, ପ୍ରଶାସନିକ କଳ ଅପବ୍ୟବହାର ରୋକିବାକୁ ବିରୋଧୀଙ୍କ ଦାବି
- ନିର୍ବାଚନୀ ହିଂସା, ପେଟ୍ରୋଲ ପମ୍ପରେ ଟଙ୍କା ଠୁଳ ରୋକିବାକୁ ବିଜେଡିର ପ୍ରସ୍ତାବ
- ଇଭିଏମ୍ ବଦଳରେ ବାଲଟରେ ମତଦାନ ବ୍ୟବସ୍ଥା କରିବାକୁ ସିପିଆଇର ଦାବି
- ଚଳିତ ମାସ ଶେଷ ସୁଦ୍ଧା ନୂତନ ଭୋଟରଙ୍କୁ ପରିଚୟ ପତ୍ର ଦେବାକୁ କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ବେଳେ ପ୍ରଶାସନିକ କଳ, ବାହୁବଳ ଓ ଅର୍ଥ କାରବାରକୁ ରୋକାଯାଉ। ନିର୍ବାଚନକୁ ନିରପେକ୍ଷ ଓ ହିଂସାମୁକ୍ତ କରିବାକୁ ସମସ୍ତ ପଦକ୍ଷେପ ନେବା ଲାଗି ବିଭିନ୍ନ ରାଜନୈତିକ ଦଳ ଦାବି କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସ୍ଥିତି ପରଖିବା ସହ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ନେତୃତ୍ୱରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ୬ ଜଣିଆ ପ୍ରତିନିଧି ଦଳ ରାଜନୈତିକ ଦଳ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଗୁରୁବାର ଆଲୋଚନା କରିଛନ୍ତି।

ବୈଠକରେ ଭାଜପା, କଂଗ୍ରେସ, ବିଜେଡି, ସିପିଆଇ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ସାମିଲ ହୋଇ ନିଜର ପକ୍ଷ ରଖିବା ସହିତ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ବିଷୟରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବୈଠକରେ ଯୋଗଦେଇ ଆସନ୍ତା ନିର୍ବାଚନ ପରିଚାଳନା ନେଇ ପ୍ରସ୍ତାବ ଦେଇଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ନରସିଂହ କହିଛନ୍ତି ଯେ ରାଜ୍ୟ ସରକାର ☞ ପୃଷ୍ଠା-୨



ବାଲେଶ୍ୱର ସଦର ବ୍ଲକ ହଳଦୀପଦା-ବାହାବଳପୁର ରାସ୍ତାର ସୋଲପଟାଠାରେ ଗୁରୁବାର ଏକ କାଠ ବୋଝେଇ ଟ୍ରକ୍ ଧକ୍କାରେ ସୋଲପଟା ହାଇସ୍କୁଲର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତଛାତ୍ର ହେଲେ ସାର୍ଥା ପଞ୍ଚାୟତ ବୁଧିଆମାରି ଗ୍ରାମର ଜୟପ୍ରକାଶ ପାତ୍ରଙ୍କ ଏକମାତ୍ର ପୁଅ ରାଜକୁମାର (୧୩)। ଏହି ଘଟଣା ପରେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟ୍ରକ୍‌ଟି ପଳାଉଥିବା ବେଳେ ସ୍ଥାନୀୟ ଲୋକେ ଶିଳଦା ଛକଠାରେ ଟ୍ରକ୍‌କୁ ଅଟକାଇ ନିଆଁ ଲଗାଇ ଦେଇଥିଲେ।

ଜନ୍ମଦିନର ଶୁଭେଚ୍ଛା

ନାମ: ....

ବୟସ:....................................

ଜନ୍ମ ତାରିଖ: ....

ଲିଟୁନ୍
ପରିବାରବର୍ଗ

ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପଞ୍ଚମ ଜନ୍ମବାର୍ଷିକୀ ଶୁଭକାମନା

(ଲିଟୁନ୍)

ସୁମିତେଶ ପ୍ରସାଦ

ଜନ୍ମ ତାରିଖ: ୧୫।୦୨।୨୦୧୪ (ଶନିବାର)

ପ୍ଲଟ୍ ନଂ- ୭୪୦, ରୋକ୍ ଭବନ, ଜାଗମରା, ଭୁବନେଶ୍ୱର

ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀ ଅବସରରେ ଭଗବାନ ଶ୍ରୀଶ୍ରୀ ସାଇନାଥ ତୋତେ ଅପାର କରୁଣା ଓ ଆଶୀର୍ବାଦ ଦେଇ ତୋର ଚଲାପଥ ପୁଷ୍ପିତ, କୁସୁମିତ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ କରନ୍ତୁ। ଅନେକ ଶୁଭାଶିଷ ସହ: ଜେଜେମା, ଅଜା, ଆଈ, ବଡପାପା, ବଡମା, ପାପା, ମାମା, ମାମୁ, ମାଇଁ, କୁନା ଭାଇ, କାହ୍ନା ଭାଇ, ମୁନା ଭାଇ, ପ୍ରିନ୍ସ, ମାମୀ ନାନା, ମାନସ ଅଙ୍କଲ, ଲିଲି ନାନା ଓ ପରିବାରବର୍ଗ। ଧ-୬୫୩୭୪

ବିବାହ ଶୁଭେଚ୍ଛା

ବିଚ୍ଚୁ
ସହିତ
ଲାଲୁ
ବାଲିପାଟଣା, ଖୋର୍ଦ୍ଧା

ଭଗବାନ ତମ ଦୁଇଜଣଙ୍କୁ ଆଶୀର୍ବାଦ କରିବା ସହ ଭଲରେ ରଖନ୍ତୁ, ନବ ଦମ୍ପତିଙ୍କର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ପଣ୍ଡିତ କେଦାରନାଥ ନାୟକ, ମିନତି ଦେବୀ ଓ ପରିବାରବର୍ଗ। ଧ-୬୫୫୬୭

classified

SALE

Jypsy King, OR 02-S, 4 WD, petrol all papers ok, look like new for sale. 9437746913. D-11062

32000km. run Jan 2016 Swift VXI white colour. 9437284700. D-11139

SALE

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

ଭୁବନେଶ୍ୱର କଣ୍ଟାବାଡ NH 100' bypass road sideରେ ଗୃହୋପଯୋଗୀ ପଟ୍ଟା plot. 9437971401, 8093402880. D-64792

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

Bhubaneswar AIIMS Hospitalଠାରେ yellowz-one gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395. D-65362

Bhubaneswar KIIT ଜଗନ୍ନାଥ ମନ୍ଦିର ପାଖରେ 40' ରାସ୍ତାଥାଇ boundarywall, electricity, water ସୁବିଧାଥାଇ plot ବିକ୍ରିହେବ: 7894760783. D-65360

3BHK ready to move flats newly constructed for sale at Kharvel Nagar, Bhubaneswar. 7008672367, 8270788667. D-11109

2000 sqft. land for sale near CV Raman College. Contact: 9337311119. D-64044

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Residential plot 3.5 km. from Dhauli N.H 12000 sqft. 50 lakhs. 9337102145. D-59852

Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65830

Plot for sale at Sundarpada BBSR @ 270 sqft. sthitiban, single patta holder. 9192111444, 9040881230. D-11123

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Pre launch booking open for 3BHK flat at BJB Nagar. Contact: 9861616986. D-62159

Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452. D-65829

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65479

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

GENERAL

SALE

Long coat German Shepherd Puppy for sale Nayapalli, Bhubaneswar. 9861550765. D-65571

Shivam logistic packers movers. Household/ car relocation countrywide. 9777044177, 9338461133. D-10964

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Experience full body massage with us by experts. Enquiry. 0674259782 2, 7377048581. D-65566

Herbal full body massage with refreshment by well trained therapist. 738123938 5, 06742540855. D-65567

Improving your health, skin care through expert therapist, excellent offer. 9668374480. D-65568

Newly opening ayurvedic body massage smart therapist, Shree herbal. 7750020754. D-65569

Herbal full body massage by smart/ expert therapist. Contact: 8338067247. D-65570

Ayurvedic full body massage ladies/ gents experts therapist. 8338097451 . D-65825

Roshin ayurvedic massage club fully relaxed by smart lady home service facility available. 9937637219. D-65824

Physiotherapy, full body massage by trained ladies/ gents therapist: 7008773793. D-65476

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

AFFIDAVIT

ଆଗରୁ ହୁଲ୍ଲାସ ଜେନା, ପି- ରାମ ଦଳେଇ ଥିଲା ଏହାକୁ ବଦଳାଇ ରୀନା ଜେନା, ପି- ରାମ ଦଳେଇ କରାଯାଇଛି, ଠିକଣା- ଜି- ପୁରୀ, ଥା- ଗଡିଶାଗୋଦା, ଗ୍ରା- ବାଜପଦର। ଧ-୧୧୧୪୨

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ସ୍ମୃତିରେ



ସ୍ୱ.ଦୀନବନ୍ଧୁ ମହାପାତ୍ର

ଅବସରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା, ଏସ୍.ସି.ଇ.ଆର୍.ଟି, ଭୁବନେଶ୍ୱର
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର

ଆବିର୍ଭାବ : ୧୫.୦୮.୧୯୨୯
ତିରୋଧାନ : ୦୩.୦୨.୨୦୧୯

ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଉପସ୍ଥିତି ଅନୁଭବ କରୁଅଛୁ। ଆପଣଙ୍କ ନୀତି, ଆଦର୍ଶ ଓ ଅନାବିଳ ସ୍ନେହ ଆମ ପାଇଁ ପାଥେୟ ହୋଇ ରହୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୧୧୪୦

ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

୩ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ମିଳିବ ସହାୟତା

ଭୁବନେଶ୍ୱର,୧୪।୨(ବ୍ୟୁରୋ) କାଳିଆ (କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ୍ ଇନ୍‌କମ୍ ଅଗ୍‌ମେଣ୍ଟେଶନ) ଯୋଜନାରେ କୃଷିଶ୍ରମିକମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ସହାୟତା ଶୁକ୍ରବାରଠାରୁ ପ୍ରଦାନ କରାଯିବ। ୩ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ଏହି ଯୋଜନାରେ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ଜୀବିକାର୍ଜନ ପାଇଁ ପ୍ରତ୍ୟେକଙ୍କୁ ୧୨, ୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ହିତାଧିକାରୀମାନଙ୍କୁ କିପରି ଟଙ୍କା ପଠାଯିବ ସେ ନେଇ ପ୍ରତ୍ୟେକ ଜିଲାର ନୋଡାଲ ଅଫିସରମାନଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୦୦୦ ଓ ୪,୫୦୦ ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଦାନ କରାଯିବ। ଏହି ସହାୟତା ଉପଯୁକ୍ତ ଚାଷୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ନେଇ ରାଜ୍ୟ ସରକାର ନିୟମିତ ନଜର ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡା ୧୪ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୨ ତାରିଖ ସୁଦ୍ଧା ସହାୟତା ଯୋଗାଇ ଦିଆଯିବ। ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଖରିଫ ଓ ରବି ଫସଲ ପାଇଁ ୧୦ ହଜାର ଟଙ୍କା ଯୋଗାଇଦେବେ। ଭୂମିହୀନ କୃଷି ଶ୍ରମିକଙ୍କୁ ୧୨,୫୦୦ ଟଙ୍କାର ଜୀବିକା ସହାୟତା ଯୋଗାଇ ଦିଆଯିବ। ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଜରିଆରେ ଏହି ସହାୟତା ରାଶି ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବାକୁ ବ୍ୟବସ୍ଥା ହୋଇଛି।

ଆଧାର ତଥ୍ୟ ଲିକ୍ ରିପୋର୍ଟ ସତ୍ୟ ନୁହେଁ

ନୂଆଦିଲ୍ଲୀ,୧୪।୨ ଆଧାର ତଥ୍ୟ ଲିକ୍ ହୋଇଥିବା ନେଇ ପ୍ରକାଶିତ ରିପୋର୍ଟ ମିଥ୍ୟା ଓ ଭ୍ରମାତ୍ମକ ବୋଲି ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି କହିଛନ୍ତି। ଏହାର ତଥ୍ୟକୁ ସୁରକ୍ଷିତ ରଖିବା ଲାଗି ଅତି ଶକ୍ତିଶାଳୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ହାଇକୋର୍ଟରେ ଆଧାର ସଂସ୍ଥା ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଦିଲ୍ଲୀ ହାଇକୋର୍ଟ ଆଧାର ତଥ୍ୟ ଲିକ୍ ହୋଇଥିବାରୁ ଦୃଷ୍ଟାନ୍ତମୂଳକ କ୍ଷତିପୂରଣ ଦେବାକୁ ଦାବି କରି ଆଗତ ଏକ ମାମଲାର ଶୁଣାଣି କରିଥିଲେ। ସମସାଦ ବଶିରଙ୍କ ପକ୍ଷରୁ ଆଗତ ମାମଲାରେ ଯୁକ୍ତି ଦର୍ଶାଯାଇଛି ଯେ, ଆଧାର ତଥ୍ୟ ଲିକ୍ ହେବା ପରେ ସୂଚନାର ଗୋପନୀୟତା ଅଧିକାରକୁ କେନ୍ଦ୍ର ସରକାର ଭଙ୍ଗ କରିଛନ୍ତି। ୟୁଆଇଡିଏଆଇ ପକ୍ଷରୁ ସତ୍ୟପାଠ ଦାଖଲ କରି କୁହାଯାଇଛି ଯେ, ଆଧାର ତଥ୍ୟକୁ ସର୍ବଦା ଶକ୍ତିଶାଳୀ କରିବା ଲାଗି ନିୟମିତ ସୁରକ୍ଷା ଯାଞ୍ଚ କରାଯାଉଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସୁଶୀଲ ଚନ୍ଦ୍ରା ହେଲେ...

ଭୋଟର ତାଲିକା ପ୍ରସ୍ତୁତି ଏବଂ ଏବଂ ଆଗାମୀ ନିର୍ବାଚନ ଲାଗି ବିଭିନ୍ନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଥିଲା। ଏହା ବ୍ୟତୀତ ଇଭିଏମ୍‌କୁ ନେଇ ବିରୋଧୀ ଦଳଗୁଡିକର ଅଭିଯୋଗ ଏବଂ ବାଲଟ୍ ପେପରର ପୁନଃପ୍ରଚଳନ ଦାବି କମିଶନଙ୍କୁ ଅଧିକ ଚାପରେ ପକାଇଥିଲା। ତେବେ ବାଲଟ୍ ପେପର ଯୁଗକୁ ଫେରିବା ସମ୍ଭବ ନୁହେଁ ବୋଲି କମିଶନ ସ୍ପଷ୍ଟ କରିଦେଇଥିଲେ। ଏବେ ସୁନୀଲ ଆରୋରା ମୁଖ୍ୟ ନିର୍ବାଚନ କମିଶନର ଥିଲାବେଳେ ଅଶୋକ ଲାଭାସା ଅନ୍ୟତମ କମିଶନର ରହିଛନ୍ତି।

ପରସ୍ପର ବିରୋଧରେ...

ପ୍ରଶାସନିକ କଳ, ଅର୍ଥ ଓ ବାହୁବଳ ଲଗାଇ ନିର୍ବାଚନରେ ବିଜୟୀ ହେବାକୁ ଉଦ୍ୟମ କରୁଛନ୍ତି। ଏଥିରୁ ଆମକୁ ରକ୍ଷା କରିବାକୁ କମିଶନଙ୍କ ଟିମ୍ ଆଗରେ ମତ ରଖିଲୁ। ଇଭିଏମ୍ ଓ ଭିଭିପାଟ ବିଷୟରେ ମତଦାତାଙ୍କୁ ସଚେତନ କରିବା ସହ ରାଜ୍ୟରେ କିପରି ଅବାଧ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ ସେ ନେଇ କମିଶନ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଛୁ ବୋଲି ସେ କହିଛନ୍ତି। ରାଜ୍ୟରେ ପ୍ରଶାସନିକ ଅଧିକାରୀମାନେ ଅନେକ ସମୟରେ ନିରପେକ୍ଷତା ଅବଲମ୍ବନ କରୁ ନ ଥିବା କଂଗ୍ରେସ ଅଭିଯୋଗ କରିଛି।

ପ୍ରଶାସନିକ ବ୍ୟବସ୍ଥାର ଅପବ୍ୟବହାର ହେଉଥିବା ଏବଂ ବିଜୁ ଯୁବ ବାହିନୀ ବିରୋଧରେ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ଏକ ପ୍ରତିନିଧି ଦଳ କମିଶନଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି। ସରକାରୀ ଅଧିକାରୀଙ୍କୁ ହାତବାରିସି କରି ବିଜେଡି ନିର୍ବାଚନରେ ବିଜୟୀ ହେବାକୁ ଚେଷ୍ଟା କରୁଥିବା ଭାଜପା ଅଭିଯୋଗ କରିଛି। ଇଭିଏମ୍ ବଦଳରେ ବାଲଟ ପେପରରେ ଭୋଟ କରିବାକୁ ସିପିଆଇ ପ୍ରସ୍ତାବ ଦେଇଛି। ବିଜେପୁରରେ ହୋଇଥିବା ନିର୍ବାଚନୀ ହିଂସାକାଣ୍ଡ ଏବଂ ପେଟ୍ରୋଲ ପମ୍ପରେ ଟଙ୍କା ରଖାଯାଉଥିବା ନେଇ ବିଜେଡି କମିଶନଙ୍କ ନିକଟରେ ଅଭିଯୋଗ କରିଛି। ଏହାକୁ ରୋକିବା ପାଇଁ ପଦକ୍ଷେପ ନେବା ସକାଶେ ଦଳ ପକ୍ଷରୁ ଦାବି କରାଯାଇଛି। ରାଜନୈତିକ ହିଂସା ଓ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ଅପରାହ୍ନରେ କମିଶନଙ୍କ ଟିମ୍ ଆଇନ ଶୃଙ୍ଖଳା ନେଇ ପୋଲିସ ମହାନିର୍ଦ୍ଦେଶକ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନ କମିଶନ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ, ଏସ୍‌ପି, ରାଜସ୍ୱ କମିଶନର ଏବଂ ଡିଏସପିମାନଙ୍କ ସହ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଛନ୍ତି। ଆସନ୍ତା ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପାଟ ବ୍ୟବହାର ହେଉଥିବାରୁ ସେହି ଯନ୍ତ୍ରଗୁଡିକ ଉପରେ ନଜର ରଖିବାକୁ ଜିଲା ନିର୍ବାଚନ ଅଧିକାରୀଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ମଦ ତିଆରି କାରଖାନାକୁ ବନ୍ଦ କରିବା, ଜିଲାରେ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କ ନିକଟରୁ ବନ୍ଧୁକ ଫେରସ୍ତ ଆଣିବା, ଦାଗୀ ଅପରାଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରି ତୁରନ୍ତ ଜେଲରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାଓବାଦୀ ଉପଦ୍ରୁତ ଏବଂ ରାଜ୍ୟ ସୀମାରେ ଥିବା ବୁଥ୍‌ଗୁଡିକରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବା ପାଇଁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିବାକୁ ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ନିର୍ବାଚନରେ ପ୍ରଥମ ଥର ଅଂଶଗ୍ରହଣ କରୁଥିବା ନୂତନ ଭୋଟରମାନଙ୍କୁ ଚଳିତ ମାସ ଶେଷ ସୁଦ୍ଧା ପରିଚୟ ପତ୍ର ପ୍ରଦାନ କରିବା କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଗମନାଗମନ ଓ ବିଦ୍ୟୁତ୍ ସଂଯୋଗ ନ ଥିବା ଗ୍ରାମଗୁଡ଼ିକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ଭୋଟରମାନେ ଯେପରି ସୁବିଧାରେ ନିଜର ମତଦାନ କରି ପାରିବେ ସେ ନେଇ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଶୁକ୍ରବାର ଟିମ୍‌ର ସଦସ୍ୟମାନେ ମୁଖ୍ୟ ଶାସନ ସଚିବଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରିବେ।

ଆଜିଠୁ ସିବିଏସ୍‌ଇ...

ହଲ୍ ଭିତରକୁ ଯାଇପାରିବେ। ତେବେ ସିବିଏସ୍‌ଇ ଆଡ୍‌ମିଟ୍ କାର୍ଡ ସହ ସ୍କୁଲ ପରିଚୟପତ୍ର ସାଙ୍ଗରେ ନେବା ବାଧ୍ୟତାମୂଳକ। ଏହି ଦୁଇ ପରିଚୟପତ୍ର ନ ଥିଲେ କୌଣସି ବି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବନାହିଁ। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଏଥର ୟୁନିଫର୍ମ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ମୋବାଇଲ୍ ଫୋନ୍, ସ୍ମାର୍ଟ ୱାଚ୍, ହେଲ୍‌ଥ ବ୍ୟାଣ୍ଡ, ବ୍ଲୁଟୁଥ୍, ହେଡ୍ ଫୋନ୍, କାଲ୍‌କୁଲେଟର ଭଳି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। ଯଦି କୌଣସି ପରୀକ୍ଷାର୍ଥୀଙ୍କ ନିକଟରୁ କପି ଧରାପଡ଼େ, ତା' ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଚିପ୍ସ, କୋଲ୍ଡ୍‌ଡ୍ରିଙ୍କ୍ସ, ବିସ୍କୁଟ୍ ଭଳି ସାମଗ୍ରୀ କେନ୍ଦ୍ର ଭିତରକୁ ନେବାକୁ ଅନୁମତି ନ ଥିବାବେଳେ ଜଣେ ଚାହିଁଲେ ପାଣିବୋତଲ ନେଇପାରିବ।

ନିମ୍ନମାନର ଛତୁଆ...

କରାଯାଇଥିଲା। ସେଥିରୁ ୧୬,୦୦୯ ନମୁନାକୁ ପରୀକ୍ଷା କରିବା ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ଲାବୋରେଟୋରିକୁ ପଠାଯାଇଥିଲା। ସେଥିରୁ ୨୩୦ ନମୁନା ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡିଛି। ସୁନ୍ଦରଗଡ ଜିଲାର ୪୧ଟି ନମୁନା ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ କଳାହାଣ୍ଡି ଜିଲାର ୧୦, ଖୋର୍ଦ୍ଧା ୫, କୋରାପୁଟ ୧୦, ନବରଙ୍ଗପୁର ୨୭, ରାୟଗଡା ୪୦, ଅନୁଗୋଳ ୪, ବାଲେଶ୍ୱର ୫, ଭଦ୍ରକ ୧୧, ବଲାଙ୍ଗୀର ୨୭, ବୌଦ୍ଧ ୬, କଟକ ୪, ଦେବଗଡ ୩, ଢେଙ୍କାନାଳ ୮, ଗଜପତି ୮, ଜଗତ୍‌ସିଂହପୁର ୧୪, ଝାରସୁଗୁଡା ୩, ସମ୍ବଲପୁର ୩ ଏବଂ ସୁବର୍ଣ୍ଣପୁର ଜିଲାର ଗୋଟିଏ ନମୁନା ଅତ୍ୟନ୍ତ ନିମ୍ନମାନର ବୋଲି ଜନସ୍ୱାସ୍ଥ୍ୟ ଲାବୋରେଟୋରି ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ ଅଙ୍ଗନୱାଡି କେନ୍ଦ୍ରକୁ ପୁଷ୍ଟିକର ଯୋଜନାରେ ଯୋଗାଇ ଦିଆଯାଉଥିବା ଛତୁଆର ମାନ ନିଶ୍ଚିତ କରିବା ପାଇଁ ସୁପରଭାଇଜରମାନେ ପ୍ରସ୍ତୁତି ବେଳେ ତଦାରଖ କରିଥାଆନ୍ତି। ମାତ୍ର କମିଟି ଓ ଯାଞ୍ଚ କମିଟି ଛତୁଆର ମାନ ଓ ପରିମାଣ ଠିକ୍ ଥିବା ନେଇ ରିପୋର୍ଟ ଦେବାର ବ୍ୟବସ୍ଥା ରହିଛି। ମାତ୍ର ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁଗୋଳ ଜିଲାର ୧୦ଟି ଏସଏଚଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବେଳେ ବାଲେଶ୍ୱର ୨, ବଲାଙ୍ଗୀର ୧, କଟକ ୧୦, ଦେବଗଡ ୭, ଢେଙ୍କାନାଳ ୧, ଗଜପତି ୧, ଝାରସୁଗୁଡା ୪, କଳାହାଣ୍ଡି ୪, ଖୋର୍ଦ୍ଧା ୪, କୋରାପୁଟ ୩, ନବରଙ୍ଗପୁର ୨ ଏବଂ ନୟାଗଡର ୨ଟି ଏସଏଚ୍‌ଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କୁ ଛତୁଆ ପ୍ରସ୍ତୁତ କାର୍ଯ୍ୟରୁ ବାଦ୍ ଦିଆଯାଇଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ମୃଗଶିରା ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ।

ବୃଷ

ବିଭିନ୍ନ ପ୍ରକାରର ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

ମିଥୁନ

ସ୍ୱଗୃହୀ ମଙ୍ଗଳଙ୍କ ସମ୍ମୁଖଭାଗସ୍ଥ ଚନ୍ଦ୍ର ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ଅଭିଳଷିତ ଅର୍ଥ ଓ କାର୍ଯ୍ୟ ହାସଲ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ ଛୋଟ କଥାକୁ କେନ୍ଦ୍ର କରି ପରିବାରରେ କଳହ ଲାଗିପାରେ। ରାଜନୀତି କ୍ଷେତ୍ରରେ ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

କର୍କଟ

ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଓ ଶନି ଯୋଗୁ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରି ପାରିବାରୁ ଟେନସନ୍ କିଛି ମାତ୍ରାରେ କମିଯିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କେହି ଜଣେ ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

ସିଂହ

ଭାଗ୍ୟସ୍ଥାନରେ ରବି ଓ ବୁଧ ଚନ୍ଦ୍ରଙ୍କ ନବମସ୍ଥ ଯୋଗୁ ନିକଟସ୍ଥ ବ୍ୟକ୍ତି ବିଶେଷମାନଙ୍କ ସାହାଯ୍ୟ ସହଯୋଗ ମାଧ୍ୟମରେ ସମସ୍ୟାର ସରଳ ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ର, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

କନ୍ୟା

ଚନ୍ଦ୍ରଙ୍କ ଶୁଭ ସଂସ୍ଥାନ ପ୍ରଭାବରୁ ଯାତ୍ରା, ନୂତନ କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ। ତଥାପି ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖର ମାତ୍ରାକୁ ବଢାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

ତୁଳା

କେତୁ ଓ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି ପାରିବାରିକ କ୍ଷେତ୍ରରେ କିଛିଟା ଟେନ୍ସନ ସୃଷ୍ଟି କରିବ। ଆଜି ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

ବିଛା



ଆଜିର ଗ୍ରହସ୍ଥିତିର ସୁପ୍ରଭାବରେ କେତେକ ନୂତନ ଯୋଜନା ପ୍ରସ୍ତୁତ କରିବେ। କର୍ମକ୍ଷେତ୍ରରେ ଯଥା ସମୟରେ ସବୁ କାମଗୁଡିକ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସି ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

ଧନୁ



ବୃହସ୍ପତି ସହ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି ହେତୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

ମକର

ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କୌଣସି କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

କୁମ୍ଭ

ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବେ, ଏବଂ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡିପାରେ।

ମୀନ



ଚନ୍ଦ୍ରଙ୍କ ପୃଷ୍ଠଦେଶସ୍ଥ ମଙ୍ଗଳ ମୁଖଭାବରେ ଅବସ୍ଥାନ କରିଥିବାରୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ । ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ମାଘ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଫେବୃୟାରୀ ୧୫ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ ଦିବା ଘ୧୦।୦୯ମି. ଗତେ, ମିଥୁନ ଚନ୍ଦ୍ର କନ୍ୟା ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହପ୍ରବିଷ୍ଟା, ଦିବା ଘ୭।୫୧ମି. ମଧ୍ୟେ ଘ୪।୦୯ମି. ଗତେ, ଘ୩।୫୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୧ମି. ଗତେ ଘ୯।୧୬ମି. ମଧ୍ୟେ, ଘ୧୨।୦୩ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୦୦ମି. ଗତେ ଘ୩।୪୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୩୫ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।

ଢେଙ୍କାନାଳ ଟାଉନ ଭିତରକୁ ପଶି ଆସିଥିବା ଦନ୍ତାକୁ ନେଇ ଗୁରୁବାର ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହାତୀ ଆକ୍ରମଣରେ ଜଣେ ଶିଶୁକନ୍ୟା ସମେତ ୩ଜଣ ଗୁରୁତର ହୋଇଛନ୍ତି। ଦନ୍ତାକୁ ଘଉଡ଼ାଇବାକୁ ଯାଇ ବନ ବିଭାଗ, ପୋଲିସ, ପ୍ରଶାସନ ନାକେଦମ ହୋଇଥିବାବେଳେ ଦୁର୍ଘଟଣା ଏଡ଼ାଇବାକୁ ସେସୁ ପକ୍ଷରୁ ବିଦ୍ୟୁତ୍ କାଟ କରାଯାଇଥିଲା। ସଦର ଥାନା ବାରଦା ଅଞ୍ଚଳରୁ ୩ ହାତୀ ପଲରୁ ବାହାରି ଗୋଟିଏ ହାତୀ ଢେଙ୍କାନାଳ ସହର ମୁହାଁ ହୋଇଥିଲା। ସହର ସୀମାବର୍ତ୍ତୀ ଅଞ୍ଚଳରୁ ୨ ହାତୀ ଫେରିଯାଇଥିବାବେଳେ ଉକ୍ତ ଦନ୍ତାହାତୀ କୋରିଆଁ ଦେଇ ହାଟରୋଡ୍ ଅଞ୍ଚଳକୁ ପଶିଆସିଥିଲା।

'କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ସର୍ବୋତ୍ତମ ରାଜ୍ୟ'

ସ୍ପୋର୍ଟସ ଷ୍ଟାର ପତ୍ରିକା ପକ୍ଷରୁ ମିଳିଲା ସମ୍ମାନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୪।୨(ବ୍ୟୁରୋ): କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ସର୍ବୋତ୍ତମ ରାଜ୍ୟ। ଏହି ପରିପ୍ରେକ୍ଷୀରେ ଜାତୀୟସ୍ତରୀୟ କ୍ରୀଡ଼ା ପତ୍ରିକା 'ସ୍ପୋର୍ଟସ ଷ୍ଟାର' ସମ୍ମାନ ଓଡ଼ିଶାକୁ ମିଳିଛି। ମାୟାନଗରୀ ବମ୍ବେରେ ଗୁରୁବାର ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୨୦୧୮ ଶେଷଭାଗରେ ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ଏହି ପୁରସ୍କାର ମିଳିଛି। ଚେସ୍ ଦୁନିଆର ପରିଚିତ ନାମ ବିଶ୍ୱନାଥନ୍ ଆନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଗ୍ରହଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସାଧାରଣତଃ ମନ୍ତ୍ରୀମାନେ ପୁରସ୍କାର ପ୍ରଦାନ କରିଥାନ୍ତି। କିନ୍ତୁ ଆଜି ହେଉଛି ଏକ ବ୍ୟତିକ୍ରମ। ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ ଯେ, ମୁଁ ଏଠାରେ କ୍ରୀଡ଼ା ପୁରସ୍କାର ଗ୍ରହଣ କରୁଛି। ରାଜନୀତି କ୍ରୀଡ଼ାଠାରୁ ଅଲଗା ନୁହେଁ। ଆମକୁ ଦୌଡ଼ିବା, ଡେଇଁବା, ଧରିବା ଫୋପାଡ଼ିବା ଆଦି ସବୁକିଛି କରିବାକୁ ପଡିଥାଏ। ବେଳେବେଳେ ଆପଣ ଜାଣିପାରିବେ ନାହିଁ ଯେ, ଆପଣ କେଉଁ ଦିଗରେ ଦୌଡୁଛନ୍ତି। ବେଳେବେଳେ ଆପଣ ଫୋପାଡିବେ ଏବଂ ଅନ୍ୟମାନେ ମଧ୍ୟ ଆପଣଙ୍କୁ ଫୋପାଡିବେ। ଉଭୟ ଖେଳ ଓ ରାଜନୀତିରେ ସଫଳ ହେବା ପାଇଁ ଝୁଙ୍କ୍ ଦରକାର। ଖେଳ ଜିତିବାର ଝୁଙ୍କ୍ ହିଁ ବିଜୟ ମୁକୁଟ ପିନ୍ଧାଇଥାଏ। ରାଜନୀତିରେ ମଧ୍ୟ ସମାନ କଥା, ଜିତିବାର ଝୁଙ୍କ୍ ହିଁ ବିଜୟୀ କରାଇବ। ହେଲେ ସେବା ପାଇଁ ନିଜସ୍ୱ ଝୁଙ୍କ୍ ଦ୍ୱାରା ଲୋକଙ୍କ ହୃଦୟ ଜିଣିହୁଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୫ ବର୍ଷରେ ୫ ଲକ୍ଷ ପକ୍କାଘର ନିର୍ମାଣ କରାଯାଇଥିଲା। ମାତ୍ର ଏହି ୫ ବର୍ଷରେ ୨୦ ଲକ୍ଷ ପକ୍କାଘର ଏକ ଆହ୍ୱାନ ଥିଲା। ଏଥିପାଇଁ ଜିଲାଗୁଡ଼ିକ ମଧ୍ୟରେ ଗଠନଧର୍ମୀ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରାଗଲା। କ୍ରୀଡ଼ାର ବିକାଶ ପାଇଁ 'ଦ ହିନ୍ଦୁ' ପକ୍ଷରୁ ଆରମ୍ଭ କରାଯାଇଥିବା କ୍ରୀଡ଼ା ପୁରସ୍କାର ପାଇଁ ଅଭିନନ୍ଦନ ଜଣାଉଛି। ଖେଳରେ କିଏ ଜିତୁ ବା ହାରୁ, ମାତ୍ର କ୍ରୀଡ଼ାର ବିକାଶ ହେଉ। ଓଡ଼ିଶାର ଜନସାଧାରଣ ହକି ପ୍ରତି ବିଶେଷ ଆଗ୍ରହ ଦେଖାଇ ଥାଆନ୍ତି। ସେଥିପାଇଁ ମହିଳା ଏବଂ ପୁରୁଷ ହକି ଦଳର ସରକାରୀ ପ୍ରାୟୋଜକର ଦାୟିତ୍ୱ ନିଆଯାଇଛି। ଯଦି ରାଜ୍ୟଗୁଡ଼ିକ ଏହିପରି ଭାବେ ଗୋଟିଏ ଦୁଇଟି ଖେଳ ପାଇଁ ଆଗ୍ରହ ପ୍ରକାଶ କରନ୍ତି, ତେବେ କ୍ରୀଡ଼ାର ବିକାଶ ହୋଇପାରିବ ବୋଲି ନବୀନ କହିଛନ୍ତି। ଏହି ପୁରସ୍କାରକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

ପୁରସ୍କାର ଚୟନ କରିଥିବା ବିଚାରକ ମଣ୍ଡଳୀରେ ଲୋକପ୍ରିୟ କ୍ରିକେଟର ସୁନୀଲ ଗାଭାସ୍କର, ହିନ୍ଦୁ ଗ୍ରୁପ୍‌ର ଅଧ୍ୟକ୍ଷ ଏନ୍. ରାମ, ପୂର୍ବତନ ହକି କ୍ୟାପଟେନ୍ ଏମ୍.ଏମ୍ ସୋମେୟା, ଅଲିମ୍ପିଆନ୍ ଅଞ୍ଜଳି ଭଗତ ଏବଂ ଅଞ୍ଜୁ ବବି ଜର୍ଜ ପ୍ରମୁଖ ସଦସ୍ୟ ରହିଛନ୍ତି।

୧୧ ଜିଲାରେ ଝଡ଼ବର୍ଷା ସମ୍ଭାବନା

ମାଲକାନଗିରିରେ ପାରଦ ୩୬.୨ ଡିଗ୍ରୀ

ଭୁବନେଶ୍ୱର,୧୪।୨(ବ୍ୟୁରୋ): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୧ଟିଜିଲାରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, କେନ୍ଦୁଝର, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳବର୍ତ୍ତୀ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଆଦି ଜିଲାଗୁଡିକରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ୧୬ ତାରିଖରେ ଉପକୂଳ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ଅନ୍ୟ ଭାଗରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୋଟିଏ ପଟେ ବର୍ଷା ସମ୍ଭାବନା ଥିବାବେଳେ ଅନ୍ୟ ପଟେ ପାରଦ ଉପର ମୁହାଁ ହୋଇ ଚାଲିଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

TVS Racing
TVS

₹14,999/- Low Down Payment# | upto ₹ 7,200/- Savings## | ₹2,019/- Low EMI*

Limited period offer for unlimited racing thrills.

Apache RTR 160 4V
RACING DNA UNLEASHED

www.tvsapache.com | For further details please give a missed call to 18003157227 | TVS showrooms are open on Sundays also.

**As per the PS figure shared by competition bikes in Oil Cooled 160cc class as on 1st Jan'19

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: BHUBANESWAR**: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. **CUTTACK**: Arnapurna TVS, Ph.: 9778422980, Sai Durga TVS, Ph: 9937117562. **KENDRAPADA:** Samir TVS, Ph.: 8260133307. **RAHAMA:** Senapati TVS, Ph.: 7735969743. **JAJPUR ROAD:** Subash TVS, Ph.:7735911808. **NAYAGARH:** Kumar TVS, Ph.: 9778728751. **CHANDIKHLOE** : Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph: 9238107505; Jagatpur, Sonu Motors, Ph: 9861006854/9337268787; Pattamundai, Shree Durga Auto, Ph: 9938602209;Jajpur Town, Shyama Motors, Ph: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph: 9090507765; Kalapathar, Durgananda Communication, Ph: 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph: 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph: 9178194288; Nirakarpur, J K Motors, Ph: 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph: 9853479471, 9937153901; Erasama, Krishna Motors, Ph: 9937084847; Krushnanandapur, Ashhad Motors, Ph: 9237066573; Niali, Bharat Automobiles, Ph: 0671-2803357, 9040091921; Puranakatak, Bhairabi Automobiles, Ph; 7873727545, 9439071610; Chandpur, Rashmi Agency, Ph: 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph: 0671-2356967, 7440037801; Kuakhia, Subas Automobiles, Ph: 8114398333; Bari, L.S.Motors, Ph: 8917596087; Balianta, Pratikshya Motors, Ph: 7328080807; Mandarbasta, Soumya Auto, Ph: 9776483333; Nischintakoili, Gopinath Automobiles, Ph: 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277.
McCann/Blr/Tvs/265/02/19

MARUTI SUZUKI ARENA

Fantastic Feb

A BIGGER REASON TO LOVE FEBRUARY

GET FANTASTIC OFFERS ON YOUR FAVOURITE MARUTI SUZUKI CARS THROUGHOUT THIS MONTH.

Scratch & win Contest

Upto 10g Gold Coin*

MGA MARUTI GENUINE ACCESSORIES Worth Upto ₹15,000*

ALTO 800 SAVE UP TO ₹45,000* | ALTO K10 SAVE UP TO ₹48,000* | CELERIO SAVE UP TO ₹55,000*

ALTO 800 ALTO K10 CELERIO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in

NARAYANI MOTORS
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044

ODYSSEY MOTORS
• ANGUL: 7752076136,9776901481
• PALLAHARA: 7873565435,9437831123

JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus and is valid till 28th Feb'19. Scratch and Win Offer is applicable on all models(vehicles invoiced between 4th Feb'19 to 28th Feb'19) except New Ertiga and New WagonR. Under this offer, customer can get maximum upto 10gm gold coin or MGA worth upto ₹15000. Only Gold coin can be redeemable in form of Cash discount or MGA (calculation will be based on 1gm gold coin equivalent to ₹3000). Offers as shown above may change without any prior notice.

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ

ସନ୍ଦେହଘେରରେ ଟିକସଦାତା

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ବାର୍ଷିକ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀମାନଙ୍କ ଆୟକରରେ ଯେଉଁ ରିହାତି ଘୋଷଣା କରିଥିଲେ ତାକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ୧୦ ଦିନ ପରେ ବି ଦୂର ହୋଇପାରିଲା ନାହିଁ। ଫେବୃୟାରୀ ପହିଲାରେ ଉପସ୍ଥାପିତ ଅନ୍ତରୀଣ ବଜେଟରେ ଗୋୟଲ ଘୋଷଣା କରିଥିଲେ ଯେ, ଯେଉଁମାନଙ୍କର ବ୍ୟକ୍ତିଗତ ବାର୍ଷିକ ମୋଟ ଆୟ ୫ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ, ତାଙ୍କୁ ଆୟକରରେ ରିହାତି ମିଳିବ। ଏହି ଘୋଷଣା ପରେ କିଏ ପ୍ରକୃତରେ ଟିକସ ସୁବିଧା ପାଇବ ଓ କିଏ ପାଇବ ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଲା। ଗଣମାଧ୍ୟମ ମୂଳକଥା ନ ବୁଝି ପ୍ରଚାର କଲା ଯେ, ଆୟକର ଛାଡ଼ ସୀମା ଅଢ଼େଇ ଲକ୍ଷରୁ ଦ୍ୱିଗୁଣିତ ହୋଇ ୫ ଲକ୍ଷ ହୋଇଗଲା। କିନ୍ତୁ ଅର୍ଥ ବିଲ୍‌ରେ ସ୍ପଷ୍ଟ ଲେଖା ଅଛି ଯେ, ଅଢ଼େଇ ଲକ୍ଷ ଓ ୫ ଲକ୍ଷର ସ୍ଲାବ୍ (ସ୍ତର) ମଧ୍ୟରେ କୌଣସି ପରିବର୍ତ୍ତନ ହୋଇ ନାହିଁ ଏବଂ ଆୟକର ୫ ପ୍ରତିଶତ ରହିଛି। ଏହା ବେତନଭୋଗୀ କର୍ମଚାରୀ, ବିଶେଷତଃ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏକ ଉପହାର ବୋଲି କିଛି ଲୋକ ମନେକରୁଥିବା ବେଳେ, ଅର୍ଥନୀତି ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହା ସମ୍ପୂର୍ଣ୍ଣ ଛାଡ଼ ନୁହେଁ, ଏକ ରିହାତି ମାତ୍ର। ପୁଣି ଯେଉଁମାନଙ୍କ ବାର୍ଷିକ ମୋଟ ଆୟ ୫ ଲକ୍ଷ ଡେଉଁ ନ ଥିବ, କେବଳ ସେହିମାନେ ଏ ରିହାତି ପାଇବେ। ଉକ୍ତ ଘୋଷଣା ଓ ଗଣମାଧ୍ୟମରେ ପ୍ରକାଶିତ ବିଭ୍ରାନ୍ତିକୁ ନେଇ ଲୋକମାନେ ଦ୍ୱନ୍ଦ୍ୱରେ ରହୁଥିବା ବେଳେ ସରକାର କିଛି ସ୍ପଷ୍ଟୀକରଣ ନ ଦେଇ ଚୁପ୍‌ଚାପ୍ ବସିପଡ଼ିଛନ୍ତି।

ମଙ୍ଗଳବାର ଅର୍ଥମନ୍ତ୍ରୀ ଗୋୟଲ କହିଛନ୍ତି ଯେ, ଯେଉଁମାନଙ୍କ ଆୟ ସାଢ଼େ ଛଅ ଲକ୍ଷ ପର୍ଯ୍ୟନ୍ତ ହୋଇଥିବ, ସେମାନେ ଯଦି ଭବିଷ୍ୟନିଧି ପାଣ୍ଠି, ଜୀବନବୀମା ଆଦିରେ ନିର୍ଦ୍ଦିଷ୍ଟ ପରିମାଣର ନିବେଶ ବା ସଞ୍ଚୟ କରିଥିବେ, ତେବେ ସେମାନଙ୍କୁ କିଛି ଆୟକର ଦେବାକୁ ପଡ଼ିବ ନାହିଁ। ତା'ଛଡ଼ା ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହଋଣର ସୁଧ, ଶିକ୍ଷାଋଣର ସୁଧ, ଜାତୀୟ ପେନ୍‌ସନ ଯୋଜନାର ଜମାରାଶି, ବରିଷ୍ଠ ନାଗରିକଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ପ୍ରଭୃତିକୁ ମୋଟ ଆୟରୁ କଟାଯାଉଥିବାରୁ ସାଢ଼େ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କୁ ମଧ୍ୟ ଆୟକର ଦେବାକୁ ନ ପଡ଼ିପାରେ। ତେବେ ଏହା ସମ୍ପୂର୍ଣ୍ଣ ତଥ୍ୟ ନୁହେଁ, ଏ ପ୍ରସଙ୍ଗରେ ଆହୁରି ଅନେକ ଅସ୍ପଷ୍ଟତା ମଧ୍ୟ ରହିଛି।

ଆଜିର ଅର୍ଥନୀତି

ଦୁଃଖର ବିଷୟ ଅନ୍ତରୀଣ ବଜେଟ ଉପସ୍ଥାପନର ଦୁଇ ସପ୍ତାହ ବିତିଯାଇଥିଲେ ମଧ୍ୟ ମନ୍ତ୍ରୀ ଏଯାଏ ଲୋକଙ୍କ ସନ୍ଦେହମୋଚନ କରିନାହାନ୍ତି। ସେ ଜାଣିଶୁଣି ପ୍ରସଙ୍ଗକୁ ଅସ୍ପଷ୍ଟ ରଖିଛନ୍ତି ଏବଂ ତାହା ପଛରେ ନିର୍ଦ୍ଦିଷ୍ଟ କାରଣ ନିଶ୍ଚୟ ରହିଛି। ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇମାସରୁ କମ୍ ଦିନ ବାକି ଥିବା ବେଳେ ମନ୍ତ୍ରୀ ବୋଧହୁଏ ଭାବୁଛନ୍ତି, ପ୍ରସଙ୍ଗ ସେମିତି ଅସ୍ପଷ୍ଟ ରହିଲେ ତାହା ତାଙ୍କ ସରକାର ତଥା ଦଳ ପାଇଁ ଲାଭଦାୟକ ହେବ। ଲୋକଙ୍କ ବାର୍ଷିକ ମୋଟ ଆୟ ୯.୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ତାଙ୍କର ଆୟକର କିପରି ହିସାବ ହେବ, ସେ ନେଇ ଟିକସ ପରାମର୍ଶଦାତାମାନେ ମଧ୍ୟ ନିଶ୍ଚିତ ନୁହନ୍ତି। ଆୟକରରେ ଯେଉଁ ସୁବିଧା ଦିଆଯାଇଛି, ତାହା ରିହାତି ଆକାରରେ ହୋଇଥିବାରୁ ୯.୫ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ଲୋକମାନେ ଉଲ୍ଲିଖିତ କ୍ଷେତ୍ରରେ ନିବେଶ, ସଞ୍ଚୟ କରିସାରିବା ପରେ ମଧ୍ୟ କିଛି ଲାଭ ପାଇବେ ନାହିଁ। ତେଣୁ ମନ୍ତ୍ରୀ ଯଦି ଲୋକଙ୍କ ସନ୍ଦେହମୋଚନ କରିବା ପାଇଁ କଥାଟାକୁ ସ୍ପଷ୍ଟ କରିଦିଅନ୍ତି, ତେବେ ବହୁ ଟିକସଦାତା ହତୋତ୍ସାହ ହୋଇପଡ଼ିବେ। ଯେଉଁମାନଙ୍କର ଆୟ ୯.୫ ଲକ୍ଷ ଟଙ୍କାରୁ ଅଧିକ ସେମାନେ ୯.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କିଛି ଟିକସ ରିହାତି ପାଇବେ କି ନାହିଁ, ତା' ଉପରେ କୌଣସି ସ୍ପଷ୍ଟୀକରଣ ନାହିଁ। ବୋଧହୁଏ ଏହି କାରଣରୁ ଅର୍ଥମନ୍ତ୍ରୀ ଗତ ବଜେଟରେ ଆୟକରରେ ଯେଉଁ ପରିବର୍ତ୍ତନ କରାଯାଇଛି, ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ସ୍ପଷ୍ଟଭାବେ ପ୍ରକାଶ କରିବାକୁ ଚାହାନ୍ତି ନାହିଁ। ଉକ୍ତ ଅର୍ଥ ବିଲ୍ ଆଇନରେ ପରିଣତ ହେବା ପର୍ଯ୍ୟନ୍ତ ହୁଏତ ଟିକସଦାତାମାନଙ୍କୁ ଆଉ କିଛି ଅଧିକ ଦିନ ଅପେକ୍ଷା କରିବାକୁ ପଡ଼ିବ।

ଚିରନ୍ତନୀ

ବିରହ ରତି ନୁହଇ ଆନ
 କେବଳ ଦେହ-ତାପ।
ଭାବର ଜାଲେ ରହଇ ସେ ତ ଲୁଚି
ନୀତିର ନାମେ ଏ ଧରାଧାମେ
 ଚଳଇ ଯଥା ପାପ
ଅନୀତି ଯଥା ହୁଅଇ ଏଥି ଶୁଚି!

(ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku ସୁ-ଡୋ-କୁ

		B						D						
		C	0	1	5				7	D		2		
			3	6			E	C	2		A	8	4	
7														
	5						4	8		1		A	D	6
A	7	4	D		B				9		8	C		
C								6	3					5
8	D			2			7	3						
E			4	A			1		B			7	0	
	3					8	B			E		6		
	9											0		A
		1	5				0							
		2		B	6					4	5		E	
3			A			9					2	D		4
4	A				7				6	0	E	9		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

D	5	C	8	B	0	7	9	6	A	4	3	2	E	1
A	6	2	3	7	D	1	0	C	B	E	5	4	8	9
4	0	3	E	6	9	2	B	A	D	8	1	C	7	5
9	8	B	4	1	A	D	E	5	7	C	2	6	0	3
7	E	1	C	5	2	8	4	3	9	6	0	B	D	A
0	D	5	A	C	6	9	8	7	1	B	4	E	3	2
6	3	9	0	8	1	5	C	4	E	2	7	D	A	B
2	B	E	7	4	3	A	6	1	8	0	D	5	9	C
8	4	A	5	D	E	B	3	2	6	9	C	0	1	7
1	C	7	9	2	B	0	D	E	3	5	A	8	6	4
E	7	4	D	9	5	6	1	B	2	3	8	A	C	0
C	2	6	B	3	4	E	A	D	0	7	9	1	5	8
5	A	D	2	0	8	C	7	9	4	1	6	3	B	E
B	9	8	1	A	C	3	2	0	5	D	E	7	4	6
3	1	0	6	E	7	4	5	8	C	A	B	9	2	D

ଗତକାଲିର ଉତ୍ତର

ରାଜ୍ୟ ସରକାରଙ୍କ ଅନ୍ତରୀଣ ବଜେଟ

ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୭ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ଉପସ୍ଥାପନ କରିଛନ୍ତି। ବଜେଟରେ ମୋଟ ବ୍ୟୟ ଅଟକଳ ୧,୩୨,୬୬୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ଏପ୍ରିଲରୁ ଜୁଲାଇ ୨୦୧୯ ପାଇଁ ୫୬,୯୨୧କୋଟି ଟଙ୍କାର ଲେଖାନୁଦାନ ଉପସ୍ଥାପନ କରାଯାଇଛି। ଏହା ବେହେରାଙ୍କ ଜୀବନର ଦ୍ୱିତୀୟ ବଜେଟ ହୋଇଥିଲା ବେଳେ ନିର୍ବାଚନ ପୂର୍ବର ଶେଷ ଅନ୍ତରୀଣ ବଜେଟ। ଅର୍ଥମନ୍ତ୍ରୀଙ୍କ କହିବା ଅନୁଯାୟୀ ଯେହେତୁ ନିର୍ବାଚନ ଆଗକୁ ଅଛି ତେଣୁ ସେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ନ କରି ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ବ୍ୟୟ ପାଇଁ ଲେଖାନୁଦାନ ଉପସ୍ଥାପନ କଲେ। ଅବଶ୍ୟ ବିପର୍ଯ୍ୟୟ ଏବଂ ନିର୍ବାଚନ ଖର୍ଚ୍ଚ ପାଇଁ ୧୦୦% ଏବଂ ଅନ୍ୟ ସବୁ ଯୋଜନା ନିମନ୍ତେ ବଜେଟର ୪୦% ବ୍ୟୟ ଲେଖାନୁଦାନରେ ଉପସ୍ଥାପନ କରିଛନ୍ତି। କେନ୍ଦ୍ରର କାମଚଳା ଅର୍ଥମନ୍ତ୍ରୀ ଯେପରି ନିଜ ସରକାରଙ୍କର ପ୍ରଶଂସା କରିଥିଲେ, ରାଜ୍ୟ ଅର୍ଥମନ୍ତ୍ରୀ ମଧ୍ୟ କିଛିଟା ନିଜ ସରକାରଙ୍କ ସଫଳତାର କଥା କହିଛନ୍ତି।

ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ଅର୍ଥମନ୍ତ୍ରୀ ଏହାକୁ ଜନମଙ୍ଗଳକାରୀ ବିକାଶ ଓ ନିବେଶକୁ ପ୍ରୋତ୍ସାହନ ଦେବ ବୋଲି କହିଲା ବେଳେ ବିରୋଧୀଦଳ ତରଫରୁ କୌଣସି ନୂତନତ୍ୱ ନାହିଁ, ଭୁଲ ତଥ୍ୟ ଉପରେ ପର୍ଯ୍ୟବସିତ ଏବଂ ଏଥିରେ ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରୟାସ କରାଯାଇଛି ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ବଜେଟକୁ କୃଷକ, ଗରିବ, ମହିଳା, ଯୁବଗୋଷ୍ଠୀ, ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ସ୍ୱାର୍ଥ ସାଧନ ପାଇଁ ଉଦ୍ଦିଷ୍ଟ ବୋଲି ମତ ଦେଇଛନ୍ତି। ଅବଶ୍ୟ ବଜେଟର ସବିଶେଷ ସମୀକ୍ଷା କଲେ ଏହାର ପ୍ରକୃତ ରୂପ ଜଣାପଡିବ। ସବୁଠାରୁ ଚିନ୍ତାର ବିଷୟ ହେଉଛି କେନ୍ଦ୍ର ସରକାରଙ୍କ ପରି ରାଜ୍ୟ ସରକାର ମଧ୍ୟ ୨୦୧୮-୧୯ ବର୍ଷର ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ପ୍ରସ୍ତୁତ କରିନାହାନ୍ତି। କିନ୍ତୁ ଓଡିଶା ଦ୍ରୁତ ଅଭିବୃଦ୍ଧି ହାସଲ କରିବା କଥା ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣରେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ୨୦୧୮-୧୯ ବର୍ଷରେ ଆର୍ଥିକ ଅଭିବୃଦ୍ଧି ୭.୪୪% ହେବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ବାସ୍ତବରେ ଏହା ୮.୫୫% ହୋଇଛି ଯାହା ଜାତୀୟ ହାର (୭ .୨୩%)ଠାରୁ ମଧ୍ୟ ଅଧିକ। କିନ୍ତୁ ୨୦୧୬-୧୭ ବର୍ଷରେ ୧୬ .୩୭% ଅଭିବୃଦ୍ଧି କଥା ଯାହା ବଜେଟ ସମ୍ପର୍କିତ ଅନ୍ୟ ପୁସ୍ତିକାରେ ଉଲ୍ଲେଖ ହୋଇଛି ତାହାର ସତ୍ୟତା ନେଇ ମନରେ ପ୍ରଶ୍ନ ଉଠୁଛି। ଉଲ୍ଲେଖଯୋଗ୍ୟ ଯେ ୨୦୧୮-୧୯ ବର୍ଷରେ ମୋଟ ନାମାଙ୍କନ ରାଜ୍ୟ ଜିଡିପି ୪,୪୩,୪୭୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇ ଥିଲା ବେଳେ ବାସ୍ତବରେ ଏହା ଅଧିକ ଅର୍ଥାତ୍ ୪,୮୬,୦୦୪ କୋଟି ଟଙ୍କା ହୋଇଛି। ୨୦୧୯-୨୦ ବର୍ଷରେ ଏହା ୫,୪୦,୮୧୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ବାସ୍ତବ ଅଭିବୃଦ୍ଧି ୮ରୁ ୮.୫% ହେବ ବୋଲି ଆକଳନ କରାଯାଇଥିଲା ବେଳେ ନାମାଙ୍କନ ଅଭିବୃଦ୍ଧି ୧୧.୮୧% ହେବ ବୋଲି ଧାର୍ଯ୍ୟ କରାଯାଇଛି। ଅବଶ୍ୟ ପୂର୍ବ ବର୍ଷ ଏହା ୧୧ . ୮୧% ହୋଇଛି। କିନ୍ତୁ ଏକ ବଜେଟକୁ ବ୍ୟୟ ଅଟକଳ ଦୃଷ୍ଟିରୁ ପ୍ରସାରଣମୁଖୀ ଏବଂ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ତାଳ ଦେଇ ପ୍ରସ୍ତୁତ କରାଯାଇଛି ବୋଲି କୁହାଯିବ ଯଦି ବଜେଟର ବ୍ୟୟ ଅଟକଳ ବୃଦ୍ଧି ନାମାଙ୍କନ ଆର୍ଥିକ ଅଭିବୃଦ୍ଧିଠାରୁ ଅଧିକ ହୋଇଥାଏ। କିନ୍ତୁ ୨୦୧୮-୧୯ ବର୍ଷର ବ୍ୟୟ ଅଟକଳ ୧,୨୦,୦୨୮ କୋଟି ଟଙ୍କା ଉପରେ ୨୦୧୯-୨୦ର ବ୍ୟୟ ଅଟକଳ ମାତ୍ର ୧୦.୪% ବୃଦ୍ଧି ପାଇଛି। ଅର୍ଥାତ୍ ଅଭିବୃଦ୍ଧି ସହିତ ତାଳ ଦେଇ ବଜେଟ ପ୍ରସ୍ତୁତ ହୋଇ ନାହିଁ। ସେପ୍ଟେମ୍ବର ୨୦୧୮ରେ ଅର୍ଥମନ୍ତ୍ରୀ ୨୦୧୮-୧୯ ପାଇଁ ୧୨,୭୯୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ଗୃହୀତ କରାଇଥିଲେ। ଫଳରେ ମୂଳ ବଜେଟ ଓ ଅତିରିକ୍ତ ବଜେଟର ବ୍ୟୟ ବରାଦକୁ ମିଶାଇଲେ ୨୦୧୮-୧୯ ବର୍ଷର ବଜେଟ ଆକାର ୧,୩୨,୮୧୮ କୋଟି ଟଙ୍କା ହେବ। କିନ୍ତୁ ୨୦୧୮-୧୯ର ସଂଶୋଧିତ ଅଟକଳ ମାତ୍ର ୧,୨୦,୧୨୫ କୋଟି ଟଙ୍କା ଯାହା ମୂଳ ବଜେଟର ବ୍ୟୟ ବରାଦଠାରୁ ମାତ୍ର ୯୭ କୋଟି ଟଙ୍କା ଅଧିକ। ଏହାର ଅର୍ଥ ପ୍ରତ୍ୟେକବର୍ଷ ପରି ଏହି ବର୍ଷ ମଧ୍ୟ ଅତିରିକ୍ତ ବଜେଟ କେବଳ ନାମକୁ ମାତ୍ର ଉପସ୍ଥାପନ ହେଉଛି। ଏହି ପ୍ରକ୍ରିୟା ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଏକ ଭଲ କଥା ହେଉଛି ବିଭିନ୍ନ ରାଜ୍ୟରେ ହାରାହାରି ବ୍ୟୟ ଅଟକଳର ୯% ଖର୍ଚ୍ଚ ନ ହୋଇ ପାରିଲା ବେଳେ ଓଡିଶାରେ ଏହା ୬%।

ବଜେଟରେ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ହୋଇଛି। ପ୍ରଶାସନିକ (ପୂର୍ବରୁ ଅଣଯୋଜନା) ବ୍ୟୟ ଗତବର୍ଷ ୫୦,୭୬୧କୋଟିଟଙ୍କା ଥିଲାବେଳେ ୨୦୧୯-୨୦ରେ ଏହା ୫୮,୧୭୦କୋଟି ଟଙ୍କାକୁ ବୃଦ୍ଧିପାଇଛି। ସେହି ଅବଧିରେ କାର୍ଯ୍ୟକ୍ରମ ବ୍ୟୟ (ପୂର୍ବରୁ ଯୋଜନା ବ୍ୟୟ) ୬୨,୦୦୦ କୋଟି ଟଙ୍କାରୁ ୬୬,୦୦୦ କୋଟି ଟଙ୍କାକୁ, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ୧୮୬୫ କୋଟି ଟଙ୍କାରୁ ୨୦୦୦ କୋଟି ଟଙ୍କାକୁ, ରାଜ୍ୟ ସରକାରଙ୍କ ହସ୍ତାନ୍ତରିତ ପାଣ୍ଠିରେ ୫୪୦୨ କୋଟି ଟଙ୍କାରୁ ୬୪୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ହସ୍ତାନ୍ତର ପାଣ୍ଠି କହିଲେ ଲୋକାଲ ବଡିଜକୁ କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ସୁପାରିସ ଅନୁଯାୟୀ ପାଣ୍ଠି ହସ୍ତାନ୍ତର କରାଯାଇଥାଏ। କିନ୍ତୁ ବଡ ଚିନ୍ତାର ବିଷୟ ହେଉଛି ସମ୍ପତ୍ତି ସୃଷ୍ଟି କରୁଥିବା ପୁଞ୍ଜିବ୍ୟୟ ଧାର୍ଯ୍ୟ ବ୍ୟୟଠାରୁ କମ୍ ହୋଇଛି। ୨୦୧୮-୧୯ ବର୍ଷରେ ପୁଞ୍ଜିବ୍ୟୟ ୨୯,୮୦୮ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଥିବା ବେଳେ ସଂଶୋଧିତ ଅଟକଳରେ ଏହା ହ୍ରାସ ପାଇ ୨୮,୭୯୭.୧୫ କୋଟି ଟଙ୍କା ହୋଇଛି। ୨୦୧୯-୨୦ ବର୍ଷ ପାଇଁ ଏହା ମାତ୍ର ୩୦,୩୮୨.୭୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯଦି ମୁଦ୍ରାସ୍ଫୀତିକୁ ବିଚାରକୁ ନିଆଯାଏ ତେବେ ଏହି ବୃଦ୍ଧି ବିଯୁକ୍ତାତ୍ମକ ହେବ।

ଅବଶ୍ୟ ଅର୍ଥମନ୍ତ୍ରୀ ସାମ୍ବିଧାନିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କୌଣସି ନୂତନ ଯୋଜନା କାର୍ଯ୍ୟକାରୀ କରିନାହାନ୍ତି। କେବଳ ପୂର୍ବ ଯୋଜନା ପାଇଁ ବ୍ୟୟବରାଦ କରିଛନ୍ତି। କାଳିଆ ଯୋଜନା ପାଇଁ ୪୪୬୧ କୋଟିଟଙ୍କା, କୃଷି ଋଣ ଉପରେ ସୁଧ ରିହାତି ପାଇଁ ୮୦୦ କୋଟିଟଙ୍କା, ପିଠା (ଆମ ଗାଁ ଆମ ବିକାଶର ଉପଯୋଜନା)ପାଇଁ ୪୦୦ କୋଟି ଟଙ୍କା, ଟଙ୍କିକିଆ ଚାଉଳ ପାଇଁ ୧୦୯୮ କୋଟି ଟଙ୍କା, ମଧୁବାବୁ ପେନସନ ଯୋଜନା ପାଇଁ ୨୧୨୦ କୋଟି ଟଙ୍କା, ବସୁଧା ଯୋଜନା ପାଇଁ ୨୯୩୫ କୋଟି ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୮୬୪ କୋଟି ଟଙ୍କା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୦୦ କୋଟି ଟଙ୍କା, ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପାଇଁ ୧୭୬୭ କୋଟି ଟଙ୍କା, ରେଳ ପ୍ରକଳ୍ପର ଉନ୍ନତି ପାଇଁ ୪୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଗ୍ରାମୀଣ ବିକାଶ ପାଇଁ ୧୦୨୮ କୋଟି ଟଙ୍କା, ଶିକ୍ଷା ପାଇଁ ୧୯,୯୧୧ କୋଟି ଟଙ୍କା ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୯,୫୫୭ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ୨୦୧୩-୧୪ରେ ଯେତେବେଳେ କୃଷି ବଜେଟ ଉପସ୍ଥାପନ କରାଗଲା ସେତେବେଳେ ୭୧୬୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଏହା ୧୭୩% ବୃଦ୍ଧି ପାଇଛି। କିନ୍ତୁ ବାସ୍ତବରେ ଏହା ଗତବର୍ଷ ତୁଳନାରେ ୧୬% ବୃଦ୍ଧିପାଇଛି। ଗତବର୍ଷ ଏ ବାବଦରେ ୧୬,୭୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଅବଶ୍ୟ ଏହା ମୋଟ ବଜେଟର ପ୍ରାୟ ୧୪.୭୪%, ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଚିନ୍ତାର ବିଷୟ ହେଉଛି ଏବେ ବି ଓଡିଶା ଆଳୁ, ପିଆଜ, ମାଛ, ଅଣ୍ଡା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛି। ଅନେକ ଶୀତଳଭଣ୍ଡାର ଅଚଳ ହେବା ଏବଂ ନୂତନ ନିର୍ମାଣ ନ ହେବା ଯୋଗୁ ଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟ ସଂରକ୍ଷିତ ରଖିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୁନଶ୍ଚ ଜଳସେଚିତ ଜମିର ପରିମାଣ ଆଖିଦୃଶିଆ ଭାବେ ବୃଦ୍ଧି ପାଇ ନାହିଁ।

ଯଦିଓ ଲେଖାନୁଦାନରେ ଟିକସ ବୃଦ୍ଧି କରିବାର ସମ୍ଭାବନା ନ ଥାଏ, ତଥାପି ବିଗତ ବର୍ଷର ବଜେଟକୁ ଅନୁଧ୍ୟାନ କଲେ ଜଣେ ଉପଲବ୍ଧି କରିବ ଯେ, ସମ୍ବଳ ସଂଗ୍ରହ ବା ଟିକସ ଜନିତ ଆୟ ବୃଦ୍ଧି କରିବାରେ ରାଜ୍ୟ ସରକାର ସେତେଟା ସଫଳ ନୁହନ୍ତି। ରାଜ୍ୟର ଜିଏସ୍‌ଡିପି ଅନୁସାରେ ନିଜସ୍ୱ ଟିକସ ଅନୁପାତ ୧୯୯୯-୨୦୦୦ରେ ୩.୫୬% ଥିଲା, ଯାହା ୨୦୧୭-୧୮ରେ ବୃଦ୍ଧି ପାଇ ୬.୪୨%ରେ ପହଞ୍ଚିଥିଲା। କିନ୍ତୁ ୨୦୧୯-୨୦ରେ ଏହା ୬.୧୦% ହେବ ବୋଲି ଆକଳନ କରାଯାଇଛି। ତ୍ରୟୋଦଶ ଅର୍ଥ କମିଶନ ଅନୁସାରେ ଏହା ୬.୭୫% ହେବା ଉଚିତ। ଅବଶ୍ୟ ରାଜ୍ୟଗୁଡ଼ିକର ହାରାହାରି ଏହି ଅନୁପାତ ୬%। ଜିଏସ୍‌ଟିର କୁପ୍ରଭାବ ମଧ୍ୟ ପଡୁଛି। ଏହା ସତ୍ତ୍ୱେ ରାଜସ୍ୱ କିପରି ବୃଦ୍ଧିପାଇବ ତାହା ପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ। ଅବଶ୍ୟ ସରକାର ବିତ୍ତୀୟ ଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି, ଯଦିଓ ଏହା ନିମ୍ନଗାମୀ ହୋଇଛି। ଧାର୍ଯ୍ୟଠାରୁ ଅଧିକ ଅଭିବୃଦ୍ଧି ସରକାରଙ୍କ ସହାୟକ ହୋଇଛି। କିନ୍ତୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ପଡିଥିବା ସ୍ଥାନରେ ଯଦି ନିଯୁକ୍ତି ସୃଷ୍ଟି ପାଇଁ ବ୍ୟବସ୍ଥା ହୋଇଥାନ୍ତା ତେବେ ଭଲ ହୋଇଥାନ୍ତା।

ଡିଭାଇନନଗର, ଚାଉଳିଆଗଞ୍ଜ, କଟକ,
ମୋ-୯୪୩୭୨୦୮୭୬୨,
skmohapatra67@gmail.com

ପ୍ରଶାସନିକ ନା ପ୍ରାଶାସନିକ

ଡ. ସଦାନନ୍ଦ ନାୟକ

ଖବରକାଗଜ କେବଳ ଖବର ପରିବେଷଣ କରେନାହିଁ, ତାହା ସମ୍ପୃକ୍ତ ଭାଷାର ସମୃଦ୍ଧି ସାଧନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ନିର୍ଦ୍ଦିଷ୍ଟ ସମୟରେ ଭାଷା ଏତେସଂଖ୍ୟକ ପାଠକଙ୍କ ପାଖରେ ପହଞ୍ଚିବାର ଏହା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ। ଖବରକାଗଜର ଭାଷାକୁ ଲୋକମାନେ ମାନକ ଭାଷା ରୂପେ ଗ୍ରହଣ କରିଥାନ୍ତି। ଶବ୍ଦଜ୍ଞାନ ବୃଦ୍ଧି ନିମନ୍ତେ ଅନେକେ ଖବରକାଗଜକୁ ହିଁ ଆଶ୍ରୟ କରିଥାନ୍ତି। ଶବ୍ଦର ବନାନ, ଶବ୍ଦ ପ୍ରୟୋଗ, ବାକ୍ୟ ଗଠନ ଓ ବ୍ୟାକରଣଗତ ଜ୍ଞାନ ଲୋକମାନେ ଖବରକାଗଜରୁ ଆହରଣ କରିଥାନ୍ତି।

ଅନେକ ସମୟରେ ବିଭିନ୍ନ ଖବରକାଗଜ, ଗୋଟିଏ ଖବରକାଗଜର ବିଭିନ୍ନ ସଂଖ୍ୟା, ଏପରିକି ଗୋଟିଏ ସଂଖ୍ୟାର ବିଭିନ୍ନ ପୃଷ୍ଠାରେ ଗୋଟିଏ ଗୋଟିଏ ଶବ୍ଦର ବିବିଧ ରୂପ ପରିଦୃଷ୍ଟ ହୁଏ। ଅବଶ୍ୟ କେତେକ ଓଡ଼ିଆ ଶବ୍ଦରେ ବନାନ ପରିବର୍ତ୍ତନ ବା ସଂସ୍କାରର ଆବଶ୍ୟକତା ରହିଛି, କିନ୍ତୁ ତାହା ସର୍ବଦା ନିୟମ-ଆଧାରିତ ହେବା ବିଧେୟ। ବ୍ୟାକରଣ ହେଉଛି ଗୋଟିଏ ଭାଷାର ମେରୁଦଣ୍ଡ, ଏହା ଭାଷାକୁ ବଞ୍ଚେଇବାରେ ସହାୟକ ହୋଇଥାଏ।

ମୂଳ ପ୍ରସଙ୍ଗକୁ ଆସିବା, Administrative ଶବ୍ଦର ସମାର୍ଥବାଚକ ଓଡ଼ିଆ ଶବ୍ଦ ଭାବରେ 'ପ୍ରଶାସନିକ' ଓ 'ପ୍ରାଶାସନିକ' ଏହି ଦୁଇଗୋଟି ଶବ୍ଦର ବ୍ୟବହାର ସମ୍ପ୍ରତି ବିଭିନ୍ନ ଖବରକାଗଜରେ ଦେଖିବାକୁ ମିଳୁଛି। କେବଳ ଖବରକାଗଜରେ ନୁହେଁ, ଅନେକ ପୁସ୍ତକ ଓ ଫଳକରେ ମଧ୍ୟଏପରି ଦେଖାଯାଉଛି। ତେବେ ପୁସ୍ତକ ବା ଫଳକ ଅପେକ୍ଷା ଖବରକାଗଜର ଲେଖା ସମାଜ ବା ପାଠକ ଉପରେ ଅଧିକ ପ୍ରଭାବ ବିସ୍ତାର କରିଥାଏ। ଏହି ଶବ୍ଦଦ୍ୱୟର ପ୍ରୟୋଗ ପାଠକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି, କେଉଁ ଶବ୍ଦଟି ଠିକ୍? ପ୍ରଶାସନିକ ନା ପ୍ରାଶାସନିକ? ଅଧିକାଂଶ ଓଡ଼ିଆ ଅଭିଧାନରେ ଏହି ଶବ୍ଦ ସ୍ଥାନିତ ହୋଇନାହିଁ, ତେଣୁ ସମାଧାନର କୌଣସି ଉପାୟ ପାଠକଙ୍କ ପାଖରେ ଉପଲବ୍ଧ ହେଉନାହିଁ।

ସମାଧାନକୁ ଆସିବା। ଶବ୍ଦର ଗଠନକୁ ବିଚାର କରାଯାଉ, ନିୟମଟି ହେଉଛି-କୌଣସି ଶବ୍ଦରେ 'ଇକ' ପ୍ରତ୍ୟୟ ଯୋଗହେଲେ, ସେହି ଶବ୍ଦର ଧ୍ୱନିରେ କେତେକ ପରିବର୍ତ୍ତନ ଘଟିଥାଏ। ବିଶେଷତଃ ଶବ୍ଦର ଆଦିସ୍ୱରରେ ପରିବର୍ତ୍ତନ ଘଟେ, ଏହା ବିବିଧ, ଯଥା-

(କ) ଆଦିସ୍ୱରର ଗୁଣରେ ପରିବର୍ତ୍ତନ ଘଟେ : ଯେପରି

ବିଦ୍ୟୁତ୍+ଇକ=ବୈଦ୍ୟୁତିକ, ଦିନ+ଇକ=ଦୈନିକ,
ମୂଳ+ଇକ=ମୌଳିକ, ବିଷୟ+ଇକ=ବୈଷୟିକ,
ଇତିହାସ+ଇକ=ଐତିହାସିକ,
ବିଜ୍ଞାନ+ଇକ=ବୈଜ୍ଞାନିକ,
ବ୍ୟାକରଣ+ଇକ=ବୈୟାକରଣିକ,
ଭୂଗୋଳ+ଇକ=ଭୌଗୋଳିକ,
ଲୋକ+ଇକ=ଲୌକିକ ଇତ୍ୟାଦି।

(ଖ) ଆଦିସ୍ୱରର ମାତ୍ରାରେ ପରିବର୍ତ୍ତନ ଘଟେ : ଯେପରି
ସମାଜ+ଇକ=ସାମାଜିକ,
ପରିବାର+ଇକ=ପାରିବାରିକ,
ମନଃ (ସ୍)+ଇକ=ମାନସିକ,
ବ୍ୟବସାୟ+ଇକ=ବ୍ୟାବସାୟିକ,
ଲକ୍ଷଣ+ଇକ=ଲାକ୍ଷଣିକ,
ଅର୍ଥ+ଇକ=ଆର୍ଥିକ, ମାତ୍ରା+ଇକ=ମାତ୍ରିକ,
ତମଃ (ସ୍)+ଇକ=ତାମସିକ,
ସାହିତ୍ୟ+ଇକ=ସାହିତ୍ୟିକ ଇତ୍ୟାଦି।

ତେଣୁ ଅତ୍ୟନ୍ତ ସହଜ ଓ ସରଳ କଥା ଏହି ଯେ, ପ୍ରଶାସନ+ଇକ=ପ୍ରାଶାସନିକ, ଅର୍ଥାତ୍ 'ପ୍ରଶାସନ' ଶବ୍ଦର ଆଦିସ୍ୱରର ମାତ୍ରାରେ ପରିବର୍ତ୍ତନ ଘଟି, 'ଅ'ଟି 'ଆ' ହୋଇଛି ଏବଂ ନୂତନ ଶବ୍ଦଟି ହୋଇଛି 'ପ୍ରାଶାସନିକ', 'ପ୍ରଶାସନିକ' ନୁହେଁ। ସୁତରାଂ 'ପ୍ରାଶାସନିକ' ଶବ୍ଦ ହିଁ ଶୁଦ୍ଧ, 'ପ୍ରଶାସନିକ' ଅଶୁଦ୍ଧ।

କେତେକେ କହିଥାନ୍ତି, 'ପ୍ରଶାସନିକ' ଏକ ବହୁଳ ଭାବରେ ବ୍ୟବହୃତ ହେଉଥିବା ଶବ୍ଦ, ତେଣୁ ଏହା ହିଁ ଠିକ୍ ବା ଶୁଦ୍ଧ। ଏପରି ଯୁକ୍ତି ଅଯଥାର୍ଥ, କାରଣ ପ୍ରତ୍ୟେକ ଭାଷାର ଗୋଟାଏ ନିୟମ ରହିଛି, ଶବ୍ଦର ଏକ ଗଠନଗତ ବିଧି ରହିଛି, ନିୟମ ଉଲ୍ଲଂଘନ ଯେକୌଣସି ଭାଷା ପାଇଁ ଶୁଭଙ୍କର ନୁହେଁ।

ଅନ୍ୟ ଦୁଇଗୋଟି ବହୁ ପ୍ରଚଳିତ ଅଶୁଦ୍ଧ ଶବ୍ଦ ହେଉଛି 'ଅର୍ଥନୈତିକ' ଓ 'ରାଜନୈତିକ'।

ନିୟମ ଅନୁସାରେ
ଅର୍ଥନୀତି+ଇକ=ଆର୍ଥନୀତିକ, ସେହିପରି
ରାଜନୀତି+ଇକ=ରାଜନୀତିକ।

କେହି କେହି ଭାବିଥାନ୍ତି ନୀତି+ଇକ=ନୈତିକ, ତେଣୁ ଅର୍ଥନୈତିକ ଓ ରାଜନୈତିକ ହିଁ ଠିକ୍ : କିନ୍ତୁ ଏଠାରେ ଜାଣିରଖିବା ଉଚିତ ଯେ, ଏହି ଶବ୍ଦଦ୍ୱୟର ଗଠନ 'ଅର୍ଥନୀତି+ଇକ' ଏବଂ 'ରାଜନୀତି+ଇକ' ଏହି ପ୍ରକ୍ରିୟାରେ ହୋଇଛି, 'ଅର୍ଥ+ନୈତିକ' ଓ 'ରାଜ+ନୈତିକ' ଏପରି ହୋଇନାହିଁ। ଏପରି ହେଲେ ଅର୍ଥ ଅଭିବ୍ୟକ୍ତିରେ ବିଭ୍ରାଟ ଘଟିବ। ତେଣୁ ଆର୍ଥନୀତିକ ଓ ରାଜନୀତିକ ହିଁ ଶୁଦ୍ଧ।

ସିଦ୍ଧାନ୍ତ ଏହି ଯେ, 'ପ୍ରାଶାସନିକ', 'ଆର୍ଥନୀତିକ' ଓ 'ରାଜନୀତିକ' ଶବ୍ଦ ହିଁ ଶୁଦ୍ଧ। ପ୍ରଶାସନିକ, ଅର୍ଥନୈତିକ ଓ ରାଜନୈତିକ ଶବ୍ଦ ଅଶୁଦ୍ଧ। ତେବେ ଖବରକାଗଜଗୁଡିକ ଏହି ଶବ୍ଦଗୁଡ଼ିକର ପ୍ରୟୋଗ ସମ୍ପର୍କରେ ସଚେତନ ହେଲେ ପାଠକ ଓ ଜିଜ୍ଞାସୁଙ୍କ ମନରୁ ଦ୍ୱନ୍ଦ୍ୱ ଦୂର ହେବ, ଓଡ଼ିଆ ଭାଷା ଓ ସାହିତ୍ୟ ଉତ୍କର୍ଷର ସର୍ବୋଚ୍ଚ ଶିଖରକୁ ସ୍ପର୍ଶ କରି ଆହୁରି ସମୃଦ୍ଧ ହେବ।

ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମୋ :୯୯୩୮୨୪୬୪୨

ଏଇ ଭାରତରେ

ଶିକ୍ଷାର୍ଥୀଙ୍କ ଜୀବନରେ ପରୀକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପରୀକ୍ଷା ଦେବାରୁ ବଞ୍ଚିତ ହେଲେ ଗୋଟିଏ ବର୍ଷ ନଷ୍ଟ କରିବାକୁ ପଡେ। ତେଣୁ ସବୁ କିଛି ପ୍ରତିବନ୍ଧକକୁ ଏଡାଇ ପରୀକ୍ଷା ହଲ୍‌ରେ ପହଞ୍ଚିବା ଜରୁରୀ। ଜଣେ ବ୍ୟକ୍ତି ତାଙ୍କ ଝିଅକୁ ପରୀକ୍ଷାକେନ୍ଦ୍ରକୁ ନେଉଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଏହା ସତ୍ତ୍ୱେ ସେ ଝିଅକୁ ପରୀକ୍ଷା ହଲ୍‌ରେ ପହଞ୍ଚାଇବାକୁ ଆଦୌ ହେଳା କରି ନ ଥିଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ବିହାର ରାଜ୍ୟର ବୀରପୁରଠାରେ। ଏଠାରେ ଜଣେ ଆର୍‌ଜେଡି ନେତାଙ୍କୁ କିଛି ଅଜଣା ବ୍ୟକ୍ତି ଗୁଳିମାଡ଼ କରିଥିଲେ। ତେବେ ସେ ଏହାକୁ ଖାତିର ନ କରି ଦୀର୍ଘ ୬ କିଲୋମିଟର ଦୂର ବାଇକ ଚଳାଇ ଝିଅକୁ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇଥିଲେ। ଏହି ନେତା ଜଣକ ହେଉଛନ୍ତି ରାମକୃପାଳ ମହାତୋ। ସେ ଝିଅ ଦାମିନୀକୁ ବେଗୁସରାଇସ୍ଥିତ ପରୀକ୍ଷା କେନ୍ଦ୍ରକୁ ଇଣ୍ଟର ପରୀକ୍ଷା ପାଇଁ ନେଉଥିଲେ। ବାଟରେ କିଛି ଅଜଣା ବ୍ୟକ୍ତି ସେମାନଙ୍କୁ ଘେରି ଯାଇଥିଲେ। ସେମାନେ ରାମକୃପାଳଙ୍କ ସମ୍ମୁଖକୁ ଚାଲିଆସି ଗୁଳି ଚଳାଇଥିଲେ। ତେବେ ତୁରନ୍ତ ହସ୍ପିଟାଲ୍ ଯିବାକୁ ଦାମିନୀ ବାପାଙ୍କୁ କହିଥିଲେ ସୁଦ୍ଧା ପରୀକ୍ଷା ନ ଦେଲେ ଗୋଟେ ବର୍ଷ ନଷ୍ଟ ହୋଇଯିବ କହି ଦାମିନୀକୁ ବୁଝାଇଥିଲେ। ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇ ରାମକୃପାଳ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ହସ୍ପିଟାଲ୍‌ରେ ପହଞ୍ଚାଇଥିଲେ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୋଲିସ ପକ୍ଷରୁ ଆକ୍ରମଣର ତଦନ୍ତ ଆରମ୍ଭ ହୋଇଛି।

୨୫ ବର୍ଷ ତଳର ଧରିତ୍ରୀ

୧୫ ଫେବୃୟାରୀ ୧୯୯୪

- ଜର୍ମାନୀ ଭାରତକୁ ୭୬୦ କୋଟି ଟଙ୍କା ଋଣ ଓ ସହାୟତା ଯୋଗାଇଦେବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଏସ୍.ଆର୍. ବୋମାଇ ଜନତା ଦଳ ସଭାପତି ପଦରୁ ଓହରିଯିବା ପରେ ବିଶ୍ୱନାଥ ପ୍ରତାପ ସିଂ ସଭାପତି ନିର୍ବାଚିତ।
- ଜର୍ମାନୀର ପୂର୍ବତନ ଚାନସେଲର ହେଲମଟ ଶଟମିଡଟ୍ ରୁଷିଆର ରାଷ୍ଟ୍ରପତି ବୋରିସ ୟେଲ୍‌ଟସିନଙ୍କ ଅର୍ଥନୈତିକ ପରାମର୍ଶଦାତା ନିଯୁକ୍ତ।

ପାଠକ ଶ୍ରେଷ୍ଠ ବିଚାରକ

ଦାଗୀ ନେତା

ମହାଶୟ,

ଭାରତର ୧୫୮୧ ଜଣ ବିଧାୟକ ଓ ସାଂସଦଙ୍କ ନାଁରେ ଫୌଜଦାରି ମକଦ୍ଦମା ରହିଛି। ୫୧ ଜଣଙ୍କ ନାଁରେ ବଳାତ୍କାର ଓ ନାରୀ ନିର୍ଯାତନା ମାମଲା ଅଛି। ତଥାପି ସେମାନେ ଜନପ୍ରତିନିଧି। ଏପରି କି ସେମାନେ ଜେଲରେ ରହି ମଧ୍ୟ ନିର୍ବାଚନରେ ପ୍ରାର୍ଥୀ ହୋଇ ନିର୍ବାଚିତ ହେଉଛନ୍ତି। ଇଏ କି ପ୍ରକାରର ନିର୍ବାଚନ, ଲୋକେ ସେମାନଙ୍କୁ କେମିତି ନିର୍ବାଚିତ କରୁଛନ୍ତି? ଦଳପତି ସେମାନଙ୍କୁ ଲଢ଼ିବା ପାଇଁ କେମିତି ଟିକେଟ ଦେଉଛନ୍ତି ଏବଂ ନିର୍ବାଚନ କମିଶନର କେମିତି ସେମାନଙ୍କୁ ଲଢ଼ିବାକୁ ସୁଯୋଗ ଦେଉଛନ୍ତି, ତାହା ବୁଝି ହେଉନାହିଁ। ଆହୁରି ବିଡ଼ମ୍ବନାର କଥା, ଯେଉଁ ପ୍ରାର୍ଥୀଙ୍କୁ ଲୋକେ ହରାଇ ଦେଉଛନ୍ତି ସରକାର ସେମାନଙ୍କୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ କରୁଛନ୍ତି ଏବଂ ରାଜ୍ୟସଭାକୁ ମଧ୍ୟ ପଠାଇ ଦେଉଛନ୍ତି। ରାଜନେତାମାନେ ଗୋଟିଏ ଦଳରେ ଦୀର୍ଘଦିନ ରହି ଲୋକଙ୍କ ମଧ୍ୟରେ ନିଜର ସ୍ଥିତିକୁ ମଜଭୁତ କରିସାରିବା ପରେ ଯଦି ମନ୍ତ୍ରୀଟିଏ ହୋଇ ନ ପାରିଲେ ତେବେ ଅନ୍ୟ ଦଳକୁ ରାତିଅଧିଆ ଡେଇଁ ପଡୁଛନ୍ତି। ଏହାଦ୍ୱାରା ଲୋକଙ୍କର ବିଶ୍ୱାସ ଉପରେ କୁଠାରାଘାତ କରୁଛନ୍ତି। ନିର୍ବାଚନ କମିଶନରଙ୍କୁ ଅନୁରୋଧ ଦୁର୍ନୀତିଗ୍ରସ୍ତ ପ୍ରାର୍ଥୀଙ୍କର ନୋମିନେଶନକୁ ନାକଚ କରନ୍ତୁ। ଭୋଟରମାନେ ସଚ୍ଚୋଟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ଏବଂ ଦଳ ବଦଳକାରୀ ସୁବିଧାବାଦୀ ପ୍ରାର୍ଥୀଙ୍କୁ ବାଦ୍ ଦିଅନ୍ତୁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

କାଳିଆର ସୁବଣ୍ଟନ ହେଉ

ଭୂମିହୀନ, ନାମମାତ୍ର ଓ କ୍ଷୁଦ୍ରଚାଷୀ ପାଇଁ କାଳିଆ ଏକ ଭଲ ଯୋଜନା। କିନ୍ତୁ ସବୁଜ ଫର୍ମ ବଣ୍ଟନରେ ଅବ୍ୟବସ୍ଥା ନଜରକୁ ଆସିଛି। ଭୂମିହୀନ ଓ ନିଜ ନାମରେ ଜମି ନ ଥିବା ବ୍ୟକ୍ତି କ'ଣ ଲେଖିବେ ଦ୍ୱନ୍ଦ୍ୱରେ ପଡିଛନ୍ତି। ତା' ଛଡା ଯୋଜନାର ସୁବିଧା ହାତେଇବା ପାଇଁ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ପୃଥକ୍ ଭାବେ ଆବେଦନ କରିଛନ୍ତି। ପଞ୍ଚାୟତ ମୁଖ୍ୟ, ଆର୍‌ଆଇ ଓ ଅନ୍ୟ ଅଧିକାରୀମାନେ ଚାହିଁଲେ କାଳିଆର ସୁବଣ୍ଟନ ହୋଇପାରିବ।

ରମେଶ ଦତ୍ତ, କଲ୍ୟାଣନଗରୀ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ପଡିଆଠାରୁ ୭ କିମି ଦୂର ଜଗଦଲପୁର-ହାଇଦ୍ରାବାଦ ଜାତୀୟ ରାଜପଥ ଇରାମ୍ ନିକଟରେ ଗୁରୁବାର ସନ୍ଧ୍ୟାରେ ଲାଲବାହିନୀ ଲଙ୍କାକାଣ୍ଡ ସୃଷ୍ଟି କରିଛନ୍ତି। ମାଓବାଦୀମାନେ ଯାତ୍ରୀବାହୀ ବସ୍, କାର୍ ସହ ଏକ ହାଇୱା ମେଶିନ ପୋଡ଼ିଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ପ୍ରେମ ଦିବସରେ ଘୃଣାର ବାର୍ତ୍ତା

ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତକଲେ ହାଇକୋର୍ଟ

କଟକ ଅଫିସ, ୧୪।୨

ଷ୍ଟେଟ୍ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସ୍ୟାଟ୍)ରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ୪ ସପ୍ତାହ ମଧ୍ୟରେ ପୂରଣ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ଏ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏହାକୁ ନେଇ ଗୁରୁବାର ଶୁଣାଣିବେଳେ ସରକାରଙ୍କ ଉପରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କ'ଣ ପାଇଁ ପୂର୍ବ ଆଦେଶ କାର୍ଯ୍ୟକାରୀ କରାଯାଇନାହିଁ ସେ ସମ୍ପର୍କରେ ହାଇକୋର୍ଟ ସରକାରଙ୍କଠାରୁ ଜବାବ ମାଗିଥିଲେ। ମାତ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ହାଇକୋର୍ଟଙ୍କ ଆଦେଶ ବିରୋଧରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ସୁପ୍ରିମକୋର୍ଟକୁ ସରକାର ଯିବା ନେଇ ଅବଗତ କରାଯାଇ ନ ଥିବାରୁ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ସୋମବାର ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି କରାଯିବ। ଏହାର ଠିକ୍ ପରଦିନ ଅର୍ଥାତ୍ ମଙ୍ଗଳବାର ହାଇକୋର୍ଟରେ ଏହାର ଶୁଣାଣି ହେବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉକି, ସ୍ୟାଟ୍‌ରେ ୮ ସଦସ୍ୟ ପଦବୀ ଖାଲି ପଡ଼ିଥିବାବେଳେ ଏବେ ୨ ଜଣ ସଦସ୍ୟଙ୍କୁ ନେଇ ମାମଲାର ଶୁଣାଣି କରାଯାଉଛି। ଫେବୃୟାରୀ ୨୭ରେ ୨ ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ଅବସରଗ୍ରହଣ କରିବେ। ଫଳରେ ଫେବୃୟାରୀ ୨୭ ପରଠାରୁ ସ୍ୟାଟ୍ ଜଣେ ସଦସ୍ୟ ବିଶିଷ୍ଟ ହୋଇଯିବ। ଏଭଳି ପରିସ୍ଥିତି ଉପୁଜିବାକୁ ଯାଉଥିବାବେଳେ ସରକାର ପଦବୀ ପୂରଣ ନିମନ୍ତେ ଆଗଭର ନ ହେବାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଆଡ୍‌ଭୋକେଟ ବୁଦ୍ଧଦେବ ରାଉତରାୟ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି।

ସ୍ୟାଟ୍ ପଦବୀ ଉଚ୍ଛେଦ ମାମଲା



ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ଥଇଥାନ କେନ୍ଦ୍ର

- କୁଳସଚିବଙ୍କ କାର୍ଯ୍ୟକାଳ ଶେଷ
- ଅର୍ଥ, ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲି
- ଅବସର କର୍ମଚାରୀଙ୍କୁ ପୁନଃ ନିଯୁକ୍ତି

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ପ୍ରତି ଉଚ୍ଚଶିକ୍ଷା ବିଭାଗର ଚରମ ଅବହେଳା ପ୍ରଦର୍ଶନ ଜାରି ରହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ କେବଳ କୁଳପତିଙ୍କୁ ନେଇ କାର୍ଯ୍ୟକ୍ଷମ ହେଉଛି। ପ୍ରାରମ୍ଭିକ ଭାବେ ନିଯୁକ୍ତ ହୋଇଥିବା କୁଳସଚିବଙ୍କ କାର୍ଯ୍ୟକାଳ ୨୦୧୮ ଡିସେମ୍ବରରୁ ସରିଯାଇଛି। ହେଲେ ଉଚ୍ଚଶିକ୍ଷା ବିଭାଗ ସେଠାରେ ନୂଆ କୁଳସଚିବ ନିଯୁକ୍ତ କରିନାହିଁ। ଅନୁରୂପ ଭାବେ ପୁରାତନ କୁଳସଚିବଙ୍କ କାର୍ଯ୍ୟକାଳକୁ ମଧ୍ୟ ବଢ଼ାଇ ନାହାନ୍ତି, ଯାହାଦ୍ୱାରା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା ଅର୍ଥ ନିୟନ୍ତ୍ରକ ଓ ପରୀକ୍ଷା ନିୟନ୍ତ୍ରକ ପଦବୀ ବିଗତ ସାଢ଼େ ୩ ବର୍ଷରୁ ଅଧିକ ସମୟ ଧରି ଖାଲିପଡ଼ିଛି। କୁଳସଚିବ ଏହି ଦୁଇ ଅତିରିକ୍ତ ଦାୟିତ୍ୱରେ ରହି ବିଗତ ଦିନରୁ କାମ ଚଳାଇ ଆସୁଥିବା ଜଣାପଡ଼ିଛି। ତେଣୁ କୁଳସଚିବଙ୍କ କାର୍ଯ୍ୟକାଳ ସରିବା ପରେ ବି ଅର୍ଥ ନିୟନ୍ତ୍ରକ ଏବଂ ପରୀକ୍ଷା ନିୟନ୍ତ୍ରକ ପଦବୀ ଖାଲିପଡ଼ିଛି। ସେହିପରି ମୁକ୍ତ ବିଶ୍ୱବିଦ୍ୟାଳୟ ସଂଖ୍ୟାଧିକ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ପୂର୍ବରୁ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଉଚ୍ଚଶିକ୍ଷା ବିଭାଗରେ ଅତିରିକ୍ତ ସଚିବ ଥିବା ଜଗନ୍ନାଥ ପ୍ରଧାନ ଅବସର ନେଇ ପରାମର୍ଶଦାତାଭାବେ ମୁକ୍ତ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ବିଗତ ଦୁଇ ବର୍ଷ ହେଲାଣି ସେ ମୁକ୍ତ ବିଶ୍ୱବିଦ୍ୟାଳୟରୁ ମାସକୁ ୩୫,୦୦୦ ଟଙ୍କା ପାରିଶ୍ରମିକ ନେଉଛନ୍ତି। ଏଥିସହିତ ପଦବୀର ଦ୍ୱାହିଦେଇ ରାଜଧାନୀ ଭୁବନେଶ୍ୱରରେ ସରକାରୀ କ୍ୱାର୍ଟର୍ସ ହାତେଇଥିବା ଅଭିଯୋଗ ହୋଇଛି। ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମୟରେ କିଛିଟା ସହଯୋଗ କରିଥିବାରୁ ଜଗନ୍ନାଥ ପ୍ରଧାନ ଅବସର ପରେ ଏହି ନିଯୁକ୍ତି ପାଇଛନ୍ତି। ହେଲେ ସେ କ'ଣ କାମ କରୁଛନ୍ତି, କେଉଁଦିନ ଅଫିସ ଆସୁଛନ୍ତି ସେ ସମ୍ପର୍କରେ କୌଣସି ରେକର୍ଡ କି ଅଫିସ ଅର୍ଡର ନ ଥିବା ଭିତିରି ସୂତ୍ରରୁ ଜଣାପଡ଼ିଛି। ଜଗନ୍ନାଥ ଓଡ଼ିଶା ଅର୍ଥସେବାର ଜଣେ ପୂର୍ବତନ କର୍ମଚାରୀ ଥିଲେ। ତେଣୁ ତାଙ୍କ ନିଯୁକ୍ତି ଓ କାର୍ଯ୍ୟକଳାପ ନେଇ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ତଦନ୍ତ କରିବା ପାଇଁ ଦାବି ଉଠିଛି। ସେହିପରି ଆଉ ଜଣେ କର୍ମଚାରୀ ହେଉଛନ୍ତି ପୃଥ୍ୱୀରାଜ ମିଶ୍ର। ପୃଥ୍ୱୀରାଜ ପୂର୍ବରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରେ କାମ କରୁଥିଲେ। ସେହି ବ୍ୟାଙ୍କରେ ବିଶ୍ୱବିଦ୍ୟାଳୟର ଜମାଖାତା ରହିଛି। ତେଣୁ ପୁରୁଣା ପରିଚୟକୁ ଆଧାରକରି ପୃଥ୍ୱୀରାଜ ମୁକ୍ତ ବିଶ୍ୱବିଦ୍ୟାଳୟରେ ବିଗତ ୨ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହ ମାସକୁ ପରାମର୍ଶଦାତା ଭାବେ ୩୫,୦୦୦ରୁ ଅଧିକ ଟଙ୍କା ଦରମା ନେଉଛନ୍ତି। ତେଣୁ ବ୍ୟାଙ୍କ ଚାକିରିରେ ଅଧିକାଂଶ ସମୟ କାଟିଥିବା ପୃଥ୍ୱୀରାଜ ଏବେ ଅଧ୍ୟାପନା କାର୍ଯ୍ୟରେ ମୁକ୍ତ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇବା ବେଶ୍ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଆଗରୁ ସେ ନନ୍ ଟିଚିଂ କର୍ମଚାରୀ ଭାବେ କାମ କରୁଥିଲେ।

ଅନ୍ୟପକ୍ଷରେ କ'ଣ ପାଇଁ ଉଚ୍ଚଶିକ୍ଷା ବିଭାଗ ସ୍ଥାୟୀ କର୍ମଚାରୀ ନିଯୁକ୍ତି ନିମନ୍ତେ ଅନୁମତି ପ୍ରଦାନ କରୁନାହିଁ ଓ ଜଗନ୍ନାଥ ପ୍ରଧାନଙ୍କ ପରି ଅବସରପ୍ରାପ୍ତ କର୍ମଚାରୀଙ୍କ ରୋଜଗାର ନିମନ୍ତେ ବାଟ ଖୋଲିଛି, ତାହା ବେଶ୍ ସନ୍ଦେହ ସୃଷ୍ଟି କରିଛି। ବିଶ୍ୱବିଦ୍ୟାଳୟ କୁଳପତି ଏ ନେଇ ବାରମ୍ବାର ଚିଠି ଲେଖିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟି ମଧ୍ୟ ଆଲୋଚନା କରିଛନ୍ତି। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ସେ ଦିଗକୁ ଆଦୌ ଦୃଷ୍ଟି ଦେଉନାହିଁ ବରଂ ବିଶ୍ୱବିଦ୍ୟାଳୟକୁ ଅଧାମଲା ଅବସ୍ଥାରେ ରଖି ବିଭାଗ ଅଚିନ୍ତା ନିଦ୍ରାରେ ଶୋଇଛି। ଏହିସବୁ ଅଭିଯୋଗ ଉପରେ ପ୍ରଥମେ ଫୋନ୍ ଯୋଗେ ଜଗନ୍ନାଥ ଓ ପୃଥ୍ୱୀରାଜଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ କେବଳ ଜଗନ୍ନାଥଙ୍କ ସହ ଯୋଗାଯୋଗ ହୋଇପାରିଥିଲା। ସେ ଏହିସବୁ ଅଭିଯୋଗ ଉପରେ ରେଜିଷ୍ଟ୍ରାରଙ୍କ ମତାମତ ନେବାକୁ କହିଥିଲେ। ଏହା ପରେ ରେଜିଷ୍ଟ୍ରାର ଜୟନ୍ତ କରଶର୍ମାଙ୍କ ମତାମତ ଲୋଡାଯାଇଥିଲା। ସେ ଜଗନ୍ନାଥ ପ୍ରଧାନ ଏବଂ ପୃଥ୍ୱୀରାଜ ମିଶ୍ରଙ୍କୁ ପରାମର୍ଶଦାତାଭାବେ ନିଯୁକ୍ତ କରାଯାଇଥିବା ସ୍ୱୀକାର କରିଛନ୍ତି। ଏଥିସହିତ ଉଭୟଙ୍କୁ ୩୫,୦୦୦ ଟଙ୍କା ମାସିକ ପାରିଶ୍ରମିକ ଦିଆଯାଉଥିବା କଥାକୁ ମଧ୍ୟ ସ୍ୱୀକାର କରିଛନ୍ତି। ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପଦବୀକୁ ଆୟୁଧ କରି କ୍ୱାର୍ଟର୍ସ ରଖିଥିବା ପ୍ରସଙ୍ଗରେ ରେଜିଷ୍ଟ୍ରାର କରଶର୍ମା ଅବଗତ ନ ଥିବା କହିଛନ୍ତି।

ଆଜି ସମ୍ବଲପୁର ଆସୁଛନ୍ତି ଶାହ

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେବେ। ୧୯ବର୍ଷର ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରୀମାନେ କିଛି ବି କାମ କରିନାହାନ୍ତି। ଭ୍ରଷ୍ଟାଚାର ଓ ଦୁର୍ନୀତିରେ ଲିପ୍ତଥିବା ବିଜେଡି ସରକାରକୁ ଏବେ ବିଶ୍ରାମ ଦରକାର ବୋଲି ରାଜ୍ୟବାସୀ ନିଷ୍ପତ୍ତି କରିସାରିଥିବା ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂହ କହିଛନ୍ତି। ଭାଜପା କେବଳ ଜନତାଙ୍କୁ ବିକାଶ ଓ ସେବା ଯୋଗାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାକୁ ବିଶେଷ ଭାବେ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ସେଥିଲାଗି ସେ ଲଗାତର ୩ଥର ଆସି ବିଭିନ୍ନ ପ୍ରକଳ୍ପର ଲୋକର୍ପଣ କରିଛନ୍ତି। ଆଗାମୀ ଦିନରେ ଭାଜପା କେନ୍ଦ୍ରୀୟ ନେତୃବୃନ୍ଦ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୭ରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ଓଡିଶା ଗସ୍ତରେ ଆସି ଭଦ୍ରକରେ ଏକ ଜନ ସଭାରେ ଯୋଗଦେବେ। ଆସନ୍ତା ୨୦ରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭବାନୀପାଟଣା ଏବଂ ନାରୁଣିଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେବେ ବୋଲି ଅରୁଣ ସୂଚନା ଦେଇଛନ୍ତି।

ପଶ୍ଚିମ ଓଡ଼ିଶାର ବିକାଶ ବିନା ପୂର୍ବୋଦୟ ଅସମ୍ଭବ

- ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ
- ସମ୍ବଲପୁରର ରହିଛି ସ୍ୱତନ୍ତ୍ର ପରିଚୟ
- ରେଳ ବିଭାଗ ପକ୍ଷରୁ ମ୍ୟୁଜିୟମ ହେବ
- ବିକାଶ ପାଇଁ କେନ୍ଦ୍ର ବଦ୍ଧପରିକର

ସମ୍ବଲପୁର, ୧୪।୨ (ବ୍ୟୁରୋ)

ସମ୍ବଲପୁର ଏକ ସୁନ୍ଦର ସହର। ଏହାର କଳା, ସଂସ୍କୃତି, ନୃତ୍ୟ, ଗୀତର ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ରହିଛି। ପଶ୍ଚିମ ଓଡ଼ିଶା ସହ ସମ୍ବଲପୁର ଜିଲାର ବିକାଶ ପାଇଁ କେନ୍ଦ୍ର ସରକାର ବଦ୍ଧପରିକର। ରାସ୍ତାଘାଟ, ପାଣି ବିଜୁଳି ଭଳି ମୌଳିକ ସୁବିଧା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ପଶ୍ଚିମ ଓଡିଶା ବିକାଶ ବିନା ପୂର୍ବୋଦୟ ଅସମ୍ଭବ। ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଜୟଦୀପ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଏହି ଅବସରରେ ପ୍ରଧାନ ସମ୍ବଲପୁର ରେଳଷ୍ଟେଶନ ସମ୍ମୁଖଭାଗ ଓ ସଞ୍ଚାର କ୍ଷେତ୍ର, ବୈଦ୍ୟୁତିକ ଚଳମାନ ସିଡ଼ି ସହିତ ର୍‍ୟାମ୍ପ, ଫୁଡ୍ ପ୍ଲାଜା, ଯନ୍ତ୍ରୀକୃତ ବୁଟ୍ ଲଣ୍ଡ୍ରିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସେ ଲୋକାର୍ପଣ କରିଛନ୍ତି। ସେହପରି ଟିପିଲିମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସମ୍ମେଳନ ଭବନ, ବାଳିକା ସାଧାରଣ କକ୍ଷ, ଶୌଚାଳୟ ଓ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ। କୁଷ୍ଟୁରା କଲେଜରେ ମହିଳା ଛାତ୍ରାବାସ, କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେସେଇବାହାଲ କଲେଜରେ ଛାତ୍ରାବାସ, କୁଚିଣ୍ଡାରେ ବିଦ୍ୟାଳୟ ଭବନ, ଧନୁପାଲିରେ ଉଚ୍ଚ ମାଧ୍ୟମିକ ଖଣ୍ଡର ନୂତନ ବ୍ଲକ ନିର୍ମାଣ ପାଇଁ ସେ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ବିଧାୟକ ତଥା ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, କୁଚିଣ୍ଡା ବିଧାୟକ ରବି ନାଏକ, ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ଉପସ୍ଥିତ ଥିଲେ। ବିଧାୟିକା ପାଣିଗ୍ରାହୀ ରେଳ ଚଳାଚଳ ଓ ସମ୍ବଲପୁରକୁ କେତେକ ଟ୍ରେନର ସମ୍ପ୍ରସାରଣ କରିବାକୁ ଦାବି କରିଥିଲେ। ଦାବିଗୁଡ଼ିକ ଯଥାର୍ଥ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି ସମ୍ବଲପୁରରେ ଏକ ମ୍ୟୁଜିୟମ ନିର୍ମାଣ ପାଇଁ ବିଧାୟିକା ଦାବି କରିଥିଲେ। ଏଥିପାଇଁ ରାଜ୍ୟ ସରକାର ୫ ଏକର ଜମି ଦେଲେ କେନ୍ଦ୍ର ୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବ ବୋଲି ପ୍ରଧାନ କହିଥିଲେ।

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବୈଙ୍କ ଑ଫ଼ ଇଣ୍ଡିୟା Bank of India BOI)
ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ-୮(୧)

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାରଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମ୍ପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

ଶାଖା/ ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା	ନୋଟିସ୍ ଅନୁଯାୟୀ ବକେୟା ପରିମାଣ	ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ	ସ୍ଥାବର ସମ୍ପତ୍ତିର ବିବରଣୀ
ନିମ୍ପୁର ଶାଖା ଋଣଗ୍ରହୀତା- ଶ୍ରୀମତୀ ଜାଇବୁନ୍ ନିସା, ସ୍ୱା-ଶ୍ରୀ ମୁସ୍ତାକ୍ ଅହମଦ, ଜାମିନ୍‌ଦାର: ଶ୍ରୀ ମୁସ୍ତାକ୍ ଅହମଦ୍, ଉଭୟଙ୍କ ଠିକଣା: ଦରଘା ବଜାର (ନାଜ୍ ଲେଡ଼ିଜ୍ ଟେଲର), ପିଏମ୍ ଆକାଡେମି ବିଦ୍ୟାଳୟ ନିକଟ, ଜିଲ୍ଲା-କଟକ, ଓଡିଶା-୭୫୩୦୦୧।	ଟ.୩,୫୮,୪୭୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ	୦୯.୦୭.୨୦୧୮ / ୧୧.୦୨.୨୦୧୯	**ଶ୍ରୀମତୀ ଜାଇବୁନ୍ ନିସା**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହା ପ୍ଲଟ ନଂ.-୩୨୭/୧୪୯୯, ଖାତା ନଂ.-୫୪୧/୬୦୩, ଏରିଆ-ଏକର୦.୦୧୩ ଡିସିମିଲି, କିସମ-ଘରବାରୀ, ମୌଜା-ମୁତାରିଫା, ଏସ୍‌ଆରଓ /ତହସିଲି/ ଥାନା- ସାଲେପୁର, ଜିଲ୍ଲା- କଟକରେ ଅବସ୍ଥିତ। ଚଉହଦି: ଉତ୍ତର-ସାଧାରଣ ରାସ୍ତା, ଦକ୍ଷିଣ- ମୁସ୍ତାରି ବେଗମ୍, ପୂର୍ବ- ସାଧାରଣ ରାସ୍ତା, ପଶ୍ଚିମ- ମାରିଅମ୍ ବିବି।

ସ୍ଥାନ-ଭୁବନେଶ୍ୱର, ତାରିଖ- ୧୪.୦୨.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)
ବି.କେ. ରୋଡ୍ ଶାଖା, କଟକ-୭୫୩୦୦୧, ଫୋନ୍ ନଂ.: ୦୬୭୧-୨୪୧୯୮୯୩, ୨୪୧୪୫୨୯, ମେଲ୍: c0343@psb.co.in
ପି.ଏସ୍.ବି.

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ଅମାନତ ରାଶି ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୨୫.୦୩.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା।
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ରୁଲ୍ସ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ। **ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ**ର ନିମ୍ନଲିଖିତ ସୁରକ୍ଷିତ ଋଣ ଆଦାୟ କରିବା ନିମନ୍ତେ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ଇଲେକ୍‌ଟ୍ରୋନିକ ପଦ୍ଧତି **https://www.bankeauctions.com** ମାଧ୍ୟମରେ ବିକ୍ରି କରାଯିବା ପାଇଁ ପ୍ରସ୍ତାବମାନ ତା.୨୫.୦୩.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ଆହ୍ୱାନ କରାଯାଉଛି।

ବନ୍ଧକପ୍ରାପ୍ତ ସମ୍ପତ୍ତି ଗୁଡିକର ତନଖି ତାରିଖ ଏବଂ ସମୟ	କ୍ର.ନଂ.:୧: ୧୮.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ କ୍ର.ନଂ.:୨: ୧୯.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ କ୍ର.ନଂ.:୩: ୨୦.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ	୨୫.୦୩.୨୦୧୯ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା।
ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ	୨୮.୦୩.୨୦୧୯, ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ମଧ୍ୟରେ
ବିଡ୍ ବୃଦ୍ଧି ପରିମାଣ	ଟ.୧୦,୦୦୦/-

ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ

କ୍ର. ନଂ.	ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ	ସମ୍ପତ୍ତିଗୁଡ଼ିକର ବିବରଣୀ (ଉପଲବ୍ଧ ବିବରଣୀ ଅନୁଯାୟୀ)	ସମୁଦାୟ ବକେୟା/ ଦଖଲ ନୋଟିସ୍‌ର ତାରିଖ	ସଂରକ୍ଷିତ ମୂଲ୍ୟ /ଅମାନତ ରାଶି
୧.	ଋଣଗ୍ରହୀତା: ମେସର୍ସ କ୍ରିଷ୍ଣା ଲେଡିଜ କର୍ଣ୍ଣର, ସ୍ୱତ୍ୱାଧିକାରୀ: ତ୍ରିଲୋଚନ ପରିଡା/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ କ୍ରିଷ୍ଣାଞ୍ଜଳୀ ପରିଡା	ଶ୍ରୀମତୀ କ୍ରିଷ୍ଣାଞ୍ଜଳୀ ପରିଡା, ସ୍ୱାମୀ: ତ୍ରିଲୋଚନ ପରିଡାଙ୍କ ନାମରେ ଖାଲି ଥିବା ବାସୋପଯୋଗୀ ପ୍ଲଟ୍ ଯାହାର ନଂ.: ୧୭୨୪/୩୬୯୯, ଜ୍ୟୋତ୍ସ୍ନା ବିହାର, ଫେଜ-୨, ପ୍ରତାପ ନଗରୀ, କଟକ, ପରିମିତ କ୍ଷେତ୍ର: ୧୦୦୧.୮୮ ବର୍ଗଫୁଟ, ଏହାର ଚରିପାର୍ଶ୍ୱରେ ଉତ୍ତର: ସବ-ପ୍ଲଟ୍ ନଂ.: ୧୩୬, ପୂର୍ବ: ସବ୍ ପ୍ଲଟ୍ ନଂ.: ୧୫୭, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୧୫୮/୧	୩୧.୦୧.୨୦୧୯ ସୁଦ୍ଧା ଟ.୧୩,୭୯,୯୫୬/- /୦୧.୧୧.୨୦୧୮	ଟ.୭.୨୦ଲକ୍ଷ / ଟ.୦.୭୨ଲକ୍ଷ
୨.	ଋଣଗ୍ରହୀତାମାନେ: ଶ୍ରୀ ଦୀପକ ତରାଇ ଏବଂ ଶ୍ରୀ କ୍ଷୀରୋଦ ପ୍ରସାଦ ତରାଇ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରଶ୍ମି ରେଖା ତରାଇ	ଶ୍ରୀ କ୍ଷୀରୋଦ ପ୍ରସାଦ ତରାଇଙ୍କ ନାମରେ ଥିବା ବ୍ୟବସାୟିକ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୬୨୫୫/୧୦୨୮୫, ମ୍ୟୁଟେସନ୍ ଖାତା ନଂ.: ୮୯୦/୧୪୧୪, ପୂର୍ବତନ ହାଲ ଖାତା ନଂ.: ୩୬୬, ପ୍ଲଟ୍ ନଂ.: ୬୨୫୫, ମୌଜା: କାଣ୍ଡସର, ତହସିଲ: ବଅଁରପାଳ, ଜିଲ୍ଲା: ଅନଗୁଳ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୦୭ଡିସିମିଲି ଏବଂ ସେଠାରେ ଥିବା ସମସ୍ତ ନିର୍ମାଣ, ଏହାର ଚରିପାର୍ଶ୍ୱରେ ଉତ୍ତର: ବିଷ୍ଣୁ ମହାକୁଡ, ପୂର୍ବ: ସର୍ବସାଧାରଣ ରାସ୍ତା, ଦକ୍ଷିଣ: ରାସ୍ତା ଏନ୍‌ଏଚ୍-୫୫, ପଶ୍ଚିମ: ବିଷ୍ଣୁ ମହାକୁଡ ଏବଂ ଅନ୍ୟମାନେ	୩୧.୦୧.୨୦୧୯ ସୁଦ୍ଧା ଟ.୧୭,୫୦,୧୧୮/- /୧୯.୧୧.୨୦୧୮	ଟ.୮.୫୦ଲକ୍ଷ / ଟ.୦.୮୫ଲକ୍ଷ
୩.	ଋଣଗ୍ରହୀତାମାନେ: ଶ୍ରୀ କ୍ଷୀରୋଦ ପ୍ରସାଦ ତରାଇ ଏବଂ ଶ୍ରୀ ସୁଶାନ୍ତ ବିଶ୍ୱାଳ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅଞ୍ଜନା ବିଶ୍ୱାଳ	ଶ୍ରୀ ସୁଶାନ୍ତ ବିଶ୍ୱାଳ ଏବଂ ଶ୍ରୀମତୀ ଅଞ୍ଜନା ବିଶ୍ୱାଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫୦, ଖାତା ନଂ.: ୧୨୦୫/୬୬୧, ଶଙ୍କରପୁର, ଡ଼ିଅସାହି, ଅରୁଣୋଦୟ ମାର୍କେଟ, କଟକ, ପରିମିତ କ୍ଷେତ୍ର: ଏକର୦.୦୫୫ଡିସିମିଲି ଏବଂ ସେଠାରେ ଥିବା ସମସ୍ତ ନିର୍ମାଣ, ଏହାର ଚରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ଅଚ୍ୟୁତ ପଣ୍ଡା, ଦକ୍ଷିଣ: ଯୋଗୀ ରାଉତ, ପଶ୍ଚିମ: ଅଖୁ ରାଉତ, ପୂର୍ବ: ଅଚ୍ୟୁତ ପଣ୍ଡା	୩୧.୦୧.୨୦୧୯ ସୁଦ୍ଧା ଟ.୧୬,୩୮,୨୧୪/- /୧୨.୦୧.୨୦୧୯	ଟ.୩୮.୦୦ଲକ୍ଷ / ଟ.୩.୮୦ଲକ୍ଷ

ଅମାନତ ରାଶି ଦାଖଲର ବିବରଣୀ: ଆକାଉଣ୍ଟ ନଂ.: ୦୩୪୩୧୧୦୦୦୦୧୩୭୮, ଆକାଉଣ୍ଟର ନାମ: PUNJAB AND SIND BANK EMD A/C, ହିତାଧିକାରୀଙ୍କ ନାମ: ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ଏବଂ IFSC Code: PSIB0000343
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ପ୍ରଦତ୍ତ ଲିଙ୍କ୍ www.psbindia.com ଏବଂ www.bankeauctions.com, ଇ-ମେଲ୍: support@bankeauctions.com ଦେଖନ୍ତୁ।
ଏହି ନୋଟିସଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ୩୦ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଭାବେ ବିବେଚନା କରାଯିବ।
ସ୍ଥାନ: କଟକ, ତାରିଖ:୧୪.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ମୋ.: ୯୦୦୭୩୮୨୪୬୭

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି

ଟେଣ୍ଡର ବିଜ୍ଞପ୍ତି ସଂ. CCM30HIRINGOF VEHICLECOMML

କାର୍ଯ୍ୟର ନାମ : 36 (ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ପ୍ରମୁଖ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ କାର୍ଯ୍ୟାଳୟର ଅଧିକାରୀମାନଙ୍କ ବ୍ୟବହାର ନିମନ୍ତେ ଧଳାରଙ୍ଗକୁ ଅଗ୍ରାଧିକାର ଭିତ୍ତିରେ 03 ଏସି ଟାଟା ଇଣ୍ଡିଗୋ / ଏସି ଟାଟା ମାଞ୍ଜା / ଏସି ଫୋର୍ଡ଼ ଆଇକନ/ ଏସି ମାରୁତି ସୁଜୁକି ସ୍ୱିଫ୍ଟ ଡିଜାୟର / ଏଷ୍ଟିମ୍, 04 ନନ୍-ଏସି ଟାଟା ସୁମୋ / ବୋଲେରୋ ଏବଂ 01 ନନ୍-ଏସି ଇଣ୍ଡିକା / ସାଣ୍ଟ୍ରୋ / ୱାଗନ-ଆର / ଏଷ୍ଟିଲୋ / ସେଲେରିଓ ଗାଡ଼ି ଭଡ଼ା ସୂତ୍ରରେ ନେବା।

ଟେଣ୍ଡର ମୂଲ୍ୟ : ₹1,02,57,045.14, **EMD :** ₹2,01,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹5,900/-, କାର୍ଯ୍ୟ ସମାପ୍ତିର ଅବଧି : 36 (ଛତିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.03.2019ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଦ୍ରଷ୍ଟବ୍ୟ : ପ୍ରତ୍ୟାଶିତ ଟେଣ୍ଡର ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ବନ୍ଦ ହେବାର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃ ଅବଲୋକନ କରନ୍ତୁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ପ୍ରମୁଖ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ, ଭୁବନେଶ୍ୱର
PR-475/J/18-19

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି

ଇ-ଟେଣ୍ଡର ବିଜ୍ଞପ୍ତି ସଂ. RPF-KUR- HOV-SrDSC-06-2018, ତା.11.02.2019 ରିଖ

କାର୍ଯ୍ୟର ନାମ : 03 ବର୍ଷ (36 ମାସ) ସମୟାବଧି ନିମନ୍ତେ ନିୟମିତ ଯାଞ୍ଚ, ଅପରାଧ ନିୟନ୍ତ୍ରଣ, ଉପଯୁକ୍ତ ତଦାରଖ, ରେଳ ରୋକ, ବିକ୍ଷୋଭ ସ୍ଥଳ, ବିଭିନ୍ନ ଆଇନ୍‌କାନୁନ୍ ସମ୍ବନ୍ଧୀୟ ସମସ୍ୟା, ରେଳବାଇ କାର୍ଯ୍ୟରେ ଉପୁଜୁଥିବା ବାଧା ଓ ହସ୍ତକ୍ଷେପ ସ୍ଥଳରେ ପହଞ୍ଚିବା ପାଇଁ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ ଡ୍ୟୁଟି ଇତ୍ୟାଦି ନିମନ୍ତେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ / ରେଳ ସୁରକ୍ଷା ବଳ (RPF) / ଖୋର୍ଦ୍ଧା ରୋଡ଼ଙ୍କ ବ୍ୟବହାର ନିମନ୍ତେ ନିୟମିତ ଆଧାରରେ ଚାଳକ ସହିତ 01 ସଂଖ୍ୟକ ଚାରିଚକିଆ ବହୁ ଉପଯୋଗୀ ଗାଡ଼ି (MUV) ନନ୍ ଏସି (ଟାଟା ସୁମୋ / ବୋଲେରୋ କିମ୍ବା ଅନୁରୂପ) ଗାଡ଼ି ଭଡ଼ା ସୂତ୍ରରେ ନେବା।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 18,15,013/-, **EMD (ଟଙ୍କାରେ)** : 36,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ସମାପ୍ତିର ଅବଧି : 3 ବର୍ଷ (ଛତିଶି ମାସ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.03.2019ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଦ୍ରଷ୍ଟବ୍ୟ : ପ୍ରତ୍ୟାଶିତ ଟେଣ୍ଡର ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ବନ୍ଦ ହେବାର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃ ଅବଲୋକନ କରନ୍ତୁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ, ରେଳ ସୁରକ୍ଷା ବଳ ଖୋର୍ଦ୍ଧା ରୋଡ଼
PR-473/J/18-19

CLASSIFIED DISPLAY

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

	SIZE	COLOR	B/W
For 15 insertions	6 × 8	40,000	35,000
8 insertions in a month	6 × 8	20,000	18,000
4 insertions in a month	6 × 8	11,000	10,000
Single day	6 × 8	2,800	2,500

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ମହାରାଷ୍ଟ୍ରର ପାଲ୍‌ଘର ଜିଲା ପୋଲିସ ଭାସାଇ ଅଞ୍ଚଳରେ ପ୍ରଚୁର ପରିମାଣର ଅପମିଶ୍ରିତ ପନିର, ବଟର ଜବତ କରିଛି। ବୁଧବାର ଓ ଗୁରୁବାର ସାଇନାଥ ଏବଂ ଅଜୟ ଡାଇରିଜ୍‌ରେ ଚଢ଼ାଉ କରାଯାଇଥିବା ଅତିରିକ୍ତ ଏସ୍‌ପି ବିଜୟକାନ୍ତ ସାଗର ସୂଚନା ଦେଇଛନ୍ତି।

ସଂକ୍ଷେପରେ

୧୮ରୁ ଆଇସିଜେରେ କୁଳଭୂଷଣଙ୍କ ମାମଲାର ଶୁଣାଣି

ନୂଆଦିଲ୍ଲୀ,୧୪।୨- ହଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ବହୁଚର୍ଚ୍ଚିତ କୁଳଭୂଷଣ ଯାଦବ ମାମଲାର ଶୁଣାଣି ଆସନ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ କରିବାକୁ ଯାଉଛି। ଆତଙ୍କବାଦ ଓ ଗୁପ୍ତଚର ବୃତ୍ତି ଅଭିଯୋଗରେ ଭାରତୀୟ ନାଗରିକ କୁଳଭୂଷଣ(୪୮)ଙ୍କୁ ପାକିସ୍ତାନର ସାମରିକ ଅଦାଲତ ୨୦୧୭ ଏପ୍ରିଲ୍‌ରେ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। ସାମରିକ କୋର୍ଟଙ୍କ ରାୟ ବିରୋଧରେ ଭାରତ ପକ୍ଷରୁ ସେହିବର୍ଷ ମେ' ମାସରେ ଆଇସିଜେରେ ଆବେଦନ କରାଯାଇଥିଲା। ଆଇସିଜେରେ ମାମଲା ବିଚାରାଧୀନ ଥିବାରୁ କୁଳଭୂଷଣଙ୍କ ମୃତ୍ୟୁଦଣ୍ଡାଦେଶ ଉପରେ ଏହାର ୧୦ ଜଣିଆ ଖଣ୍ଡପୀଠ ଅଙ୍କୁଶ ଲଗାଇଥିଲା।

କେନ୍ଦ୍ରାପଡ଼ା ସବ୍‌ଜେଲରେ କଏଦୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ, ୧୪।୨-କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାରିମୂଳସ୍ଥିତ ସବଜେଲର ବିଚାରାଧୀନ କଏଦୀ ଧୀରେନ ବେହେରା (୪୯)ଙ୍କର ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏ ନେଇ ସଦର ଥାନାରେ ୨/୧୯ ନଂ.ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇ କହିଛନ୍ତି, ଧୀରେନଙ୍କ ଗ୍ରାମ ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଲୀପଙ୍କ ଗ୍ରାମରେ। ୨୦୧୬ ମେ ୧୧ରେ ଜନୈକା ନାବାଳିକାଙ୍କୁ ସେ ବଳାତ୍କାର କରିଥିବା ଅଭିଯୋଗରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ମୃତ୍ୟୁ ସମ୍ପର୍କରେ ଜେଲର ସରୋଜ ବିଶ୍ୱାଳ କୁହନ୍ତି, ରାତି ପ୍ରାୟ ୩ଟା ବେଳେ ଧୀରେନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏଥିପାଇଁ ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି।

କୋଟପାଡ଼ ଉପକାରାଗାରରୁ କଏଦୀ ଚମ୍ପଟ

କୋଟପାଡ଼,୧୪।୨(ଡି.ଏନ୍‌.ଏ.): କୋରାପୁଟ ଜିଲା କୋଟପାଡ଼ ଉପକାରାଗାରରୁ ଗୁରୁବାର ଜଣେ କଏଦୀ ଚମ୍ପଟ ମାରିଛନ୍ତି। ଫେରାର୍ ଥିବା କଏଦୀ ନବରଙ୍ଗପୁର ଜିଲା କଟେଙ୍ଗା ଅଞ୍ଚଳର ମୋତିସିଂହ ଚାଲାଣ(୫୭)। ସେ ନିଜ ପୁଅ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଉକ୍ତ ଉପକାରାଗାରରେ ୧୦ ବର୍ଷ ସଜା କାଟୁଛନ୍ତି। ୨୧।୧।୨୦୨୨ରେ ତାଙ୍କର ଜେଲଦଣ୍ଡ ଶେଷ ହେବ। ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ୫ ଜଣ କଏଦୀ ଜେଲ କୋଠରି ବାହାରକୁ ବଗିଚା ସଫା କରିବା ପାଇଁ ଯାଇଥିଲେ। କାମ ଶେଷକରି ୪ ଜଣ ଜେଲ୍ କୋଠରିକୁ ଫେରିଥିବାବେଳେ ଜଣେ ଫେରି ନ ଥିଲେ। ଜେଲ କର୍ମଚାରୀ ଏବଂ ୪ ଜଣ କଏଦୀଙ୍କୁ ପଚରାଉଚରା କରାଯାଇଥିଲେ ମଧ୍ୟ ସେମାନେ ଜାଣି ନ ଥିବା କହିଥିଲେ। ଏନେଇ କୋଟପାଡ଼ ଥାନାରେ ଏତଲା ଦିଆଯାଇଛି। ମୋତିସିଂହ କେବେ ଜେଲ୍‌ରେ ବିଶୃଙ୍ଖଳା କରି ନ ଥିଲେ , ବେଳେବେଳେ ମାନସିକ ବିକୃତଙ୍କ ଭଳି ବ୍ୟବହାର କରୁଥିବା ଉପାକାରଗାର ସୁପରିଣ୍ଟେଣ୍ଡେଣ୍ଟ ଶୁକ୍ରୁ ଭୋଇ କହିଛନ୍ତି। ଏବେ ଉକ୍ତ ଉପକାରାଗାରରେ ୨୪ ଜଣ କଏଦୀ ରହୁଛନ୍ତି। ପୂର୍ବରୁ ଏଠାରେ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। କଏଦୀମାନଙ୍କୁ ନେଇ ବାହାର କାର୍ଯ୍ୟରେ ଲଗାଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

■ ଋଣ ଶୁଝିପାରୁନି ଆଇଏଲ୍‌ଆଣ୍ଡଏଫ୍‌ଏସ୍

ବୁଡ଼ିଯିବାକୁ ବସିଛି ୨୦ ହଜାର କୋଟିର ପିଏଫ୍ ଅର୍ଥ

ନୂଆଦିଲ୍ଲୀ,୧୪।୨

ପ୍ରାୟ ୯୧ ହଜାର କୋଟି ଟଙ୍କାର ଋଣରେ ବୁଡିରହିଥିବା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ବକେୟା ଫେରସ୍ତ ଦେବା ସ୍ଥିତିରେ ନାହିଁ। ଲକ୍ଷଲକ୍ଷ ମଧ୍ୟବିତ୍ତ ବେତନଭୋଗୀଙ୍କ ପେନସନ ଓ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଥକୁ ବହୁ ପ୍ରୋଭିଡେଣ୍ଟ ଓ ପେନ୍‌ସନ ଫଣ୍ଡ ଟ୍ରଷ୍ଟ ଏହି ଗ୍ରୁପ୍ କମ୍ପାନୀରେ ନିବେଶ କରି ଏବେ ଫସିଯାଇଛନ୍ତି। ସେମାନଙ୍କର ପ୍ରାୟ ୨୦ ହଜାର କୋଟି ଟଙ୍କା ଏବେ ବୁଡ଼ି ଯିବାକୁ ବସିଛି। ଏହି କାରଣରୁ ସେମାନେ ବକେୟା ରାଶି ଫେରସ୍ତ ପ୍ରକ୍ରିୟାକୁ ନେଇ ଚିନ୍ତାବ୍ୟକ୍ତ କରି ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲରେ ଆବେଦନ କରିଛନ୍ତି ଏବଂ ଏଥିରେ ଯଥାଶୀଘ୍ର ହସ୍ତକ୍ଷେପ ପ୍ରାର୍ଥନା କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଏମଏମଟିସି, ଇଣ୍ଡିଆନ ଅଏଲ, ସିଡକୋ, ହୁଡକୋ, ଆଇଡିବିଆଇ, ଏସ୍‌ବିଆଇ ଏବଂ ହିମାଚଳ ପ୍ରଦେଶ ଗୁଜରାଟ ଇଲେକ୍ଟ୍ରିସିଟି ବୋର୍ଡ ସମେତ ବହୁ କମ୍ପାନୀର ପିଏଫ ଟ୍ରଷ୍ଟ ପକ୍ଷରୁ ଆବେଦନ କରାଯାଇଛି। ସେମାନେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ(ଆଇବିସି)ର ଧାରା ୫୩ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଧାରା ଅନୁଯାୟୀ ବିକ୍ରି ଲବ୍ଧ ଅର୍ଥକୁ ୱାଟରଫଲ୍ ସିଷ୍ଟମ ଅନୁଯାୟୀ ବଣ୍ଟାଯାଇଥାଏ। ଅର୍ଥାତ ସବୁଠାରୁ ବଡ଼ ନିବେଶକ ଏବଂ ସୁରକ୍ଷିତ ଋଣପ୍ରଦାନକାରୀଙ୍କୁ ପ୍ରଥମେ ଋଣ ଅର୍ଥ ଫେରସ୍ତ ଦିଆଯାଏ। ଶେଷରେ ଆନୁଷଙ୍ଗିକ ଋଣ ପ୍ରଦାନକାରୀଙ୍କ ଆବେଦନକୁ ବିଚାରକୁ ନିଆଯାଏ। ଆବେଦନ ଦାଏର କରିବାର ଶେଷ ତାରିଖ ମାର୍ଚ୍ଚ ୧୨ ଧାର୍ଯ୍ୟ କରାଯାଇଛି। ପ୍ରାୟ ୧୪ ଲକ୍ଷ ଚାକିରିଆଙ୍କ ପେନସନ ଫଣ୍ଡ ପରିଚାଳନା କରୁଥିବା ୫୦ରୁ ଊର୍ଦ୍ଧ୍ୱ ଫଣ୍ଡ ଏବେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସହ ସମ୍ପର୍କ ରକ୍ଷା କରିଛନ୍ତି। ଏହି ଗ୍ରୁପ୍‌ର ୩୦୨ କମ୍ପାନୀ ମଧ୍ୟରୁ ୧୬୯ ଭାରତୀୟ କମ୍ପାନୀ ରହିଛି।

ଗ୍ରୁପ୍ ପକ୍ଷରୁ ଏଗୁଡ଼ିକୁ ୩ ଟି ଶ୍ରେଣୀ ଗ୍ରୀନ, ଅମ୍ବର ଓ ରେଡରେ ବଣ୍ଟାଯାଇଛି। ୨୨ କମ୍ପାନୀ ଗ୍ରୀନ, ୧୦ ଅମ୍ବର ଓ ଅବଶିଷ୍ଟ ୩୮ କମ୍ପାନୀକୁ ରେଡ୍ ଶ୍ରେଣୀରେ ରଖାଯାଇଛି। ରେଡକୁ ଛାଡ଼ି ଦେଲେ ଅନ୍ୟ ଦୁଇ ଶ୍ରେଣୀର କମ୍ପାନୀ ବକେୟା ଶୁଝିପାରିବେ। ତେବେ ସୁରକ୍ଷିତ ଋଣପ୍ରଦାନକାରୀ ଭାବେ ବ୍ୟାଙ୍କଗୁଡ଼ିକ ପ୍ରଥମେ ସେମାନଙ୍କ ପୁଞ୍ଜି ଫେରିପାଇବାକୁ ଯାଉଛନ୍ତି। ସୂଚନାଥାଉ କି, ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ୫୦.୫%, ୟୁଟିଆଇର ୩୦.୫%, ଏଲ୍‌ଆଇସିର ୨୬.୦୧%, ଜାପାନର ଓରିକ୍ସ କର୍ପୋରେଶନର ୨୩.୫୪%, ଆବୁଧାବୀ ଇନଭେଷ୍ଟମେଣ୍ଟ ଅଥରିଟିର ୧୨.୫%, ଏଚ୍‌ଡିଏଫ୍‌ସିର ୯.୦୨% ଏବଂ ଏସ୍‌ବିଆଇର ୬.୪୨% ଅଂଶଧନ ରହିଛି।

ଯୋଗୀ ସରକାରରୁ ରାଜଭରଙ୍କ ଇସ୍ତଫା

ଲକ୍ଷ୍ନୌ,୧୪।୨- ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀ ଥିବା ଓମ୍ ପ୍ରକାଶ ରାଜଭର ଗୁରୁବାର ଇସ୍ତଫା ଦେଇଛନ୍ତି। ସେ ଭାଜପା ସହ ମେଣ୍ଟରୁ ଓହରିଯିବେ ବୋଲି ପୂର୍ବରୁ ଧମକ ଦେଇଥିଲେ। ସାମାଜିକ ନ୍ୟାୟ କମିଟି ସୁପାରିସ କାର୍ଯ୍ୟକାରୀ ନ ହେଲେ ସେ ଭାଜପା ମେଣ୍ଟରୁ ଓହରିଯାଇ ବିରୋଧୀ ଏସ୍‌ପି-ବିଏସ୍‌ପି ମେଣ୍ଟରେ ସାମିଲ ହେବେ ବୋଲି ସୁହେଲଦେବ ଭାରତୀୟ ସମାଜ ପାର୍ଟି(ଏସବିଏସପି)ର ସାଧାରଣ ସମ୍ପାଦକ ରାଜଭର ପୂର୍ବରୁ କହିଥିଲେ।

ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ଘୋଷଣା ତାରିଖ ପାଖେଇ ଆସୁଛି। କେନ୍ଦ୍ର ହେଉ କି ରାଜ୍ୟ, ପ୍ରଶାସନିକ ସ୍ତରରେ ଅଦଳବଦଳ ଜାରି ରହିଛି। ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ସ୍ତରରେ ଅଦଳବଦଳ ନିତିଦିନିଆ କଥା ହୋଇଗଲାଣି। ସେହି କ୍ରମରେ ଗୁରୁବାର ଓଏଏସ୍ ସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ ବିଡିଏ ଏନ୍‌ଫୋର୍ସମେଣ୍ଟ ସଦସ୍ୟ ଥିବା ଭବାନୀ ଶଙ୍କର ଚଇନି ସେହି ସ୍ଥାନରେ ସଚିବ ଭାବେ କାର୍ଯ୍ୟ କରିବେ। ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ସୁଦର୍ଶନ ପରିଡା ଗ୍ରାମ ଉନ୍ନୟନ ବିଭାଗର ରାସ୍ତା ବ୍ୟାପାର ଏଜେନ୍ସି(ଓଆରଆରଏ)ର ନିର୍ଦ୍ଦେଶ ଭାବେ ବଦଳି ହୋଇଛନ୍ତି। ଜିଏ ବିଭାଗର ଭୂମି ଅଧିକାରୀ ଗଞ୍ଜାମ ଜିଲାର ଏଡିଏମ୍, ବିଜୟ କୁମାର ଦାଶ ବିଡିଏ ଏନ୍‌ଫୋର୍ସମେଣ୍ଟର ଅତିରିକ୍ତ କମିଶନର, ମାନସ ରଞ୍ଜନ ପାଢୀ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ, ପୀତାମ୍ବର ସାମଲ ଭଦ୍ରକ ଉପଜିଲାପାଳ ଭାବେ ବଦଳି ହୋଇଛନ୍ତି। ସେହିପରି ସୁଚାରୁ କୁମାର ବଳ କନ୍ଧମାଳ ଉପଜିଲାପାଳ, କ୍ଷୀରୋଦ ପ୍ରଧାନ ଡେଲାଙ୍ଗ ବିଡିଓ ଏବଂ ସୁମିତା ସିଂ କେନ୍ଦୁଝର ଜିଲା ଯୋଡା ବିଡିଓ ଭାବେ ନୂଆ ଦାୟିତ୍ୱ ପାଇଛନ୍ତି।

ଅପରପକ୍ଷରେ ଶାନ୍ତନୁ କୁମାର ମହାନ୍ତି ଭୁବନେଶ୍ୱର ବିଡିଓ, ସଚ୍ଚିଦାନନ୍ଦ ନାୟକ ଛତ୍ରପୁର ଉପଜିଲାପାଳ, ମଧୁଛନ୍ଦା ସାହୁ ନୂଆପଡା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ବସନ୍ତ କୁମାର ମାଝୀ ଢେଙ୍କାନାଳ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ସୁମିତ୍ରା ଜେନା କଟକସ୍ଥିତ ରାଜସ୍ୱ ପର୍ଷଦର ଉପ ସଚିବ ଭାବେ ବଦଳି ହୋଇଛନ୍ତି।

ପରିକଳ୍ପନାରେ ସୀମିତ ଜଳସେଚନ

ଯାଜପୁର ଅଫିସ,୧୪।୨

୩୫ ପ୍ରତିଶତ କୃଷି କ୍ଷେତ୍ରକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ସରକାର ଯେଉଁ ଘୋଷଣା କରିଥିଲେ, ତାହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ଜିଲାର ମୋଟ ୧,୪୫,୪୫୦ ହେକ୍ଟର ଚାଷ ଜମିରୁ ଏଯାବତ୍ ଖରିଫରେ ୬୬ ହଜାର ଓ ରବି ଋତୁରେ ପ୍ରାୟ ୩୫ ହଜାର ହେକ୍ଟର ଜମିରେ ଜଳସେଚିତ ହେଉଥିବା ବିଭାଗୀୟ ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ ବାସ୍ତବରେ ଦେଖିଲେ ମାତ୍ର ୨୫ହଜାର ହେକ୍ଟର ଜମିରେ ଜଳସେଚନ ହେଉଥିବା ସୂଚନା ମିଳିଛି। ୮ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲାରେ ମେଗା ଉଠାଜଳସେଚନ ପ୍ରକଳ୍ପ ପରିକଳ୍ପନାରେ ସୀମିତ ରହିଯାଇଛି। ମାତ୍ର ୧୦ପ୍ରତିଶତ କାର୍ଯ୍ୟ ବି ଆଗେଇ ପାରିନାହିଁ। ଏସବୁକୁ ଦେଖିଲେ ସରକାରଙ୍କ ପ୍ରତିଶ୍ରୁତି ଏକ ପ୍ରକାର ଧୂଆଁବାଣ ସଦୃଶ ବୋଲି ଚାଷୀ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ନଦୀ ଅବବାହିକାରୁ ଉଚ୍ଚ ଚାଷଜମିକୁ ଜଳସେଚନ କରିବାକୁ ରାଜ୍ୟ ସରକାର ୨୦୧୧-୧୨ଆର୍ଥିକ ବର୍ଷରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିରେ ଯାଜପୁର ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରବାହିତ କେଲୁଅ, ବିରୂପା, ତଣ୍ଟିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଥିଲା। ଏହା ଜଣା ପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିଲା। ହେଲେ ପ୍ରକଳ୍ପ ଅଗ୍ରଗତିରେ ମନ୍ଥରତା ଚାଷୀଙ୍କ ଆଶାକୁ ଧୂଳିସାତ କରିଛି। ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ରସୁଲପୁର ବ୍ଲକର ଖରସ୍ରୋତା ନଦୀରୁ ପ୍ରସ୍ତାବିତ ତୁଳସୀପୁର ଓ ରାଉତରାପୁର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ୧୦ପ୍ରତିଶତ ବି ହୋଇପାରି ନାହିଁ । ରାଜ୍ୟ ଜଳ ସମ୍ପଦ ବିଭାଗ ଅଧୀନସ୍ଥ ମେଗା ଉଠା ଜଳସେଚନ ୟୁନିଟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୨୦୦୦ହେକ୍ଟର, ବରୀ ନିର୍ବାଚନ ମଣ୍ଡଳୀର ୩,୭୦୦ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନ ମଣ୍ଡଳୀର ୧୭୦୦ ହେକ୍ଟର ଜମିରେ ଜଳସେଚନର ପ୍ରସ୍ତାବ ରହିଛି। ହେଲେ କିଛି ଦୂର ପର୍ଯ୍ୟନ୍ତ ପାଇପ ବିଛା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଛିଣ୍ଡା-ଖରସ୍ରୋତା ନଦୀକୂଳ ଟିକରପଡ଼ାରେ ନିର୍ମାଣାଧୀନ ଷ୍ଟ୍ରକ୍ଚର କାର୍ଯ୍ୟ ଅଧାରେ ଲାଖିଛି। ଅନ୍ୟପକ୍ଷେ ଦର୍କୁଣ୍ଡି, ଟିକରପଡ଼ା, ଭଗୀରଥପୁର ଆଦି ଗ୍ରାମର ଚାଷୀଙ୍କ ଜମିରେ ବଡ଼ ବଡ଼ ପାଇପ ପଡ଼ି ରହିଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ତୁଳସୀପୁରଠାରେ ନିର୍ମାଣାଧୀନ ପ୍ରକଳ୍ପରୁ ଶ୍ରୀବନ୍ତପୁର, କାଣ୍ଡସରା, କାନପୁର, ଦିଆନଛକ, ଟିକରପଡ଼ା, କୁଜିବର, ଦରକୁଣ୍ଡି, ନଗୁଆଁ, ତୁଳସିପୁର, ଗନ୍ଧଣ, ମସୁରପୁର, ବ୍ରାହ୍ମଣ ନରସିଂହପୁର, ଭଗୀରଥପୁର, ସାରଙ୍ଗପୁର, ପହଁଗା, ବାଉଁଶଅଣ୍ଡା, ଲଖନପୁର, ଖଣ୍ଡାସ, ବାରଲାଙ୍ଗି, ଭଗତଭଗବାନ, ଜାବରା, ଆଦମପୁର, ନଠୁଆବର, କୋରକରା ପ୍ରଭୃତି ଗାଁର ଜମିକୁ ଜଳ ଯୋଗାଇ ଦିଆଯିବ ବୋଲି ଚାଷୀ ମହଲରେ ଆଶା ରହିଛି। ସେହିପରି ରାଉତରାପୁରଠାରେ ସ୍ଥାପନ ହେଉଥିବା ଉଠାଜଳସେଚନ ପ୍ରକଳ୍ପରୁ କୋରେଇ ବ୍ଲକର ବଡ଼ଟିକିରା, ଦାସଗଡ଼ିଆ, ଖଇରାବାଦ, ନହନ୍ଦା, କୁରୁପଦା, ବ୍ରାହ୍ମଣବାଡ଼, ଶାଳପଡ଼ା, ସୋଡି, ରାମପୁରଶଗଡ଼ି, ଗୋଳେଇପୁର, ବଡ଼ବିରୁଆଁ, ସୋଲପଟା ବ୍ରହ୍ମପୁର, ନାଉଡ଼ପୁର, ନୂଆପାଟଣା, ବେଙ୍ଗବାଧବାପୁର, ଆମ୍ବତଳ, ବରେଇ, ତଣ୍ଡରା ଓ ରସୁଲପୁର ବ୍ଲକରୁ ରାଉତରାପୁର, ରାଧାନଗର, ପହଁଗା, ଲକ୍ଷ୍ମୀନଗର, କୃଷ୍ଣନଗର ପ୍ରଭୃତି ଗ୍ରାମର ଚାଷୀ ଉପକୃତ ହେବେ। ହେଲେ କାର୍ଯ୍ୟ ଆରମ୍ଭ ହେବାର ୪ବର୍ଷ ପରେ ବି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏହି ଅଞ୍ଚଳର ଚାଷଜମିରେ ଜଳସେଚନର ସୁବିଧା ନ ଥିଲେ ମଧ୍ୟ ନିଜ ଉଦ୍ୟମରେ ଚାଷୀମାନେ ବିଭିନ୍ନ ଜଳଉତ୍ସ ସହାୟତାରେ ବ୍ୟାପକ ରବିଫସଲ ତଥା ପନିପରିବା ଚାଷ କରି ଦୁଇ ପଇସା ରୋଜଗାର କରିଥାନ୍ତି। ଏ ସମ୍ପର୍କରେ ଭଗୀରଥପୁରର ଚାଷୀ ରବୀନ୍ଦ୍ର ବେହେରା ଓ ଅମୂଲ୍ୟ ପରିଡ଼ା କୁହନ୍ତି, ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚାଷୀ ସବୁକ୍ଷେତ୍ରରେ ଲାଭବାନ ହୋଇପାରିବେ। କିନ୍ତୁ କାର୍ଯ୍ୟର ଅଗ୍ରଗତିକୁ ଦେଖିଲେ ଜଳସେଚନ ଆଶା ମଉଳି ଯାଉଛି। ଅନ୍ୟପକ୍ଷେ ପୂର୍ବରୁ ହେଉଥିବା ଜଳସେଚନ ଜମିର ପରିମାଣ ମଧ୍ୟ ବୃଦ୍ଧି ହେଉ ନାହିଁ। ଖରିଫ ଋତୁରେ ବୃହତ୍ ଜଳସେଚନ ୨୪,୦୫୫ ହେକ୍ଟର, କ୍ଷୁଦ୍ରଜଳସେଚନ ୬,୭୨୬ ହେକ୍ଟର, ଉଠାଜଳସେଚନରେ ୧୪,୦୯୪ ହେକ୍ଟର, ବୋରୱେଲ ୧୮,୦୦୦, ଡଗୱେଲ ୮୦୦, ୱାଟର ହାର୍ଭେଷ୍ଟିଂ ସିଷ୍ଟମରେ ୩୯୩, ଅନ୍ୟାନ୍ୟରେ ୧୯୦୦ ହେକ୍ଟର ଜମିରେ ପାଣି ମାଡୁଥିବା ବିଭାଗ ପକ୍ଷରୁ ଦାବି ହେଉଛି। ହେଲେ ବାସ୍ତବରେ ଏହାର ଏକ ତୃତୀୟାଂଶରୁ କମ୍ ଜମିରେ ଜଳସେଚନ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ରବି ଋତୁରେ ପ୍ରାୟ ୩୧ ହଜାର ହେକ୍ଟର ଜମିରେ ପାଣି ମାଡୁଛି ବୋଲି ବିଭାଗ ପକ୍ଷରୁ ତଥ୍ୟ ଦିଆଯାଉଥିଲେ ସୁଦ୍ଧା ଅନୁରୂପ ଭାବେ ତାହାର ଅଧା ଜମିରେ ପାଣି ମାଡୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଜାରକା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ବାମାପଦ ବିଶ୍ୱାଳଙ୍କୁ ପଚାରିବାରୁ ୫୩କି.ମି. ଲମ୍ବା ହାଇଲେଭଲ କେନାଲ ରେଞ୍ଜ-୧ ଦ୍ୱାରା ନିର୍ଦ୍ଧାରିତ ୯,୦୪୭ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ପୂରଣ ହୋଇଛି । ତେବେ ଅନ୍ୟାନ୍ୟ ବିଭାଗର ରିପୋର୍ଟ ତାଙ୍କ ପାଖରେ ନାହିଁ ବୋଲି କହିଛନ୍ତି।

■ ଜିଲାର ୯ ପ୍ରକଳ୍ପରେ ୧୨,୮୦୦ ହେକ୍ଟର ଜମିରେ ଜଳସେଚନ ପ୍ରସ୍ତାବ

■ ୧୦ ପ୍ରତିଶତରେ ଅଟକିଛି ୫୦୦ କୋଟି ଟଙ୍କାର ମେଗା ଉଠାଜଳସେଚନ ପ୍ରକଳ୍ପ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗରଜିଲା ମେଘ ବରଷେ ନାହିଁ,
ଭୁକିଲା କୁକୁର କାମୁଡ଼େ ନାହିଁ

ଯେଉଁମାନେ ତୁମ୍ଭି ତୋଫାନ ଭଳି କଥା କୁହନ୍ତି କଥାରେ କଥାରେ ଏସା କରିଦେବି-ତେସା କରିଦେବି ବୋଲି ବାହୁସ୍ଫୋଟ ମାରିହୁଅନ୍ତି ବାସ୍ତବରେ ସେମାନେ କିଛି କରିପାରି ନ ଥାନ୍ତି। ବାହାଦୁରି ଦେଖେଇବା କେବଳ ମାତ୍ର ସାର ହୋଇଥାଏ। ସେହିପରି ଟାଣକରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଗଲା କଥା ଗଲାଣି,
କିଆଁ ଲାଗିଛି ହଣାହଣି ।

ଯାହା ଘଟିଗଲାଣି ତାକୁ ଆଳ କରି ପରସ୍ପର ମଧ୍ୟରେ ହଣାହଣି, ମରାମରି ହେବାରେ ଲାଭ କିଛି ମିଳି ନ ଥାଏ। କଥାରେ ଅଛି, ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ତଥା ଅନ୍ୟକୁ ଦୋଷାରୋପ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ

-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ଏନ୍‌ଜିଟି ନିର୍ଦ୍ଦେଶକୁ ପ୍ରଶାସନର ବେଖାତିର

ସମ୍ବେଦନହୀନତାର ପରିଚୟ ଦେଉଛନ୍ତି ସରକାର

ଭୁବନେଶ୍ୱର, ୧୪।୨(ବ୍ୟୁରୋ):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରେ ବେଆଇନ ଖନନ ବିରୋଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ଓ ଜିଲା ପ୍ରଶାସନ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ କଲେନାହିଁ। ଡଙ୍କାରୀ ବେଆଇନ ଖନନ ଯୋଗୁ ପ୍ରଭାବିତ ହୋଇ କିଡ୍‌ନୀ, ଯକ୍ଷ୍ମା ଭଳି ମାରାତ୍ମକ ରୋଗରେ ପୀଡିତାଙ୍କୁ ସହାୟତା ଓ ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଏନ୍‌ଜିଟି ୨୫କୋଟି ଟଙ୍କା ବ୍ୟୟ କରିବାକୁ ରାଜ୍ୟ ସରକାରଙ୍କୁ ଚଳିତ ମାସ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଅର୍ଥ ଦାଖଲ ନ କରିବା ପୀଡିତା ଓ ପ୍ରଭାବିତ ଜନତାଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନହୀନତା ମନୋଭାବର ପରିଚୟ ଓ ଅସାଧୁ ଖଣି ମାଫିଆଙ୍କୁ ବଞ୍ଚାଇବାର ପ୍ରୟାସ ବୋଲି ସ୍ପଷ୍ଟ ହୋଇଥିବା ଭୁବନେଶ୍ୱରର ଲୋହିଆ ଏକାଡେମୀଠାରେ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା କହିଛନ୍ତି। ସେ କହିଛନ୍ତି ଯେ, ଏନ୍‌ଜିଟି ଆଦେଶ ଅନୁଯାୟୀ ଡଙ୍କାରୀ ବେଆଇନ ଖନନକୁ ବନ୍ଦ କରାଯିବା ସହ ଏହାକୁ ସଇରାତ ମୁକ୍ତ କରାଯାଇ ଏହି ଜମି ତୁରନ୍ତ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରାଯାଉ। ୬୫ଶହ କୋଟି ଟଙ୍କାର ପୁଞ୍ଜି ନିବେଶର ପ୍ରସ୍ତାବିତ ଭୂତଳ ତୈଳ ଭଣ୍ଡାର ସ୍ଥାପନ ପାଇଁ ରାସ୍ତା ସଫା କରାଯାଉ। ଏହା ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସଙ୍ଗେ ସଙ୍ଗେ ଧର୍ମଶାଳା ଅଞ୍ଚଳର ବେକାରିଙ୍କୁ କର୍ମ ନିଯୁକ୍ତି ମିଳିପାରିବ ବୋଲି ସର୍ବେଶ୍ୱର କହିଛନ୍ତି। ଏନ୍‌ଜିଟି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ସେଠାରେ ଚାଲିଥିବା ବେଆଇନ କ୍ରଶରକୁ ବନ୍ଦ କରିବା ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆସନ୍ତା ଦିନରେ ଏନେଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସର୍ବେଶ୍ୱର କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

ଭାଲେଣ୍ଟାଇନ୍ସ ଡେ'

ବିବାହ କଲେ ପ୍ରେମୀ ଯୁଗଳ

ଲୋଇସିଂହା, ୧୪।୨ (ଡି.ଏନ.ଏ.)

■ପ୍ରେମିକଙ୍କ ପରିବାର ଲୋକଙ୍କ ସମ୍ମତି ନ ଥିଲା

■ସତ୍ୟପାଠ ପରେ ଥାନାରେ ବିବାହ ହେଲା

ଗୁରୁବାର ଥିଲା ଭାଲେଣ୍ଟାଇନ୍ସ ଡେ ବା ବିଶ୍ୱ ପ୍ରେମ ଦିବସ। ଏହି ଦିବସକୁ ଆହୁରି ସ୍ମରଣୀୟ କରିଛନ୍ତି ପୁନମ ଓ ଗୁରୁଦେବ। ସାମାଜିକ ପ୍ରତିବନ୍ଧକକୁ ଖାତିର ନ କରି ଦୁହେଁ ବିବାହ କରିଛନ୍ତି। ପୋଲିସ ଉପସ୍ଥିତିରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଛି ।

ପୋଲିସ ସୂଚନା ମୁତାବକ, ଗତ କିଛିଦିନ ତଳେ ଲୋଇସିଂହା ଥାନା ଅଧୀନ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମର ପୁନମ ବାରିକ(୨୫) ଓ ଭାଲୁପାଲି ଗ୍ରାମର ଗୁରୁଦେବ ସୁନା(୨୩)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ଲୁଚାଛପା ସମ୍ପର୍କ ମଧ୍ୟରେ ଦିନ କାଟିଥିଲେ। ଉଭୟେ ଗୋଟିଏ ଜାତିର ହୋଇଥିବାରୁ ବୈଦିକ ରୀତିରେ ବିବାହ କରିବାକୁ ଦୁହେଁ ନିଷ୍ପତ୍ତି ନେଇଥିଲେ। ହେଲେ ଗୁରୁଦେବଙ୍କ ପରିବାର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ପୁନମ କିଛିଦିନ ତଳେ ଗୁରୁଦେବଙ୍କ ଘରକୁ ଯାଇଥିଲେ। ହେଲେ ଗୁରୁଦେବଙ୍କ ପରିବାର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପ୍ରାପ୍ତବୟସ୍କ ହୋଇଥିବାରୁ ଉଭୟେ ଲୋଇସିଂହା ଥାନାକୁ ଯାଇ ବିବାହ କରିବାକୁ ପୋଲିସର ସାହାଯ୍ୟ ଲୋଡିଥିଲେ। ପୋଲିସର ପରାମର୍ଶ କ୍ରମେ ସେମାନେ କୋର୍ଟ ମ୍ୟାରେଜ ପାଇଁ ଆବେଦନ କରିଥିଲେ। ଗୁରୁବାର ସେମାନେ ସ୍ୱାମୀ ସ୍ତ୍ରୀ ଭାବେ ରହିବା ପାଇଁ ଲୋଇସିଂହା ନୋଟାରିଙ୍କ ପାଖରେ ଏକ ସତ୍ୟପାଠ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଉଭୟେ ସତ୍ୟପାଠ ନେଇ ଲୋଇସିଂହା ଥାନାକୁ ଆସିଥିଲେ। ଶେଷରେ ପୋଲିସ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଥିଲେ ବୋଲି ଲୋଇସିଂହା ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି।

ପ୍ରେମୀଯୁଗଳଙ୍କ ଜୁଇ ଜଳିଲା

କେନ୍ଦ୍ରାପଡା ଅଫିସ, ୧୪।୨:

ଭାଲେଣ୍ଟାଇନ୍ସ ଡେ' ପାଳନ ଅବସରରେ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲାରେ ପ୍ରେମୀଯୁଗଳଙ୍କ ଜୁଇ ଜଳିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ସଦର ଥାନା ଅଧୀନ ନାଗପୁରା କଦଳୀବାଡି ଗ୍ରାମର ବୈଷ୍ଣବ ମଲ୍ଲିକଙ୍କ ପୁଅ ତୋଫାନଙ୍କ ସହ ନିକିରାଇ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କର ପ୍ରେମ ସମ୍ପର୍କ ଥିଲା। ନିକିରାଇ କଲେଜରେ ଉଭୟେ ପାଠ ପଢୁଥିଲେ। ତେବେ କୌଣସି କାରଣରୁ ଗତ ରବିବାର ଯୁବକ ଜଣଙ୍କ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ସମ୍ପୃକ୍ତା ଯୁବତୀ ଜଣଙ୍କ ନିଜ ଘରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ଉଭୟଙ୍କ ଶବ ସତ୍କାର କରାଯାଇଛି। ଏହି ପ୍ରେମ ସମ୍ପର୍କକୁ ନେଇ ଆଲୋଚନା ଜୋର ଧରିଥିବା ବେଳେ ପରିବାର ସଦସ୍ୟ ଏହାକୁ ଅସ୍ୱୀକାର କରିଛନ୍ତି।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

LOAN
ଟଙ୍କା ନେଇନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

TARIFF MORE SPACE • SAME PRICE *GST 5% Extra

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ଫେବୃୟାରୀ, ୨୦୧୯

"ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପାର ନେତୃତ୍ୱ ନେବା ପାଇଁ ମୁଁ ସ୍ୱାଧୀନ । କାରଣ ମୋତେ ଆର୍‌ଏସ୍‌ଏସ୍ ପାଠ ପଢ଼ାଉନାହିଁ ।
- ଜୟରାମ ଠାକୁର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ

ସଂକ୍ଷେପରେ

ଆତ୍ମଘାତୀ ଆକ୍ରମଣରେ ୨୭ ସୈନ୍ୟ ନିହତ

ତେହେରାନ,୧୪।୨(ପି.ଟି.)-ଇରାନରେ ଏକ ଆତ୍ମଘାତୀ କାର ବୋମା ବିସ୍ଫୋରଣରେ ୨୭ ସୈନ୍ୟ ନିହତ ହୋଇଛନ୍ତି। ଇରାନର ରିଭଲ୍ୟୁଶନାରୀ ଗାର୍ଡ ଉପରେ ଏହା ସବୁଠୁ ଭୟାବହ ଆକ୍ରମଣ। ସୈନ୍ୟମାନେ ସୀମାନ୍ତ ପାଟ୍ରୋଲିଂରୁ ଫେରୁଥିବାବେଳେ ସେମାନଙ୍କ ବସ୍‌କୁ ବିସ୍ଫୋରକ ଭର୍ତ୍ତି କାର ଧକ୍କା ଦେଇଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ଅନ୍ୟ ୧୩ ଆହତ ହୋଇଛନ୍ତି। ବିସ୍ଫୋରଣରେ ବସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଅଗୁଷ୍ଟା ମାମଲା: ସାକ୍ସେନାଙ୍କୁ ଜାମିନ

ନୂଆଦିଲ୍ଲୀ,୧୪।୨(ପି.ଟି.)-ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଗିରଫ ରାଜୀବ ସାକ୍ସେନାଙ୍କୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ୭ ଦିନ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ୫ ଲକ୍ଷ ଟଙ୍କା ଲେଖାଏଁ ଦୁଇଟି ସିଓରିଟୀ ବଣ୍ଡ୍ ବଦଳରେ ତାଙ୍କୁ ଜାମିନରେ ଛାଡିବାକୁ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ଅନୁମତି ଦେଇଛନ୍ତି। ସାକ୍ସେନାଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସବିଶେଷ ରିପୋର୍ଟ ଦାଖଲ କରିବାକୁ କୋର୍ଟ ଏମ୍ସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ୨୨କୁ ଧାର୍ଯ୍ୟ କରିଛନ୍ତି। ସାକ୍ସେନା ସ୍ୱାସ୍ଥ୍ୟଗତ କାରଣରୁ ଜାମିନ ଆବେଦନ କରିଥିଲେ।

କେଜରିୱାଲଙ୍କୁ ସୁପ୍ରିମକୋର୍ଟ ଝଟକା

ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କେନ୍ଦ୍ର ତଦନ୍ତ ନିର୍ଦ୍ଦେଶ ଦେଇପାରିବ

ନୂଆଦିଲ୍ଲୀ,୧୪।୨(ପି.ଟି.)

ରାଜଧାନୀର ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେବା ଅଧିକାର ଦିଲ୍ଲୀ ସରକାରଙ୍କର ନୁହେଁ କେନ୍ଦ୍ର ସରକାରଙ୍କର ବୋଲି ଗୁରୁବାର ସୁପ୍ରିମକୋର୍ଟ କହିବା ପରେ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କୁ ଶକ୍ତ ଝଟକା ଲାଗିଛି। ତେବେ ଦୁଇଜଣିଆ ଖଣ୍ଡପୀଠର ଖଣ୍ଡିତ ରାୟ ପରେ ଦିଲ୍ଲୀ ଅଫିସରଙ୍କୁ କିଏ ନିୟନ୍ତ୍ରଣ କରିବ ସେ ନିଷ୍ପତ୍ତି ବୃହତର ଖଣ୍ଡପୀଠଙ୍କ ଉପରେ ଛଡାଯାଇଛି। ସର୍ବୋଚ୍ଚ ଅଦାଲତଙ୍କ ଆଜିର ରାୟକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗଣତନ୍ତ୍ର ବିରୋଧୀ ଏବଂ ଦିଲ୍ଲୀବାସୀଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି। ରାୟରୁ ଜଣାପଡୁଛି କର୍ମଚାରୀଙ୍କୁ ବଦଳି କରିବା କିମ୍ବା ଜଣେ ପିଅନ ନିଯୁକ୍ତି କରିବା କ୍ଷମତା ମଧ୍ୟ ଏକ ନିର୍ବାଚିତ ସରକାରଙ୍କର ନାହିଁ। ଏଏପି ସରକାର କିପରି କାମ କରିବ ତାହା କେଜ୍‌ରିୱାଲ ଜାଣିବାକୁ ଚାହିଁଛନ୍ତି। ଗତ ୪ ବର୍ଷ ହେଲା ସରକାର ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଯଦି ପ୍ରତି କାମରେ ଏବଂ ପ୍ରତ୍ୟେକ ଫାଇଲ ମଞ୍ଜୁର କରାଇବାରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ଉପରାଜ୍ୟପାଳଙ୍କ ବାସଭବନରେ ଧାରଣାରେ ବସିବାକୁ ହେବ ତେବେ ସରକାର କିପରି ଚାଲିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଶାସନିକ ଅଧିକାରୀମାନଙ୍କ ଧର୍ମଘଟ ବନ୍ଦ କରିବା ଲାଗି ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଗତବର୍ଷ ଜୁଲାଇରେ ଉପରାଜ୍ୟପାଳ ଅନିଲ ବୈଜଲଙ୍କ କାର୍ଯ୍ୟାଳୟରେ ୯ ଦିନ ଧାରଣାରେ ବସିଥିଲେ।

ଦିଲ୍ଲୀ ଅଫିସରଙ୍କ ଉପରେ କାହାର ଅଧିକାର ରହିବ ଏହା ଉପରେ ଜଷ୍ଟିସ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କ ଖଣ୍ଡପୀଠ ଚୂଡାନ୍ତ ନିଷ୍ପତ୍ତି ନେଇପାରି ନାହାନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଯୁଦ୍ଧ ଘୋଷଣା କରିଥିବା ଭାଜପା ଅଭିଯୋଗ କରିଛି। ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିବାକୁ ଭାଜପା ବିଚାର କରୁଛି। ରାଜନୈତିକ ଇତିହାସରେ ସୁପ୍ରିମକୋର୍ଟଙ୍କ ଉପରେ ଏହା ସବୁଠୁ ବଡ଼ ଆକ୍ରମଣ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି।

■ ରାୟ ଗଣତନ୍ତ୍ର ବିରୋଧୀ: କେଜ୍‌ରିୱାଲ
■ ଅଦାଲତଙ୍କ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଯୁଦ୍ଧ ଘୋଷଣା କରିଛନ୍ତି: ଭାଜପା

ଏଲ୍‌ଜିଙ୍କ ଘର ବାହାରେ ମୁଖ୍ୟମନ୍ତ୍ରୀଙ୍କ ଧାରଣା

ପୁଡୁଚେରୀ,୧୪।୨(ପି.ଟି.)

ପୁଡୁଚେରୀ ଉପରାଜ୍ୟପାଳ (ଏଲ୍‌ଜି) କିରଣ ବେଦୀଙ୍କ ବାସଭବନ ବାହାରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ, ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ଓ ଦଳୀୟ ବିଧାୟକମାନେ ବୁଧବାରଠାରୁ ଧାରଣାରେ ବସିଛନ୍ତି। ତାଙ୍କ ସରକାର ପ୍ରତି ବେଦୀଙ୍କ ନକରାତ୍ମକ ଆଭିମୁଖ୍ୟ ପ୍ରତିବାଦରେ ଏହି ଧାରଣା ଦିଆଯାଉଥିବା ନାରାୟଣସ୍ୱାମୀ କହିଛନ୍ତି। ଗତ ରାତିରେ ସେମାନେ କଳା ସାର୍ଟ ପିନ୍ଧି ରାଜନିବାସ ସମ୍ମୁଖ ରାସ୍ତାରେ ଶୋଇ ରହିଥିଲେ। ମାଗଣା ଚାଉଳ ଯୋଜନା ସମେତ ୩୯ଟି ସରକାରୀ ପ୍ରସ୍ତାବକୁ ଉପରାଜ୍ୟପାଳ ମଞ୍ଜୁରୀ ଦେବା ଲାଗି ସେମାନେ ଦାବି କରିଆସୁଛନ୍ତି। ଏହି ଧାରଣାରେ କଂଗ୍ରେସର ଅନ୍ୟ ସଂଗଠନ ଏବଂ ଡିଏମକେ ମଧ୍ୟ ସାମିଲ ହୋଇଛି। ଗୁରୁବାର ସକାଳେ ବେଦୀ କଡା ସୁରକ୍ଷା ମଧ୍ୟରେ ନୂଆଦିଲ୍ଲୀ ଯାଇଛନ୍ତି। ସେ ଦିଲ୍ଲୀରୁ ଫେରିବା ପରେ ୨୧ରେ ମୁଖ୍ୟମନ୍ତ୍ରୀଙ୍କୁ ଡାକି ଉକ୍ତ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ରାଜନିବାସ ପକ୍ଷରୁ କୁହାଯାଇଛି।

ମଞ୍ଚରେ ରାହୁଲଙ୍କୁ ମହିଳାଙ୍କ ଚୁମ୍ବନ

ଧରମପୁର,୧୪।୨(ପି.ଟି.)

ଭାଲେଣ୍ଟାଇନ୍ସ ଡେ ଅବସରରେ ଗୁଜରାଟର ଭଲସାଦ୍ ଜିଲାରେ ଏକ ସଭାମଞ୍ଚରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗାଲରେ ଜଣେ ମହିଳା ଚୁମ୍ବନ ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ରାହୁଲ ତାଙ୍କ ଭାଇ ଭଳି। ଏହା ସ୍ୱତଃପ୍ରବୃତ୍ତ ଭାବ ପ୍ରଦର୍ଶନ, ଭାଲେଣ୍ଟାଇନ୍ସ ଦିବସର ଉଦ୍ଦୀପନା ନୁହେଁ ବୋଲି ମହିଳା ଜଣକ ଗଣମାଧ୍ୟମକୁ କହିଛନ୍ତି। ଉକ୍ତ ମହିଳା କଂଗ୍ରେସ କର୍ମୀ ଜଣକ ଅନ୍ୟମାନଙ୍କ ସହ ରାହୁଲଙ୍କୁ ଫୁଲମାଳ ପିନ୍ଧାଇବାକୁ ମଞ୍ଚ ଉପରକୁ ଆସି ଚୁମ୍ବନ ଦେଇଥିଲେ।

ଅଧା ତଥ୍ୟ ଦେଲା କେନ୍ଦ୍ର

ନୂଆଦିଲ୍ଲୀ,୧୪।୨(ପି.ଟି.)

କେନ୍ଦ୍ରର ଏନ୍‌ଡିଏ ସରକାର ୫ ବର୍ଷରେ ବିଜ୍ଞାପନ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ତାହାର ଅଧା ତଥ୍ୟ ମିଳିଛି। ଏହି ଅବଧି ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମରେ ୨,୩୭୪ କୋଟି ଖର୍ଚ୍ଚ କରାଯାଇଥିବାବେଳେ ହୋର୍ଡିଂ, ବ୍ୟାନର ଆଦିରେ ୬୭୦ କୋଟି ଟଙ୍କା ବ୍ୟୟ ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟଠାରୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଏହି ତଥ୍ୟ ମିଳିଛି।

ଅମଲାତନ୍ତ୍ରୀ ସଞ୍ଜୀବ ଚତୁର୍ବେଦୀ ଏହି ମନ୍ତ୍ରଣାଳୟ ଅଧୀନ ବ୍ୟୁରୋ ଅଫ୍ ଆଉଟ୍‌ରିଚ୍ ଆଣ୍ଡ କମ୍ୟୁନିକେଶନକୁ ଆର୍‌ଟିଆଇରେ ଏ ସମ୍ପର୍କିତ ତଥ୍ୟ ମାଗିଥିଲେ। ବ୍ୟୁରୋରୁ ମିଳିଥିବା ତଥ୍ୟାନୁସାରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ ମିଡିଆର ସାମାଜିକ ଗଣମାଧ୍ୟମ, ଟେଲିଭିଜନ ଏବଂ ରେଡିଓରେ ବିଜ୍ଞାପନ ବାବଦରେ ୨୦୧୪-୧୫ରେ ୪୭୦.୩୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ୨୦୧୫-୧୬ରେ ୫୪୧.୯୯ କୋଟି ଓ ୨୦୧୬-୧୭ରେ ୬୧୩.୭୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୭-୧୮ରେ ୪୭୪.୭୬ ଓ ୨୦୧୮ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୨୭୩.୫୪ କୋଟି ଟଙ୍କା ଏହି ବାବଦରେ ଖର୍ଚ୍ଚ ହୋଇଛି। ୨୦୧୪ ଏପ୍ରିଲରୁ ୨୦୧୮ ଡିସେମ୍ବର ମଧ୍ୟରେ ବୈଦ୍ୟୁତିକ ଗଣମାଧ୍ୟମରେ ସରକାର ମୋଟ ୨,୩୭୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ତହିଁରୁ ସର୍ବାଧିକ ଅଲ୍ ଇଣ୍ଡିଆ ରେଡିଓ, ଦୂରଦର୍ଶନ ନ୍ୟାଶନାଲ, ଇଣ୍ଟରନେଟ୍, ପ୍ରଯୋଜନା, ରେଡିଓ, ଏସ୍‌ଏମ୍‌ଏସ୍, ଥିଏଟର, ଟିଭି ଏବଂ ଅନ୍ୟାନ୍ୟ ମିଡିଆରେ ଖର୍ଚ୍ଚ ହୋଇଥିବା ଆର୍‌ଟିଆଇ ଆବେଦନର ପ୍ରଶ୍ନରେ ଉତ୍ତର ମିଳିଛି। ଅନ୍ୟପକ୍ଷରେ ଆଉଟ୍‌ଡୋର ପବ୍ଲିସିଟି ବାବଦକୁ ୨୦୧୪ରୁ ୨୦୧୮ ନଭେମ୍ବର ମଧ୍ୟରେ ୬୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତହିଁରୁ ୨୦୧୪-୧୫ରେ ୮୧.୨୭ କୋଟି, ୨୦୧୫-୧୬ରେ ୧୧୮.୫୧ କୋଟି, ୨୦୧୬-୧୭ରେ ୧୮୬.୩୭ କୋଟି, ୨୦୧୭-୧୮ରେ ୨୦୮.୫୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୧୮ ଏପ୍ରିଲରୁ ନଭେମ୍ବର ୨୬ ମଧ୍ୟରେ ୭୫.୦୮ କୋଟି ଟଙ୍କା ବ୍ୟୟ କରାଯାଇଥିବା ଏଥିରେ କୁହାଯାଇଛି।

୨୦୧୪ ଜୁନ୍ ୧ରୁ ଅଦ୍ୟାବଧି କେନ୍ଦ୍ର ସରକାର ମୁଦ୍ରଣ, ଇଲେକ୍ଟ୍ରୋନିକ ଓ ସାମାଜିକ ଗଣମାଧ୍ୟମର ବିଜ୍ଞାପନରେ କରାଯାଇଥିବା ସମସ୍ତ ଖର୍ଚ୍ଚର ବିବରଣୀ ସଞ୍ଜୀବ ଚତୁର୍ବେଦୀ ବ୍ୟୁରୋକୁ ମାଗିଥିଲେ। ହେଲେ ତାଙ୍କୁ ଇଲେକ୍ଟ୍ରୋନିକ୍ ମିଡିଆ ଓ ଆଉଟ୍‌ଡୋର ପବ୍ଲିସିଟିର ତଥ୍ୟ ମିଳିଛି। ତେବେ ୨୦୧୪ରୁ ଖବରକାଗଜଗୁଡ଼ିକରେ କେତେ ପରିମାଣର ଅର୍ଥ ଖର୍ଚ୍ଚ କରାଯାଇଛି ସେନେଇ ଏକ ସିଡୀ ତାଙ୍କୁ ଦିଆଯାଇଛି। ଉକ୍ତ ସିଡୀରେ ବର୍ଷ ୱାରି ଖର୍ଚ୍ଚର ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇନାହିଁ।

୫ ବର୍ଷର ବିଜ୍ଞାପନ ଖର୍ଚ୍ଚ
■ ଇଲେକ୍ଟ୍ରୋନିକ୍ ମିଡିଆରେ ୨,୩୭୪ କୋଟି
■ ଆଉଟ୍‌ଡୋର ପବ୍ଲିସିଟିରେ ୬୭୦ କୋଟି ଟଙ୍କା

ପାକିସ୍ତାନରେ ଆମେରିକା ସହ ଆଲୋଚନା ଲାଗି ତାଲିବାନର ଘୋଷଣା

ଇସ୍‌ଲାମାବାଦ,୧୪।୨(ପି.ଟି.)

ଆମେରିକା ସହ ପରବର୍ତ୍ତୀ ଶାନ୍ତି ଆଲୋଚନା ପାକିସ୍ତାନରେ କରିବା ପାଇଁ ଆଫଗାନିସ୍ତାନର ତାଲିବାନ ସଂଗଠନ ଘୋଷଣା କରିଛି। ଏହି ଆଲୋଚନାରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ସମେତ ଅନ୍ୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ରହିବେ। ତେବେ ତାଲିବାନର ଏହି ଘୋଷଣା ଉପରେ ୱାଶିଂଟନ କିମ୍ବା ଇସ୍‌ଲାମାବାଦରୁ ସ୍ପଷ୍ଟ କରାଯାଇ ନାହିଁ। ପାକ୍ ସରକାରଙ୍କ ଆମନ୍ତ୍ରଣକ୍ରମେ ଆସନ୍ତା ୧୮ ତାରିଖରେ ଇସ୍‌ଲାମିକ ଏମିରେଟର ବୁଝାମଣାକାରୀ ଟିମ୍ ଏବଂ ଆମେରିକା ମଧ୍ୟରେ ଅନ୍ୟ ଏକ ବୈଠକ ଅନୁଷ୍ଠିତ ହେବ। ତାଲିବାନ ପ୍ରତିନିଧି ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ଏହାର ମୁଖପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନରେ ଆତଙ୍କବାଦୀ କାର୍ଯ୍ୟ ବଢୁଥିବାରୁ ଆମେରିକୀୟମାନେ ସେଠାକୁ ଭ୍ରମଣରେ ଯିବା ପୂର୍ବରୁ ଆଉଥରେ ଭାବିବାକୁ ୱାଶିଂଟନ କହିଛି। ଆମେରିକା ସଂଘୀୟ ବିମାନ ଚଳାଚଳ ପ୍ରଶାସନ ପକ୍ଷରୁ ଏହି ସତର୍କ ସୂଚନା ଜାରି ହୋଇଛି। ବିଶେଷ କରି ବେଲୁଚିସ୍ତାନ ଓ ଖାଇବର ପଖତୁନ୍‌ଖ୍ୱା ପ୍ରଦେଶକୁ ନଯିବା ଲାଗି ଆମେରିକୀୟଙ୍କୁ ସତର୍କ କରିଦିଆଯାଇଛି।

ମୂଲ୍ୟାୟନ କେନ୍ଦ୍ରରେ ଲାଗିବ ସିସିଟିଭି

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଯୁକ୍ତ୨ ପରୀକ୍ଷା

ଯୁକ୍ତ୨ ପରୀକ୍ଷା ସୁପରିଚାଳନା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ରାଜ୍ୟର ସମସ୍ତ ୧୦୯୧ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା କଲେଜ କର୍ତ୍ତୃପକ୍ଷଙ୍କୁ ଏ ନେଇ ରିପୋର୍ଟ ଦେବାକୁ କୁହାଯାଇଛି। ସେହିଭଳି ପ୍ରଥମଥର ପାଇଁ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ସିସିଟିଭି ନଜରରେ ରଖିବାକୁ ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ପରୀକ୍ଷା ସରିବା କ୍ଷଣି ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ମୂଲ୍ୟାୟନ କେନ୍ଦ୍ରର ସୁରକ୍ଷା ପ୍ରତି ଏଥର ଅଧିକ ଗୁରୁତ୍ୱ ଦିଆଯିବ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଉତ୍ତର ଖାତା ମୂଲ୍ୟାୟନ ସିସିଟିଭି ନଜରରେ ହେବ। ମୂଲ୍ୟାୟନ ହୋଇଥିବା ଏବଂ ମୂଲ୍ୟାୟନ ହେବାକୁ ଥିବା ଉତ୍ତର ଖାତା, ମାର୍କ ଫଏଲ୍, ପରୀକ୍ଷକଙ୍କ ରିପୋର୍ଟ ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହୁଥିବା ଷ୍ଟ୍ରଙ୍ଗରୁମ୍‌ରେ ମଧ୍ୟ ସିସିଟିଭି କ୍ୟାମେରା ଲାଗିବ। ସିସିଟିଭି ଫୁଟେଜ୍‌ଗୁଡ଼ିକୁ ସଂରକ୍ଷିତ କରି ରଖାଗଲେ, ତାହା ଭବିଷ୍ୟତରେ ଯାଞ୍ଚ ପାଇଁ କାମରେ ଲାଗିବ। ତେଣୁ ସିସିଟିଭି ସିଷ୍ଟମ୍‌ରେ ଇଣ୍ଟରନେଟ୍ ସଂଯୋଗ କରାଯିବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାଦ୍ୱାରା ମୂଲ୍ୟାୟନ ସମୟରେ ପରିଷଦ କାର୍ଯ୍ୟାଳୟରେ ବି ମନିଟରିଂ କରାଯାଇପାରିବ। ସେହିଭଳି ମାର୍ଚ୍ଚ ୭ରୁ ୩୦ ମଧ୍ୟରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଷୟର ପରୀକ୍ଷା ହେବାକୁ ଥିବାରୁ ପରୀକ୍ଷା ପରିଚାଳନା ହବ୍‌ଗୁଡ଼ିକର ମରାମତି ଫେବୃୟାରୀ ୨୩ ସୁଦ୍ଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ମମତାଙ୍କ ଅଭିଯୋଗ

ମେଣ୍ଟରୁ ଦୂରେଇ ରହିବାକୁ ନବୀନଙ୍କୁ ଡରାଉଛନ୍ତି ମୋଦି

ନୂଆଦିଲ୍ଲୀ,୧୪।୨

ଆଗାମୀ ସାଧାରଣ ନିର୍ବାଚନରେ ମେଣ୍ଟ ଗଠନରୁ ଦୂରେଇ ରହିବା ଲାଗି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ବିଜେଡି ସମେତ ଆଞ୍ଚଳିକ ଦଳଗୁଡ଼ିକୁ ଧମକାଉଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ମହାମେଣ୍ଟର ନେତୃତ୍ୱ ନେଉଥିବା ମମତା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବା ପରେ ପ୍ରେସ୍ କ୍ଲବ୍‌ଠାରେ ଗଣମାଧ୍ୟମକୁ କହିଛନ୍ତି, ଏନ୍‌ଡିଏ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଭଳି ଅବସ୍ଥା ସୃଷ୍ଟି କରିଛନ୍ତି। ସମସ୍ତେ ଏକାଠି ହୋଇ ଏହା ବିରୋଧରେ ଲଢ଼େଇ କରିବାକୁ ହେବ ବୋଲି ସେ ଆହ୍ୱାନ ଦେଇଛନ୍ତି। କୌଣସି ମେଣ୍ଟରେ ରହିବାକୁ ବିଜେଡି ମନା କରିବା ଉପରେ ତାଙ୍କର ମତାମତ ପଚରାଯିବାରୁ ମମତା କହିଥିଲେ, ମୋଦି ସମସ୍ତଙ୍କୁ ଡରାଉଛନ୍ତି। ସୂଚନାଯୋଗ୍ୟ ଲୋକ ସଭା ନିର୍ବାଚନରେ ଭାଜପାକୁ ପ୍ରତିହତ କରିବା ଲାଗି ବିରୋଧୀ ଦଳଗୁଡିକର ମହାମେଣ୍ଟରେ ସାମିଲ ହେବାକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନା କରିଦେଇଥିଲେ। ଭାଜପା ଓ କଂଗ୍ରେସଠାରୁ ସମଦୂରତା ରକ୍ଷା ନୀତିକୁ ବଜାୟ ରଖିବ ବୋଲି ନବୀନ ଦିଲ୍ଲୀରେ ଚାଷୀ ସମାବେଶ ପରେ କହିଥିଲେ।

ବିଜେଡି କାହାକୁ ଭୟ କରେନାହିଁ ବୋଲି ମମତାଙ୍କ ମନ୍ତବ୍ୟ ଉପରେ ଦଳ ପକ୍ଷରୁ ପ୍ରତିକ୍ରିୟାରେ କୁହାଯାଇଛି। ଭାଜପା, କଂଗ୍ରେସ କିମ୍ବା ମହାମେଣ୍ଟ ଦ୍ୱାରା ଆମେ ଭୟଭୀତ ହେବାର ନାହିଁ ବୋଲି ବିଜେଡି ଏମ୍‌ପି କଳିକେଶ ସିଂହଦେଓ କହିଛନ୍ତି। ମହାମେଣ୍ଟ ଏପର୍ଯ୍ୟନ୍ତ ଗଠନ ହୋଇନି କି ସେମାନଙ୍କ ନେତା କିଏ କେହି ଜାଣନ୍ତି ନାହିଁ ବୋଲି ସିଂହଦେଓ କହିଛନ୍ତି।

ପ୍ରଶାସନିକ ଅଧିକାରୀଙ୍କ ନାଁରେ ଅଭିଯୋଗ କଲା ଭାଜପା

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ନିର୍ବାଚନ ହାରିଯିବା ନେଇ ଏବେ ବିଜେଡିକୁ ଭୟ ଘାରିଛି। ସରକାର ବିରୋଧରେ ସୃଷ୍ଟି ହୋଇଥିବା ଜନମତ ଭୋଟରେ ପରିବର୍ତ୍ତନ ହେଲେ ଶାସକ ବିଜେଡିର ସତ୍ତା ହଜିଯିବ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଜିତିବା ପାଇଁ ସରକାରୀ ଅଫିସରମାନଙ୍କୁ ବ୍ୟବହାର କରିବା ଲାଗି ଷଡ଼ଯନ୍ତ୍ର କରିଛନ୍ତି। ୧୦ରୁ ଅଧିକ ପ୍ରଶାସନିକ ଅଧିକାରୀଙ୍କୁ ନିର୍ବାଚନ ବେଳେ ସରକାରୀ କାମରୁ ଅବ୍ୟାହତି ଦେଇ ଦଳୀୟ କାମରେ ଲଗାଯାଇଥିବା ଭାଜପା ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ପୂର୍ତ୍ତ ବିଭାଗ ସଚିବ ନଳିନୀ କାନ୍ତ ପ୍ରଧାନଙ୍କ ଚାକିରି ଗତବର୍ଷ ମାର୍ଚ୍ଚରେ ଶେଷ ହୋଇଥିଲା। ହେଲେ ତାଙ୍କୁ ଅବସର ଦିଆ ନ ଯାଇ ତାଙ୍କ ଚାକିରି ଆଉ ଗୋଟିଏ ବର୍ଷ ବଢ଼ାଯାଇଛି। ୧୦ରୁ ୧୨ଜଣ ପ୍ରଶାସନିକ ଅଧିକାରୀ ୨୦୧୯ ନିର୍ବାଚନକୁ କିଭଳି ପ୍ରଭାବିତ କରିବେ ସେ ନେଇ ଚକ୍ରାନ୍ତ ଚଳାଇଛନ୍ତି। ଆଉ କିଛି ଅଧିକାରୀ ବିଜେଡି ପାଇଁ ଅର୍ଥ ଆଦାୟ କରୁଥିବା ଅଭିଯୋଗ କରିଛନ୍ତି। ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ବିଜେପୁର ଉପନିର୍ବାଚନ ସମୟରେ ବିଜେଡିକୁ ଖୋଲାଖୋଲି ସମର୍ଥନ କରୁଥିଲେ। ସେହିଭଳି ଦୁର୍ନୀତିଖୋର ଅଫିସରମାନେ ରହିଲେ ଅବାଧ ନିର୍ବାଚନ ପରିଚାଳନା ଅସମ୍ଭବ ବୋଲି ସମୀର ମହାନ୍ତି କହିଛନ୍ତି।

■ ଓଡ଼ିଶାର ଷ୍ଟାର୍ଟଅପ୍, ଏମ୍‌ଏସ୍‌ଏମ୍‌ଇ ବିକାଶ

ଆଇଏଲ୍‌ଓ-କେଓଆଇସିଏ ଦେଖାଇଲା ଆଗ୍ରହ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କୋରିଆ ଇଣ୍ଟରନ୍ୟାଶନାଲ କୋଅପରେଶନ୍ ଏଜେନ୍ସି (କେଓଆଇସିଏ) ର ନିର୍ଦ୍ଦେଶକ ମି. ସାଙ୍ଗ୍ ହୁନ୍ ଜଙ୍ଗ୍ ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ର ସିନିଅର ସଷ୍ଟେନେବଲ ଏଣ୍ଟରପ୍ରାଇଜ୍ ଡେଭଲପ୍‌ମେଣ୍ଟ ସ୍ପେଶାଲିଷ୍ଟ ମି. କେଲ୍‌ଭିନ୍ ସର୍ଜେଣ୍ଟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍‌ମାନଙ୍କର ଔଦ୍ୟୋଗିକ ଦକ୍ଷତା ଓ ବ୍ୟବସାୟିକ ପୋଷଣୀୟତା ଏବଂ ପ୍ରତିଯୋଗିତା ମନୋଭାବର ବୃଦ୍ଧି କ୍ଷେତ୍ରରେ ଏକ ଢାଞ୍ଚାଗତ ସଂରଚନା ପାଇଁ ଏହି ପ୍ରତିନିଧି ଦଳ ଆଗ୍ରହ ପ୍ରକାଶ କରିଥିଲେ।

ଏହି ଉଦ୍ୟମକୁ ମୁଖ୍ୟ ଶାସନ ସଚିବ ପାଢ଼ୀ ପ୍ରଶଂସା କରି କହିଛନ୍ତି ଯେ, ଏମ୍‌ଏସ୍‌ଏମ୍‌ଇ ରୋଜଗାର ସୃଜନର ମୁଖ୍ୟସ୍ରୋତ ହୋଇଥିବାରୁ ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ପାଇଁ ସହଭାଗୀ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିପୂର୍ବରୁ ପ୍ରତିନିଧି ଦଳ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତ ବାଗଚୀଙ୍କୁ ସାକ୍ଷାତ୍ କରିଥିଲେ ଏବଂ 'ସ୍କିଲ୍‌ଡ ଇନ୍ ଓଡ଼ିଶା ଇନିସିଏଟିଭ୍'କୁ ପ୍ରଶଂସା କରିଥିଲେ। ଏହି ଅବସରରେ ବାଗଚୀ କହିଥିଲେ ଯେ, ଦକ୍ଷ ମାନବସମ୍ବଳ ଏବଂ ଏମ୍‌ଏସ୍‌ଏମ୍‌ଇମାନଙ୍କର ବିକାଶ ଓତପ୍ରୋତ ଭାବେ ଜଡ଼ିତ। କେଓଆଇସିଏର ପ୍ରତିନିଧି ମଣ୍ଡଳୀ 'ସ୍କିଲ୍‌ଡ ଇନ୍ ଓଡ଼ିଶା ଇନିସିଏଟିଭ୍' ବିଶେଷତଃ ବିଉଟି ଓ ୱେଲ୍‌ନେସ୍, ମେକାଟ୍ରୋନିକ୍ସ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ସହାୟତା ପ୍ରଦାନ କରିବା ପାଇଁ ଇଚ୍ଛୁକ ବୋଲି ଜଣାଇଥିଲେ।

ଏହି ପ୍ରତିନିଧିମଣ୍ଡଳୀ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତାଙ୍କୁ ମଧ୍ୟ ସାକ୍ଷାତ୍ କରିଥିଲେ। ସୂଚନା ପ୍ରଯୁକ୍ତି, ଇଲେକ୍ଟ୍ରୋନିକ୍ସ, ହାର୍ଡୱେର ସିଷ୍ଟମ୍, ଅକ୍ଷୟ ଶକ୍ତି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ କୋରିଆର ଦକ୍ଷତା ରହିଥିବାରୁ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେଟର, ଏମ୍‌ଏସ୍‌ଏମ୍‌ଇମାନଙ୍କ ମଧ୍ୟରେ ବିନିମୟ ଓ ପ୍ରଯୁକ୍ତିର ବିକାଶ ଉପରେ ଆଲୋଚନା ପର୍ଯ୍ୟବସିତ ଥିଲା। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ପଦାଧିକାରୀମାନେ ଷ୍ଟାର୍ଟଅପ୍ ଓଡ଼ିଶା ଓ ଜିଲା ଶିଳ୍ପ କେନ୍ଦ୍ରମାନଙ୍କର କ୍ଷମତା ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିଲେ। କୋରିଆ ଓ ଓଡ଼ିଶା ମଧ୍ୟରେ ପରିଦର୍ଶନ ବିନିମୟ, ବିଟୁବି ବ୍ୟବସାୟିକ ଆଲୋଚନା ସହିତ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଓ ଇନ୍‌ଭେଷ୍ଟ ଓଡ଼ିଶାରେ କୋରିଆର ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବା ଏବଂ ଓଡ଼ିଶାର ଉଦ୍ୟୋଗୀମାନେ କୋରିଆରେ ଅଂଶଗ୍ରହଣ କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା

୧୦ଜଣଙ୍କୁ 'ପ୍ରବାସୀ ଭାଷା ସମ୍ମାନ-୨୦୧୯'

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ 'ଦ ଇଣ୍ଟେଲେକ୍ଟସ୍' ପକ୍ଷରୁ ୨୦୧୯ ମସିହା ଲାଗି 'ପ୍ରବାସୀ ଭାଷା ସମ୍ମାନ' ଘୋଷଣା ହୋଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଦାସ ବେନହୁର, ଭାଷାବିତ୍ ପଞ୍ଚାନନ ମହାନ୍ତି, ପାଣ୍ଡୁଲିପି ବିଶାରଦ ଦୁଃଖିଶ୍ୟାମ ପଟ୍ଟନାୟକ, ଓଡ଼ିଶୀ ନୃତ୍ୟଶିଳ୍ପୀ ସୋରେନ୍ ଲୟେନ୍, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଗବେଷକ ଅନ୍ତର୍ଯ୍ୟାମୀ ମିଶ୍ର, ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, କମ୍ପ୍ୟୁଟରୀକରଣ କ୍ଷେତ୍ରରେ ସୁଧୀର ପଟେଲ, ଶିକ୍ଷକ ଓ ଗୀତିକବି ଡ. ବିଜୟଲକ୍ଷ୍ମୀ ନାୟକ, ଅନୁବାଦକ ଭାଗୀରଥି ନନ୍ଦଙ୍କୁ 'ପ୍ରବାସୀ ଭାଷା ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଆ ଭାଷାକୁ ବିଶେଷ ଅବଦାନ ଲାଗି ଡ. ପ୍ରତିଭା ରାୟଙ୍କୁ 'ଆମ ଗୌରବ ସମ୍ମାନ' ପ୍ରଦାନ କରାଯିବ। ଯୁବ ଲେଖକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରଞ୍ଜନ କୁମାର ପ୍ରଧାନ, ଅକ୍ଷୟ ଓଝା, ଓଡ଼ିଶୀ ନୃତ୍ୟଶିଳ୍ପୀ ଅତସୀ ମିଶ୍ରଙ୍କୁ 'ଯୁବ ପ୍ରେରଣା ସମ୍ମାନ' ପ୍ରଦାନ କରାଯିବ ବୋଲି ସଙ୍ଗଠନ ଅଧ୍ୟକ୍ଷ ଦେବେନ୍ଦ୍ରନାଥ ରାଉତ ସୂଚନା ଦେଇଛନ୍ତି।

ଅଷ୍ଟଧାତୁ ମୂର୍ତ୍ତି ଚୋରି ର୍‍ୟାକେଟର ଗୁମର ଖୋଲିବ ଏସ୍‌ଟିଏଫ୍

ସୟଦ ଜିଲନୁର୍‌ଙ୍କୁ ୩ ଦିନ ରିମାଣ୍ଡ ଅନୁମତି

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଅନ୍ତର୍ଜାତୀୟ ମୂର୍ତ୍ତି ଚୋରି ର୍‍ୟାକେଟର ଗୁମର ଖୋଲିବ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ବୁଧବାର ଖଣ୍ଡଗିରି ଯଦୁପୁରରୁ ଜବତ ଦୁଇ ଅଷ୍ଟଧାତୁ ମୂର୍ତ୍ତି କେଉଁଠୁ ଚୋରି କରାଯାଇଥିଲା ଓ ଏହି ଘଟଣା ପଛରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ କରିବ ଏସ୍‌ଟିଏଫ୍ ଟିମ୍। ଏଥିପାଇଁ ଗିରଫ ସୟଦ ଜିଲନୁର୍ ଓରଫ କଟାଙ୍କୁ ୫ଦିନ ରିମାଣ୍ଡରେ ଆଣିବାକୁ ଗୁରୁବାର ଆବେଦନ କରିଥିଲା ଏସ୍‌ଟିଏଫ୍। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ୩ ଦିନିଆ ରିମାଣ୍ଡ ଅନୁମତି ଦେଇଛନ୍ତି। ଶୁକ୍ରବାରଠାରୁ ସୟଦଙ୍କୁ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିବ। ଅନ୍ୟପକ୍ଷରେ ଜବତ ମୂର୍ତ୍ତିଗୁଡିକ ୧୨୫୪ ମସିହାର ହୋଇଥିବା ଓ ଏହା ପୁରୀ ଅଞ୍ଚଳରୁ ଚୋରି ହୋଇଥିବା ଅନୁମାନ କରାଯାଉଛି। ମୂର୍ତ୍ତି ପଛରେ ରହିଥିବା ଖୋଦିତ ଲେଖାରୁ ଏ ସମ୍ପର୍କରେ ସୂଚନା ମିଳୁଛି। ତେବେ ଠିକ୍ ତଥ୍ୟ ଜାଣିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖାଯାଇଛି। ଯାଞ୍ଚ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଏସ୍‌ଟିଏଫ୍ ଏସ୍‌ପି ପ୍ରଶାନ୍ତ କୁମାର ଭୋଇ ସୂଚନା ଦେଇଛନ୍ତି।

ତାଙ୍କ କହିବାନୁସାରେ, ଓଡିଶାରେ ଏହି ର୍‍ୟାକେଟ ପଛରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ଓ ଏମାନେ ସାଧାରଣତଃ ପୁରାତନ ମୂର୍ତ୍ତି, ହନୁମାନ ପାଇସା ଆଦି କାରବାର କରୁଥିବା ସନ୍ଦେହ କରାଯାଉଛି। ଏଥିପାଇଁ ଏଜେଣ୍ଟମାନେ ବିଭିନ୍ନ ଅଞ୍ଚଳରେ ଦଲାଲମାନଙ୍କୁ ନିୟୋଜିତ କରି ତାହାର ସନ୍ଧାନ କରିଥାନ୍ତି। ସୂଚନା ମିଳିବା ପରେ ଅତି ଚତୁରତାର ସହ ଗୋପନରେ ତାହାର ପରୀକ୍ଷାନିରୀକ୍ଷା କରାଯାଇଥାଏ। ସେଗୁଡ଼ିକୁ ଏଜେଣ୍ଟମାନେ କିଣିବା ପରେ ଭୋପାଳ, ହାଇଦ୍ରାବାଦ, ବିଶାଖାପାଟଣା ଓ ଆନ୍ଧ୍ର ଆଦି ରାଜ୍ୟରେ ଥିବା ମାଷ୍ଟରମାଇଣ୍ଡଙ୍କୁ ବିକ୍ରି କରିଥାନ୍ତି। ସେଠାରୁ ନେପାଳ କିମ୍ବା ଅନ୍ୟ ପଡୋଶୀ ରାଷ୍ଟ୍ର ଦେଇ ଅନ୍ତର୍ଜାତୀୟ ବଜାରକୁ କୋଟି କୋଟି ଟଙ୍କାରେ ଚାଲାଣ କରାଯାଉଥିବା ସୂଚନା ମିଳିଛି। ତେବେ ଗିରଫ ପରେ ଅଭିଯୁକ୍ତ ସୟଦଙ୍କଠାରୁ ମୂର୍ତ୍ତି ସମ୍ପର୍କରେ ଅଧିକ କିଛି ସୂଚନା ମିଳିପାରିନି। ସେ ଉକ୍ତ ମୂର୍ତ୍ତି ସମ୍ପର୍କରେ କିଛି ଜାଣି ନ ଥିବା ଓ ତାଙ୍କର ଜଣେ ସାଙ୍ଗ ଉକ୍ତ ଦୁଇ ମୂର୍ତ୍ତିକୁ ଦେଇଥିବା କହିଛନ୍ତି। ଏହାକୁ ଏସ୍‌ଟିଏଫ୍ ସହଜରେ ଗ୍ରହଣ କରିପାରୁନି। ତେଣୁ ରିମାଣ୍ଡରେ ଆସିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି।



■ ମୂର୍ତ୍ତିଟି ପୁରୀରୁ ଚୋରି ହୋଇଥିବା ସନ୍ଦେହ
■ ଯାଞ୍ଚ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ଫେବୃୟାରୀ, ୨୦୧୯

UNITED NATIONS

ପୁଲଓ୍ୱାମାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଜାତିସଂଘ ମଧ୍ୟ ଏହାର କଡ଼ା ନିନ୍ଦା କରିବା ସହ ଶହୀଦ ଯବାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛି। ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀଙ୍କୁ ଆଇନର କାଠଗଡ଼ାକୁ ଟଣାଯିବା ଜରୁରୀ ବୋଲି ଜାତିସଂଘ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ଆକ୍ରମଣ ପରେ...

ପୁଲଓ୍ୱାମା ଜିଲା ଲେଥ୍‌ପୋରାସ୍ଥିତ ଶ୍ରୀନଗର-ଜମ୍ମୁ ରାଜପଥର ଆକ୍ରମଣସ୍ଥଳ।

ଜଣେ ଆହତ ଯବାନଙ୍କୁ ହସ୍ପିଟାଲକୁ ନିଆଯାଉଛି।

ମୋଦିଙ୍କୁ ଘେରିଲେ ବିରୋଧୀ

ଏନ୍‌ଡିଏ ଅମଳରେ ୧୮ ଆକ୍ରମଣ

ଶ୍ରୀନଗର/ନୂଆଦିଲ୍ଲୀ,୧୪।୨

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାସୀନ ହେବା ପରଠାରୁ ୧୮ଟି ବଡ଼ ଆତଙ୍କବାଦୀ ଆକ୍ରମଣ ଘଟିଛି। ଆତଙ୍କବାଦୀମାନେ ଥରକୁ ଥର ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଥିବାବେଳେ କେନ୍ଦ୍ର ଏହାକୁ ରୋକିବାରେ ବିଫଳ ହୋଇଛି। କାରଣ ସରକାରଙ୍କ ଜମ୍ମୁ-କଶ୍ମୀର ଓ ଆତଙ୍କବାଦ ନିରୋଧୀ ନୀତି ବାଟବଣା ହୋଇଯାଇଛି ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

ଗୁରୁବାର ଅପରାହ୍ଣରେ ଦେଶବାସୀଙ୍କ ଛାତି ଥରାଇଦେବା ଭଳି ଖବର ଆସିଥିଲା। ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ସିଆର୍‌ପିଏଫ୍ ବସ୍‌କୁ ଜୈଶ୍ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ସମୟ ଗଡ଼ି ଚାଲିବା ସହ ଶହୀଦଙ୍କ ସଂଖ୍ୟା ବଢ଼ିଚାଲିଥିଲା। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା ଏହି ପ୍ରସଙ୍ଗରେ ମୋଦି ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ନିୟନ୍ତ୍ରଣରେଖା ସଂଲଗ୍ନ ଅଞ୍ଚଳରେ ନିୟମିତ ଭାବେ ଯବାନ ଶହୀଦ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଏହା ୧୮ତମ ବଡ଼ ଆତଙ୍କବାଦୀ ଆକ୍ରମଣ। ପମ୍ପୋରରୁ ନେଇ ଉରି, ପଠାନ୍‌କୋଟରୁ ଅମରନାଥ ଯାଏ ଆକ୍ରମଣର ତାଲିକା ଲମ୍ବିଛି। ପାକିସ୍ତାନ ପଟୁ ସବୁଦିନ ଆକ୍ରମଣ ହେଉଛି। କେବଳ ଜମ୍ମୁ-କଶ୍ମୀରରେ ୪୦୦ ଯବାନ ଶହୀଦ ହେଲେଣି। ହେଲେ ଆମ ସରକାର କାହିଁକି ନୀରବ ବସିଛନ୍ତି ବୋଲି ସୁର୍ଜେଓ୍ୱାଲା ପ୍ରଶ୍ନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆକ୍ରମଣର ନିନ୍ଦା କରିବା ସହ ଶହୀଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଏଭଳି ଆତଙ୍କବାଦୀ ଆକ୍ରମଣ ଭବିଷ୍ୟତରେ ଯେପରି ନ ଘଟେ କେନ୍ଦ୍ର ସରକାର ତାହା ସୁନିଶ୍ଚିତ କରିବା ପାଇଁ ସରକାର କଡ଼ା ପଦକ୍ଷେପ ନିଅନ୍ତୁ। କଂଗ୍ରେସର ପୂର୍ବ ଉତ୍ତରପ୍ରଦେଶ ପ୍ରଭାରୀ ପ୍ରିୟଙ୍କା ଲକ୍ଷ୍ନୌରେ ହେବାକୁ ଥିବା ପ୍ରଥମ ଖବରଦାତା ସମ୍ମିଳନୀକୁ ବାତିଲ କରିଦେଇଛନ୍ତି। ଜମ୍ମୁ-କଶ୍ମୀରର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତି ମଧ୍ୟ ଆକ୍ରମଣର ନିନ୍ଦା କରିଛନ୍ତି। ଭୁଟାନରେ ଥିବା ସ୍ୱରାଷ୍ଟ୍ର ସଚିବ ରାଜୀବ ଗଉବା ଗସ୍ତ କାଟ୍ କରି ନୂଆଦିଲ୍ଲୀ ଫେରୁଛନ୍ତି। ଆକ୍ରମଣ ପରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସୁରକ୍ଷା ବ୍ୟବସ୍ଥାର ତୁରନ୍ତ ସମୀକ୍ଷା କରିବା ଲାଗି ରାଜ୍ୟପାଳ ସତ୍ୟପାଲ ମଲିକ୍ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କ ଏଭଳି କାର୍ଯ୍ୟ ସୁରକ୍ଷା ବାହିନୀର ସଙ୍କଳ୍ପ ଏବଂ ଜନସାଧାରଣଙ୍କ ମନୋବଳକୁ ବଦଳାଇଦେଇପାରିବ ନାହିଁ। ଆମେ ଶତ୍ରୁ ଶକ୍ତିକୁ ନିଃଶେଷ କରିଦେବୁ ବୋଲି ରାଜ୍ୟପାଳ କହିଛନ୍ତି।

ଆତଙ୍କବାଦୀ ଆକ୍ରମଣ ପରେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛନ୍ତି ସୁରକ୍ଷା ବଳ।

'ବେକାର ଯିବନି ତ୍ୟାଗ'

ନୂଆଦିଲ୍ଲୀ,୧୪।୨(ପି.ଟି.)-ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିବା ସହ ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କରିଛନ୍ତି। ଯବାନଙ୍କ ତ୍ୟାଗ ବେକାର ଯିବନାହିଁ। ଶହୀଦଙ୍କ ପରିବାର ସହ ସାରା ଦେଶ ଛିଡ଼ା ହୋଇ ରହିଛି ବୋଲି ମୋଦି ଟୁଇଟ୍ କରିଛନ୍ତି। ସେହିପରି ଭୀରୁ ଆତଙ୍କବାଦୀଙ୍କ ଆକ୍ରମଣର ସବୁ ପ୍ରକାର ପ୍ରତିଶୋଧ ନିଆଯିବ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଧ୍ୟ ଏହାର କଡ଼ାନିନ୍ଦା କରି ଅନୁରୂପ ଟୁଇଟ୍ କରିଛନ୍ତି।

ଟାର୍ଗେଟରେ ଯବାନ

୨୦୧୭ ଅଗଷ୍ଟ ୨୬: ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଡିଷ୍ଟ୍ରିକ୍ଟ ପୋଲିସ ଲାଇନରେ ୩ ଜେଇଏମ୍ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୮ ସୁରକ୍ଷା କର୍ମୀ ଶହୀଦ ହୋଇଥିବାବେଳେ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା।

୨୦୧୬ ନଭେମ୍ବର ୨୯: ଜମ୍ମୁସ୍ଥିତ ନଗରୋଟା ସେନା ଶିବିରକୁ ୩ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କୁ ଗୁଳିକରି ନିପାତ କରିବା ପୂର୍ବରୁ ୭ ଯବାନ ଶହୀଦ ହୋଇଥିଲେ।

୨୦୧୬ ସେପ୍ଟେମ୍ବର ୧୮: ବାରାମୁଲ୍ଲା ଜିଲାର ଉରି ସେନା ଶିବିରରେ ଯବାନମାନେ ଶୋଇଥିବାବେଳେ ୪ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୮ ଯବାନ ଶହୀଦ ହୋଇଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀମାନେ ନିହତ ହୋଇଥିଲେ। ଏହା ପରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଭାରତୀୟ ସେନା ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା।

୨୦୧୬ ଜୁନ୍ ୨୫: ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥର ପମ୍ପୋରଠାରେ ସିଆର୍‌ପିଏଫ୍ ବସ୍‌କୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୮ ଯବାନ ଶହୀଦ ହୋଇଥିଲେ।

୨୦୧୬ ଜୁନ୍ ୨: ପମ୍ପୋରରେ ଏକ ସିଆର୍‌ପିଏଫ୍ ବସକୁ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ସେମାନେ ଏକ ସରକାରୀ କୋଠାକୁ କବ୍‌ଜା କରିବା ପୂର୍ବରୁ ୨ ଯବାନଙ୍କୁ ଗୁଳିକରି ହତ୍ୟା କରିଥିଲେ। ଦୁଇଦିନ ଧରି ଏନ୍‌କାଉଣ୍ଟର ଚାଲିବା ପରେ ୨ ସେନା ଅଧିକାରୀ, ୩ ଯବାନ ଓ ଜଣେ ନାଗରିକ ନିହତ ହୋଇଥିଲେ। ଯବାନଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଥିଲେ।

୨୦୧୬ ଜାନୁୟାରୀ ୨: ପଞ୍ଜାବର ପଠାନ୍‌କୋଟ ବାୟୁସେନା ଘାଟିରେ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୭ ଯବାନ ଶହୀଦ ଓ ଜଣେ ନାଗରିକ ନିହତ ହୋଇଥିଲେ। ୫ ତାରିଖରେ ୫ ଆତଙ୍କବାଦୀଙ୍କ ମୃତଦେହ ମିଳିଥିଲା।

୨୦୧୪ ଡିସେମ୍ବର ୫: ୬ ସଶସ୍ତ୍ର ଆତଙ୍କବାଦୀ ଉରିସ୍ଥିତ ମୋହରା ସେନା ଶିବିରରେ ପଶି ଗୁଳି ଚଳାଇଥିଲେ। ଏଥିରେ ୧୦ ଯବାନ ଶହୀଦ ହୋଇଥିଲେ। ଗୁଳି ବିନିମୟ ବେଳେ ଆତଙ୍କବାଦୀଙ୍କୁ ନିପାତ କରିଥିଲା ସେନା।

୨୦୧୩ ଜୁନ୍ ୨୪: ଶ୍ରୀନଗରସ୍ଥିତ ହାଇଦରପୋରାରେ ସେନାର ଯବାନଙ୍କୁ ନେଇ ଯାଉଥିବା ଏକ ବସକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଏହି ଆକ୍ରମଣରେ ୮ ଯବାନଙ୍କ ଜୀବନ ଯାଇଥିଲା।

୨୦୦୮ ଜୁଲାଇ ୧୯: ନରବାଲ୍‌ର ଏକ ରାସ୍ତାକଡ଼ରେ ଆତଙ୍କବାଦୀମାନେ ଆଇଇଡି ଖଞ୍ଜିଥିଲେ। ଏହା ବିସ୍ଫୋରଣ ହେବା ପରେ ୧୦ ଯବାନ ଶହୀଦ ହୋଇଥିଲେ।

୨୦୦୫ ନଭେମ୍ବର ୨: ତତ୍କାଳୀନ ମୁଖ୍ୟମନ୍ତ୍ରୀ ମୁଫ୍‌ତି ମହମ୍ମଦ ସୟିଦ୍‌ଙ୍କ ନାଓଗାମସ୍ଥିତ ବାସଭବନ ନିକଟରେ ଆତ୍ମଘାତୀ ବିସ୍ଫୋରଣରେ ୩ ପୋଲିସ ଶହୀଦ ଓ ୬ ନାଗରିକ ନିହତ ହୋଇଥିଲେ।

୨୦୦୫ ଜୁଲାଇ ୨୪: ଶ୍ରୀନଗର ନିକଟରେ ଏକ କାର୍ ବିସ୍ଫୋରଣରେ ୯ ଯବାନ ଶହୀଦ ହୋଇଥିଲେ।

୨୦୦୪ ଅଗଷ୍ଟ ୪: ଶ୍ରୀନଗରର ରାଜବାଗ୍ ସିଆର୍‌ପିଏଫ୍ ଶିବିରରେ ଆତଙ୍କବାଦୀ ଆକ୍ରମଣରେ ୯ ଯବାନ ଶହୀଦ ହୋଇଥିଲେ।

୨୦୦୩ ଜୁଲାଇ ୨୨: ଆଖ୍‌ନୁରସ୍ଥିତ ସେନା ଶିବିରରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୮ ଯବାନ ଓ ଜଣେ ବ୍ରିଗେଡିୟର ଶହୀଦ ହୋଇଥିଲେ।

୨୦୦୩ ଜୁନ୍ ୨୮: ସୁଞ୍ଜଓ୍ୱାନ ସେନା ଶିବିର ଆକ୍ରମଣରେ ୧୨ ଯବାନ ଶହୀଦ ହୋଇଥିଲେ।

୨୦୦୨ ମେ ୧୪: ଜମ୍ମୁର କଲୁଚକ୍ ସେନା କ୍ୟାଣ୍ଟନ୍‌ମେଣ୍ଟକୁ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ଏଥିରେ ୩୬ ଯବାନଙ୍କ ଜୀବନ ଯାଇଥିଲା।

ଉରି ଆକ୍ରମଣ ବେଳର ଦୃଶ୍ୟ

ଟୁଇଟ୍‌ରେ ଭିଡିଓ ଶେୟାର କଲା ପୋଲିସ

ଶ୍ରୀନଗର,୧୪।୨(ପି.ଟି.)

ଜମ୍ମୁ-କଶ୍ମୀର ପୋଲିସ ପୁଲଓ୍ୱାମା ଆକ୍ରମଣ ସମ୍ପର୍କରେ ଦୁଇଦିନ ତଳର ଏକ ଭିଡିଓ ଟୁଇଟର୍‌ରେ ଶେୟାର କରିଛି। ଲେଥ୍‌ପୋରାସ୍ଥିତ ଶ୍ରୀନଗର-ଜମ୍ମୁ ରାଜପଥର ଜୈଶ୍‌ର ଆକ୍ରମଣ କରିପାରେ ବୋଲି ଏଥିରେ କୁହାଯାଇଛି। '୩୧୩-ଗେଟ୍' ନାମକ ଏକ ଟୁଇଟର୍ ହ୍ୟାଣ୍ଡଲରେ ୩୩ ସେକେଣ୍ଡର ଭିଡିଓ ଦୁଇଦିନ ତଳେ ଶେୟାର କରାଯାଇଥିଲା। ଏଥିରେ ଉନ୍‌ଶା ଆଲ୍ଲାହ... ସୋମାଲିଆ ଶୈଳୀରେ କଶ୍ମୀର ସୁରକ୍ଷା ବଳ ଉପରେ ଆକ୍ରମଣ ହୋଇପାରେ ବୋଲି ଉଲ୍ଲେଖ କରାଯାଇଛି। ଏହି ଆକାଉଣ୍ଟକୁ କିଏ ପରିଚାଳନା କରୁଛନ୍ତି ତାହା ଜାଣିବା ପାଇଁ ପୋଲିସ ତନାଘନା କରୁଛି।

ଜାତିସଂଘରେ ବଦଳିବ ଆଭିମୁଖ୍ୟ

ନୂଆଦିଲ୍ଲୀ,୧୪।୨

ପୁଲଓ୍ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଜାତିସଂଘରେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଝାର ସମ୍ପର୍କିତ ଭାରତର ଆଭିମୁଖ୍ୟ ବଦଳିବାକୁ ଯାଉଛି। ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରିବାକୁ ପାକିସ୍ତାନକୁ ଭାରତ କଡା ଭାଷାରେ କହିଛି। ଏଥିସହିତ ଜାତିସଂଘ ନିରାପତ୍ତା ପରିଷଦର ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ତାଲିକାରେ ଆଝାରଙ୍କୁ ସାମିଲ କରିବା ଲାଗି ଭାରତ ଅନ୍ୟ ଦେଶଗୁଡ଼ିକୁ ଆହ୍ୱାନ ଦେଇଛି। ଆଝାରଙ୍କ ସଙ୍ଗଠନକୁ ବେଆଇନ ଘୋଷଣା କରିବା ଲାଗି ଭାରତ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ପାକିସ୍ତାନର ବନ୍ଧୁ ରାଷ୍ଟ୍ର ଚାଇନାର ହସ୍ତକ୍ଷେପ ଯୋଗୁ ଜାତିସଂଘ କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ପାକିସ୍ତାନ ଆତଙ୍କବାଦୀଙ୍କୁ ସମର୍ଥନ ଦେବା ବନ୍ଦକରୁ। ଏହାସହ ନିଜ ମାଟିରେ ଆତଙ୍କବାଦର ଭିତ୍ତିଭୂମିକୁ ଧ୍ୱଂସ

ଆତଙ୍କବାଦୀଙ୍କୁ ଲଗାମ ଲଗାଉ ପାକିସ୍ତାନ

ମାସୁଦ ଆଝାର

କରୁ ବୋଲି ଗୁରୁବାର ପୁଲଓ୍ୱାମା ଆକ୍ରମଣ ପରେ ପଡ଼ୋଶୀ ଦେଶକୁ ଭାରତ ତାଗିଦ୍ କରିଛି। ସିଆର୍‌ପିଏଫ୍ ଯବାନଙ୍କ ଉପରେ ଜେଇଏମ୍‌ର ଆକ୍ରମଣକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ନିନ୍ଦା କରିଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆଝାରଙ୍କ ନେତୃତ୍ୱାଧୀନ ଜେଇଏମ୍‌କୁ ପାକିସ୍ତାନ ସରକାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଏଥିଯୋଗୁ ଏହି ଆତଙ୍କବାଦୀ ସଙ୍ଗଠନ ଭାରତରେ ଆକ୍ରମଣ ଘଟାଉଛି। ଭାରତ ସରକାର ନିଜ ନିରାପତ୍ତାର ସୁରକ୍ଷା ଲାଗି ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଏଥିରେ କୁହାଯାଇଛି।

ରାଷ୍ଟ୍ରପତିଙ୍କ ନିନ୍ଦା

ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସାରା ଦେଶର ଭାବନା ଓ ପ୍ରାର୍ଥନା ଶହୀଦ ପରିବାର ସହିତ ରହିଛି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆତଙ୍କବାଦ ଓ ଦାନବ ଶକ୍ତି ବିରୋଧରେ ଏହି ଲଢ଼େଇ ପଛରେ ସାରା ଦେଶ ଛିଡ଼ାହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଆତଙ୍କବାଦୀଙ୍କ ବୀଭତ୍ସ ଆକ୍ରମଣରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ମର୍ମାହତ ବୋଲି କହିଛନ୍ତି। ସେ ଶହୀଦ ଯବାନଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।



ଆଜି କଶ୍ମୀର ଯିବେ ରାଜନାଥ

ନୂଆଦିଲ୍ଲୀ,୧୪।୨(ପି.ଟି.)

ପୁଲଓ୍ୱାମା ଆକ୍ରମଣ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସ୍ଥିତି ସମୀକ୍ଷା କରିଛନ୍ତି। ରାଜନାଥ ଆକ୍ରମଣ ସମ୍ପର୍କରେ ଖବର ପାଇବା ପରେ ଜମ୍ମୁ-କଶ୍ମୀରର ରାଜ୍ୟପାଳ ସତ୍ୟପାଲ୍ ମଲିକ୍‌ଙ୍କ ସହ ଫୋନ୍‌ରେ ଆଲୋଚନା କରିଛନ୍ତି। ସେ ଶୁକ୍ରବାର ବିହାର ଯିବାର ଥିଲା। କିନ୍ତୁ ଏହି ରାଜନୈତିକ କାର୍ଯ୍ୟକ୍ରମକୁ ବାତିଲ କରି ରାଜନାଥ ଜମ୍ମୁ-କଶ୍ମୀର ଗସ୍ତ କରିବେ ବୋଲି ଜଣାପଡ଼ିଛି। ସେହିପରି ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ ମଧ୍ୟ ରାଜ୍ୟପାଳଙ୍କ ସହ ଆକ୍ରମଣ ସମ୍ପର୍କରେ ଆଲୋଚନା କରିଛନ୍ତି।

> ଯବାନଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଭୀରୁତାର କାର୍ଯ୍ୟ। ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଦେଶସେବା ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ପ୍ରତି ଯବାନଙ୍କ ପାଖରେ ମଥାନତ କରୁଛି। ପାକିସ୍ତାନର ଜୈଶ-ଇ-ମହମ୍ମଦକୁ ଏହାର ଠିକଣା ଜବାବ ଦିଆଯିବ।
> - ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

ଇତିହାସର ଆଇନାରେ

ଫେବୃୟାରୀ ୧୫ର ପ୍ରମୁଖ ଘଟଣା

୨୦୦୩ ଫେବୃୟାରୀ ୧୫ରେ ଇରାକ ଯୁଦ୍ଧକୁ ବିରୋଧ କରି ବିଶ୍ୱର ୬୦୦ ନଗରୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପାଖାପାଖି ୩କୋଟି ଲୋକ ଅଂଶଗ୍ରହଣ କରିଥଲେ। ବିଶ୍ୱ ଇତିହାସରେ ଏହାକୁ ସର୍ବବୃହତ୍ ଶାନ୍ତିପୂର୍ଣ୍ଣ ଗଣଧାରଣା ଆଖ୍ୟା ଦିଆଯାଇଛି। ଏହାପରେ ଆମେରିକା ନେତୃତ୍ୱାଧୀନ ମେଣ୍ଟଶକ୍ତିର ଇରାକ ବିରୋଧୀ ଯୁଦ୍ଧକୁ ବିରୋଧ କରି ବିଭିନ୍ନ ରାଷ୍ଟ୍ରରେ ବିଭିନ୍ନ ସମୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା।

୧୯୨୩ ଫେବୃୟାରୀ ୧୫ରେ ଗ୍ରିଗୋରିଆନ୍ କ୍ୟାଲେଣ୍ଡର ଗୃହୀତ କରିବାରେ ଗ୍ରିସ୍ ଥିଲା ଶେଷ ୟୁରୋପୀୟ ଦେଶ। ବିଶ୍ୱରେ ଗ୍ରିଗୋରିଆନ୍ କ୍ୟାଲେଣ୍ଡରକୁ ବହୁଳ ବ୍ୟବହାର କରାଯାଏ। ଏହା ପୋପ୍ ଗ୍ରିଗୋରି ତ୍ରୟୋଦଶଙ୍କ ନାମରେ ନାମିତ। ସେ ଏହି କ୍ୟାଲେଣ୍ଡରକୁ ୧୫୮୨ରେ କାର୍ଯ୍ୟକାରୀ କରିଥିଲେ। ଉକ୍ତ କ୍ୟାଲେଣ୍ଡର ଅନୁଯାୟୀ ବର୍ଷକ ହେଉଛି ୩୬୫.୨୪ ଦିନ। ତଦନୁଯାୟୀ ପ୍ରତି ୪ବର୍ଷରେ ଥରେ ଅଧିବର୍ଷ ପଡ଼େ।

ନିଜ ବାୟୋପିକ୍‌ରେ ନିର୍ଦ୍ଦେଶନା ଦେବେ କଙ୍ଗନା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ଖୁବ୍ ଶୀଘ୍ର ନିଜ ବାୟୋପିକ୍ (ଜୀବନକାହାଣୀ ଭିତ୍ତିକ ଫିଲ୍ମ)ର ନିର୍ଦ୍ଦେଶନା ଦେବାକୁ ଚାହୁଁଛନ୍ତି। ତେବେ ଏହି ପ୍ରକଳ୍ପ ଜନମତକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। 'ବାହୁବଳୀ' ଓ 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସି'ର କାହାଣୀକାର କେ.ଭି. ବିଜୟେନ୍ଦ୍ର ଉକ୍ତ ବାୟୋପିକ୍ ପାଇଁ କାହାଣୀ ଲେଖୁଥିବା ବେଳେ ଚଳିତବର୍ଷ ଶେଷ ସୁଦ୍ଧା ଏହା ରିଲିଜ୍ ହେବା ଆଶା କରାଯାଏ। ଏ ସମ୍ପର୍କରେ କଙ୍ଗନା ଏକ ବିବୃତିରେ କହନ୍ତି, ତାଙ୍କ ନିଜ କାହାଣୀକୁ ନେଇ ନିର୍ମାଣ ହେବାକୁ ଥିବା ଫିଲ୍ମର ନିର୍ଦ୍ଦେଶନା ସେ ନିଜେ ଦେବେ। ଏହା ତାଙ୍କ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସେ ଏକ ବିବୃତିରେ କହିଛନ୍ତି। ମୋ ଚାରିପାଖର ଲୋକଙ୍କ ଭଲପାଇବା ମୋତେ ସାହସୀ କରିଛି। ୧୨ ସପ୍ତାହ ତଳେ ମୋ ନିଜ ଜୀବନୀକୁ ଭିତ୍ତିକରି ଏକ କାହାଣୀ ଲେଖିବାକୁ ସୁଯୋଗ ଦେବାକୁ ବିଜୟେନ୍ଦ୍ର ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଏହା ଶୁଣି କଙ୍ଗନା ପ୍ରଥମେ ନର୍ଭସ୍ ହୋଇଯାଇଥିଲେ। ତେବେ ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ଉକ୍ତ ପ୍ରକଳ୍ପ ଆଗେଇ ନେବାକୁ ସେ ବିଜୟେନ୍ଦ୍ର ମହାଶୟଙ୍କୁ ପ୍ରସ୍ତାବ ଦେଇଥିଲେ।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୨.୦	୧୩.୯
ଚାନ୍ଦବାଲି	୩୨.୨	୧୬.୦
କଟକ	୩୨.୨	୧୫.୦
ପାରାଦ୍ୱୀପ	୨୯.୨	୧୭.୩
ଭୁବନେଶ୍ୱର	୩୪.୬	୧୫.୮
ଗୋପାଳପୁର	୩୦.୪	୧୬.୮
ପୁରୀ	୨୯.୦	୧୮.୪
ଅନୁଗୋଳ	୩୨.୭	୧୨.୦
ବାରିପଦା	୩୧.୬	୧୪.୪
ଝାରସୁଗୁଡ଼ା	୩୨.୮	୧୪.୦
କେନ୍ଦୁଝର	୩୧.୬	୧୩.୧
ସମ୍ବଲପୁର	୩୩.୩	୧୪.୦
ସୁନ୍ଦରଗଡ଼	୩୦.୫	୧୨.୫
ହୀରାକୁଦ	୩୨.୧	୧୪.୬
ତାଳଚେର	୩୩.୨	୧୪.୩
ଭବାନୀପାଟଣା	୩୨.୫	୧୩.୫
ବଲାଙ୍ଗୀର	୩୩.୦	୧୪.୨
କୋରାପୁଟ	୩୨.୦	୧୨.୬
ଫୁଲବାଣୀ	୩୧.୦	୧୧.୩
ଟିଟିଲାଗଡ଼	---	୧୨.୫
ମାଲକାନଗିରି	୩୫.୫	୧୩.୮
ସୋନପୁର	୩୩.୦	୧୨.୪
ଦାରିଙ୍ଗିବାଡ଼ି	୨୮.୫	୧୨.୦
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ସନ୍ତୁଷ୍ଟ ଲୋକଟି କେବେହେଲେ ଦରିଦ୍ର ନୁହେଁ, ଅସନ୍ତୁଷ୍ଟ କେବେହେଲେ ଧନୀ ନୁହେଁ।
- ଜର୍ଜ ଇଲିଅଟ୍

TALCHER-ANGUL-MERAMANDALI DEVELOPMENT AUTHORITY, ANGUL

TENDER CALL NOTICE No. 02 OF 2018-19

No. 552/ TAMDA OF Dt. 13.02.2019

1. Engineer Member, TAMDA, Angul on behalf of TAMDA invites sealed single cover percentage rate bid for the work as detailed below from the class of contractors mentioned in the table in Col.6 registered under State Govt. / Central Govt. / MES/ Railways for execution of civil works.

Sl. No.	Name of the work	Estimated Cost Rs. in Table (approx.)	EMD duly pledged in favour of funds of TAMDA	Cost of tender paper in Rs. (non-refundable)	Class of Con-tractor	Period of Com-pletion
1	2	3	4	5	6	7
1	Save & protection of vacant land and provision of plantation and develop of park in site and services (plotted development) scheme near WW Hostel, Angul	7.08	7,100.00	4000.00	D&C	2 (Two) months

2. The sale & receipt of the tender paper will be started from dt. 15.02.2019 till dt.21.02.2019 upto 5.00 PM on payment of the cost (non-refundable) as indicated in Co.-5 against the above noted work during office hour everyday.
3. The tender paper will be opened on dt.22.02.2019 at 11.00AM in the Office of the undersigned in presence of the Bidders who wish to attend. If the date of receipt & opening happens to be a holiday, the tender paper will be received / opened on the next working day at the same time and venue.
4. Bids should be accompanied with required E.M.D. as indicated in Col.-4 in shape of N.S.C./ KVP/ Postal time deposit duly pledged in favour of FUNDS OF TAMDA payable at Angul along with the attested copies of valid license, copies of ITCC (PAN) & GST clearance certificate & no relation certificate, failing which the tender will be rejected.
5. Bids document must be delivered in the tender box having identification No. TAMDA-1.
6. Bids document received after due date & time will not be entertained.
7. Further details can be seen from the bidding documents.
8. The authority reserves the right to reject any or all tenders without assigning any reason thereof.

Sd./- Engineer Member

କଲ୍ୟାଣୀ

ରତନ

ସୁବାସ

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com

ସ୍ମିତାରାଣୀ

କ୍ରିଷ୍ଣା

ଶ୍ରୀକାନ୍ତ

ଦେବେନ୍ଦ୍ର

ODISHA STATE BEVERAGES CORPORATION LIMITED

(A GOVERNMENT OF ODISHA UNDERTAKING)
2nd FLOOR, FORTUNE TOWER, CHANDRASEKHARPUR, BHUBANESWAR-751023 (ODISHA)
CIN: U51228OR2000SGC006372
Ref. No. 2539/OSBC/601 Dt. 14.02.2019

TENDER CALL NOTICE FOR HIRING OF GO-DOWN

No. CAD-1421: Sealed tenders in the prescribed format are invited by Odisha State Beverages Corporation Ltd., Bhubaneswar from intending go-down/warehouse owners for leasing out their existing go-down / warehouses situated in and around Khurda to Odisha State Beverages Corporation Ltd for storing of India Made Foreign Liquor / Beer/ Country Liquor. The last date and time of submission of sealed tender is 11.03.2019 3.00 P.M.

The details may please be seen in the official website of the Corporation i.e. https://osbc.co.in

36003/11/0008/1819 **Sd/- General Manager (Admn.)**

OFFICE OF THE NOTIFIED AREA COUNCIL, DHAMNAGAR

Pin:-756117(Odisha), Tel. No- 06786-236056
E.Mail:dhamnagar.nac@gmail.com

No. 225 **Date : 14.02.2019**

"e" PROCUREMENT NOTICE

Bid Identification No- DNR 09/2018-19

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1	Name of the Work		Civil const. works as mentioned in DTCN.
2	No. of Works		5 Nos.
3	Estimatcd Cost		As per DTCN
4	Period of Completion		2 Calendar Months
5	Date and Time of Bidding		14.02.2019 to 21.02.2019
6	Last date and Time for receipt of bids in the portal		21.02.2019 upto 5.00 pm
7	Submission of Original Document		22.02.2019 to 23.02.2019 within Office Hour
8	Bids received online shall be opened on		25-02-2019 onwards
9	Name and address of the officer inviting Bid		Executive Officer, Dhamnagar NAC

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer, Dhamnagar NAC

OFFICE OF THE MUNICIPAL COUNCIL, NABARANGPUR

Nabarangpur (Odisha), Pin: 764059, Tel./Fax No.: 06858-222031, E-mail: nabarangpurm.hud@ori.nic.in, municipalityngpr@gmail.com

"E" PROCUREMENT NOTICE

Bid Identification No-04/NM-2018-19

Tender Call Notice No-500/NM-19 **Dated 04.02.2019**

The Executive Officer on behalf of Nabarangpur Municipality, Nabarnagpur invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD and Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1	Nature of work	Civil works
2	No. of Works	13 Nos.
3	Estimated Cost	2.00 to 12.00 Lakhs
4	Period of Completion	03 Months
5	Date & time of availability of the bid documents in the portal	14.02.2019 to 23.02.2019
6	Last date & Time of receipt of Bids in the portal	16.00 hours of 23.02.2019
7	Date & time of opening of Bid	25.02.2019 at 11.00 AM
8	Name & Address of the Officer inviting Bid	Executive Officer, Nabarangpur Municipality
9	To be intimated later to the bidder(s) found qualified after evaluation of Technical Bids and Price Bid received on-line.	

Further the details can be seen from the procurement portal: www.tendersorissa.gov.in

Sd./- Executive Officer Nabarangpur Municipality

GOVERNMENT OF ODISHA

OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA PHASE-II, 2ND FLOOR, BHUBANESWAR
Mail i. d. seccbbsr@gmail.com

No. 1273-B

E-PROCUREMENT SHORT TENDER CALL NOTICE NO.23 OF 2018-19

No.451(Estg.) Bhubaneswar the 12th February'2019 The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for two No R.C.C. Drain works to be received in online bidding, double cover system for construction works as detailed in:https://tendersorissa.gov.in. The details of bid documents will be available in the above website from 4.00 PM of 18.02.2019 to 5:00 PM of 25.02.2019. The bidders must possess compatible Digital Signature Certificate of Class II or III. Bids received online shall be opened at 11:00 AM of 26.02.2019 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Er. R.K.Sahu
Superintending Engineer
34005/11/0041/1819 **Central Circle (R&B), Bhubaneswar**

OFFICE OF THE MUNICIPAL COUNCIL, BALANGIR

No. 623 / BM/ Dt. 12.02.2019

e-Procurement Notice

Bid Identification No. BLGR MPTY/07(01-26)/2018-19

Bid Documents consisting of work, Estimated cost, Cost of Tender Paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in

1	Name of the Work	:	Civil Construction work as mentioned in DTCN
2	No. of works	:	26 (Twenty Six) Nos.
3	Estimated Cost	:	Rs. 1.00 Lakhs to Rs. 10.00 Lakhs
4	Period of Completion	:	2 to 3 Calendar Months
5	Date and Time of online Bidding	:	From 10.00 Am of 15.02.2019 to 5.00 PM of 23.02.2019
6	Online Bids shall be opened on	:	25.02.2019 on 11.30 AM
7	Name & Address of the Officer inviting Bid	:	Executive Officer, Balangir Municipality
8	Further details can be seen from the website www.tendersorissa.gov.in		
9	Further any addendum / corrigendum / clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details.		

Sd./- Executive Officer, Balangir Municipality

OFFICE OF THE EXECUTIVE ENGINEER, RWS&S PROJECT DIVISION, KHARIAR

At-khariar, Po-Khariar,
Email:-eerwssproject_khariar@rediffmail.com

INVITATIONS FOR BIDS (IFB) [e-Procurement]

Bid Identification No. EERWSS-KHR 20/2018-19
Dt.11.02.2019 No.1675-O

1.	The Executive Engineer, RWS&S Project division, Khariar on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Nuapada District.		
2.	Nature of Work	:	Execution of Rural Piped Water Supply Village to Amodi under Nuapada Block in the district of Nuapada.
3.	No. of Work	:	01 (One No.)
4.	Class of Contractor	:	"A Class" and "Special Class"
5.	Cost of Tender paper	:	Rs.10000.00
6.	Estimated Cost approximate	:	Rs.357.22 Lakhs
7.	Period of completion	:	Within 12 calendar Months
8.	Availability of bid documents in the website	:	From date.18.02.2019 at 10.00 AM to date. 11.03.2019 upto 5.00 PM
9.	Last date & Time of seeking tender clarification	:	On date. 11.03.2019 at 05.00 PM
10.	Date & Time for submission of Original Document, Court Affidavit in original form	:	On Dated. 13.03.2019 upto 12.00 NOON
11.	Date of Opening of Bid	:	On date. 13.03.2019 at 12.00 NOON onwards
12.	Any corrigendum/Addendum/ Cancellation of IFB will be displayed in the e-tender website only. The bidders have to participate in ONLINE bidding only. Further details can seen from the website i.e. http://tendersorissa.gov.in		

25109/11/0010/1819 **Sd./- Executive Engineer, RWS&S Project Division, Khariar**

NEELACHAL ISPAT NIGAM LIMITED

NINL Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

OPEN TENDER NOTICE

Tdr. No. NINL/CC/18-19/WM/TDR-153, **Date:12.02.2019**

Name of Work: **Job contract for removal & disposal of sludge/silt from harvesting pond of NINL. Last date of tender submission: 04.03.2019 up to 3PM.** For detailed tender documents, please visit **www.ninl.in**. Corrigendum, extension etc shall be notified on website only.

Sr. Mgr.(WCC)
Tel. 06726-264068

RWS&S DIVISION, SUNDARGARH

Phone -06622-272369, Email id : rwss.sng@gmail.com

1st CORRIGENDUM NOTICE

Bid identification No.EE, RWS&S, SNG 07/2018-19

No. 1689-O: The following correction has been made for Sl.No. 22 & 23, Class of Contractor may kindly be read as Special Class & Super Class instead of A & Special Class and the Approximate Value of Work excluding GST may be read as Rs. 756.40 lakhs and Rs.780.92 lakhs and EMD Rs.7,56,500/- & 7,81,000/- respectively in place of Rs.735.00 lakhs & Rs.846.18 lakhs & EMD Rs.7,35,000/- & Rs.8,46,200/-.

All other term & condition are remain as is it.

Sd./- Executive Engineer
25009/11/0013/1819 **RWS&S Division, Sundargarh**

No.1264-B

GOVERNMENT OF ODISHA,

"e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
SHORT TENDER CALL NOTICE
E-mail: rbcirclekhurda@gmail.com
Bid Identification No. SE-Khordha (R&B) Circle-19/2018-19 Memo No - Dt.

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road work as detailed in the table below:

1.	Nature of Work	Road Work
2.	No. of Work	01 No
3.	Tender Cost	Rs.10000.00 (On-Line)
4.	Class of Contractor	'B' Class & 'A' Class
5.	Available of Bid document in the Website	From Dt. 16.02.2019, 10.00 AM to Dt. 25.02.2019, 4.30 PM
6.	Date of opening of Bid	Dt. 25.02.2019 at 5.00 PM
7.	The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.	

Superintending Engineer,
34127/11/0021/1819 **Khordha (R&B) Circle, Khordha**

OFFICE OF THE EXECUTIVE ENGINEER RWSS DIVISION, BHUBANESWAR

PLOT NO. 1214 (P), AT : TAPOVAN
P.O: KHANDAGIRI, BHUBANESWAR – 30
Tel- (0674) 2384108, E-Mail: eerwss_bbsr@nic.in

Govt. of Odisha e-Procurement Notice

Bid Identification Notice No. 59 of 2018-19

No. 1685-O: The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid through e-procurement in double cover system according to norm of e-procurement.

1.	Nature of Work	Supplying all labour , material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha Division.
2.	No. of Tender	1 Nos.
3.	Tender Paper Cost	Rs.10000.00
4.	Value of Work	72.81 lakhs
5.	Class of Contractor	B" A"
6.	Date & time of availability of Bid document in portal	16-02-2019 4.00 P.M. to 25-02-2019 Up to 3.00 P.M.
7.	Date & Time of seeking tender clarification	16.02-2019 4.00 P.M. to 21-02-2019 Up to 3.00 P.M. during office hour.
8.	Date & Time of opening of tender	26.02.2019 at 11.00 A.M. in the O/O E.E., RWSS Divn., Bhubaneswar
9.	Time of Completion	180 days
10.	The bidders have to participate in online bidding only. Further details can be seen from the web site https://www.tendersorissa.gov.in. corrigendum if any shall only be published above web site	
11.	The Bid cost and EMD to be deposited through online	

25011/11/0039/1819 **EXECUTIVE ENGINEER RWS&S DIVISION, BHUBANESWAR**

BERHAMPUR MUNICIPAL CORPORATION

No.-482-C

NOTICE FOR SUMMER CAMP-2019

No.2087 / **Date.13.02.2019**

Berhampur Municipal Corporation is going to Organise 2nd Summer camp 2019 from 1st May 2019 to 31st May 2019. Interested individuals,institute can be submit their proposal to participate as trainers in different skill areas for Summer Camp 2019.

The proposal should reach to the undersigned on or before 28.02.2019 by 5.00 PM. by hand only. Interested trainers can give their area of interest in different skill set. Trainers will be chosen on first come first serve basis, if they fulfil the criteria. After getting acceptance of the undersigned they will enrol the students. The enrolment for participants will start from 20.04.2019.

Any further discussion should be made with the undersigned within the working hours.

Sd./- Commissioner
13035/11/0222/1819 **Berhampur, Municipal, Corporation.**

GOVERNMENT OF ODISHA

e-mail ID-eephiictc@nic.in No.-485-C

OFFICE OF THE EXECUTIVE ENGINEER, P.H. DIVISION- II, CUTTACK

e-Procurement Notice for Bid Identification No. EEPH- II, CTC- 91 of 2018-19.

1. Name of the work. :- 9 Nos of P.H. work.
2. Estimated cost :- Rs.7.73 lakhs to Rs.42.58 lakhs
3. Period of completion :- 3 (Three) months.
4. Date & time of availablity of bid document in the portal :- From 11.00 AM. of 20.02.2019 to 5.00 PM. of 6.3.19
5. Last date / time of receipt of bids in the portal :- 5.00 PM. of 6.3.19
6. Date & time of opening of bids :- 11.00 AM. of 7.3.19
7. Name and address of the Officer Inviting Bid :- The Executive Engineer, P.H. Division- II, Nayabazar, Cuttack- 753004, Odisha. Ph. (0671) 2441063, email:eephiictc@nic.in

Further details can be seen from e-procurement portal **https://www.tendersodisha.gov.in.**

Sd./- Executive Engineer,
13012/11/0029/1819 **PH Division-II, Cuttack**

OFFICE OF THE EXECUTIVE ENGINEER, RWS & S DIVISION, KENDRAPARA.

At-Ichhapur, Post- Shree Baladevjew, No-1658-O
Email- eerwsskendrapara@gmail.com

INVITATIONS FOR BIDS (IFB) [e-Procurement]

Bid Identification No. RWS / 46 / 2018-2019

Letter No.551 **Dated.08.02.2019**

1. The Executive Engineer, RWS&S Division, Kendrapar on behalf of Governor of Odisha invites lump comps its bid in double cover system in ONLINE MODE from eligible Contractors for Execution of rural Piped Water Supply Schemes in Kendrapara District.

2.	Name of the work	: Execution of RPWS Schemes in the District of Kendrapara.
3.	No. of work	: 1 (One No.)
4.	Value of the work	: Rs.143.20 Lakhs.
5.	Concerned tender inviting authority	: Executive Engineer, RWS&S Division, Kendrapar.
6.	Security amount (Rs.) (Online)	: Rs.144000/-
7.	Cost of Bid documents (Rs.) (Online)	: Rs.10000.00.
8.	Class of Bidder	: "B" & "A"
9.	Period of Completion	: 10 Months.
10.	Availability of bid documents in the website	: From Date.22.02.2019 at 10.00 AM. to Date.11.03.2019 at 5.00 PM.
11.	Last Date & Time of seeking tender clarification	: Up to 07.03.2019 at 1.00 PM.
12.	Date of opening of Bid	: On Date.13.03.2019 at 10.00 AM. onwards.

The bidders have to Participate in ONLINE bidding only. Further details can be seen from the website i.e. **http://tendersorissa.gov.in.** Subsequent corrigendum / addendum if required shall only be appeared in above website.

25004/11/0015/1819 ***Sd./- Executive Engineer, RWS&S Division, Kendrapara***

See Career Appointment on every Wednesday & Saturday



ଯେତେଦିନ ପର୍ଯ୍ୟନ୍ତ ତୁମେ ବଞ୍ଚିଛ, କିପରି ବଞ୍ଚିବାକୁ ହୁଏ ଶିକ୍ଷା କର।
-ସେନେକା

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମା' ଝାଡ଼େଶ୍ୱରୀ ସାଂସ୍କୃତିକ ସଂଘ ପକ୍ଷରୁ ନଗର କୀର୍ତ୍ତନ, ଯମୁନା ସ୍ନାନ ଓ ମହୋତ୍ସବ, ମା'ଙ୍କ ପୀଠ, ଝରଣା ସାହି, ବାପୁଜୀ ନଗର, ସକାଳ ୯ଟା ୩୦।
- ଓଡ଼ିଶା ପାୱାର ଟ୍ରାନ୍ସମିଶନ ଇଞ୍ଜିନିୟର୍ସ ଆସୋସିଏଶନ, ଭୁବନେଶ୍ୱର ପକ୍ଷରୁ ୧୯ଶ ବାର୍ଷିକ ସାଧାରଣ ପରିଷଦ ବୈଠକ, ଦ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆଞ୍ଚଳିକ ଆଦିବାସୀ କଳା ସମ୍ମିଳନୀ, କନ୍‌ଫରେନ୍ସ ହଲ୍ ନଂ.୨, ପାନ୍ଥନିବାସ, ପୂର୍ବାହ୍ନ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା ୩୦।
- ଶାନ୍ତି ଶକ୍ତି ମହିଳା ସମାଜ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା, ଲୋୟର୍ ପିଏମ୍‌ଜି, ମଧ୍ୟାହ୍ନ ୧୨ଟା। ନିଶା ନିବାରଣ ନିମିତ୍ତ ସାଧାରଣ ସଭା, ଅପରାହ୍ନ ୩ଟା।
- ନିର୍ମାଣ ଏଜୁକେଶନାଲ୍ ଟ୍ରଷ୍ଟ ଆନୁକୂଲ୍ୟରେ '୨୦ତମ ନିର୍ମାଣ ପ୍ରତିଭା ସମ୍ମାନ' ଉତ୍ସବ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୩ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।
- ମାତୃଭାଷାର ସଙ୍ଗୀତ କାର୍ଯ୍ୟକ୍ରମ 'ମହକ', ସୂଚନା ଭବନ, ସନ୍ଧ୍ୟା ୬ଟା।
- ପ୍ରଫୁଲ୍ଲ କର ଫାଉଣ୍ଡେଶନ ପକ୍ଷରୁ 'କମଳ ଦେଶ ରାଜକୁମାର', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୧୫।

ବ୍ରହ୍ମଗିରି

- ମା' ବସନ୍ତେଇଙ୍କ ପୀଠରେ ବେଦୋକ୍ତ ବିଶ୍ୱଶାନ୍ତି ମହାଯଜ୍ଞ, ନିଆଜପୁର, ସକାଳ ୭ଟା।
- ଶ୍ରୀରାମଚରିତ ମାନସ ମହାପାରାୟଣ ଓ ପ୍ରବଚନ, ସତ୍ୟମହାବୀର ଦେବଙ୍କ ପୀଠ, ରାତି ୭ଟା।

ସାକ୍ଷୀଗୋପାଳ

- ୫ମ ବାର୍ଷିକ ସତ୍ୟବାଦୀ ମହୋତ୍ସବ, ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ଶ୍ରୀରାଧାମାଧବ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଯଜ୍ଞ ଆରମ୍ଭ, ପୋଡ଼ଙ୍ଗ ସାହି, ସନ୍ଧ୍ୟା ୬ଟା।

ଫୁଲନଖରା

- ମା' ମଙ୍ଗଳା ମନ୍ଦିରରେ ୯ମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ଶୁଭାଧିବାସ, ନଖରା ଗ୍ରାମ, ଭୋର୍ ୪ଟା।

ଭାଲେଣ୍ଟାଇନ୍ସ ଡେ'କୁ ବିରୋଧ କରି ବଜରଙ୍ଗ ଦଳ ପକ୍ଷରୁ ଭୁବନେଶ୍ୱର ଜୟଦେବ ବାଟିକା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ।

ବଜରଙ୍ଗ ଦଳ ପକ୍ଷରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶୋଭାଯାତ୍ରା।

ଫିକାପଡ଼ିଲା ଭାଲେଣ୍ଟାଇନ୍ସ ଡେ'

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ପ୍ରେମକୁ ଆହୁରି ଗଭୀର କରିବାକୁ ଗୁରୁବାର ଏକାଠି ହୋଇଥିଲେ ପ୍ରେମୀଯୁଗଳ। ଭାଲେଣ୍ଟାଇନ୍ସ ଡେ'କୁ କିପରି ସ୍ମରଣୀୟ କରିବେ, ସେଥିପାଇଁ ମନରେ ଥିଲା ବେଶ୍ ଆଶା। ନିଜ ପ୍ରେମିକା, ପ୍ରେମିକଙ୍କ ସହ ନିରୋଳାରେ କିଛି ସମୟ ବିତାଇବାକୁ ସମସ୍ତେ ଥିଲେ ଉତ୍ସାହିତ। ହେଲେ ଏହାଭିତରେ ବି ରହିଥିଲା ଟିକିଏ ଡର। ସହର ଭିତରେ କେତେକ ସଙ୍ଗଠନ ବିରୋଧ କରିବେ ବୋଲି ପୂର୍ବରୁ ସତର୍କ କରିଥିଲେ, ଯେଉଁଥିପାଇଁ ପ୍ରେମୀମାନେ ଅଧିକ ସଂଖ୍ୟାରେ ପାର୍କ, ଶପିଂମଲ୍ ଆଦି ସ୍ଥାନକୁ ବୁଲିବାକୁ ଯାଇ ନ ଥିଲେ କି ସିନେମା ହଲ୍‌ରେ ବସି ଫିଲ୍ମ ଦେଖି ନ ଥିଲେ। ସହର ଉପକଣ୍ଠର ବିଭିନ୍ନ ସ୍ଥାନରେ ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳିଥିଲା। କାଁ ଭାଁ କେତେଜଣ ସହର ଭିତରେ ବୁଲିଥିଲେ। ତେବେ ପୋଲିସର ଉପସ୍ଥିତି ଚଳିତବର୍ଷ ପ୍ରେମୀଯୁଗଳଙ୍କୁ କିଛିଟା ସହାୟତା କରିଥିଲେ ବି ଏଥର ଭାଲେଣ୍ଟାଇନ୍ସ ଡେ' ଫିକା ପଡ଼ିଯାଇଥିଲା।

ଭୁବନେଶ୍ୱର ଫୋରମ୍ ମାର୍ଟ ସମ୍ମୁଖରେ ପୋଲିସ ମୁତୟନ।

ବଜରଙ୍ଗ ଦଳର ଶାନ୍ତିପୂର୍ଣ୍ଣ ପ୍ରତିବାଦ

ଏଥର ପ୍ରେମୀଯୁଗଳଙ୍କୁ ଜୋର୍ ଜବରଦସ୍ତ ବିରୋଧ ନ କରିବାକୁ ନିଷ୍ପତ୍ତି ନେଇଥିଲା ବଜରଙ୍ଗ ଦଳ। ସହରର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିପାଇଁ ବିଭିନ୍ନ ପାର୍କ ସମ୍ମୁଖରେ ଦଳ ପକ୍ଷରୁ ବ୍ୟାନର ଓ ପ୍ଲାକାର୍ଡ ଲଗାଯାଇଥିବା ବେଳେ ଗୁରୁବାର ଜୟଦେବ ବାଟିକା ଓ ଏକାମ୍ର ପାର୍କ ସମ୍ମୁଖରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଯୁବତୀଯୁବକଙ୍କୁ ଏହି ଦିବସ ପାଳନ ନ କରିବାକୁ ସଚେତନ କରାଯାଇଥିଲା। ପ୍ରେମକୁ ବିରୋଧ କରାଯାଉନି କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିର ଖରାପ ପରମ୍ପରାକୁ ବିରୋଧ କରାଯାଉଥିବା ଦଳ ପକ୍ଷରୁ କୁହାଯାଇଥିଲା। ପୂର୍ବରୁ ବଜରଙ୍ଗ ଦଳ ନାଁରେ କେତେଜଣ ଆସାମାଜିକ ଯୁବକ ହିଂସାକାଣ୍ଡ କରି ସଙ୍ଗଠନକୁ ବଦନାମ କରିଥିବାରୁ ଚଳିତବର୍ଷ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏଥର ଭାଲେଣ୍ଟାଇନ୍ସ ଡେ'ରେ କୌଣସି ଝିଅପୁଅଙ୍କୁ ବଜରଙ୍ଗ ଦଳ ହଇରାଣ ହରକତ କରି ନ ଥିବା ଦଳର ଜିଲା ସଂଯୋଜକ ଦେବାଶିଷ ରାଉତ କହିଛନ୍ତି।

ବିଛୁଆତି ଧରି ବୁଲିଲା କଳିଙ୍ଗ ନାରୀ ସେନା

ଭାଲେଣ୍ଟାଇନ୍ସ ଡେ'କୁ ବିରୋଧ କରି ପ୍ରତିବର୍ଷ ଉତ୍ପାତ କରୁଥିବା କେତେକ ସଙ୍ଗଠନର ଉପସ୍ଥିତି ଏଥର ମଧ୍ୟ ସହର ମଧ୍ୟରେ ଦେଖିବାକୁ ମିଳିଥିଲା। ପ୍ରେମ ଦିବସକୁ ବିରୋଧ କରିବାକୁ କଳିଙ୍ଗ ସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପାର୍କ, ସିନେମା ହଲ୍ କିମ୍ବା ଶପିଂମଲ୍‌ରେ ପ୍ରେମୀଯୁଗଳଙ୍କୁ ଦେଖିଲେ, ଗୋଡ଼ାଇ ଗୋଡ଼ାଇ ବିଛୁଆତି ଲଗାଇବ ବୋଲି କଳିଙ୍ଗ ସେନା ପୂର୍ବରୁ ଚେତାବନୀ ଦେଇଥିଲା। ପୂର୍ବ ଘୋଷଣା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରୁ ହାତରେ ବିଛୁଆତି ଧରି କଳିଙ୍ଗ ନାରୀ ସେନାର କର୍ମୀମାନେ ସହର ମଧ୍ୟରେ ବୁଲିଥିଲେ। ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ ୱାନ୍ ଶପିଂମଲ୍ ସମ୍ମୁଖରେ ସେନାର ମହିଳା ଶାଖା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ତେବେ କିଛି ସମୟର ହୋହଲ୍ଲା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦ରୁ ଅଧିକ କର୍ମୀଙ୍କୁ ଉଠାଇ ନେଇଥିଲା।

ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ୱାନ୍ ମଲ ସମ୍ମୁଖରେ ପ୍ରତିବାଦ ବେଳେ ପୋଲିସ କଳିଙ୍ଗସେନା କର୍ମୀଙ୍କୁ ଉଠାଇ ନେଉଛି।

ସମର୍ଥନରେ ବାହାରିଲା ଗଣତାନ୍ତ୍ରିକ ମହିଳା ସମିତି

ଏକାଧିକ ସଙ୍ଗଠନ ଭାଲେଣ୍ଟାଇନ୍ସ ଡେ'କୁ ପାଶ୍ଚାତ୍ୟ ସଂସ୍କୃତି କହି ବିରୋଧ କରୁଥିବା ବେଳେ ଏହାର ସମର୍ଥନରେ ବାହାରିଥିଲା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି। ସମିତି ତରଫରୁ ପ୍ରେମୀମାନଙ୍କୁ ସୁରକ୍ଷା ଯୋଗାଇବାକୁ ଦାବି କରାଯାଇଥିଲା। ଏହାର ସଦସ୍ୟମାନେ ଖାରବେଳ ନଗର ବିଗ୍‌ବଜାରଠାରେ ଏକତ୍ରିତ ହୋଇ 'ମୋ ପସନ୍ଦ, ମୋ ଅଧିକାର' ନାରାଦେଇ ପ୍ରେମ ଦିବସ ପାଳନକୁ ସମର୍ଥନ କରିଥିଲେ। ଭାରତୀୟ ସଂସ୍କୃତି ପ୍ରେମର ବାର୍ତ୍ତା ବହନ କରିଥାଏ, ଯାହାର ଉଦାହରଣ ପୁରାଣରେ ରହିଛି। ହେଲେ ଅଶ୍ଳୀଳତା ନାମରେ ମାନବିକ ଅଧିକାର କ୍ଷୁଣ୍ଣ କରି ଏହାକୁ ବିରୋଧ କରିବା ଅତ୍ୟନ୍ତ ଶସ୍ତା ଓ ନିମ୍ନମାନର ରାଜନୀତି ବୋଲି ସଙ୍ଗଠନର ଜିଲା ସଭାନେତ୍ରୀ ବିମଳି ନାୟକ କହିଥିଲେ।

କଟକ ଖାନନଗରସ୍ଥିତ ବିଶ୍ୱନାଥ ପଣ୍ଡିତ ଉଦ୍ୟାନ ପୁଞ୍ଜ ପରିସର ଜନଶୂନ୍ୟ।

କଟକ ଯୋବ୍ରା ପାର୍କରେ ତାଲା ପଡ଼ିଛି।

ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

ସଂକ୍ଷେପରେ

ଓଡ଼ିଶୀ ନୃତ୍ୟଗୁରୁ ବନମାଳୀ ଜେନାଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧୪।୨: ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର, ବିକାଶ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାରେ ଗୁରୁଦାୟିତ୍ୱ ବହନ କରି ଆଜୀବନ ସାଧନାରତ ଥିବା ନୃତ୍ୟାଚାର୍ଯ୍ୟ ତଥା ନୃତ୍ୟଗୁରୁ ବନମାଳୀ ଜେନା ଆଉନାହାନ୍ତି। ୮୧ ବର୍ଷ ବୟସରେ ନିଜ ବାସଭବନ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ନିକଟସ୍ଥ ହରିଚନ୍ଦନପୁର ଗାଁରେ ବୁଧବାର ରାତିରେ ପରଲୋକ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ଜେନାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଛି। ବନମାଳୀଙ୍କ ମୃତ୍ୟୁରେ ଜନ୍ମଭୂମି ବାଣପୁର ଓ ଚିଲିକା ବ୍ଲକ ସମେତ ଖୋର୍ଦ୍ଧା ଜିଲାରେ ଶୋକର ଛାୟା ଖେଳିଯାଇଛି। ୨୦୧୩ ବିଶ୍ୱ ନାଟ୍ୟମେଳାରେ ବନମାଳୀଙ୍କୁ ନୃତ୍ୟାଚାର୍ଯ୍ୟ ଉପାଧିରେ ଭୂଷିତ କରାଯାଇଥିଲା।

ମାର୍ଚ୍ଚ ୨ରେ କର୍ପୋରେଟ୍ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର,୧୪।୨(ବ୍ୟୁରୋ): ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ପକ୍ଷରୁ କର୍ପୋରେଟ୍ କୁଇଜ୍ ପ୍ରତିଯୋଗିତାର ସପ୍ତମ ସଂସ୍କରଣ ଆସନ୍ତା ମାର୍ଚ୍ଚ ୨ରେ ଅନୁଷ୍ଠିତ ହେବ। ଏ ନେଇ ରୋଟାରି କ୍ଲବ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟରେ ଥିବା ସମସ୍ତ କର୍ପୋରେଟ୍ ସଂସ୍ଥାଙ୍କ ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। କର୍ପୋରେଟ୍ ସଂସ୍ଥା ସହିତ ରାଜ୍ୟରେ ଥିବା ସମସ୍ତ ଘରୋଇ ସଂସ୍ଥାଙ୍କ ବ୍ରାଣ୍ଡ ପଦୋନ୍ନତି ଓ ବ୍ରାଣ୍ଡ ପରିଚୟ ସୃଷ୍ଟି କରିବାରେ ଏହା ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିବ ବୋଲି ରୋଟାରି କ୍ଲବ ସଭାପତି ତନ୍ମୟ ମହାନ୍ତି, ସମ୍ପାଦକ ବିଜୟ ଦାଶ ଓ ସପ୍ତମ ରୋଟାରି ଭୁବନେଶ୍ୱର କର୍ପୋରେଟ୍ କୁଇଜ୍ ପ୍ରତିଯୋଗିତାର ଅଧକ୍ଷ ପି. ଭେନୁଗୋପାଳ ରାଓ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ପ୍ରାୟୋଜିତ ମାଧମରେ ଉପାର୍ଜନ ହେବାକୁ ଥିବା ଅର୍ଥକୁ ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ବିଭିନ୍ନ ପାରିପାର୍ଶ୍ୱିକ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରିବ। ପ୍ରତିଯୋଗିତା ପାଇଁ ରାଜ୍ୟରେ ଥିବା ସମସ୍ତ କର୍ପୋରେଟ୍ ସଂସ୍ଥା, ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ପିଏସ୍ୟୁ, ଏମ୍ଏସ୍ଏମ୍ଇ ଅନୁଷ୍ଠାନ ଓ ସରକାରଙ୍କ ଅଧୀନ ସଂସ୍ଥାଗୁଡ଼ିକୁ ନିମନ୍ତ୍ରଣ କରାଯାଇଛି। ପ୍ରତ୍ୟେକ ଦଳରେ ତିନିଜଣ ଲେଖାଏ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।

ଓଲଟିଲା ମିନିଟ୍ରକ୍, ବାଇକ୍ ଆରୋହୀ ଗୁରୁତର

ବାଲିଅନ୍ତା,୧୪।୨(ଡି.ଏନ୍.ଏ.): ଭୁବନେଶ୍ୱର-କଟକ ରାସ୍ତାର ହଂସପାଳ ନିକଟ ପୁରୀ ମୁଖ୍ୟ କେନାଲ ପୋଲ ଉପରେ ଗୁରୁବାର ମଧାହ୍ନରେ ଏକ ମିନିଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ବାଇକ୍ ଆରୋହୀ କମଳ କିଶୋର ଭୋଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଫେବରିକ ବୋଝେଇ ଏହି ମିନିଟ୍ରକ (ଓଆର ୧୧ ଏ ୯୫୮୪) କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ପୋଲ ଉପରେ ହଠାତ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ସମୟରେ ରାସ୍ତାରେ ଯାଉଥିବା ଏକ ବାଇକ୍ର ସାଇଡକୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଗାଡି ତଳେ ରହିଯାଇଥିଲେ। ସେହି ସମୟରେ ଯାଉଥିବା ଏକ କ୍ରେନ ମାଧମରେ ସ୍ଥାନୀୟ ଲୋକେ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ପାହାଳ ଫାଣ୍ଡି ପିସିଆର(୨୫) ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

କମିଶନ୍ରେଟ ପୋଲିସରେ ବଡ଼ଧରଣର ବଦଳି

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

୭ ଅତିରିକ୍ତ ଡିସିପି, ୯ ଏସିପି, ୪ ଡିଏସ୍ପି, ୨୯ ଇନ୍ସପେକ୍ଟର, ୬୬ ଏସ୍ଆଇଙ୍କୁ ନୂଆ ଦାୟିତ୍ୱ

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ଏବେ ପୋଲିସ ବିଭାଗରେ ଚାଲିଛି ବଦଳି ପ୍ରକ୍ରିୟା। ରାଜ୍ୟ ପୋଲିସ ପରେ ଏବେ କମିଶନ୍ରେଟ ପୋଲିସରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ୭ଜଣ ଅତିରିକ୍ତ ଡିସିପି, ୯ଜଣ ଏସିପି, ୪ଜଣ ଡିଏସ୍ପି, ୨୯ଜଣ ଇନ୍ସପେକ୍ଟର ଓ ୬୬ ଏସ୍ଆଇଙ୍କୁ ବଦଳି କରାଯାଇଛି। କମିଶନ୍ରେଟ ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ଅସୀମ କୁମାର ମିଶ୍ରଙ୍କୁ କଟକ ଡିଆଇବି ଓ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, ଭୁବନେଶ୍ୱରରେ ଥିବା ଅତିରିକ୍ତ ଡିସିପି ତପନ କୁମାର ପଟ୍ଟନାୟକଙ୍କୁ ଭୁବନେଶ୍ୱର ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ବଦଳି କରାଯାଇଛି। ସେହିଭଳି କଟକରେ ଅବସ୍ଥାପିତ ଅତିରିକ୍ତ ଡିସିପି ମାୟାଧର ସେଠୀଙ୍କୁ ଭୁବନେଶ୍ୱରକୁ, କମିଶନରେଟ ମୁଖ୍ୟାଳୟକୁ ନୂଆ ଆସିଥିବା ଅତିରିକ୍ତ ଏସ୍ପି ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁରେ ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଭୁବନେଶ୍ୱରରେ ଥିବା ଅତିରିକ୍ତ ଡିସିପି ଗଦାଧର ପ୍ରଧାନୀଙ୍କୁ କଟକ ଓ କମିଶନରେଟ ମୁଖ୍ୟାଳୟର ଅତିରିକ୍ତ ଡିସିପି ତପସ୍ୱିନୀ ଆରୁଖଙ୍କୁ ଭୁବନେଶ୍ୱର ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ବଦଳି କରାଯାଇଛି।

ସେହିପରି ଜୋନ୍-୧ ଏସିପି ଅସୀମ କୁମାର ପଣ୍ଡାଙ୍କୁ କମିଶନ୍ରେଟ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ କ୍ୟାପିଟାଲ ଥାନା ଅଧିକାରୀ ଚାର୍ଜରେ ଥିବା ଏସିପି ମାନସ ଗଡ଼ନାୟକଙ୍କୁ କଟକ ଜୋନ୍-୧, ଭୁବନେଶ୍ୱର ଜୋନ୍-୬ରେ ଥିବା ରବିନାରାୟଣ ଶତପଥୀଙ୍କୁ ଏସିପି ଜୁଡିସିଆଲ ଭାବେ ବଦଳି କରାଯାଇଛି। କମିଶନ୍ରେଟ ମୁଖ୍ୟାଳୟରେ ଥିବ ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ କଟକ ଜୋନ୍-୩, ଡିଏସ୍ପି କୃଷ୍ଣପ୍ରସାଦ ଦାଶଙ୍କୁ କଟକ ଜୋନ୍-୪, କଟକ ଜୋନ୍-୬ ଏସିପି ଅନିଲ କୁମାର ମିଶ୍ରଙ୍କୁ ଭୁବନେଶ୍ୱର ଜୋନ୍-୫, କଟକ ଆଇୟୁସିଏଡବ୍ଲ୍ୟୁରେ ଥିବା ଏସିପି ଦେବଦତ୍ତ କରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କଟକ ଆଇୟୁସିଏଡବ୍ଲ୍ୟୁରେ ଅବସ୍ଥାପିତ ମନୋରଞ୍ଜନ ବିଶ୍ୱାଳଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କମିଶନ୍ରେଟ ପୋଲିସକୁ ଆସିଥିବା ଶୁଭନାରାୟଣ ମୁଦୁଲିଙ୍କୁ କଟକ ଜୋନ୍-୬କୁ ବଦଳି କରାଯାଇଛି। କମିଶନ୍ରେଟ ମୁଖ୍ୟାଳୟରେ ଥିବା ଏସିପି ତରୁଣ କୁମାର ଦାଶଙ୍କୁ ଭୁବନେଶ୍ୱର ଜୋନ୍-୬, କମିଶନ୍ରେଟ ମୁଖ୍ୟାଳୟ ଜୁଡିସିଆଲରେ ଥିବା ବିଷ୍ଣୁପ୍ରସାଦ ପାତ୍ରଙ୍କୁ ଭୁବନେଶ୍ୱର ଜୋନ୍-୧, କମିଶନ୍ରେଟ ପୋଲିସରେ ଯୋଗଦେଇଥିବା ଡିଏସ୍ପି ଅନିରୁଦ୍ଧ ରାଉତରାୟଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ ଏସିପି ଓ ନୂଆ କରି କମିଶନ୍ରେଟରେ ଯୋଗ ଦେଇଥିବା ଡିଏସ୍ପି ସତ୍ୟରଞ୍ଜନ ମଲ୍ଲିକଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ ଇନ୍ସପେକ୍ଟର ସ୍ତରରେ ମଧ ବଦଳି ହୋଇଛି। କମିଶନ୍ରେଟ ମୁଖ୍ୟାଳୟରେ ଥିବା ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କୁ କ୍ୟାପିଟାଲ ଥାନା ଅଧିକାରୀ ଦାୟିତ୍ୱ ମିଳିଛି। ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀଙ୍କୁ ଭୁବନେଶ୍ୱର ୟୁପିଡି(ଅର୍ବାନ ପୋଲିସ ଡିଷ୍ଟ୍ରିକ୍ଟ)ର ଲ'ଇନ୍ସପେକ୍ଟର, କ୍ୟାପିଟାଲ ଥାନାର ଅତିରିକ୍ତ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମହିଳା ଥାନା ଅଧିକାରୀ ଇମନ କଲ୍ୟାଣୀ ନାୟକଙ୍କୁ କଟକ କ୍ୟାଣ୍ଟନମେଣ୍ଟ ଥାନା, ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ର ମେହେରଙ୍କୁ କଟକ ମର୍କତନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ବାଦାମବାଡି, ବାଲିପାଟଣା ଥାନା ଅଧିକାରୀ ଆକାଶ ରଣାଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କୁ ଚୌଦ୍ୱାର ଥାନା, ଇନ୍ଫୋସିଟି ଥାନା ଅଧିକାରିଣୀ ବିଜୟିନୀ ସିଂଙ୍କୁ କଟକ ସିଡିଏ ଫେଜ୍-୨ ଥାନା, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିଆର୍ବି, ଚୌଦ୍ୱାର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀଙ୍କୁ ମଙ୍ଗଳେଶ୍ୱର ଥାନା, ଜଗତପୁର ଥାନା ଅଧିକାରୀ ବିରଞ୍ଚିନାରାୟଣ ପତିଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମଙ୍ଗଳାବାଗ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କୁ ନୟାପଲ୍ଲୀ ଥାନା ଦାୟିତ୍ୱ ମିଳିଛି। ଲାଲବାଗ ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କୁ ଇନ୍ଫୋସିଟି ଥାନା, ଦରଘାବଜାର ଥାନା ଅଧିକାରୀ ପରମାନନ୍ଦ ନାୟକଙ୍କୁ ନନ୍ଦନକାନନ ଥାନା, ମଧୁପାଟଣା ଥାନା ଅଧିକାରୀ ତିରୋଟ୍ଲୋଭା ମହାପାତ୍ରଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ବିଡାନାସୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ରାଉତଙ୍କୁ ବାଲିପାଟଣା ଥାନା, ମର୍କତନଗର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଚନ୍ଦକା ଥାନା, ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାଶଙ୍କୁ କଟକ ୟୁପିଡି ଲ'ଇନ୍ସପେକ୍ଟର, ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଖଣ୍ଡଗିରି ଥାନା, କଟକ ଆଇୟୁସିଏଡବ୍ଲ୍ୟୁରେ ଥିବା ଅନିଲ କୁମାର ବେଉରିଆଙ୍କୁ ତମାଣ୍ଡୋ ଥାନା, କଟକ ସିଡିଏ ଫେଜ୍-୨ ଥାନା ଅଧିକାରୀ ରବିନାରାୟଣ ଭାନଜାଙ୍କୁ ମାଲଗୋଦାମ ଥାନା, କମିଶନ୍ରେଟକୁ ଆସିଥିବା ପ୍ରଦୀପ କୁମାର ଜେନାଙ୍କୁ ଦରଘାବଜାର ଥାନା ଅଧିକାରୀ ଦାୟିତ୍ୱ ମିଳିଛି। ସେହିଭଳି କମିଶନ୍ରେଟକୁ ଆସିଥିବା ଲକ୍ଷ୍ମୀନାରାୟଣ ତିୱାରୀଙ୍କୁ ବିଡାନାସୀ ଥାନା, କଟକ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗଙ୍କୁ ମଧୁପାଟଣା ଥାନା, ଫୁଲନଖରା ଏନ୍ଏଚ୍ ଟ୍ରାଫିକ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ନାୟକଙ୍କୁ ଜଗତପୁର ଥାନା, ଖାରବେଳନଗର ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାଙ୍କୁ ଏୟାରଫିଲ୍ଡ ଥାନା, ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ଏୟାରପୋର୍ଟ ଥାନା, ଏୟାରପୋର୍ଟ ଥାନା ଅଧିକାରୀ ବଳରାମ ନାୟକଙ୍କୁ ବାଲିପାଟଣା ଥାନା, କମିଶନ୍ରେଟକୁ ଆସିଥିବା ବିଶ୍ୱରଞ୍ଜନ ନାୟକଙ୍କୁ ଚନ୍ଦ୍ରଶେଖରପୁର ଥାନା, ଅମିତାଭ ମହାପାତ୍ରଙ୍କୁ ଖାରବେଳନଗର ଥାନା, ବିଶ୍ୱରଞ୍ଜନ ସେନାପତିଙ୍କୁ ଶହୀନଗର ଥାନା ଓ ଅର୍ପିତା ଖଟୁଆଙ୍କୁ ମହିଳା ଥାନା ଅଧିକାରୀ ଦାୟିତ୍ୱ ମିଳିଛି।

ଷ୍ଟେଶନରୁ ଲୁଟ୍ ଓଲା ଟ୍ୟାକ୍ସି ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

ରେଲ୍ୱେ ଷ୍ଟେଶନ ନିକଟରୁ ଲୁଟ୍ ଓଲା ଟ୍ୟାକ୍ସି କାରକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍ସିଂହପୁର ବାଲିକୁଦା ଥାନା ଅନ୍ତର୍ଗତ ବରିଲୋ ଗ୍ରାମର ତ୍ରୈଲୋକ୍ୟ ମହାନ୍ତି। ସୂଚନା ମୁତାବକ, ଡ୍ରାଇଭର ଧର୍ମେନ୍ଦ୍ର କୁମାର ମିଶ୍ର ବୁଧବାର ସକାଳେ ପଟିଆରୁ ଟ୍ୟାକ୍ସି କାର(ନଂ.ଓଡି୩୩ଜି ୯୭୯୬)ରେ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ରେଳ ଷ୍ଟେଶନକୁ ଆସିଥିଲେ। ଯାତ୍ରୀଙ୍କୁ ଓହ୍ଲାଇ ଭଡ଼ା ଟଙ୍କା ନେଉଥିବାବେଳେ ତ୍ରୈଲୋକ୍ୟ ଓ ଅନ୍ୟ କେତେଜଣ ଅସାମାଜିକ ବ୍ୟକ୍ତି ଉକ୍ତ କାରଟିକୁ ବଳପୂର୍ବକ ଲୁଟ୍ କରିନେଇଥିଲେ। ଏ ସଂକ୍ରାନ୍ତରେ ଧର୍ମେନ୍ଦ୍ର ଜିଆର୍ପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କାର୍ରେ ଲାଗିଥିବା ମୋବାଇଲ୍ ଫୋନ୍ର ଜିପିଏସ୍କୁ ଟ୍ରାକ୍ କରିବା ପରେ ତାହା ଜଗତ୍ସିଂହପୁର ରଘୁନାଥପୁର ଥାନାଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାକାର ପୋଲିସକୁ ଖବର ଦିଆଯାଇ ଗାଡିକୁ ଜବତ କରାଯାଇଥିଲା। ଜିଆର୍ପି ରଘୁନାଥପୁର ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ କାର ଓ ସେଥିରେ ଥିବା ଦୁଇଟି ମୋବାଇଲ ଫୋନ୍ ଜବତ କରି ଭୁବନେଶ୍ୱର ଫେରିଥିଲା। ପଚରାଉଚରା ପରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ସୁଷମ ସଙ୍ଗୀତ ସଦନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ୧୩ତମ ଗୁରୁ ପ୍ରଣାମ ଉତ୍ସବରେ ସଙ୍ଗୀତ ପରିବେଷଣ କରାଯାଉଛି।

ଖଣ୍ଡାରେ ହାଣିଲେ, ବୋମାମାଡ଼ କଲେ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

ଯୁବକଙ୍କ ପାପୁଲି କଟିଲା

ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ୍-୮ ଓସିସି ବସ୍ତିରେ ଗୁରୁବାର ରାତିରେ ବୋମା ମାଡ଼ ହୋଇଛି। ୪ଜଣ ଦୁର୍ବୃତ୍ତ ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ର ଧରି ବସ୍ତିରେ ପଶି ଆତଙ୍କ ଖେଳାଇଛନ୍ତି। ସେମାନେ ଖଣ୍ଡା ବୁଲାଇବା ସହ ବୋମା ମାଡ଼ କରିଛନ୍ତି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ବସ୍ତିର ପପୁ ଦିଗାଲ। ଖଣ୍ଡା ଚୋଟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ବୋମା ମାଡ଼ରେ ତାଙ୍କ ପାପୁଲିର କିଛି ଅଂଶ ଓ କେତେକ ଆଙ୍ଗୁଠି ଉଡ଼ିଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ ନେଇ ୟୁନିଟ୍-୬ସ୍ଥିତ ରାଧାକୃଷ୍ଣ ବସ୍ତିର ୪ଜଣ ଯୁବକ ଏଭଳି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ରାତି ପ୍ରାୟ ସାଢ଼େ ୧୧ଟାରେ ପପୁ ଓ ତା'ର ଦୁଇଜଣ ସାଙ୍ଗ ଓସିସି ବସ୍ତିର ଏକ ମଣ୍ଡପରେ ବସିଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଦୁଇ ସାଙ୍ଗ ଖସି ପଳାଇଥିବାବଳେ ପପୁ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ଉକ୍ତ ବସ୍ତିବାସିନ୍ଦା ଅତ୍ୟନ୍ତ ଭୟଭୀତ ହୋଇପଡିଛନ୍ତି।

ନୃତ୍ୟ ପରେ ସଙ୍ଗୀତର ପସରା କଲା ମନ୍ତ୍ରମୁଗ୍ଧ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କୁମ୍କୁମ୍ ମହାନ୍ତିଙ୍କୁ 'ବାଳକୃଷ୍ଣ ଦାଶ ସମ୍ମାନ'

ଦୁଇଦିନବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ମହାସମାରୋହରେ ଆୟୋଜିତ ତ୍ରୟୋଦଶ ଗୁରୁ ପ୍ରଣାମ ଉତ୍ସବ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଘାଟନୀ ସନ୍ଧ୍ୟାରେ ନୃତ୍ୟର ପସରା ପରେ ଉଦ୍ଯାପନୀ ସନ୍ଧ୍ୟାରେ ସଙ୍ଗୀତର ପସରା ଚଳିତବର୍ଷ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା। ଖ୍ୟାତନାମା ସଙ୍ଗୀତଶିଳ୍ପୀଙ୍କ କଣ୍ଠରୁ ସୁମଧୁର ସଙ୍ଗୀତ ଶୁଣିବାର ଅବସର ପାଇଥିଲେ ଶ୍ରୋତା।

ସୁଷମା ସଙ୍ଗୀତ ସଦନ ପକ୍ଷରୁ ଆୟୋଜିତ ଉତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ରହିଥିଲା କଣ୍ଠଶିଳ୍ପୀ ମନୋରଞ୍ଜନ ମିଶ୍ରଙ୍କ କଣ୍ଠରୁ 'ପ୍ରେମ ସିଏବି ତ ଏକ ସ୍ୱପ୍ନ...' ଗୀତ। ଗୁରୁ ଲକ୍ଷ୍ମୀକାନ୍ତ ପାଳିତଙ୍କ ସ୍ୱର ସଂଯୋଜନାରେ ଗୀତଟି ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା। ପରେ ପରେ ଲକ୍ଷ୍ମୀକାନ୍ତ, ବନ୍ଦିଶ ଓ ରଣଦୀପ ପାଳିତଙ୍କ କଣ୍ଠରୁ ଭଜନ 'ହେ କ୍ରିଷ୍ଣ କ୍ରିଷ୍ଣ...' ଶୁଣିବାର ଅବସର ମିଳିଥିଲା। ବିଦ୍ୟୁତପ୍ରଭା ଓ ବନ୍ଦିଶଙ୍କ ଯୁଗଳବନ୍ଦୀରେ 'ତୁମେ ଯେତେ ଦୂରେ...', ଦେବାଶିଷଙ୍କ କଣ୍ଠରୁ 'ଆମେ ଦୁହେଁ...', ଆଦ୍ୟାଶା ଦାଶଙ୍କ ପ୍ରସ୍ତୁତିରେ 'ପାଇବାର ମାନେ ଯଦି...', କଣ୍ଠଶିଳ୍ପୀ ବିଭୁକିଶୋରଙ୍କଠାରୁ 'ଆରମ୍ଭ ତ ହେଇଯାଏ...' ଭଳି ଗୀତଗୁଡ଼ିକ ଶ୍ରୋତାଙ୍କୁ ଆମୋଦିତ କରିଥିଲା। ପ୍ରାରମ୍ଭରେ ସୁଷମା ସଙ୍ଗୀତ ସଦନର ଛାତ୍ରୀଛାତ୍ର କୋରସ୍ରେ 'ସରସ୍ୱତୀ ବନ୍ଦନା' ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଶରତ, ପ୍ରେମଶଙ୍କର, ଅବନୀକାନ୍ତ, ବରଦା, ପ୍ରିୟରଞ୍ଜନ, ସଞ୍ଜୟ ସହଯୋଗ କରିଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଡ. ଏସ୍.କେ. ତାମୋଟିଆ, ଡ. କରୁଣାକର ପ୍ରଧାନ, ଅନୁଷ୍ଠାନ ସଭାପତି ଧୀରେନ୍ଦ୍ରନାଥ ରାୟ ଓ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ ଉପସ୍ଥିତ ଥିଲେ। ଉଦ୍ଘାଟନୀ ସନ୍ଧ୍ୟାରେ ସୃଜନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ପରିବେଷିତ 'ରାମଚରିତ ମାନସ' ମୁଖ୍ୟ ଆକର୍ଷଣ ସାଜିଥିଲା। ଆର୍ଟ ଭିଜନର ଗୁରୁ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି ଓ ସାଥୀ ଏବଂ ତ୍ରିଧାରାର ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀଙ୍କ ଦ୍ୱାରା ସମବେତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଗୁରୁ କୁମ୍କୁମ୍ ମହାନ୍ତିଙ୍କୁ 'ବାଳକୃଷ୍ଣ ଦାଶ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ସିନିୟର ସିଟିଜେନ ଫୋରମ ଉଦ୍ଘାଟିତ

କଟକ ରୋଡ,୧୪।୨(ଡି.ଏନ୍.ଏ.)

ବମିଖାଲସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଗୁରୁବାର ସିନିୟର ସିଟିଜେନ ୱେଲଫେୟାର ଫୋରମ ଉଦ୍ଘାଟିତ ହୋଇଛି। ସଭାପତି ଇଂ. ହରିଶଙ୍କର ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକ ବିଜୟ ମହାନ୍ତି, ସମ୍ମାନିତ ଅତିଥି ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ବରିଷ୍ଠ ନାଗରିକ ସଂଘ ସଭାପତି କୃପାସିନ୍ଧୁ ସାହୁ ଓ ଲକ୍ଷ୍ମୀସାଗର ଥାନାଧିକାରୀ ଦୟାନିଧି ନାୟକ ଯୋଗଦେଇଥିଲେ। ୧୭ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଫୋରମ ସମ୍ପାଦକ ଭକ୍ତବନ୍ଧୁ ଦାସ, ସାଙ୍ଗଠନିକ ସମ୍ପାଦକ ପର୍ଶୁରାମ ଜେନା ଓ ପୂର୍ବତନ କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

ରିଜିଓନାଲ ଟ୍ରାଇବାଲ୍ ଆର୍ଟ କନ୍କ୍ଲେଭ୍ ଉଦ୍ଘାଟିତ

■ ୬ ଦିନ ଧରି ଚାଲିବ, ଏକାଠି ହେଲେ ୫ ରାଜ୍ୟର ଶିଳ୍ପୀ

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

ଲଳିତ କଳା ଏକାଡମୀ ପକ୍ଷରୁ ଭୁବନେଶ୍ୱର ପାନ୍ଥନିବାସଠାରେ ରିଜିଓନାଲ ଟ୍ରାଇବାଲ୍ ଆର୍ଟ କନ୍କ୍ଲେଭ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ୬ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ପଦ୍ମଭୂଷଣ ଡ଼. ରଘୁନାଥ ମହାପାତ୍ର ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ଓଡିଶା, ମଧ୍ୟପ୍ରଦେଶ, ଛତିଶଗଡ, ଝାଡ଼ଖଣ୍ଡ, ବିହାରର ୨୬ଜଣ ଶିଳ୍ପୀ ଯୋଗଦେଇଛନ୍ତି। ଏହି ଅବସରରେ ସେମାନଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ପ୍ରତ୍ୟେକଙ୍କୁ ୧୫ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନମୂଳକ ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଉଦ୍ଘାଟନୀ ଉତ୍ସବରେ ଲଳିତ କଳା ଏକାଡମୀର ଦିଲ୍ଲୀ ଡେପୁଟି ସେକ୍ରେଟାରୀ ଡ଼. ଦିଲ୍ଲୀପ କୁମାର ତ୍ରିପାଠୀ, ଆଞ୍ଚଳିକ ଲଳିତ କଳା ଏକାଡମୀ ସମ୍ପାଦକ ରାମକୃଷ୍ଣ ବେଦେଲା, ସହଯୋଗୀ ରୁଦ୍ରମଣି ପାତ୍ର ପ୍ରମୁଖ ଯୋଗଦେଇଥିଲେ।

ମହିଳା ପୋଷ୍ଟମାଷ୍ଟରଙ୍କଠାରୁ ଲୁଟ୍

ବାଲକାଟୀ,୧୪।୨(ଡି.ଏନ୍.ଏ.)

ବାଲକାଟୀ ଫାଣ୍ଡି ସାତକାଣିଆ ନିକଟ ବାଲକାଟୀ-ଝିଣ୍ଟି ମୁଖ୍ୟରାସ୍ତାରେ ଗୁରୁବାର ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଛି। ସେ ହେଲେ ଝିଣ୍ଟିସ୍ଥିତ ତ୍ରାହିଅଚ୍ୟୁତନଗର ପୋଷ୍ଟ ଅଫିସର ପୋଷ୍ଟମାଷ୍ଟର ରଶ୍ମିରେଖା ସାହୁ। ସେ ସାଇକେଲ ଆଗ କ୍ୟାରିଅରରେ ଭ୍ୟାନିଟି ବ୍ୟାଗ ରଖି ବାଲକାଟୀ ଅଭିମୁଖେ ଆସୁଥିଲେ। ସାତକାଣିଆ ନିକଟ ଏକ ଇଟାଭାଟି ସମ୍ମୁଖରେ ପଛପଟୁ ବାଇକ୍ରେ ଆସି ଜଣେ ଦୁର୍ବୃତ୍ତ ତାଙ୍କ ଭ୍ୟାନିଟି ବ୍ୟାଗ୍ ଲୁଟିନେଇ ପଳାଇଥିଲେ। ଉକ୍ତ ବ୍ୟାଗ୍ରେ ୧୫ଶହ ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ରଶ୍ମିରେଖା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଖଣ୍ଡଗିରି-ଉଦୟଗିରି ମହୋତ୍ସବରେ ଗୁରୁବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ଜଟଣୀ ନାବାଳିକା ବଳାତ୍କାର, ହତ୍ୟା ମାମଲା

ଘରୁ ମିଳିଲା ଚିଠି, ଦ୍ୱନ୍ଦ୍ୱରେ ପୋଲିସ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

■ଅଭିଯୁକ୍ତ ଗିରଫ, ଖସାଇଦେବାକୁ ଷଡ଼ଯନ୍ତ୍ର
■ବଳାତ୍କାର କରାଯାଇ ନ ଥିବା ପୋଲିସ କହୁଛି

ଚର୍ଚ୍ଚିତ ଜଟଣୀ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ପୋଲିସ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଗୁରୁବାର ଅଭିଯୁକ୍ତ ସିର୍ଦ୍ଧାପୁର ଗ୍ରାମର ଗଜାନନ ବେହେରାଙ୍କୁ ଗିରଫ କରିବା ପରେ ପଚରାଉଚରା କରାଯାଉଛି। ତେବେ ଘଟଣା ସଂକ୍ରାନ୍ତରେ ଅଭିଯୁକ୍ତଙ୍କଠାରୁ ପୋଲିସ କ'ଣ ରହସ୍ୟ ପାଇଛି ସେନେଇ କିଛି ବି ସୂଚନା ଦିଆଯାଉନି। ଅନ୍ୟପକ୍ଷରେ ନାବାଳିକାଙ୍କ ଘରୁ ପୋଲିସ ଏକ ଚିଠି ଜବତ କରିଛି। ଉକ୍ତ ଚିଠିରେ ନାବାଳିକାଙ୍କ ମୃତ୍ୟୁର ରହସ୍ୟ ଲୁଚି ରହିଛି। ଆତ୍ମହତ୍ୟା ସଂକ୍ରାନ୍ତରେ ଉଲ୍ଲେଖ ରହିଥିବାବେଳେ ମୃତ୍ୟୁ ପରେ ନ ପୋଡ଼ି ପୋତି ଦେବାକୁ ନାବାଳିକା ଜଣକ ଲେଖିଥିବା ଜଣାପଡିଛି। ହେଲେ କୌଣସି ପୋଲିସ ଅଧିକାରୀ ଚିଠିକୁ ନେଇ ମୁହଁ ଖୋଲୁ ନ ଥିବାରୁ ସନ୍ଦେହ ବଢ଼ୁଛି। ସବୁଠାରୁ ବଡ଼ କଥା ହେଲା, ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ କେବଳ ହତ୍ୟା ମାମଲା ରୁଜୁ କରି ଚୁପ୍ ବସିଥିଲା। ଏବେ ମେଡିକାଲ ରିପୋର୍ଟରୁ ନାବାଳିକାଙ୍କୁ ବଳାତ୍କାର କରାଯାଇ ନ ଥିବା ପୋଲିସ କହୁଛି। ଏପର୍ଯ୍ୟନ୍ତ ପୋଲିସ ବି ବଳାତ୍କାର ଦଫା ଲଗାଇ ନାହିଁ। ସେପଟେ ଚିଠିରେ ଆତ୍ମହତ୍ୟା କଥା ଲେଖାଥିବାବେଳେ ପୋଲିସ କିନ୍ତୁ ହତ୍ୟା ଦଫା ଲଗାଇଛି। ପୋଲିସ ଯଦି ଲଗାଯାଇଥିବା ୩୦୨ ଦଫାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବ ଓ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଜଣାପଡିବ ତେବେ ପୋଲିସ ଆଉ ଏକ ସମସ୍ୟାରେ ପଡ଼ିବ। ଏହାକୁ ନେଇ ଏବେ କମିଶନରେଟ ପୋଲିସ ଦ୍ୱନ୍ଦ୍ୱରେ ପଡିଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଶୁକ୍ରବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ନିକଟରେ ହସ୍ତଗତ ହେଲେ ପୋଲିସ ଅଭିଯୁକ୍ତ ବିରୋଧରେ ସେହି ଅନୁଯାୟୀ ଦଫା ଲଗାଇ କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ

ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଖସାଇ ଦେବାକୁ ଷଡ଼ଯନ୍ତ୍ର କରିଥିବା ମୃତା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ କୌଣସି ପ୍ରମାଣ ନାହିଁ। ଏପରିକି ଡାକ୍ତରୀ ରିପୋର୍ଟରେ ମଧ ତାହା ଆସୁନାହିଁ। ତେଣୁ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡିବ।

ଘଟଣାରୁ ପ୍ରକାଶ, ଗତ ୧୧ ତାରିଖରେ ଏହି ଦୁଃଖଦ ଘଟଣା ଘଟିଥିଲା। ନାବାଳିକାର ମା' ଅଙ୍ଗନୱାଡି ଚାକିରି କରିଥିବାରୁ ସକାଳେ ସେ କେନ୍ଦ୍ରକୁ ଯାଇଥିଲେ। ସେ ଘରୁ ଗଲାବେଳେ ତାଙ୍କ ଝିଅ ଖାଉଥିଲେ। ହେଲେ ଫେରିବା ପରେ ଘରେ ତାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏପରିକି ଏହି ସମୟରେ ଅଭିଯୁକ୍ତ ଗଜାନନ ତାଙ୍କ ଘରୁ ଦୌଡି ଯାଉଥିବା ସେ ଦେଖିଥିଲେ। ତେଣୁ ଗଜାନନ ହିଁ ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରିଥିବା ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କେବଳ ହତ୍ୟା ଦଫା ଲଗାଇଥିବାରୁ ପ୍ରତିବାଦ କରିବା ସହ ବଳାତ୍କାର ଦଫା ଲଗାଇବା ଓ ସମ୍ପୃକ୍ତ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇଥିଲେ।

ସଂକ୍ଷେପରେ

ବହୁ କୋଟି ଠକେଇ ମାମଲା

ଗୋଲ୍‌ଡେନ ବାବାଙ୍କ ମୁଖ୍ୟ ସହଯୋଗୀ ଗିରଫ

ଭୁବନେଶ୍ୱର,୧୪।୨ (ବ୍ୟୁରୋ): ବହୁ କୋଟି ଠକେଇ ମାମଲାରେ ଜେଲ୍ ଯାଇଥିବା ଜ୍ୟୋତି ରଞ୍ଜନ ବେଉରା ଓରଫ ଗୋଲ୍‌ଡେନ ବାବାଙ୍କୁ ମୁଖ୍ୟ ସହଯୋଗୀଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗୁରୁବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଭେସାରି ଗ୍ରାମର ଅଶ୍ୱିନୀ କୁମାର ପ୍ରଧାନ (୨୫)। ଗୋଲ୍‌ଡେନ ବାବା ଜାଲ୍ କାଗଜପତ୍ରରେ ଏକ ସଂସ୍ଥା ଖୋଲି ଠକେଇ ର୍ୟାକେଟ ଚଳାଇଥିଲେ। ଓଡ଼ିଶା ଓ ରାଜ୍ୟ ତଥା ଦେଶ ବାହାର ବହୁ କମ୍ପାନୀକୁ ଫାଇନାନ୍ସ କରାଇ ଦେବାକୁ କହି ବହୁ କୋଟି ଟଙ୍କା ଲୁଟିଥିଲେ। ଏମ୍‌ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ନାମକ ଏକ ଖଣି କମ୍ପାନୀକୁ ୧୦ବର୍ଷ ପାଇଁ ୪.୭୫ ପ୍ରତିଶତ ସୁଧ ହାରରେ ୧୧୦ କୋଟି ଟଙ୍କା ଋଣ କରାଇ ଦେବାର ଲୋଭ ଦେଖାଇ ୧୨.୪ କୋଟି ଟଙ୍କା ଠକି ନେଇଥିଲା। ଏ ସଂକ୍ରାନ୍ତରେ କମ୍ପାନୀ ମ୍ୟାନେଜର ଗତ ଡିସେମ୍ବର ୧୬ରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ନାମରେ ମାମଲା ନଂ.୧/୧୯ ରୁଜୁ କରିଥିବା ଜାଣିବା ପରେ ଗୋଲ୍‌ଡେନ ବାବା ଓ ମୁଖ୍ୟ ସହଯୋଗୀ ଅଶ୍ୱିନୀ ଦିଲ୍ଲୀ ଫେରାର ହୋଇଯାଇଥିଲେ। ଡିସେମ୍ବର ୩୧ରେ ଗୋଲ୍‌ଡେନ୍ ବାବା ଗିରଫ ହେବା ପରେ ତାଙ୍କ ନାମରେ ଏକାଧିକ ଠକେଇ ଅଭିଯୋଗ ଆସିଥିଲା। ତାଙ୍କ ନାମରେ ୭ଟି ଅର୍ଥନୈତିକ ଆପରାଧିକ ମାମଲା ରୁଜୁ କରାଯାଇଥିବାବେଳେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ନେଇଥିଲା। ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରି ବହୁ ତଥ୍ୟ ପାଇଥିଲା। ଗୋଲ୍‌ଡେନ୍ ବାବାଙ୍କୁ ଅଶ୍ୱିନୀ ଜାଲ୍ କାଗଜପତ୍ର ପ୍ରସ୍ତୁତି ଓ ଅର୍ଥ କାରବାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

ବିଜେଡି ଛାଡ଼ିଲେ ବ୍ରହ୍ମଗିରିର କିଶୋର ଜେନା

ଭୁବନେଶ୍ୱର, ୧୪।୨(ବ୍ୟୁରୋ): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୩ ଶହରୁ ଅଧିକ ବିଜେଡି କର୍ମୀ ଓ ନେତା କିଶୋର ଜେନାଙ୍କ ନେତୃତ୍ୱରେ ଗୁରୁବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଦଳର ବିଚାରଧାରା ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସେ ଆସିଥିବା କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ଅବସରରେ ପ୍ରକାଶ ଜେନା ଓ ତାଙ୍କ ସମର୍ଥକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳରେ ଗ୍ରହଣ କରିଥିଲେ। ଜେନାଙ୍କ ଯୋଗଦାନ ଦ୍ୱାରା ବ୍ରହ୍ମଗିରିରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ ବୋଲି ନିରଞ୍ଜନ କହିଛନ୍ତି।

ଚଳଚ୍ଚିତ୍ରରେ ଚିଟ୍‌ଫଣ୍ଡ୍ ଟଙ୍କା

ଜେଲ ଗଲେ ବଲିଉଡ୍ ଅଭିନେତା ନାସିର ଖାନ

ଭୁବନେଶ୍ୱର,୧୪।୨ (ବ୍ୟୁରୋ): ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ସିବିଆଇ ବଲିଉଡ୍ ଅଭିନେତା ତଥା ଫାଇନ୍ ଇଣ୍ଡିଆ ସେଲ୍‌ସ ପ୍ରାଇଭେଟ ଲିମିଟେଡ୍ ନିର୍ଦ୍ଦେଶକ ନାସିର ଖାନ୍‌ଙ୍କୁ ଗିରଫ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ନାସିର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇଥିଲେ। ତେବେ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ପାରିବାରୁ ତାଙ୍କ ଜାମିନକୁ କୋର୍ଟ ଖାରଜ କରିଦେଇଛନ୍ତି। ନାସିର ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରର ବିଚାର ବିଭାଗୀୟ ହାଜତରେ ରହିବେ। ଅନ୍ୟପକ୍ଷରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇଥିବା ଅନ୍ୟତମ ଅଭିଯୁକ୍ତ ଉତ୍ତରପ୍ରଦେଶ କାନପୁରର ସମିରା ଖୁର୍ସିଦଙ୍କୁ ଜାମିନ ମିଳିଛି। ମିଳିଥିବା ସୂଚନା ମୁତାବକ, ନାସିର ଫାଇନ୍ ଇଣ୍ଡିଆ ଚିଟ୍‌ଫଣ୍ଡ୍ ସଂସ୍ଥା ଜରିଆରେ ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିଲେ। ଠକେଇର ଶିକାର ଜମାକାରୀମାନେ ବିଭିନ୍ନ ଥାନା ଓ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ୨୦୦୯ରେ କ୍ରାଇମବ୍ରାଞ୍ଚ ନାସିରଙ୍କୁ ଗିରଫ କରିଥିଲେ ମଧ୍ୟ ଜାମିନରେ ମୁକୁଳିଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଫାଇନ୍ ଇଣ୍ଡିଆ ସଂସ୍ଥାର ନିର୍ଦ୍ଦେଶକ ନାସିରଙ୍କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରିଥିଲା। ଜମାକାରୀଙ୍କଠାରୁ ଉଠାଇଥିବା ଟଙ୍କାକୁ କାନପୁରସ୍ଥିତ ଏକ କମ୍ପାନୀ ମାଧ୍ୟମରେ ନାସିର ବମ୍ବେକୁ ପଠାଇଥିଲେ। ନାସିରଙ୍କ ସହପ୍ରଯୋଜନା ଓ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର 'ସାତୋ'ରେ ଉକ୍ତ ଟଙ୍କା ବିନିଯୋଗ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏ ନେଇ ସିବିଆଇ ତାଙ୍କୁ ବାରମ୍ବାର ନୋଟିସ ଜାରି କରିବା ପରେ ମଧ୍ୟ ସେ ହାଜର ହୋଇ ନ ଥିଲେ।

■ କଣ୍ଟାବାଞ୍ଜିରେ ଭାଜପାର ଓବିସି ମହାସମ୍ମିଳନୀ

ମୁଖ୍ୟମନ୍ତ୍ରୀ ବିକାଶ କଥା କହି ଲୋକଙ୍କୁ ଠକୁଛନ୍ତି

ନରେନ୍ଦ୍ର ମୋଦି ହିଁ ସ୍ଥିର, ନିର୍ମଳ ସରକାର ଦେଇପାରିବେ: ରାମକ୍ରିପାଲ୍

ଭାଜପାର ଓବିସି ମହାସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନ୍ତ୍ରୀ ରାମକ୍ରିପାଲ୍ ଯାଦବଙ୍କ ସହ ଦଳୀୟ କର୍ମକର୍ତ୍ତା।

କଣ୍ଟାବାଞ୍ଜି,୧୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଖାଟୁ ଶ୍ୟାମ ମନ୍ଦିର ପଡ଼ିଆରେ ଭାଜପାର ଓବିସି ମହାସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀର ଟିଟିଲାଗଡ଼, ପାଟଣାଗଡ଼, ବଲାଙ୍ଗୀର, ଲୋଇସିଂହା ଓ କଣ୍ଟାବାଞ୍ଜି ସହ ପଡୋଶୀ ଜିଲା ନୂଆପଡ଼ା, କଳାହାଣ୍ଡି, ବରଗଡ଼ର ପଛୁଆବର୍ଗ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୧୧ଟା ୪୫ରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ରାମକ୍ରିପାଲ ଯାଦବ, ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ହେଲିକପ୍ଟରରେ ଆସି ପହଞ୍ଚିଥିଲେ। ପରେ ଦଳୀୟ କର୍ମକର୍ତ୍ତା ସମସ୍ତଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ।

ସଭା ପ୍ରାରମ୍ଭରେ ବିଧାୟକ କନକବର୍ଦ୍ଧନ ସିଂଦେଓ ଉଦ୍‌ବୋଧନ ଦେଇ ଓଡ଼ିଶାରେ ନବୀନ ସରକାର ଦୀର୍ଘବର୍ଷର ଶାସନକାଳରେ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇ ପାରି ନାହାନ୍ତି। କାଳିଆ ଯୋଜନା କେବଳ ବିଜେଡିର ବିକାଶ ଯୋଜନା ବୋଲି କହିଥିଲେ। ଆମ ଗାଁ ଆମ ବିକାଶ ନୁହେଁ ଏହା କେବଳ ବିଜେଡି କର୍ମୀଙ୍କ ବିକାଶ ବୋଲି ସେ କଟାକ୍ଷ କରିଥିଲେ। ଏ ନେଇ ଭାଜପା ୧୯ବର୍ଷ ଶାସନର ଜବାବ ମାଗୁଛି ବୋଲି କନକବର୍ଦ୍ଧନ କହିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ,ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନେ ଖୁସି ତ, ତେବେ ମୁଁ ମଧ ଖୁସି କହି ନିଜକୁ ସଫେଇ ଦେଉଛନ୍ତି। ରାଜ୍ୟରେ ପିସି କାରବାର ବଢିଚାଲିଥିବା ବେଳେ ଜନସାଧାରଣ ସେଥିରେ ପେଷି ହେଉଛନ୍ତି ବୋଲି କହିଥିଲେ। ଓଡ଼ିଆ କହି ଜାଣି ନ ଥିବା ମୁଖ୍ୟମନ୍ତ୍ରୀ ବିକାଶ କଥା କହି ଲୋକଙ୍କୁ ଠକୁଛନ୍ତି ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ରାଜ୍ୟ ଭାଜପା ସଭାପତି ତଥା ନୂଆପଡ଼ା ବିଧାୟକ ବସନ୍ତ ପଣ୍ଡା ନବୀନଙ୍କୁ ଧୃତରାଷ୍ଟ୍ରଙ୍କ ସହ ତୁଳନା କରି ଓଡ଼ିଶାବାସୀଙ୍କ ହକ୍ ଓ ସାମ୍ବିଧାନିକ ଅଧିକାରକୁ ଛଡାଇ ନିଆଯାଉଥିବା କହିଥିଲେ। ଓଡ଼ିଶାରେ ଜଳସେଚନ ଓ କଳକାରଖାନା ସ୍ଥାପନ କରାଗଲେ ଚାଷୀ ଓ ବେକାର ଯୁବତୀ,ଯୁବକ ଉପକୃତ ହେବେ ବୋଲି କହିଥିଲେ। ଶେଷରେ କେନ୍ଦ୍ରମନ୍ତ୍ରୀ ଯାଦବ କେନ୍ଦ୍ରର ମୋଦି ସରକାର ଓବିସିଙ୍କ ପାଇଁ ଓବିସି କମିଶନ ଗଠନ କରିଥିବା କହିଥିଲେ। ବର୍ତ୍ତମାନ ଦୁର୍ନୀତିରେ ଜଡ଼ିତ ନେତାମାନେ ଏକ ମହାମେଣ୍ଟ ଗଠନ କରି ଏକତ୍ରିତ ହେଉଛନ୍ତି। ହେଲେ ଭାରତରେ ଏକ ସ୍ୱଚ୍ଛ, ନିର୍ମଳ ସରକାରଙ୍କ ଆବଶ୍ୟକତା ରହିଛି, ଯାହା ନରେନ୍ଦ୍ର ମୋଦି ହିଁ ଦେଇପାରିବେ ବୋଲି କହିଥିଲେ।

ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଭାଜପା ଜିଲା ଉପସଭାପତି ଲକ୍ଷ୍ମଣ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଷ୍ଟ୍ରପତି ବେହେରା, ବଲାଙ୍ଗୀର ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ, ଘିନୁ ଆଡ଼ୁଯୁଏଡ, ଅଘରିଆ ସମାଜ ସଭାପତି ହରିଶଙ୍କର ସାଏ, ଧୁବାଇଚରଣ ପୁଟେଲ, କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ବଲାଙ୍ଗୀର ଜିଲା ପଛୁଆବର୍ଗ ସଭାନେତ୍ରୀ ଶୈଳବାଳା ବାଗ, ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ପ୍ରେମସିଂ ହେର୍ଣ୍ଣା, ରାଧେଶ୍ୟାମ ରଣା, ଭାଜପା ଜିଲା ଯୁବ ମୋର୍ଚ୍ଚା ଉପସଭାପତି ମନୀଷ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଭାଜପା ଉପସଭାପତି ଶ୍ରୀବତ୍ସ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ବିଜେଡିର ସମାଲୋଚନା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଭାଜପାର ଓବିସି ସମ୍ମିଳନୀରେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ କରିଥିବା ସମାଲୋଚନାର ଜବାବ ଦେଇଛି ବିଜେଡି। ବିଜେଡି ରାଜ୍ୟ ସମ୍ପାଦକ ତଥା ଢେଙ୍କାନାଳ ଜିଲା ସହପର୍ଯ୍ୟବେକ୍ଷକ ବିଜୟ ନାୟକ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ମନେରଖିବା ଉଚିତ ଯେ ଲୋକମତ ହିଁ ନବୀନ ପଟ୍ଟନାୟକଙ୍କ ସଫଳତାର ମୁଖ୍ୟ ଆୟୁଧ। ରାଜ୍ୟବାସୀଙ୍କ ସହ ଥିବା ତାଙ୍କ ସମ୍ପର୍କକୁ କୌଣସି ଛଳନା, ଷଡ଼ଯନ୍ତ୍ର, ରାଜନୈତିକ କୂଟକପଟ ଭେଦ କରିପାରିବ ନାହିଁ। କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ତାଙ୍କର ଅପାରଗତା, ଅସହିଷ୍ଣୁତା ଓ ନିର୍ଲଜତାର ପରିଚାୟକ। ସେ ଏଥିରୁ ନିବୃତ୍ତି ରହି ଓଡ଼ିଶାର ଜନସାଧାରଣଙ୍କ ପାଇଁ କ'ଣ କରିଛନ୍ତି ଏବଂ ଆଗକୁ କ'ଣ କରିପାରିବେ, ସେ ନେଇ ମତବ୍ୟକ୍ତ କରନ୍ତୁ।

■ କଟକର ଦୁଇ ଝିଅଙ୍କୁ ଅପହରଣ ଘଟଣା

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ଓଡ଼ିଶାର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ରହିଛି। ପୋଲିସର ଦାୟିତ୍ୱହୀନତା ଏବଂ ସମ୍ବେଦନହୀନତା ପାଇଁ କଟକର ଗୋଟିଏ ଝିଅ ଆତ୍ମହତ୍ୟା କରିଥିବାବେଳେ ଅନ୍ୟଜଣଙ୍କ ବିଷୟରେ କୌଣସି ପତ୍ତା ମିଳିନାହିଁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଅପହରଣକାରୀଙ୍କ କବଳରୁ ଝିଅକୁ ଉଦ୍ଧାର କରନ୍ତୁ। ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ସୁନିଶ୍ଚିତ କରାନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଗୁରୁବାର ଟୁଇଟ୍ କରି କହିଛନ୍ତି ଯେ, ରାଜ୍ୟର ଝିଅ, ମା' ଓ ଭଉଣୀଙ୍କ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଟିକେ ହେଲେ ସାଲିସ କରାଯିବ ନାହିଁ। କିନ୍ତୁ ଆମ ଝିଅମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ରାଜ୍ୟ ସରକାର ଓ ପୋଲିସ ପାଖରେ ଟିକେ ହେଲେ ଦରଦ ନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, କଟକ ସହରର ଦୁଇ ନାବାଳିକା ଭଉଣୀଙ୍କୁ ଅପହରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଭଉଣୀଙ୍କ ଆତ୍ମହତ୍ୟା ଘଟଣା ଶୁଣିବା ପରେ ସେ ମର୍ମାହତ ହୋଇଛନ୍ତି। କଟକ ଓଡ଼ିଶାର ପୋଲିସ୍ ମୁଖ୍ୟାଳୟ। ଏଭଳି ଘଟଣା ପରେ ପୋଲିସ୍ କିପରି ହାତବାନ୍ଧି ବସିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ଆହୁରି କହିଛନ୍ତି, ଦୁଇଜଣଙ୍କ ଅପହରଣ ପରେ ସେମାନଙ୍କ ପରିବାର ତରଫରୁ ମୁଣ୍ଡାସାହି ଥାନାରେ ଏତଲା ଦିଆଯାଇଥିଲା। ଏତଲା ଦିଆଯିବାର ୭ଦିନ ପର୍ଯ୍ୟନ୍ତ ପୋଲିସ୍ କିଛି କଲାନାହିଁ। ଅପହୃତାଙ୍କ କବଳରୁ ଜଣେ ଭଉଣୀ ଫେରିଲା। ଏହାପରେ ମର୍କତନଗର ଥାନାରେ ବୟାନ ରେକର୍ଡ କଲେ। ଅପମାନ ସହି ନପାରି ଘରକୁ ଫେରି ସେ ଆତ୍ମହତ୍ୟା କଲେ। ଓଡ଼ିଶା ପୋଲିସ, ପ୍ରଶାସନ ଓ ସରକାରଙ୍କ ଉପରେ ବିଶ୍ୱାସ ନ ପାଇବାରୁ ବୋଧହୁଏ ଝିଅଟି ଆତ୍ମହତ୍ୟା କଲେ ବୋଲି ଧର୍ମେନ୍ଦ୍ର ଅଭିଯୋଗ ଆଣିଛନ୍ତି। ଦୁଇ ଭଉଣୀ ବଳାତ୍କାରରେ ଶିକାର ହୋଇଥିବା ଖବର ପ୍ରକାଶ ପାଇଛି। ଜଣେ ଦୁର୍ଭାଗ୍ୟଜନକ ଭାବେ ଆତ୍ମହତ୍ୟା କଲେ, ହେଲେ ଅନ୍ୟ ଜଣକ ଅପହୃତାଙ୍କ କବଳରେ କେଉଁ ଅବସ୍ଥାରେ କିପରି ଅଛନ୍ତି ଭାବି ବ୍ୟସ୍ତ ଲାଗୁଥିବା ଧର୍ମେନ୍ଦ୍ର କହିଛନ୍ତି। ସେମାନଙ୍କୁ କିଏ ଅପହରଣ କରିଛି ସେନେଇ ପୋଲିସ ନିକଟରେ ଖବର ଅଛି ବୋଲି ଖବରରେ ପ୍ରକାଶ ପାଉଛି। ଯଦି ଏକଥା ସତ ହୁଏ ତେବେ ସାଙ୍ଘାତିକ। ଆମ ସରକାର ଓ ପୋଲିସ ପାଖରେ ଝିଅମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଟିକେ ହେଲେ ଦରଦ ନ ଥିବା ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

■ କାଳିଆ ଯୋଜନାର ସଫଳ ରୂପାୟନ

କ୍ଷେତ୍ରାଧିକାରୀଙ୍କ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

'କାଳିଆ' ଯୋଜନାରେ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବିକା ନିର୍ବାହ ନିମନ୍ତେ ଦିଆଯାଉଥିବା ଆର୍ଥିକ ସହାୟତାର ସୁବିନିଯୋଗ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ନିୟୋଜିତ କ୍ଷେତ୍ରାଧିକାରୀଙ୍କୁ ଠିକ୍‌ଭାବେ କାର୍ଯ୍ୟ କରିବା ପାଇଁ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି। 'କାଳିଆ' ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷକମାନଙ୍କ ପାଇଁ ଦିନିକିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରକୁ କୃଷି ଭବନଠାରେ ଉଦ୍‌ଘାଟନ କରି ମନ୍ତ୍ରୀ ବେହେରା ଏହି କଥା କହିଛନ୍ତି।

କୌଣସି ଯୋଜନାର ସୁଫଳ ଏହାର ସଫଳ କାର୍ଯ୍ୟକାରିତାରେ ମିଳିଥାଏ। ରାଜ୍ୟସ୍ତରୀୟ ଉଦ୍ୟାନ କୃଷି, ପ୍ରାଣୀଧନ ଚିକିତ୍ସା, ମତ୍ସ୍ୟ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଓ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ସମନ୍ୱୟ ରଖି ଧାର୍ଯ୍ୟ ସମୟ ମଧ୍ୟରେ ବ୍ଲକସ୍ତରର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇ ଯୋଜନାକୁ ସଫଳ କରିବା ଉପରେ କୃଷି ବିଭାଗ ଗୁରୁତ୍ୱାରୋପ କରିଛି। କାର୍ଯ୍ୟସୂଚୀ ଅନୁଯାୟୀ, ଜିଲାସ୍ତରୀୟ ପ୍ରଶିକ୍ଷକମାନଙ୍କ ପକ୍ଷରୁ ବ୍ଲକସ୍ତରରେ ଚଳିତ ମାସ ୧୮ରେ ତାଲିମ ପ୍ରଦାନ କରାଯିବ। ସେହିପରି ୨୧ ମଧ୍ୟରେ ବ୍ଲକସ୍ତରୀୟ ପ୍ରଶିକ୍ଷକମାନେ କ୍ଷେତ୍ର ଅଧିକାରୀମାନଙ୍କୁ ଟ୍ରେନିଂ ଦିଆଯିବ। ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟ ଚଳିତ ମାସ ୨୫ରୁ ମାର୍ଚ୍ଚ ପହିଲା ମଧ୍ୟରେ ଶେଷ କରାଯିବ।

ଜୀବିକା ନିର୍ବାହ ନିମନ୍ତେ ହିତାଧିକାରୀମାନଙ୍କୁ ବତକ ଓ ଅଣ୍ଡାଦିଆ କୁକୁଡ଼ା ପାଳନ, ଛତୁଚାଷ, ମହୁଚାଷ, ମାଛଧରା ଉପକରଣ, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଆଦି ବିଷୟରେ ତାଲିମ ଦିଆଯିବ। ଏଥିସହିତ ଜଣେ ଭୂମିହୀନ କୃଷି ଶ୍ରମିକ ନିଜ ସୁବିଧା, କୌଶଳ ଓ ବସବାସ କରୁଥିବା ଅଞ୍ଚଳ ଅନୁସାରେ ଅନ୍ୟ କୌଣସି ଜୀବିକା ନିର୍ବାହ ପନ୍ଥା ମଧ୍ୟ ଅବଲମ୍ବନ କରିପାରିବେ। ହିତାଧିକାରୀମାନଙ୍କୁ ଜୀବିକା ନିର୍ବାହ ନିମନ୍ତେ ୧୨,୫୦୦ ଟଙ୍କାର ଆର୍ଥିକ ସହାୟତା ୩ଟି କିସ୍ତିରେ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦୦୦, ଦ୍ୱିତୀୟ ପର୍ଯ୍ୟାୟରେ ୩୦୦୦ ଏବଂ ଶେଷ କିସ୍ତିରେ ୪୫୦୦ ଟଙ୍କା ପ୍ରଦାନ କରାଯିବ। ଏହା ପୂର୍ବରୁ ଗ୍ରାମପଞ୍ଚାୟତ ନୋଡାଲ ଅଫିସରଙ୍କ ଦ୍ୱାରା ହିତାଧିକାରୀଙ୍କ ଜୀବିକା ନିର୍ବାହ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଯାଞ୍ଚ ଓ ଆକଳନ କରାଯିବ। ଗ୍ରାମପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀମାନେ ହିତାଧିକାରୀଙ୍କ ଜୀବିକା ନିର୍ବାହ ଯୋଜନାଗୁଡ଼ିକର ଜିଓଟ୍ୟାଗ୍ ଫଟୋ ଉଦ୍ଦିଷ୍ଟ ସାଇଟ୍‌ରେ ପୋଷ୍ଟ କରିବାର ବ୍ୟବସ୍ଥା ରହିଛି।

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଡ. କିଷନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ଚିଲିକାରେ ଡଲ୍‌ଫିନ୍ ମୃତ

ବ୍ରହ୍ମଗିରି, ୧୪।୨(ଡି.ଏନ୍.ଏ.)

ଚିଲିକାର ମଗରମୁଖାଠାରେ ବୁଧବାର ଏକ ଇରାୱାଡ଼ି ଡଲଫିନର ମୃତ ହୋଇଥିଲା। ଡଲଫିନର ମୃତଦେହ ପାଣିରେ ଭାସୁଥିବା ଦେଖି ବନବିଭାଗ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଡଲଫିନଟିର ଲମ୍ବ ୬ ଫୁଟ ୫ଇଞ୍ଚ ହୋଇଥିବାବେଳେ ଓସାର ୩ଫୁଟ ୮ଇଞ୍ଚ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ବନବିଭାଗ ମୃତ ଡଲଫିନର ବ୍ୟବଚ୍ଛେଦ କରି ତାକୁ ପୋତିଛନ୍ତି। ୨୦୧୮ ନଭେମ୍ବର ୨୬ରେ ଏକ ଡଲଫିନର ମୃତ୍ୟୁ ହୋଇଥିଲା। ପରେ ଚଳିତ ବର୍ଷ ଜାନୁୟାରୀ ୧୭ତାରିଖରେ ଚିଲିକାରେ ଡଲଫିନ ଗଣନା କରାଯାଇଥିଲା। ରିପୋର୍ଟ ଅନୁସାରେ ଚିଲିକାରେ ୧୫୫ଟି ଡଲଫିନ ରହିଥିବା ଜଣାପଡ଼ିଥିଲା। ମାତ୍ର ଗଣନାର ଏକ ସପ୍ତାହ ମଧ୍ୟରେ ଡ୍ରୋଜର କୁଦାଠାରେ ଏକ ଡଲଫିନ ମରି ଲାଗିଥିବା ସମୟରେ ଜାନୁୟାରୀ ୨୫ ତାରିଖରେ ପୁଣି ଏକ ଡଲଫିନ ବାଲୁଗାଁ ଚ୍ୟାନେଲରେ ମରି ଭାସୁଥିବାର ଦେଖିବାକୁ ମିଳିଥିଲା। ଏହିଭଳି ଭାବେ ଲଗାତର ୪ମାସ ମଧ୍ୟରେ ୪ଟି ଡଲଫିନଙ୍କର ମୃତ୍ୟୁ ଘଟିଲାଣି। ଏ ସମ୍ପର୍କରେ ସାତପଡ଼ା ରେଞ୍ଜ ଅଧିକାରୀ ମାନସରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ତିନୋଟି ଡଲଫିନ୍‌ଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଥିବାବେଳେ ବୁଧବାର ଡଲଫିନ୍‌ଟି ନିମୋନିଆରେ ମରିଥିବା ସନ୍ଦେହ କରାଯାଉଛି।

ଗାତରେ ପଡ଼ି ହାତୀ ଶାବକ ମୃତ

ରେଳ କେବୁଲ ଲାଇନ ପାଇଁ ଖୋଳାଯାଇଥିଲା ଗାତ

ମୃତ ହାତୀ ଶାବକ।

ବିଶ୍ରା,୧୪।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବିଶ୍ରା ବନାଞ୍ଚଳ ଅନ୍ତର୍ଗତ ମହିପାଣି ଗ୍ରାମ ନିକଟରେ ବୁଧବାର ରାତିରେ ଗାତରେ ପଡ଼ି ଏକ ଅଣ୍ଡିରା ହାତୀ ଶାବକର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ବିଶ୍ରା ବନାଞ୍ଚଳ ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପୋତି ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ମହିପାଣି ଗ୍ରାମକୁ ୧୭ଟି ହାତୀଥିବା ଏକ ପଲ ଆସିଥିଲେ। ଗ୍ରାମବାସୀ ହୋହଲ୍ଲା କରିବାରୁ ହାତୀପଲ ରେଳ ଧାରଣା ଦେଇ ଜଙ୍ଗଲ ଆଡ଼କୁ ଫେରି ଯାଇଥିଲେ। ରେଳ ବିଭାଗ ପକ୍ଷରୁ କେବୁଲ ଲାଇନ ପୋତିବା ପାଇଁ ଗାତ ଖୋଳାଯାଇଥିଲା। ସେହି ଗାତରେ ଏକ ହାତୀ ଶାବକ ପଡ଼ିଯାଇଥିଲା। ଗାତରେ ଅଧିକ କାଦୁଅ ଥିବାରୁ ହାତୀମାନେ ଶାବକକୁ ବାହାର କରିପାରି ନ ଥିଲେ। ଖବର ପାଇ ଗ୍ରାମବାସୀ ମଧ୍ୟ ହାତୀ ଶାବକକୁ ଉଦ୍ଧାର ଲାଗି ସେଠାରେ ପହଞ୍ଚି ଥିଲେ। ହେଲେ ହାତୀପଲ ଗ୍ରାମବାସୀଙ୍କୁ ଘଟଣାସ୍ଥଳକୁ ଆସିବାକୁ ଦେଇ ନ ଥିଲେ। ହାତୀମାନେ ଶାବକ ଚାରିପାଖରେ ଘୂରି ବୁଲୁଥିଲେ। ଅତ୍ୟଧିକ କାଦୁଅ ଥିବାରୁ କିଛି ସମୟ ମଧ୍ୟରେ ଶାବକର ମୃତ୍ୟୁ ଘଟିଥିଲା। ଏ କଥା ଜଣାପଡିବା ପରେ ହାତୀମାନେ ଜଙ୍ଗଲକୁ ଫେରିଯାଇଥିଲେ। ସକାଳୁ ଗ୍ରାମବାସୀ ହାତୀ ଶାବକକୁ ଉଦ୍ଧାର କରିବା ପରେ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦେଇଥିଲେ।

ପିଏମ୍ କିଷାନ ନିଧି ଯୋଜନା ରାଜ୍ୟରେ ଲାଗୁ ନ ହେବା ପ୍ରସଙ୍ଗ

ଭୟ କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା ଏକ ଅଭୂତପୂର୍ବ ଏବଂ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନା ସାରା ଦେଶରେ ଲାଗୁ କରାଯାଇଛି। ମାତ୍ର ଏଠି ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଛନ୍ତି। ପୂର୍ବରୁ ଆୟୁଷ୍ମାନ ଭାରତ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ ନ କରିବା ପରି ଏହି ଯୋଜନାକୁ ଲାଗୁ କଲେ କାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରେୟ ନେଇଯିବେ ସେଥିଲାଗି ବିଜେଡି ଡରୁଛି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ପୃଥ୍ୱୀରାଜ କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ ନ କରିବା ଦ୍ୱାରା ଅନେକ ରୋଗୀ ଚିକିତ୍ସାରୁ ବଞ୍ଚିତ ରହି ହନ୍ତସନ୍ତ ହେଉଛନ୍ତି। ସେହିପରି କାଳିଆ ଯୋଜନାରେ ହିତାଧିକାରୀ ଚୟନ ଠିକ୍‌ଭାବେ ହୋଇନାହିଁ। ଭୂମିହୀନଙ୍କୁ ଚିହ୍ନଟ ନ କରି ଯୋଜନାରେ ସାମିଲ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା। କାଳିଆ ଯୋଜନା ସମ୍ପୂର୍ଣ୍ଣଭାବେ ବିଫଳ ହେବାକୁ ବସିଛି। କୃଷକ ସମାଜ ସହ ପ୍ରତାରଣ କରିବାକୁ ଦିଆଯିବ ନାହିଁ। ଭୂମିହୀନ ଲୋକଙ୍କ ତାଲିକା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ବିଜେଡି ଭୂମିହୀନ ଲୋକଙ୍କ ଅର୍ଥ ନୁହେଁ ବରଂ ଦଳୀୟ ଭିତ୍ତିରେ ଟଙ୍କା ବାଣ୍ଟି ଭୋଟ ହାତେଇବାକୁ ବସିଛି ବୋଲି ପୃଥ୍ୱୀରାଜ କହିଛନ୍ତି। କାଳିଆ ଯୋଜନାରେ ୧୨ଲକ୍ଷ ଚାଷୀଙ୍କୁ ସହାୟତା ଦେବା କଥା ସମ୍ପୂର୍ଣ୍ଣ ମିଥ୍ୟା। ବାସ୍ତବରେ ୩ଲକ୍ଷ ୭୫ହଜାର ଚାଷୀଙ୍କୁ ଅର୍ଥ ମିଳିଛି। ଯଦି ସତ୍‌ସାହସ ଅଛି ତେବେ ରାଜ୍ୟ ସରକାର ସାଢେ ୧୨ଲକ୍ଷ ଚାଷୀଙ୍କ ନାଁ ୱେବ୍‌ସାଇଟରେ ପ୍ରକାଶ କରନ୍ତୁ ବୋଲି ପୃଥ୍ୱୀରାଜ କହିଛନ୍ତି।

■ କଂଗ୍ରେସ ସ୍କ୍ରିନିଂ କମିଟିର ଦ୍ୱିତୀୟ ଦିବସ

ସରିଲା ପୁରୀ, ଜଗତ୍‌ସିଂହପୁର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

କଂଗ୍ରେସର ଦୁଇ ସ୍କ୍ରିନିଂ କମିଟି ସଦସ୍ୟ ଦ୍ୱିତୀୟ ଦିନରେ ଆଉ କିଛି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିଛନ୍ତି। ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ପୁରୀ ଓ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ କାହାକୁ ପ୍ରାର୍ଥୀ କରାଗଲେ ଭଲ ହେବ ସେ ନେଇ ତର୍ଜମା କରିଛନ୍ତି। ସୂଚନାମୁତାବକ ଜଗତ୍‌ସିଂହପୁର ଲୋକ ସଭା ଆସନ ପାଇଁ ବିଭୁ ତରାଇ, ରବୀନ୍ଦ୍ର ସେଠୀ ଓ ପ୍ରଶାନ୍ତ ମଲ୍ଲିକଙ୍କ ନାମ ତାଲିକାରେ ସାମିଲ କରାଯାଇଛି। ସେହିପରି ପୁରୀ ଲୋକ ସଭା ଆସନ ପାଇଁ ସୁଚରିତା ମହାନ୍ତି, ଅମିୟ ପଟ୍ଟନାୟକ ଓ ଜୟନାରାୟଣ ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ସୁକାନ୍ତ ରାୟଙ୍କ ନାମ ଯାଇଥିବା ଜଣାପଡିଛି। ଅପରପକ୍ଷରେ ଏହି ଦୁଇ ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଆସୁଥିବା ବିଧାନସଭା କ୍ଷେତ୍ରଗୁଡିକ ପାଇଁ ଆଶାୟୀ ବିଧାୟକମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ବ୍ରହ୍ମଗିରି ବିଧାନସଭା ଆସନ ପାଇଁ ଉମାକାନ୍ତ ବରାଳ, ବାନାମ୍ବର ବାରିକ ଓ ଶେଖ ସଫିକ୍ ଉଦ୍ଦିନଙ୍କ ନାମ ଯାଇଛି। ପୁରୀ ବିଧାନସଭା ଆସନ ପାଇଁ ଅରୋ ପ୍ରସାଦ ମିଶ୍ର, ବିନାୟକ ଦାସ ମହାପାତ୍ର ଓ ବିଶ୍ୱଜିତ ମହାନ୍ତି ନାମ ରହିଛି। ସେହିପରି ସତ୍ୟବାଦୀ ଆସନ ପାଇଁ ପ୍ରସାଦ ହରିଚନ୍ଦନଙ୍କ ନାମ ରହିଛି। ପିପିଲି ଆସନ ପାଇଁ ନିଶିକାନ୍ତ ମିଶ୍ର, ଯୁଧିଷ୍ଠୀର ସାମନ୍ତରାୟ, ଜ୍ଞାନରଞ୍ଜନ ପଟ୍ଟନାୟକ, ଅଜିତ ମଙ୍ଗରାଜ ଓ ନିରୁପମା ପାତ୍ରଙ୍କ ନାମ ରହିଛି। କାକଟପୁର ପାଇଁ ବିଶ୍ୱ ଦାସ ଓ ଦେବୀ ପ୍ରସାଦ ସେଠୀଙ୍କ ନାମ ଯାଇଛି। ନିମାପଡା ଆସନ ପାଇଁ ରମୁ ପାତ୍ରଙ୍କ ନାମ ଯାଇଛି। ନୟାଗଡ ଆସନ ପାଇଁ ମନୋଜ ସାହୁ ଓ ରଣଜିତ ଦାସଙ୍କ ନାମ ରହିଛି। ଚିଲିକା ଆସନ ପାଇଁ ପ୍ରଦୀପ ସ୍ୱାଇଁ ଓ ମାନସୀ ପ୍ରଧାନଙ୍କ ନାମ ରହିଥିବା ଜଣାପଡିଛି। ରଣପୁର ଆସନ ପାଇଁ ମିଲି ପଣ୍ଡା ଓ ସତ୍ୟବ୍ରତ ନାୟକଙ୍କ ନାମ ରହିଥିବା ଶୁଣିବାକୁ ମିଳିଛି। ଅନ୍ୟପଟେ ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ଚିରଞ୍ଜୀବ ବିଶ୍ୱାଳଙ୍କ ନାମ ଯାଇଛି। ପାରାଦୀପ ଆସନ ପାଇଁ ବାପି ସର୍ଖେଲ ଏବଂ ପ୍ରମୋଦ ଜେନାଙ୍କ ନାମ ଯାଇଛି। ତିର୍ତ୍ତୋଲ ଆସନ ପାଇଁ ଦେବ ମଲ୍ଲିକ, ପ୍ରତିମା ମଲ୍ଲିକ ଓ ରାଜ କିଶୋର ଦାସଙ୍କ ନାମ ଯାଇଛି। ବାଲିକୁଦା ଆସନ ପାଇଁ ଲଲାଟେନ୍ଦୁ ମହାପାତ୍ର, ଶାରଦା ଜେନାଙ୍କ ନାମ ଯାଇଛି। ସେହିପରି ସ୍କ୍ରିନିଂ କମିଟି ସଦସ୍ୟ ନୌସାଦ ସୋଲାଙ୍କୀ ନବରଙ୍ଗପୁର ଓ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ଆଶାୟୀ ପ୍ରାର୍ଥୀଙ୍କ ନାମ ତାଲିକାଭୁକ୍ତ କରିଛନ୍ତି। ବିଳମ୍ବରେ ମିଳିଥିବା ସୂଚନାନୁଯାୟୀ ବୁଧବାର କଟକ ସଦର ବିଧାନସଭା ଆସନ ପାଇଁ ବାଙ୍କନିଧି ବେହେରାଙ୍କ ନାମ ତାଲିକାରେ ସର୍ବାଗ୍ର ସ୍ଥାନ ପାଇଛି।

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

MOCK TEST PAPER # 14

CLASS-X (SCIENCE)

Time Allowed : 3 hours **Maximum Marks: 80**

GENERAL INSTRUCTIONS

i. ***The question paper comprises two sections, A and B. You are to attempt both the section.***

ii. ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

iii. ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

iv. ***Question numbers 3 to 5 in Section A are two marks questions. These are to be answered in about 30 words each.***

v. ***Question numbers 6 to 15 in Section A are three marks questions. These are to be answered in about 50 words each.***

vi. ***Questions number 16 to 21 in Section A are five marks questions. These are to be answered in about 70 words***

vii. ***Question numbers 22 to 27 in Section B are two marks questions based on practical skills. These are to be answered in brief.***

SECTION-A

1. Which solution is used to dissolve gold ?

2. Name the functional group present in propanal (C_3H_6O).

3. What is Ganga Action Plan and when was it implemented ?

4. What is ten per cent law ? Explain with an example how energy flows through different trophic levels.

5. Why does the sky appear blue to an observer from the surface of earth ? What will be the colour of the sky for an astronaut in a space station ? Give reason for your answer.

6. a. How charcoal is different from wood ?

b. Define nuclear fusion.

7. Name the device (type of lens / mirror) used in the following cases and draw ray diagrams to show the image formation in each case:

a. Object is placed between the device and its focus, the enlarged image is formed behind it.

b. The object is placed between infinity and the device, the image is formed behind the device between its pole and focus.

8. Three resistances of 2Ω, 3Ω and 5Ω are connected in electric circuit. Find:

a. maximum effective resistance

b. minimum effective resistance.

OR

a. A positively charged particle projected towards west is deflected towards north by a magnetic field. What is the direction of the magnetic field ?

b. State the law used to find the direction of magnetic field around a straight current carrying conductor.

9. In the birthday party of Bharat, his parents gave slinky to each friend as a return gift. The next day during the school, their teacher explained them about the production of magnetic fields using current carrying coils and also said that they can make permanent magnet using such coil by passing high current through them. Teacher also explained the uses of solenoid.

a. What values did Bharat's parents exhibit towards his son ?

b. What type of field is produced by solenoid ?

10. What is rancidity ? Write two ways by which it can be prevented. What happens when milk is left open at room temperature during summers ?

11. Write the common name and chemical formula of a commercially important compound which has ten water molecules. How is this compound obtained ? Write chemical equations also.

OR

a. Name a metal for each case.

i. It does not react with cold as well as hot water but reacts with steam.

ii. It does not react with any physical state of water.

b. When calcium metal is added to water the gas evolved does not catch fire but the same gas evolved on adding sodium metal to water catches fire. Why is it so ?

12. Two elements 'X' and 'Y' belong to the second group of the periodic table. X has 2 shells and Y has 3 shells in it.

a. Which of these is more metallic in nature and why ?

b. What si the formula of the chloride of X and sulphide of Y ?

c. Is the valency of X same as that of Y or different ? Why ?

13. What happens to glucose which enters nephron along with filtrate during excretion in human beings ? State the two vital functions of kidney.

14. a. How brain and spinal cord are protected in human beings ?

b. Name the master gland present in the brain.

c. Why are we advised to use iodized salt in out diet ?

15. List in tabular form, two distinguishing features between the acquired traits and the inherited traits with one example of each.

16. What is short sightedness ? State the two causes of short-sightedness. With the help of ray diagrams, show: (a) the eye defect short sightedness. (b) correction of short sightedness by using a lens.

OR

When a concave mirror is placed facing the Sun, the Sun's rays converge to a point 10 cm from the mirror. Now, if you place a 2 cm long candles flame 20 cm away on the principal axis of the mirror, where would you place a screen to obtain the image of the candle ? What would see the size of the image ? Draw a ray diagram to justify your answer.

17. a. Express work done in an electric field in terms of charged and potential difference. Calculate the amount of work done in carrying a charge of 300 C against the potential difference of 100V.

b. Find the effective resistance between the points A and B in the network shown in the figure.



18. a. Distinguish betwen ionic and covalet compounds under the following properties.

i. Strength of forces between constituent elements.

ii. Solubility of compounds in water.

iii. Electrical conduction in substances.

19. a. (i) Write equations for the reaction of ethanol (C_2H_5OH) with Sodium metal.

(ii) Write equations for the reaction of acetic acid with sodium hydroxide and sodium carbonate.

b. Why does micelle formation take place when soap is added to water ? Why is soap ineffective for washing in hard water ?

20. a. Draw a net diagram of alimentary canal and label the following parts:

i. the largest gland.

ii. the gland that secretes digestive enzymes as well as hormones.

iii. the part where digested food is absorbed.

b. What are Villi ? Mention their functions.

21. Draw a labelled diagram of female reproductive system and write the Four functions of its different parts.

SECTION-B

22. An ammeter can read current up to 5 A and it has 20 divisions between mark 0 and mark 2 on its scale. What is the least count of the ammeter.

23. A student obtained a sharp image of a lighted candle on a screen using a convex lens. Now he wants to focus a distant lamp on a far away electric pole. In which direction should the lens be moved for this purpose with respect to the screen, to get a sharp image on the screen ? Justify your answer.

24. What change in colour would you observe when solid sodium bicarbonate is placed on a strip of pH paper ?

25. What happens when:

a. A red litmus paper is dipped into reaction mixture of saponifcation reaction ?

b. Contents of reaction mixture is touched ?

26. Name the chemicals used to (i) absorb CO_2 (ii) dissolve chlorophyll.

27. What do you mean by analogous and homologous organs ?

For Answers visit: www.dharitri.com

ADMISSION OPEN FOR (CRASH COURSE - ENGINEERING & MEDICAL)

Vidyamandir Classes

GURUKUL FOR IITJEE AND MEDICAL PREPARATION

Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.

SCHOOL INTEGRATED PROGRAM (X^th Going to XIth Student), Ph. No. 0674 - 2421400, 2421800, 85990 87100 / 85990 87200

VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha

Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

କ୍ରୀଡ଼ା କେନ୍ଦ୍ର କଳିଙ୍ଗ

ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି ଭୁବନେଶ୍ୱର। କଳିଙ୍ଗ ଷ୍ଟାଡିୟମ ଏବେ କେବଳ ଓଡ଼ିଶା କିମ୍ବା ଭାରତର ନୁହେଁ ବିଶ୍ୱର ଅନ୍ୟତମ ପ୍ରମୁଖ ଷ୍ଟାଡିୟମଭାବେ ପରିଗଣିତ ହେଉଛି। କ୍ରୀଡ଼ା ପ୍ରତି ଓଡ଼ିଶା ସରକାରଙ୍କ ଆଗ୍ରହ, ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଥିବା ଷ୍ଟାଡିୟମ ସହ ନିକଟରେ ବିମାନ ବନ୍ଦର, ଗମନାଗମନରେ ସୁବିଧା, ଟ୍ରାଫିକ୍ ଶୃଙ୍ଖଳା, ପରିମଳ ବ୍ୟବସ୍ଥା, ହୋଟେଲ, ଅତିଥି ଅଭ୍ୟର୍ଥନା ଏବଂ ସର୍ବୋପରି କ୍ରୀଡ଼ା ପ୍ରତି ଦର୍ଶକଙ୍କ ଆଗ୍ରହ ଯୋଗୁ ଓଡ଼ିଶାକୁ ଏବେ ଅଧିକରୁ ଅଧିକ ପ୍ରତିଯୋଗିତା ଆସିବାରେ ଲାଗିଛି। ଆଥଲେଟିକ୍ସ ହେଉ ହକି କିମ୍ବା ଅନ୍ୟ କୌଣସି କ୍ରୀଡ଼ା, ଦେଶ ବିଦେଶର ଖେଳାଳି, ଅଫିସିଆଲ ଏବଂ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ମାନେ ଏଠାକାର ଆୟୋଜନ ବ୍ୟବସ୍ଥାରେ ଶତମୁଖ। ଅତୀତରେ ଅନେକ ମେଗା ଇଭେଣ୍ଟର ଆୟୋଜନ ସ୍ଥଳ ପାଲଟିଥିବା କଳିଙ୍ଗ ଚଳିତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ବର୍ଷ ଆରମ୍ଭରୁ ଆଇ-ଲିଗ୍ ଏବଂ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରୁ ଏହାର ଶୁଭାରମ୍ଭ ହୋଇ ଥିବାବେଳେ ଆଗକୁ ଏହାର ତାଲିକା ଆହୁରି ବଢ଼ିବା ନିଶ୍ଚିତ ହୋଇଛି।

୧୯୭୮ରେ ନିର୍ମିତ କଳିଙ୍ଗ ଷ୍ଟାଡିୟମରେ ଏବେ ଆଥଲେଟିକ୍ସ, ଫୁଟବଲ, ଫିଲ୍ଡ ହକି, ବାସ୍କେଟବଲ, ଟେନିସ, ଟେବୁଲ ଟେନିସ, ଭଲିବଲ, ୱାଲ୍ କ୍ଲାଇମ୍ବିଂ, ଶୁଟିଂ ରେଞ୍ଜ ଏବଂ ସୁଇମିଂ ଆଦି ଇଭେଣ୍ଟ ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଉପଲବ୍ଧ। ଷ୍ଟାଡିୟମ ପରିସରରେ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ଉନ୍ନତ ମାନର ଜିମ୍ନାସିୟମ ରହିଛି। ୮ ଲେନବିଶିଷ୍ଟ ସିନ୍ଥେଟିକ୍ ଆଥଲେଟିକ୍ସ ଟ୍ରାକ୍ ଏବଂ ଅଲିମ୍ପିକ୍ସ ଷ୍ଟାଣ୍ଡାର୍ଡର ପିଙ୍କ୍ ଏବଂ ହକି ଟର୍ଫ ଥିବାଯୋଗୁ ଓଡ଼ିଶାକୁ ଅନେକ ମେଗା ପ୍ରତିଯୋଗିତା ଆସିବାର ବାଟ ଫିଟିଯାଇଛି।

ଆଥଲେଟିକ୍ସ

୨୦୧୭ ଜୁଲାଇ ୫ରୁ ୯ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଯାଇଛି ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍। ଓଡ଼ିଶା ସରକାର ଏବଂ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଦେଶ ବିଦେଶର ଆଥଲେଟ୍ସଙ୍କ ମନରେ ମଧୁର ସ୍ମୃତି ଆଣିଥିଲା। ଏଠାରେ ଗତବର୍ଷ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି। ଏଏଫଆଇ ପକ୍ଷରୁ ଏହା ୨୦୧୮ ସେପ୍ଟେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା।

ହକି

କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟଭାବେ ୨୦୧୪ରେ ଅନୁଷ୍ଠିତ ହୋଇଥିଲା ଚାମ୍ପିୟନ୍ସ ଟ୍ରଫି। ଏଥିରେ ୮ଟି ଦେଶ ଭାଗ ନେଇଥିଲେ। ହକି ଇଣ୍ଡିଆ ଆନୁକୂଲ୍ୟରେ ଏହା ଡିସେମ୍ବର ୬ରୁ ୧୪ ପର୍ଯ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଆଗାମୀ ଦିନରେ ଆହୁରି ବଡ଼ ପ୍ରତିଯୋଗିତା ପାଇଁ ବାଟ ଫିଟାଇ ଦେଇଥିଲା। ୨୦୧୫ରେ ଏଠାରେ ଆୟୋଜିତ ହୋଇଥିଲା ଭାରତ-ଜାପାନ ଦ୍ୱିପାକ୍ଷିକ ହକି ସିରିଜ। ମେ ୩, ୫, ୭ ଓ ୯ ତାରିଖରେ ଏଠାରେ ଜାପାନ ବିପକ୍ଷରେ ୪ଟି ମ୍ୟାଚ ଖେଳିଥିଲା ଭାରତ। ୨ ବର୍ଷ ବ୍ୟବଧାନରେ ଏଠାରେ ଆୟୋଜିତ ହୋଇଥିଲା ଏଫଆଇଏଚ୍ ହକି ୱାର୍ଲ୍ଡ ଲିଗ୍ ଫାଇନାଲ। ୨୦୧୭ ଡିସେମ୍ବର ୧ରୁ ୧୦ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା। ୪ଟି କନ୍‌ଫେଡେରେଶନର ୮ଟି ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ହକି ଇଣ୍ଡିଆ ଆନୁକୂଲ୍ୟରେ ଏଠାରେ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ୪ ବର୍ଷ ସଫଳତାର ସହ ହକି ଇଣ୍ଡିଆ ଲିଗ୍ ଆୟୋଜିତ ହୋଇଛି। ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ଲାନ୍ସର୍ସର ଏହା ହେଉଛି ହୋମ୍ ଗ୍ରାଉଣ୍ଡ। ୨୦୧୭ରେ ଏଠାରେ ଅବଶିଷ୍ଟ ଭାରତ ଏବଂ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମଧ୍ୟ ଖେଳା ଯାଇଥିଲା। ୨୦୧୮ରେ ହକିର ମହାକୁମ୍ଭ ବିଶ୍ୱକପର ମୂକସାକ୍ଷୀ ରହିଥିଲା କଳିଙ୍ଗ। ହକି ବିଶ୍ୱକପ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଅବସରରେ ଦେଶ ବିଦେଶର ବହୁ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଏବଂ କଳାକାର କଳିଙ୍ଗ ଷ୍ଟାଡିୟମରେ ସମବେତ ହୋଇଥିଲେ। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏଥିରେ ଭାଗ ନେଇଥିବାବେଳେ ହକି ବିଶ୍ୱକପ ଇତିହାସରେ ପ୍ରଥମଥରପାଇଁ ଚାମ୍ପିୟନ ହୋଇଥିଲା ବେଲଜିୟମ। ଏହି ଧାରା ଏବେ ଆଗକୁ ବଢ଼ିବାକୁ ଯାଉଛି। ଚଳିତ ବର୍ଷ ମଧ୍ୟ ଭାଗରେ ଏଠାରେ ଆୟୋଜନ ହେବାକୁ ଯାଉଛି ପୁରୁଷ ହକି ସିରିଜ ଫାଇନାଲ୍ସ। ଅଲିମ୍ପିକ୍ସର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ପାଇଁ ଏହା ହେବ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା। ୨୦୧୯ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଭାରତ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ଉଜ୍‌ବେକିସ୍ତାନ ଅଂଶଗ୍ରହଣ କରିବେ। ଏଥିରୁ ୨ଟି ଦଳ ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ।

କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାର ଜାତୀୟ/ଅନ୍ତର୍ଜାତୀୟ ଇଭେଣ୍ଟ ବଢ଼ିବାରେ ଲାଗିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ଷ୍ଟାଡିୟମଭାବେ ପରିଗଣିତ ହେଉଥିବା କଳିଙ୍ଗ ଏବେ ଭାରତର ଆଗଧାଡ଼ିର କ୍ରୀଡ଼ାକେନ୍ଦ୍ରରେ ପରିଣତ ହୋଇଛି । ହକି ହେଉ କି ଆଥଲେଟିକ୍ସ କିମ୍ବା ଫୁଟବଲ, ଭାରତକୁ ଯେଉଁ ଖେଳର ଆୟୋଜନ ଅଧିକାର ମିଳୁ ନା କାହିଁକି ଏବେ ପ୍ରଥମେ କଳିଙ୍ଗ ଷ୍ଟାଡିୟମ ହିଁ ସ୍ମରଣକୁ ଆସୁଛି।

ଫୁଟବଲ

କେବଳ ଆଥଲେଟିକ୍ସ କିମ୍ବା ହକିକୁ ନେଇ ନୁହେଁ କଳିଙ୍ଗ ଷ୍ଟାଡିୟମରେ ଅନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ତାଲିକା ମଧ୍ୟ ଲମ୍ବିବାରେ ଲାଗିଛି। ଭାରତରେ ପ୍ରଥମଥରପାଇଁ ଏକ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପରିକଳ୍ପନା କରାଯାଇଥିଲା। ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ପକ୍ଷରୁ ଏହାର ଆୟୋଜନ ଅଧିକାର ଓଡ଼ିଶାକୁ ପ୍ରଦାନ କରାଯାଇଥିଲା। ଫଳରେ ୨୦୧୯ ଫେବୃୟାରୀ ୯ରୁ ୧୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ। ଏଥିରେ ଭାରତ ସମେତ ମ୍ୟାନମାର, ନେପାଳ ଓ ଇରାନ ଆଦି ୪ଟି ଦଳ ଭାଗ ନେଇଥିଲେ। ଅନ୍ୟ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ମଧ୍ୟରେ ଏଠାରେ ଏଏଫସି କପ୍ ଫୁଟବଲ ମ୍ୟାଚ ଆୟୋଜନର ସୂଚନା ମିଳିଛି। ମିନର୍ଭା ପଞ୍ଜାବ କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଭେନ୍ୟୁଭାବେ ଗ୍ରହଣ କରିଛି। ତେଣୁ ୨୦୧୯ ଏପ୍ରିଲ ୩ରୁ ଜୁନ୍ ୨୬ ମଧ୍ୟରେ କଳିଙ୍ଗରେ ଅତି କମ୍‌ରେ ୨ଟି ମ୍ୟାଚ ଆୟୋଜନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଜାତୀୟ ପ୍ରତିଯୋଗିତା ମଧ୍ୟରେ ଏଠାରେ ୨୦୧୭-୧୮ ସିଜନରେ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ଆୟୋଜନ ହୋଇଥିଲା। ୨୦୧୮ରେ ଇଣ୍ଡିଆନ ସୁପର କପ୍‌ର ପ୍ରଥମ ସଂସ୍କରଣ ସଫଳ ଆୟୋଜନ ପରେ ୨୦୧୯ରେ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ ବୋଲି ଘୋଷଣା କରାଯାଇଛି। ଏହା ମାର୍ଚ୍ଚ ୧୫ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ହେବା ସମ୍ଭାବନା ରହିଛି। ୨୦୧୮-୧୯ ସିଜନର ଆଇ-ଲିଗ୍ ମ୍ୟାଚ ମଧ୍ୟ କଳିଙ୍ଗରେ ଆୟୋଜନ ହେଉଛି। ଭାରତର ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ଦଳ କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଭେନ୍ୟୁ କରିଛି। ତେଣୁ ଦଳ ତା'ର ସମସ୍ତ ଘରୋଇ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମ ଏବଂ କଳିଙ୍ଗ ଷ୍ଟାଡିୟମରେ ଖେଳୁଛି।

ରଗ୍‌ବୀ

କଳିଙ୍ଗ ଷ୍ଟାଡିୟମ ଏକ ଅନ୍ତର୍ଜାତୀୟ ସ୍ତରର ରଗ୍‌ବୀ ଟୁର୍ନାମେଣ୍ଟର ମଧ୍ୟ ମୂକସାକ୍ଷୀ ରହିଛି। ଏଠାରେ ୨୦୧୮ ଅକ୍ଟୋବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏସିଆନ ମହିଳା ରଗ୍‌ବୀ ଚାମ୍ପିୟନଶିପ୍। ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା।

ଟେନିସ

ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ ଏବଂ ଓଡ଼ିଶା ଟେନିସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୨୦୧୮ ଫେବୃୟାରୀ ୨୬ରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଇଣ୍ଡିଆ ଏଫ-୧ ଫ୍ୟୁଚର ଟେନିସ ଚାମ୍ପିୟନଶିପ୍। ଏହା ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଏବଂ କଳିଙ୍ଗ ଷ୍ଟାଡିୟମରେ ୭ଟି ଉନ୍ନତ ମାନର ଟ୍ରାକ୍ ଉପଲବ୍ଧ ଥିବାରୁ ଆଗକୁ ଡେଭିସ୍ କପ୍ ପରି ବଡ଼ ପ୍ରତିଯୋଗିତା ଏଠାରେ ଆୟୋଜନ ହେବା ସମ୍ଭାବନା ଦେଖା ଦେଇଛି। ଏଠାରେ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ମଧ୍ୟ ସଫଳତାର ସହ ଆୟୋଜନ ହୋଇ ଆସୁଛି।

ପ୍ରସ୍ତୁତି : ତପନ ସ୍ୱାଇଁ

ଅଷ୍ଟ୍ରେଲିଆ ପାଇଁ ଚ୍ୟାଲେଞ୍ଜ

ନିର୍ମଳ କୁମାର ମିଶ୍ର

ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଦେଶ ଗସ୍ତରେ ସଫଳତା ପାଇବା ପରେ ଟିମ୍ ଇଣ୍ଡିଆ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଏସୀୟ ଟେଷ୍ଟ ଦେଶଭାବେ ଉଭୟ ଟେଷ୍ଟ ଏବଂ ଏକଦିବସୀୟ ସିରିଜରେ ଅଷ୍ଟ୍ରେଲିଆକୁ ସ୍ୱଦେଶ ମାଟିରେ ହରାଇଥିଲା ଟିମ୍ ଇଣ୍ଡିଆ। ନ୍ୟୁଜିଲାଣ୍ଡରେ ଏକଦିବସୀୟ ସିରିଜ ଜିତିବା ପରେ ଟି୨୦କୁ ହାତଛଡ଼ା କରିଥିଲା ଭାରତ। ଏହି ସିରିଜରେ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତି ଅନୁଭବ କରିଥିଲେ କ୍ରିକେଟପ୍ରେମୀ। ଆଗକୁ ରହିଛି ଇଣ୍ଡିଆନ ପ୍ରିମିୟର ଲିଗ୍, ଆଇସିସି ବିଶ୍ୱକପ୍। ଏପରି ଏକ ସନ୍ଧିକ୍ଷଣରେ ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସୁଛି। ବିଶ୍ୱକପ ପାଖେଇ ଆସୁଥିବାରୁ ଭାରତ-ଅଷ୍ଟ୍ରେଲିଆ ସିରିଜ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଗସ୍ତରେ ଅଷ୍ଟ୍ରେଲିଆ ଦଳ ଭାରତରେ ୨ଟି ଟି୨୦ ସହିତ ୫ଟି ଏକଦିବସୀୟ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଫେବୃୟାରୀ ୨୪ ରୁ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଦ୍ୱିପାକ୍ଷିକ ସିରିଜ ପାଇଁ କଙ୍ଗାରୁ ଦଳର ଆକ୍ରମଣାତ୍ମକ ଓପନର ଆରୋନ୍ ଫିଞ୍ଚ ଅଧିନାୟକ ମନୋନୀତ ହୋଇଥିବା ବେଳେ ଟିମ୍ ଇଣ୍ଡିଆର ନେତୃତ୍ୱ ଭାର ବିରାଟ କୋହଲିଙ୍କ ଉପରେ ନ୍ୟସ୍ତ କରାଯାଉଛି। କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏହି ଗସ୍ତ ପାଇଁ ଏକ ସନ୍ତୁଳିତ ଦଳ ମନୋନୀତ କରିଥିଲେ ହେଁ ଭାରତ ମାଟିରେ ଟିମ୍‌ଇଣ୍ଡିଆକୁ ହରାଇ ସିରିଜ ବିଜୟୀ ହେବା ସହଜ ହେବନାହିଁ ନିଶ୍ଚିତ। ବିଗତ ଭାରତ ଗସ୍ତ ସମୟରେ ଅଷ୍ଟ୍ରେଲିଆ ଦଳ ବହୁ ସିରିଜ ପରାଜୟର ସମ୍ମୁଖୀନ ହୋଇଛି। ଆଗାମୀ ସିରିଜ ପାଇଁ ଦଳରେ ଗ୍ଲେନ ମାକ୍ସୱେଲ, ପିଟର ହ୍ୟାଣ୍ଡ୍ସକମ୍ବ, କେନ୍ ରିଚାର୍ଡଶନ, ମାର୍କ୍ସ ଷ୍ଟୋଇନିସ୍, ଉସ୍ମାନ୍ ଖ୍ୱାଜା, ନାଥାନ ଲିୟନ, ଆଡାମ୍ ଜାମ୍ପାଙ୍କ ପରି ଅଭିଜ୍ଞ ଖେଳାଳି ରହିଛନ୍ତି। ଆଘାତଜନିତ ସମସ୍ୟା ଯୋଗୁ ଦ୍ରୁତ ଅଭିଜ୍ଞ ବାମହାତୀ ପେସର ମିଚେଲ ଷ୍ଟାର୍କ ଶେଷ ମୁହୂର୍ତ୍ତରେ ଓହରିଯାଇଥିବାବେଳେ ଶନ୍ ମାର୍ଶ ବିଳମ୍ବରେ ଦଳରେ ସାମିଲ ହୋଇଛନ୍ତି। ବଲ୍ ଟ୍ୟାମ୍ପରିଂ ପାଇଁ ବାସନ୍ଦ ଯୋଗୁ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏବଂ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନରଙ୍କ ଅନୁପସ୍ଥିତି ଏଥର ମଧ୍ୟ ଅନୁଭୂତ ହେବ। ଟିମ୍ ଇଣ୍ଡିଆକୁ ସ୍ୱଦେଶ ମାଟିରେ ଉଭୟ ସିରିଜରେ ପରାସ୍ତ କରିବା ଏକ ଚ୍ୟାଲେଞ୍ଜ ବୋଲି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ସ୍ୱୀକାର କରିଛନ୍ତି। ୨୦୧୮ରେ ଅଷ୍ଟ୍ରେଲିଆ ଦଳ ସମସ୍ତ ଫର୍ମାଟରେ ଦୁର୍ବଳ ପ୍ରଦର୍ଶନ ଯୋଗୁ ବେଶ୍ ସମାଲୋଚିତ ହୋଇଥିଲା। ତେଣୁ ଭାରତ ଗସ୍ତର ଫଳାଫଳ ଉପରେ ସିଏ'ର ନଜର ରହିଛି। ଏହି ସିରିଜରେ ପେସ୍ ବୋଲିଂ ହିଁ ଅଷ୍ଟ୍ରେଲିଆର ମୁଖ୍ୟ ଶକ୍ତି ଥିବାବେଳେ ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ଅପ୍ ଭାରତକୁ ଫେଭରାଇଟ ଆଖ୍ୟା ଦେଇଛି। ଏହା ବ୍ୟତୀତ ଭାରତୀୟ ସ୍ପିନ୍ ବୋଲିଂ ନିଶ୍ଚିତ ରୂପେ କଙ୍ଗାରୁ ଦଳ ପାଇଁ ସମସ୍ୟା ସୃଷ୍ଟି କରିବ। ସିରିଜ ପୂର୍ବରୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଟି୨୦ ଏବଂ ଏକଦିବସୀୟ ରେକର୍ଡ ଉପରେ ଆଲୋକପାତ କରାଯାଇପାରେ। ଏପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ୧୩୧ଟି ଏକଦିବସୀୟ ଖେଳାଯାଇଛି। ସେଥିରୁ ଭାରତ ମାତ୍ର ୪୭ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୭୪ଟି ହାରିଛି। କୌଣସି ମ୍ୟାଚ ଟାଇରେ ସମାପ୍ତ ହୋଇ ନ ଥିବା ବେଳେ ୧୦ ମ୍ୟାଚରୁ କୌଣସି ଫଳାଫଳ ମିଳିପାରି ନାହିଁ। ୧୯୮୦ରୁ ୨୦୧୮ ମଧ୍ୟରେ ଖେଳାଯାଇଥିବା ଏକଦିବସୀୟ ସିରିଜରୁ ଭାରତ ୧୪ଟି ରେ ବିଜୟୀ ହୋଇଥିବା ବେଳେ କଙ୍ଗାରୁ ଦଳ ୨୪ ସିରିଜରେ ବିଜୟୀ ହୋଇ ବହୁ ଆଗରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଏକଦିବସୀୟରେ ଭାରତର ବିଜୟ ହାର ମାତ୍ର ୩୮.୮୪ ପ୍ରତିଶତ ରହିଛି। ସେହିପରି ଉଭୟ ଦେଶ ମଧ୍ୟରେ ମୋଟ ୧୮ଟି ଟି୨୦ ମ୍ୟାଚ ଖେଳାଯାଇଛି। ଏଥିରୁ ଭାରତ ୧୧ଟିରେ ବିଜୟୀ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୬ଟି ଜିତିଛି। ୨୦୦୭ରୁ ୨୦୧୮ ମଧ୍ୟରେ ଖେଳାଯାଇଥିବା ମ୍ୟାଚଗୁଡିକ ମଧ୍ୟରୁ କେବଳ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିପାରି ନାହିଁ।

ଏକଦିବସୀୟରେ ରୋହିତ ଶର୍ମା ଅଷ୍ଟ୍ରେଲିଆ ବିପକ୍ଷରେ ୩୧ଟି ମ୍ୟାଚରୁ ୭ ଶତକ ଏବଂ ୫ ଅର୍ଦ୍ଧଶତକ ସହିତ ୧୭୭୮ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୦୯। ସେହିପରି ଧୋନୀ ୫୧ଟି ମ୍ୟାଚରୁ ୧୫୪୮ ରନ୍ ସଂଗ୍ରହ କରିଛନ୍ତି। ଏଥି ମଧ୍ୟରେ ୨ଟି ଶତକ ଓ ୧୦ ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୧୩୯* ରନ୍। ଅଧିନାୟକ ବିରାଟ କୋହଲି ୩୧ ମ୍ୟାଚରୁ ୧୩୩୫ ରନ୍ କରିଛନ୍ତି। ଏଥି ମଧ୍ୟରେ ୬ ଶତକ ଏବଂ ୫ ଅର୍ଦ୍ଧଶତକ ସାମିଲ। ତାଙ୍କର ସର୍ବାଧିକ ସ୍କୋର ୧୧୮ ରନ। ଅଷ୍ଟ୍ରେଲିଆ ପକ୍ଷରୁ ଆରୋନ୍ ଫିଞ୍ଚ ୨୦ ମ୍ୟାଚରୁ ୮୫୬ (୨ ଶତକ ଓ ୬ ଅର୍ଦ୍ଧଶତକ), ଗ୍ଲେନ୍ ମାକ୍ସୱେଲ ୧୯ ମ୍ୟାଚରୁ ୬୦୩ ଏବଂ ଶନ୍ ମାର୍ଶ ୧୧ ମ୍ୟାଚରୁ ୫୦୮ ରନ୍ (୨ ଶତକ ଓ ୩ ଅର୍ଦ୍ଧଶତକ) ସଂଗ୍ରହ କରିଛନ୍ତି। ସେହିପରି ବୋଲିଂରେ ରବୀନ୍ଦ୍ର ଜାଡେଜା ୨୬ ମ୍ୟାଚରୁ ୨୪, ଭୁବନେଶ୍ୱର କୁମାର ୧୫ ମ୍ୟାଚରୁ ୧୬ ଏବଂ ମହମ୍ମଦ ସାମି ୧୦ମ୍ୟାଚରୁ ୧୩ଟି ଉଇକେଟ ନେଇ ଆଗରେ ରହିଛନ୍ତି।

ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସର୍ବାଧିକ ଏକଦିବସୀୟ ସ୍କୋର ୩୫୯ ରନ୍ ରହିଥିବା ବେଳେ ଭାରତର ସର୍ବାଧିକ ସ୍କୋର ୩୮୩ ରନ୍ ରହିଛି। ସେହିପରି ସର୍ବନିମ୍ନ ସ୍କୋରରେ ଭାରତର ୬୩ ରନ୍ ତୁଳନାରେ ଅଷ୍ଟ୍ରେଲିଆର ୧୦୧ ରନ୍ ରେକର୍ଡ ବହନ କରୁଛି। ସେହିପରି ଟି୨୦ରେ ଭାରତ ପକ୍ଷରୁ ବିରାଟ କୋହଲି ୬୦.୪୨ ଆଭରେଜରେ ସର୍ବାଧିକ ୪୨୩ ରନ୍ ସଂଗ୍ରହ କରିଥିବା ବେଳେ ଅଷ୍ଟ୍ରେଲିଆର ଆରୋନ୍ ଫିଞ୍ଚ ୪୨.୭୫ ଆଭରେଜରେ ୩୪୨ ରନ୍ ସଂଗ୍ରହ କରିଛନ୍ତି। ଟି୨୦ରେ ଅଷ୍ଟ୍ରେଲିଆର ସର୍ବାଧିକ ସ୍କୋର ଭାରତ ବିପକ୍ଷରେ ୨୦୨ ରନ୍ ରହିଥିବା ବେଳେ ଭାରତର ୨୦୩ ରନ୍ ରହିଛି। ସଦ୍ୟ ପ୍ରକାଶିତ ଏକଦିବସୀୟ ଆଇସିସି ର୍ୟାଙ୍କିଙ୍ଗରେ ଇଂଲଣ୍ଡ(୧୨୬ ପଏଣ୍ଟ) ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୧୨୨ ପଏଣ୍ଟ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୦୦ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ସେହିପରି ଟି୨୦ ର୍ୟାଙ୍କିଙ୍ଗରେ ପାକିସ୍ତାନ ୧୩୫ ପଏଣ୍ଟ ସହିତ ୧ନଂ ସ୍ଥାନରେ ଥିବାବେଳେ ଭାରତ ୧୨୪ ପଏଣ୍ଟ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୧୭ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ଉଭୟ ଫର୍ମାଟରେ ଭାରତ ପକ୍ଷରୁ ତାରକା ସ୍ପିନର କୁଲଦୀପ୍ ଯାଦବ, ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ବେଶ୍ ଆଗରେ ରହିଛନ୍ତି।

୧୯୭୪ ରୁ ୨୦୧୯ ମଧ୍ୟରେ ଭାରତ ୯୬୧ଟି ଏକଦିବସୀୟ ଖେଳି ୪୯୮ଟିରେ ବିଜୟୀ ହୋଇଥିବା ବେଳେ ୪୧୪ ଟିରେ ପରାଜିତ ହୋଇଛି। ୯ଟି ମ୍ୟାଚ ଟାଇରେ ସମାପ୍ତ ହୋଇଥିବାବେଳେ ୪୦ଟି ମ୍ୟାଚରୁ ଫଳାଫଳ ମିଳିପାରି ନାହିଁ। ଟିମ୍ ଇଣ୍ଡିଆ ଜିତିବାର ହାର ୫୪.୫୬ ରହିଥିବା ବେଳେ ଗତ କିଛି ବର୍ଷ ଧରି ସଫଳ ପ୍ରଦର୍ଶନ ମାଧ୍ୟମରେ ସ୍ଥିତିରେ ସୁଧାର ଆଣିଛି। ସେହିପରି ୨୦୦୬ ରୁ ୨୦୧୮ ମଧ୍ୟରେ ଟି୨୦ରେ ୬୯ ଟି ମ୍ୟାଚ ଜିତିଥିବାବେଳେ ୩୭ଟିରେ ପରାଜିତ ହୋଇଛି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଛି ଏବଂ ୩ଟି ମ୍ୟାଚ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ଜିତିବାର ହାର ୬୪.୯୫ ପ୍ରତିଶତ ରହିଛି। ଅତୀତ ରେକର୍ଡ ଯାହା ଥାଉନା କାହିଁକି ଅଷ୍ଟ୍ରେଲିଆ ସତେଜ ମନରେ ଆଉ ଏକ ସିରିଜ ଖେଳିବାକୁ ଆସୁଛି। ତେଣୁ ଆଗାମୀ ଟି୨୦ ଏବଂ ଏକଦିବସୀୟ ସିରିଜ ବେଶ୍ ରୋମାଞ୍ଚକର ହେବାର ଆଶା କରାଯାଉଛି।



ଆରୋନ ଫିଞ୍ଚ

ବିରାଟ କୋହଲି

କାର୍ଯ୍ୟସୂଚୀ

୨୪।୨: ପ୍ରଥମ ଟି୨୦, ବିଶାଖାପାଟଣା(ସମୟ: ରାତି ୭ଟା)
୨୭।୨: ଦ୍ୱିତୀୟ ଟି୨୦, ବେଙ୍ଗାଲୁରୁ (ସମୟ: ରାତି ୭ଟା)
୨।୩: ପ୍ରଥମ ଏକଦିବସୀୟ, ହାଇଦ୍ରାବାଦ (ସମୟ: ଅପରାହ୍ନ ୧ଟା ୩୦)
୫।୩: ଦ୍ୱିତୀୟ ଏକଦିବସୀୟ, ନାଗପୁର (ସମୟ: ଅପରାହ୍ନ ୧ଟା ୩୦)
୮।୩.: ତୃତୀୟ ଏକଦିବସୀୟ , ରାଞ୍ଚି (ସମୟ: ଅପରାହ୍ନ ୧ଟା ୩୦)
୧୦।୩.: ଚତୁର୍ଥ ଏକଦିବସୀୟ, ମୋହାଲି (ସମୟ: ଅପରାହ୍ନ ୧ଟା ୩୦)
୧୩।୩.: ପଞ୍ଚମ ଏକଦିବସୀୟ, ଦିଲ୍ଲୀ (ସମୟ: ଅପରାହ୍ନ ୧ଟା ୩୦)

ସାଧନା

ନିରନ୍ତର ପ୍ରାୟ ଅଠଚାଳିଶ ଘଣ୍ଟା
ସ୍କେଟିଂରେ ମାରି ବାଜି
ଚାରିଶ' ଚଉବନ ସ୍କେଟର ମଧ୍ୟରେ
ବ୍ରହ୍ମପୁର ବୀର ସାଜି,
ଆର୍ଯ୍ୟନ ଶ୍ରୀତମ ମାଝି
ସହ ଊଣେଇଶ ସ୍କେଟର ଗିନିଜ୍
ବିଶ୍ୱ ରେକର୍ଡରେ ଆଜି।
ଯାଜପୁର ଧର୍ମଶାଳା ବ୍ଲକ
ରାଇଛନ୍ଦା ଛୋଟ ସାହି
ସେ ସାହିର ଛୋଟ ପୁଅ ପପୁ ଏବେ
ନାସା ବୈଜ୍ଞାନିକ ହୋଇ,
ରେକର୍ଡ କରିଛି ଭାଇ
ସାଧନା ବଳରେ ସିଦ୍ଧିଲଭେ ଲୋକ
ଏକ୍‌ଜାମ୍ପୁଲ ପରା ଏହି।
ନଗେଶ ଟ୍ରଫି ଦୃଷ୍ଟିହୀନ କ୍ରିକେଟରେ
ଆମ ରାଜ୍ୟ ଚାମ୍ପିୟନ
ଚାମ୍ପିୟନ ପୁଣି ଓଡ଼ିଶା ଦିବ୍ୟାଙ୍ଗ
କ୍ରିକେଟ ଟିମ୍ ଘନ
ଅସମ୍ଭବ ରଖ ମନ
ସମ୍ଭବ ହୁଅଇ ଅଧ୍ୟବସାୟ ଓ
ସାଧନା ବଳରେ ଧନ।

-ସୁବାସ ଚନ୍ଦ୍ର ପ୍ରଧାନ

Dollar	Sensex	Nifty	Gold	Silver
71.16 (36)	35,876.22 (157.89)	10,746.05 (47.60)	34,000.00 (`50)	40,650.00 (`150)

> ଆସନ୍ତା ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୭.୫% ଛୁଇଁବ।- କେ.ଭି. ସୁବ୍ରମଣ୍ୟନ୍, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା

> ଆଗାମୀ ଦିନରେ ସୁବର୍ଣ୍ଣରେଖା ବନ୍ଦର ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। -ଟି.ଭି. ନରେନ୍ଦ୍ରନ୍, ଏମ୍‌ଡି , ଟାଟା ଷ୍ଟିଲ୍

ସଂକ୍ଷେପରେ

ପାଇକାରୀ ମୁଦ୍ରାସ୍ଫୀତି ୨.୭୬%

ନୂଆଦିଲ୍ଲୀ,୧୪-୨: ଇନ୍ଧନ ଏବଂ ଅନ୍ୟ କେତେକ ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ଯୋଗୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜାନୁୟାରୀରେ ହ୍ରାସ ପାଇ ୨.୭୬%ରେ ପହଞ୍ଚିଛି। ଏହା ଗତ ୧୦ ମାସର ସର୍ବନିମ୍ନ ସ୍ତର କୁହାଯାଉଛି। ମୂଲ୍ୟ ସୂଚକାଙ୍କ ଆଧାରରେ ଡିସେମ୍ବର, ୨୦୧୮ରେ ପାଇକାରୀ ବଜାରରେ ମୁଦ୍ରାସ୍ଫୀତି ୩.୮% ଏବଂ ଜାନୁୟାରୀ, ୨୦୧୮ରେ ୩.୦୨% ରହିଥିଲା। ଗୁରୁବାର ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୮ରେ ପାଇକାରୀ ମୁଦ୍ରାସ୍ଫୀତି ୨.୭୪% ପରେ ଜାନୁୟାରୀ, ୨୦୧୯ରେ ଏହା ସର୍ବନିମ୍ନ ସ୍ତରକୁ ଖସିଆସିଛି।

ଆର୍‌ବିଆଇ ଦେଲା କ୍ଲିନଚିଟ୍
ୟେସ ବ୍ୟାଙ୍କ ନିବେଶକ ମାଲାମାଲ

ମୁମ୍ବାଇ,୧୪-୨: ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୟେସ୍ ବ୍ୟାଙ୍କକୁ କ୍ଲିନଚିଟ ମିଳିଛି। ଏହାର ପ୍ରଭାବ ଗୁରୁବାର ଷ୍ଟକ୍ ମାର୍କେଟରେ ଦେଖିବାକୁ ମିଳିଥିଲା। ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯିବା ପରେ ୟେସ୍ ବ୍ୟାଙ୍କ ଶେୟାର ପ୍ରାୟ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଫଳରେ ଏଥିରେ ନିବେଶ କରିଥିବା ନିବେଶକମାନେ ଗୋଟିଏ ଦିନରେ ମାଲାମାଲ ହୋଇଯାଇଥିଲେ। ୟେସ୍ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଏହା କୌଣସି ଆର୍ଥିକ ଅନିୟମିତତାରେ ଜଡ଼ିତ ନୁହେଁ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

୫୮୮ କୋଟି କ୍ଷତି ପରେ ସମାଧାନ ପ୍ରକ୍ରିୟାକୁ ଜେଟ୍ ଏୟାରୱେଜର ମଞ୍ଜୁରୀ

ନୂଆଦିଲ୍ଲୀ,୧୪-୨: ଋଣରେ ବୁଡ଼ି ରହିଥିବା ଜେଟ୍ ଏୟାରୱେଜର ଚଳିତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୫୮୭.୭୭ କୋଟି ଟଙ୍କାର କ୍ଷତି ହୋଇଛି। ଗତ ବର୍ଷର ସମାନ ତ୍ରୈମାସରେ କମ୍ପାନୀ ୧୬୫.୨୫ କୋଟି ଟଙ୍କାର ଲାଭ ହାସଲ କରିଥିଲା। ଜେଟ୍ ଏୟାରୱେଜ ପକ୍ଷରୁ ସେବିକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହା ପରେ କମ୍ପାନୀ ବୋର୍ଡ ପକ୍ଷରୁ ସମାଧାନ ପ୍ରକ୍ରିୟା ଆପଣାଇବାକୁ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଋଣପ୍ରଦାନକାରୀ

ବ୍ୟାଙ୍କଗୁଡ଼ିକ କମ୍ପାନୀ ପାଇଁ ୮୫୦୦ କୋଟି ଟଙ୍କାର ସମାଧାନ ପ୍ରକ୍ରିୟା ପ୍ରସ୍ତାବ ଦେଇଥିଲେ। ଜେଟ୍ ଏୟାରୱେଜ ବୋର୍ଡ ଆସନ୍ତା ୨୧ରେ ପୁନର୍ବାର ବୈଠକରେ ଏହାର ସମ୍ପୂର୍ଣ୍ଣ ଋଣକୁ ୧୧୪ ମିଲିୟନ ଶେୟାରରେ ରୂପାନ୍ତରିତ କରିବା ଲାଗି ଶେୟାରଧାରକଙ୍କଠାରୁ ଅନୁମତି ନେବ। ପ୍ରସ୍ତାବ ଅନୁମୋଦନ ପରେ ଋଣପ୍ରଦାନକାରୀ ବ୍ୟାଙ୍କକୁ ଏହା ଜଣାଇ ଦିଆଯିବ ବୋଲି ଜେଟ୍ ପକ୍ଷରୁ କୁହାଯାଇଛି।

ଷ୍ଟର୍ଲିଂ ବାୟୋଟେକ ମାମଲା
ଏନ୍‌ବିଡବ୍ଲ୍ୟୁ ଖାରଜ ଲାଗି ଅଦାଲତ ଗଲେ ପ୍ରମୋଟର

ନୂଆଦିଲ୍ଲୀ,୧୪-୨: ବହୁଚର୍ଚ୍ଚିତ ଷ୍ଟର୍ଲିଂ ବାୟୋଟେକ ଲିମିଟେଡର ଠକେଇ ମାମଲାରେ ଏହାର ୩ ପ୍ରମୋଟର ନୀତିନ ଜୟନ୍ତୀଲାଲ ସନ୍ଦେସରା, ଚେତନକୁମାର ଜୟନ୍ତୀଲାଲ ସନ୍ଦେସରା ଏବଂ ଡିଚେତନ ସନ୍ଦେସରା ଗୁରୁବାର ନିଜ ଓକିଲଙ୍କ ମାଧମରେ ଦିଲ୍ଲୀର ଏକ କୋର୍ଟରେ ଏନ୍‌ବିଡବ୍ଲ୍ୟୁ ଖାରଜ କରିବା ଲାଗି ଆବେଦନ କରିଛନ୍ତି। ୮୧୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ତେବେ ଆବେଦନକୁ ଗ୍ରହଣ



କରି ବିଚାରପତି ସତୀଶ କୁମାର ଅରୋରା ୧୫ ଦିନ ଭିତରେ ସେମାନେ ରହୁଥିବା ଠିକଣା ଇଡିକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨ରେ ମାମଲାର ଶୁଣାଣି କରାଯିବ ବୋଲି ବିଚାରପତି ଦିନ ଧାର୍ଯ୍ୟ କରିଛନ୍ତି। ସେମାନେ ଓକିଲଙ୍କ ଜରିଆରେ ଅଦାଲତରେ ହାଜର ହେବାକୁ ମଧ ପ୍ରାର୍ଥନା କରିଛନ୍ତି।

■ ବକେୟା ଫେରସ୍ତ ନେଇ ମାଲ୍ୟାଙ୍କ ଟୁଇଟ୍
ପ୍ରଧାନମନ୍ତ୍ରୀ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଉନାହାନ୍ତି କାହିଁକି

ଲଣ୍ଡନ,୧୪-୨

ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ଫେରାର ହୋଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଏବେ ପ୍ରତ୍ୟର୍ପଣ ଭୟ ଘାରିଛି। ଗୁରୁବାର ଟୁଇଟ୍ ମାଧମରେ ବ୍ୟାଙ୍କଗୁଡ଼ିକର ବକେୟା ଫେରାଇବାକୁ ରାଜି ଥିବା ପୁନର୍ବାର ସେ ଦୋହରାଇଛନ୍ତି। ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣର ପ୍ରତିକ୍ରିୟାରେ ସେ ଟୁଇଟ୍ କରି ବକେୟାକୁ ନେଇପ୍ରସ୍ତାବ ଦେବା ସହ ପ୍ରଧାନମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ଏହା ନେବା ଲାଗି ନିର୍ଦ୍ଦେଶ ଦେଉନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

ମାଲ୍ୟା ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ବୁଧବାର ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଭାଷଣକୁ ସେ ଶୁଣିଛନ୍ତି। ସେ ନିଶ୍ଚିତ ଭାବେ ଜଣେ ବାକ୍ ପଟୁ ବକ୍ତା। ସେ ତାଙ୍କ ଭାଷଣରେ ୯ ହଜାର କୋଟି ଟଙ୍କା ନେଇ ପଳାଇଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଇସାରା ତାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ମିଡିଆ ଆଲୋଚନାରୁ ସେ ଜାଣିପାରୁଛନ୍ତି। ଦ୍ୱିତୀୟ ଟୁଇଟ୍‌ରେ ମାଲ୍ୟା ଲେଖିଛନ୍ତି ଯେ, ସେ ବକେୟା ଅର୍ଥ ଫେରାଇବାକୁ ପୂର୍ବରୁ ପ୍ରସ୍ତାବ ଦେଇସାରିଛନ୍ତି। ଏହି ଅର୍ଥ ନେବା ଲାଗି ପ୍ରଧାନମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ତାଙ୍କଠାରୁ ସମ୍ପୂର୍ଣ୍ଣ ବକେୟା ଅସୁଲ କରାଯାଇପାରିଛି ବୋଲି ପ୍ରଧାନମନ୍ତ୍ରୀ ଅନ୍ତତଃପକ୍ଷେ ଦାବି କରିପାରିବେ ବୋଲି ସେ କହିଛନ୍ତି। ପଳାତକ ମଦ ବ୍ୟବସାୟୀ ତାଙ୍କ ତୃତୀୟ ଟୁଇଟ୍‌ରେ ଲେଖିଛନ୍ତି ଯେ, ସେ ବକେୟା ଫେରାଇବାକୁ ରାଜି ଥିବା ସମ୍ପର୍କରେ କର୍ନାଟକ ହାଇକୋର୍ଟରେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହାକୁ ହାଲୁକା ଭାବେ ଗ୍ରହଣ କରି ଖାରଜ କରାଯାଇପାରିବ ନାହିଁ। କିଙ୍ଗଫିଶର ଏୟାରଲାଇନ୍ସକୁ ଦିଆଯାଇଥିବା ଋଣ ଫେରସ୍ତ ନେବାକୁ ବ୍ୟାଙ୍କଗୁଡ଼ିକ ରାଜି ନ ହେବାର କାରଣ ସେ ଜାଣିପାରୁନାହାନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଦାବି ସମ୍ପର୍କରେ ଉଲ୍ଲେଖ କରିବା ବେଳେ ସେ ମାନସିକ ଭାବେ ଆହତ ହୋଇଥିବା କହିଛନ୍ତି। ସେ ତାଙ୍କ ସମ୍ପତ୍ତି ଲୁଚାଇଛନ୍ତି ବୋଲି ଇଡି ଅଭିଯୋଗ କରିଛି । ଏ ସମ୍ପର୍କରେ କୋର୍ଟରେ ବିସ୍ତାରିତ ତଥ୍ୟ ଦିଆଯାଇଥିବାରୁ ଲୁଚାଇଲେ କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନାଥାଉ କି, ଭାରତର ଆଇନ ଅଧୀନରେ ଏନ୍‌ସିଏଲ୍‌ଟି ଅଦାଲତ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ତାଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ। ପ୍ରକାଶଥାଉ କି, ୨୦୧୬ ମାର୍ଚ୍ଚ ୨ରେ ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ସ୍ଥାନୀୟ ୱେଷ୍ଟମିନିଷ୍ଟର କୋର୍ଟ ଗତ ବର୍ଷ ଡିସେମ୍ବର ୧୦ରେ ଭାରତକୁ ପ୍ରତ୍ୟର୍ପଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ୟୁକେ ଗୃହ ସଚିବ ସାଜିଦ ଜାଭେଦ ମଧ ଅନୁମୋଦନ କରିଛନ୍ତି।

ଋଣ ଅସୁଲ ଲାଗି ଇଡିର ଯୋଜନା

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ କରାଯିବ। ତେବେ ତାଙ୍କର ପ୍ରତ୍ୟର୍ପଣ ନ ହେଲେ ମଧ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବକେୟା ଋଣ ଅସୁଲ ଲାଗି ବାଟ ବାହାର କରିସାରିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ନେତୃତ୍ୱରେ ଗଠିତ କନସୋର୍ଟିୟମ ମାଧମରେ ଇଡି ମାଲ୍ୟାଙ୍କ ମଦ କମ୍ପାନୀ ୟୁନାଇଟେଡ ବ୍ରିଓରିଜର ପାର୍ଟନର ହେନେକେନ ଏନ୍‌ଭିକୁ ବକେୟା ଅସୁଲ ନେଇ ଜଣାଇ ଦେଇଛି। ୟୁନାଇଟେଡ ବ୍ରିଓରିଜ(ୟୁବି)ର ୮ ପ୍ରମୋଟରଙ୍କ ନିକଟରେ ଥିବା ୪୧.୩ ମିଲିୟନ ଶେୟାରକୁ ଇଡି ଜବତ କରିଛି, ଯାହା କି ମୋଟ ଶେୟାରର ୧୫.୬%। ଏହି କମ୍ପାନୀରେ ହେନେକେନର ୪୪% ଅଂଶଧନ ରହିଛି। ପୂର୍ବରୁ ଯାହାର ମାଲିକ ଥିଲେ ମାଲ୍ୟା। ୟୁନାଇଟେଡ ବ୍ରିଓରିଜରେ ମାଲ୍ୟାଙ୍କ ମାତ୍ର ୮% ଅଂଶଧନ ରହିଛି। ୟୁବି ପ୍ରମୋଟର ୨୩% ଶେୟାର ଧାରକ ରହିଛନ୍ତି, ଯାହା କି ବନ୍ଧା ପଡ଼ିଛି। ଏନ୍‌ସିଏଲ୍‌ଟି ଅଦାଲତଙ୍କ ଅନୁମୋଦନ ପରେ ବନ୍ଧା ପଡ଼ିଥିବା ଅଥବା ପଡି ନ ଥିବା ଅନ୍ୟ ସମସ୍ତ ଶେୟାରକୁ ବ୍ୟାଙ୍କଗୁଡ଼ିକୁ ବିକ୍ରି ପାଇଁ ଦେଇଦେବ ବୋଲି ଇଡି ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ମାଲ୍ୟାଙ୍କ ଜବତ ସମସ୍ତ ସମ୍ପତ୍ତି ଏବେ ସରକାର କିମ୍ବା ଇଡିର ମାଲିକାନାରେ ରହିଛି। ଇଡିର ଅନୁମୋଦନ ପରେ ବ୍ୟାଙ୍କଗୁଡ଼ିକ ଉକ୍ତ ପରିମାଣ ଶେୟାର ବିକ୍ରି କରି ବକେୟା ଆଦାୟ କରିନେବ। ବୁଧବାର ୟୁବି ଶେୟାର ମୂଲ୍ୟ ୧୩୧୩.୩୫ ଟଙ୍କା ଥିବା ବେଳେ ଜବତ ଅଂଶଧନକୁ ବିକିଲେ ପ୍ରାୟ ୧୩,୫୦୦ କୋଟି ଟଙ୍କା ମିଳିଯିବ ବୋଲି ଆଶାକରାଯାଉଛି। ଅନ୍ୟପକ୍ଷରେ ବ୍ୟାଙ୍କଗୁଡ଼ିକ ସୁଧ-ମୂଳ ମିଶାଇ ପ୍ରାୟ ୯୫୦୦ କୋଟି ଟଙ୍କା ବକେୟା ଋଣ ପାଇବେ।

ଆଜି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଶୁଭାରମ୍ଭ

ନୂଆଦିଲ୍ଲୀ,୧୪-୨

ଭାରତର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା 'ଟ୍ରେନ୧୮'ବା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁକ୍ରବାର ଶୁଭାରମ୍ଭ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିବେ। ଦିଲ୍ଲୀରୁ ବାରାଣସୀ ଯିବାକୁ ଥିବା ଏହି ଟ୍ରେନରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ଯାତ୍ରା କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ସକାଳ ୯ଟା ୪୫ରେ ଟ୍ରେନଟି ଦିଲ୍ଲୀରୁ ଯାତ୍ରାରମ୍ଭ କରିବ ଏବଂ କାନପୁର ଓ ଆଲ୍ଲାହାବାଦରେ ୪୦ ମିନିଟ ଲେଖାଏ ରହିବ। ଏହି ଟ୍ରେନକୁ ସ୍ୱାଗତ କରିବା ଲାଗି ସେଠାରେ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ପ୍ରଧାନମନ୍ତ୍ରୀ ମୋଦି ଏହି ଟ୍ରେନକୁ ଅବଲୋକନ କରିବା ପରେ ଉଦ୍‌ବୋଧନ ଦେବେ। ଘଣ୍ଟାକୁ ୧୬୦କିମି ବେଗରେ ଗତି କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ ମାତ୍ର ୮ଘଣ୍ଟାରେ ବାରାଣସୀ ମଧାହ୍ନ ୨ଟାରେ ପହଞ୍ଚିବ।

ଆୟକର ଗେଜେଟେଡ୍ ଅଧିକାରୀ ସଂଘର ସମ୍ମିଳନୀ

ଭୁବନେଶ୍ୱର,୧୪-୨

ଆୟକରଦାତାଙ୍କୁ ଉନ୍ନତ ସେବା ଯୋଗାଣ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ନେଇ ବିଭାଗ ନିରନ୍ତର ଭିତ୍ତିରେ କାର୍ଯ୍ୟ କରୁଥିବା ଏଠାରେ ଅନୁଷ୍ଠିତ ଆୟକର ଗେଜେଟେଡ୍ ସଂଘର ଦୁଇଦିନିଆ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଓଡ଼ିଶାର ପ୍ରଧାନ ଆୟକର ଆୟୁକ୍ତ ବିଶ୍ୱନାଥ ଝା ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସଂଘର ମହାସଚିବ ଅମିତାଭ ଦେ କହିଛନ୍ତି, ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆୟକର ଭିତ୍ତିଭୂମି ଦୃଢ଼ୀକରଣ, କ୍ୟାରିୟର ପ୍ରମୋଶନ, ଆୟକର ସଂଗ୍ରହ ବୃଦ୍ଧି, ଅଧିକାରୀଙ୍କ କ୍ୟାଡର ସମସ୍ୟା, ବିଭିନ୍ନ ଚ୍ୟାଲେଞ୍ଜର ଦୂରୀକରଣ ଭଳି ପ୍ରସଙ୍ଗ ସ୍ଥାନିତ କରାଯିବ। ସମ୍ମିଳନୀରେ ବାହାରିଥିବା ନିଷ୍କର୍ଷକୁ ନେଇ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) କୁ ପ୍ରସ୍ତାବ ଦିଆଯିବ। ଆୟକର ବିଭାଗ ଦ୍ରୁତ ହାରରେ ଇ-ଗଭର୍ନାନ୍ସ ଆଡକୁ ଯାଉଥିବାରୁ ଭିତ୍ତିଭୂମି ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଉଥିବା ସେ କହିଛନ୍ତି।

କ୍ୟାଡର ପୁନର୍ଗଠନ, ପ୍ରମୋଟେଡ ଅଧିକାରୀଙ୍କ କ୍ୟାରିୟର କାର୍ଯ୍ୟ ସ୍ଥିତି, ବେତନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ସଂଘର ଜାତୀୟ ସଭାପତି ଅରବିନ୍ଦ କୁମାର ତ୍ରିବେଦୀ କହିଛନ୍ତି। ବିଭିନ୍ନ ୱିଙ୍ଗର କାର୍ଯ୍ୟ ପ୍ରଣାଳୀ, କର୍ମଚାରୀ ଆବଶ୍ୟକତା, ଆଉଟସୋର୍ସିଂ... ଆଡହକ ପ୍ରମୋଶନକୁ ନିୟମିତ କରିବା, ଠିକ୍ ସମୟରେ ପଦୋନ୍ନତି ଭଳି ପ୍ରସଙ୍ଗ ଏଥିରେ ସାମିଲ କରାଯିବ ସହ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସାରା ଦେଶରୁ ୧୨୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ଅବସରରେ ସଂଘର ଓଡ଼ିଶା ସାଧାରଣ ସମ୍ପାଦକ ଏମ୍.କେ. ପତି, ଆଇଟିଇଏଫ୍ ଓଡ଼ିଶା ସାଧାରଣ ସମ୍ପାଦକ ସି.ଆର୍. ପଟ୍ଟନାୟକ, ଆଇଟିଇଏଫ୍ ପକ୍ଷରୁ ଉପସଭାପତି ଅଜୟ ତିୱାରୀ, ଆଇଆର୍‌ଏସ୍‌ଏ ସାଧାରଣ ସମ୍ପାଦକ ସୁରେଶ ଶିବାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଏସ୍‌ଏନ୍‌ଏଲ୍ ଦେଲା ସ୍ପଷ୍ଟୀକରଣ
କମ୍ପାନୀ ବନ୍ଦ ନେଇ ପ୍ରସ୍ତାବ ନାହିଁ

ଭୁବନେଶ୍ୱର,୧୪-୨

ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ବନ୍ଦ ହେବା ନେଇ ଗଣମାଧମରେ ଖବର ପ୍ରକାଶିତ ହେବା ପରେ ଏହାକୁ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀକୁ ବନ୍ଦ କରିବା ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ଏହା ପ୍ରକାଶ କରିଛି। ମୁଦ୍ରିତ ତଥା ଇଲେକଟ୍ରୋନିକ୍ସ ଗଣମାଧମରେ ପ୍ରକାଶିତ ଖବର ସତ୍ୟ ନୁହେଁ ବୋଲି ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ସିଜିଏମ୍ ସତ୍ୟାନନ୍ଦ ନାୟକ ଏକ ପ୍ରେସ ବିବୃତି ଯୋଗେ ସୂଚନା ଦେଇଛନ୍ତି। ସାରା ଦେଶରେ କମ୍ପାନୀର ନେଟୱର୍କ ରହିଛି। ଲ୍ୟାଣ୍ଡ ଲାଇନ ସମେତ ବ୍ରଡବ୍ୟାଣ୍ଡ, ଫାଇବର ଟୁ ହୋମ, ଲିଜ୍‌ଡ ଲାଇନ ଏବଂ ମୋବାଇଲ ସର୍ଭିସ ଭଳି ବିଭିନ୍ନ ସେବା ଯୋଗାଇବା ପାଇଁ ନେଟୱର୍କକୁ ସମ୍ପ୍ରସାରଣ କରାଯାଉଛି। ବିଏସ୍‌ଏନ୍‌ଏଲ୍ ଓଡ଼ିଶା ନିକଟରେ ବଲାଙ୍ଗୀରରେ ୪ଜି ସେବା ଶୁଭାରମ୍ଭ କରିଛି।ସୋନପୁର, କଳାହାଣ୍ଡି ଏବଂ ନୂଆପଡା ଭଳି ଜିଲାରେ ଏହି ସେବା ତ୍ୱରିତ ଭିତ୍ତିରେ ଆରମ୍ଭ କରାଯିବା ନେଇ ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର ୪ଜି ସେବାକୁ ଗ୍ରାହକ ବେଶ୍ ପସନ୍ଦ କରୁଥିବା କହିଛନ୍ତି। ବିଏସ୍‌ଏସ୍‌ଏଲ୍ ସର୍ବଦା ଗ୍ରାହକଙ୍କ ସହ ଥିବା ବେଳେ ଆଗକୁ ମଧ ଏଭଳି ସେବା ପ୍ରଦାନ କରିବ। କୌଣସି ଗୁଜବ ଉପରେ ଧ୍ୟାନ ନ ଦେବାକୁ କମ୍ପାନୀ କହିଛି।

ଆର୍‌ବିଆଇ ବୋର୍ଡ ବୈଠକରେ ଯୋଗ ଦେଇପାରନ୍ତି ଜେଟ୍‌ଲୀ

ନୂଆଦିଲ୍ଲୀ,୧୪-୨

ଅର୍ଥମନ୍ତ୍ରୀ ଭାବେ ଅରୁଣ ଜେଟ୍‌ଲୀ ପୁନର୍ବାର ଦାୟିତ୍ୱ ନେବାକୁ ପ୍ରସ୍ତୁତ ହୋଇଗଲେଣି। ସେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡର ୧୮ ତାରିଖ ବୈଠକ ପୂର୍ବରୁ ନିଜ ଦାୟିତ୍ୱ ସମ୍ଭାଳିବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ କେଉଁ ଦିନ ସେ ଦାୟିତ୍ୱ ନେବେ ମନ୍ତ୍ରଣାଳୟ ସ୍ପଷ୍ଟ କରିନାହିଁ। ସେ ଆର୍‌ବିଆଇ ବୈଠକରେ ଉଦ୍‌ବୋଧନ



ଦେଇପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଆର୍‌ବିଆଇ ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବେ ବୋଲି ସ୍ଥିର କରାଯାଇଥିଲା। ତେବେ ଜେଟ୍‌ଲୀ ସ୍ୱଦେଶ ଫେରିଆସିବା ପରେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଶୁକ୍ରବାର ସୁଦ୍ଧା ତାଙ୍କର ଦାୟିତ୍ୱ ନେବା ଦିନ ସମ୍ପର୍କରେ ସୂଚନା ମିଳିଯିବ। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଗୁରୁବାର ମିଡିଆକୁ ଇମେଲ ଯୋଗେ ବୋର୍ଡ ବୈଠକରେ ଅର୍ଥମନ୍ତ୍ରୀ ଭାବେ ଜେଟ୍‌ଲୀଙ୍କ ଯୋଗଦାନ ସମ୍ପର୍କରେ ସୂଚନା ଦିଆଯାଇଥିଲା। କିନ୍ତୁ ପରେ ଏଥିରେ ପରିବର୍ତ୍ତନ କରାଯାଇଛି।

ଦୁଇଦିନ ବାଙ୍ଗାଲୋର ଯିବନି ପ୍ରଶାନ୍ତି ଏକ୍ସପ୍ରେସ

ଭୁବନେଶ୍ୱର,୧୪-୨

ଭୁବନେଶ୍ୱରରୁ ଶନିବାର ଏବଂ ରବିବାର ବାହାରିବାକୁ ଥିବା ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ ସତ୍ୟସାଇ ପ୍ରଶାନ୍ତି ନିଳୟନ ଯାଏ ଚଳାଚଳ କରିବ। ଦକ୍ଷିଣ ପଶ୍ଚିମ ରେଲୱେର ବାଙ୍ଗାଲୋର କାଣ୍ଟ-ହ୍ୱାଇଟଫିଲ୍ଡ ସେକ୍ସନ ମଧ୍ୟରେ ନିରାପତ୍ତା ସଂକ୍ରାନ୍ତ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ପ୍ରଶାନ୍ତି ଏକ୍ସପ୍ରେସ ନିର୍ଦ୍ଧାରିତ ସ୍ଥାନ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ଫେରିବା ବାଟରେ ଏହା ବାଙ୍ଗାଲୋର-ଭୁବନେଶ୍ୱର ଏକ୍ସପ୍ରେସ ଭାବେ ପ୍ରଶାନ୍ତି ନିଳୟନଠାରୁ ଯଥାକ୍ରମେ ରବିବାର ଏବଂ ସୋମବାର ଛାଡ଼ିବ। ଏହି ଟ୍ରେନର ସେବା ସତ୍ୟସାଇ ପ୍ରଶାନ୍ତି ନିଳୟନ ଏବଂ ବାଙ୍ଗାଲୋର ମଧ୍ୟରେ ବନ୍ଦ ରହିବ ବୋଲି ରେଲୱେ ପକ୍ଷରୁ ପ୍ରକାଶ।

ଏ୩୮୦ ବିମାନ ନିର୍ମାଣ ବନ୍ଦ ହେବ

ନୂଆଦିଲ୍ଲୀ,୧୪-୨

ଏୟାରବସ୍‌ର ସୁପରଜମ୍ବୋ ଡବଲଡେକର ଏ୩୮୦ ବିମାନ ନିର୍ମାଣ ବନ୍ଦ ହେବ। କମ୍ପାନୀ ପକ୍ଷରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ଯାତ୍ରୀଙ୍କ ଦ୍ୱାରା ପ୍ରଶଂସିତ ଏହି ବିମାନ ନିର୍ମାଣରେ ଖର୍ଚ୍ଚ ବଢୁଥିବାରୁ ଏବଂ ବିମାନ କମ୍ପାନୀଗୁଡ଼ିକ ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଏୟାରବସ୍ ପକ୍ଷରୁ ଉକ୍ତ ନିଷ୍ପତ୍ତି ନିଆଯାଇଛି। ୨୦୨୧ରୁ ଏ୩୮୦ ବିମାନ ନିର୍ମାଣ ବନ୍ଦ ହେବ ବୋଲି କମ୍ପାନୀ କହିଛି। ସୂଚନାଥାଉ କି, ପ୍ରାୟ ଏକ ଦଶନ୍ଧି ହେବ ଏହି ବିମାନ ଆକାଶରେ ନିଜର ରାଜତ୍ୱ ଦର୍ଶାଇଆସିଛି।

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଏକ୍ସୟୁଭି ୩୦୦

ଭୁବନେଶ୍ୱର,୧୪-୨

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ(ଏମ୍ ଆଣ୍ଡ ଏମ୍) ପକ୍ଷରୁ ନୂଆ ଏକ୍ସୟୁଭି ୩୦୦ ମଡେଲ ବଜାରକୁ ଆସିଛି। ଏଥିରେ ଗ୍ରାହକ ଅତୁଳନୀୟ ଡିଜାଇନ, ଫନ୍ ଟୁ ଡ୍ରାଇଭ୍ ପରଫରମାନ୍ସ, ସର୍ବୋତ୍ତମ ନିରାପତ୍ତା ଫିଚର, ଫାଷ୍ଟ ଇନ୍ ସେଗ୍‌ମେଣ୍ଟ ହାଇଟେକ ଫିଚର, ଉନ୍ନତ ଇଣ୍ଟେରିୟର ଏବଂ ପେଟ୍ରୋଲ ଓ ଡିଜେଲ ବିକଳ୍ପ ସହ ଆସୁଛି। ପେଟ୍ରୋଲ ଡବ୍ଲ୍ୟୁ୪ ଭାରିଆଣ୍ଟର ବଜାର ଦର ୭.୯୦ ଲକ୍ଷ ଟଙ୍କା ରହିଛି। ସେହିଭଳି ଡବ୍ଲ୍ୟୁ୪ ଡିଜେଲ ଭାରିଆଣ୍ଟର ଦର ୮.୪୯ ଲକ୍ଷ ଟଙ୍କା ରହିଛି। ଏହା ୩ଟି ଭାରିଆଣ୍ଟରେ ଆସୁଥିବା ବେଳେ ବିକଳ୍ପ ପ୍ୟାକ୍ ଭାବେ ଡବ୍ଲ୍ୟୁ ୮ ଭାରିଆଣ୍ଟ ରହିଛି। ୬ ମନୋଟୋନ ସହ ୨ ଡୁଆଲଟୋନ ରଙ୍ଗରେ ଏହା ଉପଲବ୍ଧ ହେବ। ନୂଆ ମଡେଲରେ ଭାରତୀୟ ଉଦ୍ଭାବନ ସହ କୋରିଆର ଟେକ୍ନୋଲୋଜିକୁ ବ୍ୟବହାର କରାଯାଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ ଅଧକ୍ଷ ଆନନ୍ଦ ମହିନ୍ଦ୍ରା ସୂଚନା ଦେଇଛନ୍ତି।

ସର୍ବନିମ୍ନ ମଜୁରି ୩୭୫ ଟଙ୍କା ସୁପାରିସ

ନୂଆଦିଲ୍ଲୀ,୧୪-୨

ଜାତୀୟସ୍ତରରେ କୃଷି ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୩୭୫ ଟଙ୍କା ଧାର୍ଯ୍ୟ କରିବାକୁ ଏକ ବିଶେଷଜ୍ଞ କମିଟି ସୁପାରିସ କରିଛି। ପୂର୍ବରୁ ଦିନ ମଜୁରିଆଙ୍କୁ ୩୨୧ ଟଙ୍କା ଓ ଅର୍ଦ୍ଧ କୁଶଳୀ ଶ୍ରମିକଙ୍କ ପାଇଁ ମଜୁରି ୩୭୧ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କମିଟି ଗୁରୁବାର ଏ ସଂକ୍ରାନ୍ତରେ ପ୍ରସ୍ତୁତ ରିପୋର୍ଟକୁ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟକୁ ପ୍ରଦାନ କରିଛି। ଆର୍ଥିକ-ସାମାଜିକ ଓ ଶ୍ରମ ବଜାରକୁ ଭିତ୍ତି କରି କମିଟି ଭିନ୍ନ ରାଜ୍ୟ ପାଇଁ ଜାତୀୟ ସର୍ବନିମ୍ନ ମଜୁରି ସୁପାରିସ କରିଛି। ବିହାର, ୟୁପି ଏବଂ ପଶ୍ଚିମବଙ୍ଗ ପାଇଁ ମଜୁରି ୩୪୨ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଦିଲ୍ଲୀ, ଗୋଆ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ପଞ୍ଜାବ ଭଳି ରାଜ୍ୟ ପାଇଁ ଏହା ଦୈନିକ ୪୪୭ ଟଙ୍କା ଧାର୍ଯ୍ୟ କରାଯାଇଛି।

ଜେଏସ୍‌ପିଏଲ୍ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପାଇଁ ଆବେଦନପତ୍ର ଆହ୍ୱାନ

ଭୁବନେଶ୍ୱର,୧୪-୨

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)ର ସାମାଜିକ ଉତ୍ତରଦାୟିତ୍ୱ ଶାଖା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ସଂସ୍କରଣର ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିଲାଗି ଆବେଦନପତ୍ର ଆହ୍ୱାନ କରାଯାଉଛି। ଆବେଦନର ଶେଷ ତାରିଖ ଚଳିତ ମାସ ୨୮ ରହିଛି। ସାମାଜିକ ଉନ୍ନତି କ୍ଷେତ୍ରରେ ଯୋଗଦାନ ରଖୁଥିବା ୧୦ ବ୍ୟକ୍ତିବିଶେଷ ଏବଂ ୧୦ ସଂସ୍ଥାଙ୍କୁ ଚିହ୍ନଟ କରିବା ସହ ପୁରସ୍କୃତ କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି। ଶ୍ରେଷ୍ଠ ବିବେଚିତ ବ୍ୟକ୍ତି ତଥା ସଂସ୍ଥାଙ୍କୁ ପୁରସ୍କାର ରାଶି ଭାବେ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଆବେଦନ ସଂକ୍ରାନ୍ତ ସମସ୍ତ ବିବରଣୀ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ୱେବସାଇଟରେ ଉପଲବ୍ଧ ହେବ। ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟକ୍ତିବିଶେଷ ତଥା ସଂସ୍ଥାଗୁଡ଼ିକୁ ସମ୍ମାନିତ କରାଯିବ। ମୋଟ ୧୦ଟି ବର୍ଗର ଏହି ପୁରସ୍କାର ରାଶି ପ୍ରଦାନ କରାଯିବ। ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନର ପୂର୍ବ ସଂସ୍କରଣଗୁଡ଼ିକ ବେଶ୍ ସ୍ମରଣୀୟ ହୋଇଥିବା ବେଳେ ଉଚ୍ଚକୋଟୀର କାର୍ଯ୍ୟକରି ନିଜ ଅଞ୍ଚଳରେ ସମୀତ ରହିଯାଉଥିବା ବ୍ୟକ୍ତି ବିଶେଷ ତଥା ସଂସ୍ଥାଗୁଡ଼ିକୁ ପୁରସ୍କୃତ କରିବାକୁ ଏହା ଏକ ପ୍ରୟାସ ବୋଲି ଫାଉଣ୍ଡେଶନର ସଭାପତି ସାଲୁ ଜିନ୍ଦଲ କହିଛନ୍ତି।

ସଂକ୍ଷେପରେ

ଦିଲ୍ଲୀଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୧୪।୨: ଗୁଜରାଟର ଜି.ଏସ୍. ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୨୩ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ଦିଲ୍ଲୀ ଠାରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯୮ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ଦେବାଶିଷ ସାମନ୍ତରାୟ ସଂଘର୍ଷପୂର୍ଣ୍ଣ ୮୩ରନର ଇନିଂସ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ଯୋଗେଶ ଶର୍ମା ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଦିଲ୍ଲୀ ୬ ଉଇକେଟ ବିନିମୟରେ ଧାର୍ଯ୍ୟ ବିଜୟଲକ୍ଷ୍ୟ ହାସଲ କରିଥିଲା। ବୈଭବ କଣ୍ଡପାଳ(୬୧ରନ) ଓ ରାଜେଶ ଶର୍ମା(୬୦ରନ) ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ତାରିଣୀ ସ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ମ୍ୟାଚ୍ ପରେ ଗୁପଟିଲଙ୍କ ଇଣ୍ଟରଭ୍ୟୁ ନେଲେ ସ୍ତ୍ରୀ

ନାପିଅର,୧୪।୨- ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ଘରୋଇ ନ୍ୟୁଜିଲାଣ୍ଡ ଦଳ ୮ ଉଇକେଟ ହାତରେ ରଖି ଜିତି ନେଇଥିଲା। ମ୍ୟାଚ୍‌ରେ ଅପରାଜିତ ଶତକ ହାସଲ କରିଥିବା ମାର୍ଟିନ ଗୁପଟିଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥାପିକା ଦାୟିତ୍ୱରେ ଆଉ କେହି ନୁହଁନ୍ତି ଗୁପଟିଲଙ୍କ ସ୍ତ୍ରୀ ଥିଲେ। ୧୧୭ ରନ୍‌ର ଅପରାଜିତ ଇନିଂସ ଖେଳିଥିବା ଗୁପଟିଲଙ୍କ ଇଣ୍ଟରଭ୍ୟୁ ନେଇଥିଲେ ସ୍ତ୍ରୀ ଲୌରା ମ୍ୟାକଗୋଲ୍ଡ୍ରିକ। ଏଭଳି ପରିସ୍ଥିତି ଉଭୟଙ୍କ ଲାଗି ସହଜ ନ ଥିଲା। ହେଲେ ଦୁଇ ଜଣ ସମ୍ପୂର୍ଣ୍ଣ ପେସାଦାର ଭାବେ ବ୍ୟବହାର କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଇଂଲଣ୍ଡ ଲାୟନ୍ସ ଫଲୋଅନ୍

ମହାଶୂର, ୧୪।୨: ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଏଠାରେ ଚାଲିଥିବା ୨ୟ ଅନ୍‌ଅଫିସିଆଲ ଟେଷ୍ଟରେ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଘରୋଇ ଭାରତ-ଏ ଦଳ ଦୃଢ଼ସ୍ଥିତିରେ ରହିଛି। ଭାରତ-ଏ'ର ପ୍ରଥମ ଇନିଂସ ସ୍କୋର ୩୯୨ ରନ ଜବାବରେ ଇଂଲଣ୍ଡ ଲାୟନ୍ସ ଗୁରୁବାର ୨ୟ ଦିବସରେ ୧୪୦ ରନରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି। ଫଳରେ ଭାରତ-ଏ ୨୫୨ ରନର ଅଗ୍ରଣୀ ଲାଭ କରିଛି। ଫଲୋଅନ୍ ହୋଇ ୨ୟ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ଲାୟନ୍ସ ଷ୍ଟମ୍ପ୍ସ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୨୪/୦ ରନ୍ କରିଛି।

ଚଳିତ ବର୍ଷ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଟପ୍ ୨୦ରେ ପ୍ରବେଶ ବ୍ୟତୀତ ମୋର ପରବର୍ତ୍ତୀ ମୁଖ୍ୟ ନଜର ୨୦୨୦ ଟୋକିଓ ଅଲିମ୍ପିକ୍ସ ଉପରେ ରହିଛି।

– ଅଚନ୍ତା ଶରଥ କମଲ, ଭାରତୀୟ ଟେବୁଲ ଟେନିସ ଖେଳାଳି

ଚଳିତ ବର୍ଷ ମୋ ଦ୍ୱାଦଶ ପରୀକ୍ଷା ସତ୍ତ୍ୱେ ଆଗକୁ ହେବାକୁଥିବା ଥିବା କେତେକ ବଡ଼ ପ୍ରତିଯୋଗିତା ଲାଗି ମୁଁ ଅଭ୍ୟାସ ଜାରି ରଖିଛି ।

– ହିମା ଦାସ, ଭାରତୀୟ ଆଥଲେଟ୍

ସର୍ବଭାରତୀୟ ଟେନିସ କ୍ରିକେଟ ଉଦ୍‌ଘାଟିତ

ଗୁରୁବାର ଉଦ୍‌ଘାଟନୀ ଉତ୍ସବରେ ଟ୍ରଫି ଉନ୍ମୋଚନ ଅବସରରେ ଅତିଥିଙ୍କ ସହ ଓଡ଼ିଶା ଦଳର ଖେଳାଳିମାନେ।

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ କ୍ରିକେଟ ଆସୋସିଶନ ଆନୁକୂଲ୍ୟରେ ସର୍ବଭାରତୀୟ ଟେନିସ କ୍ରିକେଟ ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଗୁରୁବାର ଉଦ୍‌ଘାଟିତ ହୋଇଛି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସହଯୋଗକ୍ରମେ ଏହି ପ୍ରତିଯୋଗିତା ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୧୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ସେଗୁଡ଼ିକ ହେଲେ ଉତ୍ତରପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ମୁମ୍ବାଇ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା, ଗୋଆ, ମହାରାଷ୍ଟ୍ର, ଛତିଶଗଡ଼, ହିମାଚଳ ପ୍ରଦେଶ, ପଞ୍ଜାବ ଓ ତାମିଲନାଡୁ। ପ୍ରଥମ ଦିବସରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଗୋଆକୁ ୨୦ ରନରେ ହରାଇ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୬ ରନ କରିଥିବାବେଳେ ଗୋଆ ୮.୪ ଓଭରରେ ୫୬ ରନକରି ଅଲଆଉଟ ହୋଇ ଯାଇଥିଲା। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ତେଲେଙ୍ଗାନା ୧୩ ରନରେ ଉତ୍ତରପ୍ରଦେଶକୁ, ଗୁଜରାଟ ୧୦ ଉଇକେଟରେ ରାଜସ୍ଥାନକୁ, ହିମାଚଳ ପ୍ରଦେଶ ୨୧ ରନରେ ପଞ୍ଜାବକୁ, ମହାରାଷ୍ଟ୍ର ୮ ଉଇକେଟରେ ଛତିଶଗଡ଼କୁ ପରାସ୍ତ କରିଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନର ସହକାରୀ ସମ୍ପାଦକ ଅନିଲ କମାତ ମୁଖ୍ୟ ଅତିଥି ଏବଂ ସଦସ୍ୟ ବିନୋଦ କୁମାର, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁଜାର, ସାଉଥ୍ ଜୋନ୍ ଟେନିସ କ୍ରିକେଟ ଡାଇରେକ୍ଟର ଗୋପଲ ମାଖିଜା, ବିଭିନ୍ନ ରାଜ୍ୟ ଆସୋସିଏଶନର ସମ୍ପାଦକ ବିଜୟ ରତ୍ନାକର, ସଞ୍ଜୟ ଶର୍ମା, ରାମ ରାଜ, ମହମ୍ମଦ ଫରଓ୍ୱେଜ, ସାଜନ ସିଂ, କିରଣ ସାଓ୍ୱନ୍ତ, ଲଳିତା ଚୌହାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ଶୈବାଳ ମିତ୍ର, ରୋହିତ ମିଶ୍ର , ମହମ୍ମଦ ଆଜାମ ପ୍ରମୁଖ ଉପସ୍ଥିତ ଥିଲେ।

'ଭାରତରେ ଟେନିସ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ'

କହ୍ନେୟା ଗୁଜାର

ଭାରତର ସମସ୍ତ ରାଜ୍ୟରେ ଏବେ ଟେନିସ କ୍ରିକେଟ ସ୍ଥିତି ଜମେଇ ସାରିଛି। ସବୁ ରାଜ୍ୟର ଆସୋସିଏଶନ ଗୁରୁତ୍ୱର ସହ ଏହି ଖେଳକୁ ନେବା ସହ ଏହାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ତେଣୁ ଭାରତରେ ଟେନିସ କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ। ଏହି ଖେଳ କ୍ରିକେଟଠାରୁ ବିଶେଷ କିଛି ଭିନ୍ନ ନୁହେଁ। କେବଳ ଓଜନିଆ ଟେନିସ ବଲ୍‌ରେ ଖେଳ ହେବା ବ୍ୟତୀତ ପ୍ରାୟ ଅନେକ ନିୟମ କ୍ରିକେଟ ସହିତ ସମାନ। ସେ ସଚିନ ତେନ୍ଦୁଲକର ହୁଅନ୍ତୁ କିମ୍ବା ମହେନ୍ଦ୍ର ସିଂ ଧୋନୀ ସମସ୍ତେ ଏହି ବଲ୍‌ରେ ଖେଳି ନିଜ ଫୁଟ୍‌ୱର୍କ ସଜାଡ଼ିବା ସହ ଆଖି ସେଟିଂ କରିଛନ୍ତି। ଧୋନୀଙ୍କ ହେଲିକପ୍ଟର ଶଟ୍ ପରି ନୂଆ ଶଟ୍ ଉଦ୍ଭାବନ ପ୍ରଥମେ ଏହି ଟେନିସ ବଲ୍ ମାଧ୍ୟମରେ ହିଁ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ଖେଳକୁ କ୍ୟାରିୟର କରି ଜଣେ ପ୍ରତିଷ୍ଠିତ ହୋଇ ପାରିବ ବୋଲି ମଞ୍ଚେଶ୍ୱରସ୍ଥିତ ରେଲୱେ ଷ୍ଟାଡିୟମରେ ଗୁରୁବାର ସର୍ବଭାରତୀୟ ଟେନିସ କ୍ରିକେଟ ଚାମ୍ପିୟନ୍ସଟ୍ରଫିର ଉଦ୍‌ଘାଟନୀ ଉତ୍ସବ ଅବସରରେ ପ୍ରକାଶ କରିଛନ୍ତି ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁଜାର। ଏହି ଗେମ୍‌କୁ ମୁଁ ଆବିଷ୍କାର କରିଛି ଏବଂ ଏହାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ଏହାଦ୍ୱାରା ଦେଶରେ କ୍ରିକେଟର ଲୋକପ୍ରିୟତା ମଧ୍ୟ ବଢୁଛି। ଓଡ଼ିଶାରେ ଯେପରି ଢଙ୍ଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି ସେଥିରେ ମୁଁ ବହୁତ ଖୁସି। ଓଡ଼ିଶାରେ ମଧ୍ୟ ଏହି ଗେମ୍‌ର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ବୋଲି କହିଛନ୍ତି ଗୁଜାର।

ଓଡ଼ିଶା ମହିଳା କ୍ରିକେଟ ଦଳର ହ୍ୟାଟ୍ରିକ ବିଜୟ

କଟକ ଅଫିସ,୧୪।୨- ଗୋଆର ସାନଗୁଏମ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚ୍‌ରେ ଓଡ଼ିଶା ୧୧୧ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ଲଗାତାର ୩ୟ ବିଜୟ। ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଇନ୍ଦ୍ରାଣୀ ଛତ୍ରିଆଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ପୁନମ ନାୟକଙ୍କ ୩୫ରନ, ଅଧିନାୟିକା ଇନ୍ଦ୍ରାଣୀଙ୍କ ୨୯ରନ, ତନ୍ମୟୀ ବେହେରାଙ୍କ ୨୨ରନ ବଳରେ ଓଡ଼ିଶା ୮ ଉଇକେଟ ହରାଇ ୧୬୮ରନ କରିଥିଲା। ସୌରାଷ୍ଟ୍ର ପକ୍ଷରୁ ଟି. ଧରଣୀ ଓ ଏମ୍. ମୋଧବଧିୟା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୌରାଷ୍ଟ୍ର ୫୭ରନରେ ଅଲଆଉଟ ହୋଇଥିଲା। ଟି. ଧରଣୀ ସର୍ବାଧିକ ୧୭ରନ କରିଥିବା ବେଳେ ଅନ୍ୟକେହି ବ୍ୟାଟ୍ସମ୍ୟାନ ୨ ଅଙ୍କ ଛୁଇଁ ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ସୋନାଲୀ ହେମ୍ବ୍ରମଙ୍କୁ ୨ଟି ଉଇକେଟ ମିଳିଥିଲା। ୫ଜଣ ଖେଳାଳି ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଓଡ଼ିଶା ସରକାର
ଗ୍ରାମ୍ୟ ନିର୍ମାଣ ବିଭାଜନ-୨
କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟ

ବିଜ୍ଞାପନ

No.–1671–O ଓଡ଼ିଶା ସରକାର, ରାଜସ୍ୱ ଏବଂ ଆପଦା ପ୍ରବନ୍ଧନ ବିଭାଗ, ପତ୍ରାଙ୍କ– ୨୬୨୨୩, ତା. ୦୬.୦୭.୨୦୧୩ରିଖ, ପତ୍ରାଙ୍କ– ୪୦୩୦, ତା. ୦୭.୦୨.୨୦୧୪ରିଖ ଏବଂ ପତ୍ରାଙ୍କ – ୧୦୨୪୧, ତା. ୩୧.୦୩.୨୦୧୪ରିଖ ମାଧ୍ୟମରେ ବ୍ୟବସ୍ଥିତ ଦିଶାନିର୍ଦ୍ଦେଶ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ–୨, କେନ୍ଦ୍ରାପଡା ଅଧୀନରେ ପଜାମୁଣ୍ଡାଇ ପଞ୍ଚାୟତ ସମିତି ଅନ୍ତର୍ଗତ କୃଷ୍ଣଦାସପୁର ଗ୍ରାମର ୩ ଗୋଟି ପ୍ଲଟକୁ ନୟାଡିଆଘାଟ ସିଂହଗାଁ ରାସ୍ତାର ନାବାର୍ଡ଼ ସହାୟତାରେ ଉନ୍ନତୀକରଣ ନିମିତ୍ତ ଭୂମି ଅଧିଗ୍ରହଣ କରାଯାଉଅଛି।

ଉକ୍ତ ଭୂମିର ମାଲିକମାନଙ୍କ ନାମ ନିମ୍ନମତେ ପ୍ରଦତ୍ତ କରାଯାଇଅଛି। ପ୍ରଦତ୍ତ ଭୂମି ମାଲିକାନା ସୂଚୀରେ ଯଦି କାହାର କିଛି ଅଭିଯୋଗ ଅଛି, ତେବେ ତାହା ଏହି ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତା. ୦୫.୦୩.୨୦୧୯ରିଖ ମଧ୍ୟରେ ଲିଖିତ ଆକାରରେ ଅବଗତ କରାଗଲେ ବିଚାରଯୋଗ୍ୟ ହେବ। ଅନ୍ୟଥା, ପ୍ରଦତ୍ତ ସୂଚୀ ଅନୁଯାୟୀ ଭୂମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ଅବଧି ପରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ–୨, କେନ୍ଦ୍ରାପଡ଼ା

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, PHULBANI
Phone-06842-253708, E-mail: rw_phulbani@yahoo.co.in
No.....302.....RWDP, Dated the 6.2.2019
Government of Odisha e-Procurement Notice
Bid Identification No. Online Tender/14/EERWD PHULBANI/ 2018-19
No. 1646-O

1	Name of the work	Building works
2	Estimated cost	Rs. 8.86 lakhs to Rs.17.70 lakhs
3	Period of Completion	(2) Two Calendar Months
4	Date & Time of availability of Bid documents in the Portal	From 18.02.2019 at 10.00 AM to 27.02.2019 up to 5.00 PM
5	Last Date/ Time for receipt of Bids in the Portal	27.02.2019 up to 5.00 PM
6	Name and address of the Officer Inviting Bid	Executive Engineer, Rural Works Division, Phulbani

Further details can be seen from the e-procurement portal website https://tenders.ori.nic.in/nicgep/app
Executive Engineer
Rural Works Division, Phulbani
25077/11/0016/1819

ODISHA PVTG EMPOWERMENT AND LIVELIHOODS IMPROVEMENT PROGRAMME
ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ
ST & SC DEVELOPMENT DEPARTMENT, GOVERNMENT OF ODISHA
Lanjia Soura Devlopment Agency, Serango, Gumma Block, Gajapat,
INVITATION OF SEALED TENDER

Sealed Tender is invited in the prescribed format for Construction of Work Shed for Producer Group in the Office Premises of LSDA, Serango, Eventually drawn up in the PWD F2 forms in conformity with the detailed tender call Notice No-2 of 2018-2019 of LSDA Serango from the interested Govt. Regd. Contractors of PWD, PH, Water resources PHD/RD department of Govt. of Odisha and CPWD and Railway Contractors. The interested Contractors may visit the website of : **www.gajapati.nic.in** & http:**www.opelip.org** for details.

1. Name of the work : Construction of Work Shed for Producer Group at LSDA, Serango, Gumma Block, Gajapati Dist.
2. Construction of Work Shed Cost : Rs..30,00,000/-
3. Class of Contractor : 'C' Class / 'B' Class
4. Period of Completion : 06 Calendar months.
5. Sale of Tender Papers : From 15.02.2019 to 25.02.2019 time 11.00 AM. to 4.00 PM. on all working Days.
6. Last date and Time to received the Tender : Date.26.02.2019 at 5.00 PM.
7. Name and Address of officer inviting Tender: Special officer, LSDA, Serango, Gumma Block, Gajapati. Tender are strictly instructed to submit their Tender through one medium i.e hard sopy by registered Post / Speed Post only. Sealed bid must be delivered on or before 26.02.2019 by 5. PM. at office of the Lanjia Soura Development Agency, Srango-761207, Serango, Gumma Block, Gajapati District-Odisha.

The Special Officer reserves the right to accept or reject any or all tender without assigning any reason thereof.
By order of Collector Gajapati cum Chairman LSDA, OPELIP, Serango.

Date: 14.02.2019
Place: Serango
Sd./-
Special Officer
LSDA- Serango

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION - II, KENDRAPARA
NOTICE

The following different Kisam of land in revenue village Krushnadaspur under Pattamundai Tahasil and required to be purchased directly from the private land owners by R.D. Department, Govt. of Odisha as per the guideline formulated by Revenue & Disaster Management Department, Govt. of Odisha letter No. 26223 dated 06.07.2013, letter No. 4030 dated 07.02.2014 and letter No.-10241 dated 31.03.2014 for public purpose i.e. Improvement to Nayadiaghat to Singhgaon road under NABARD Assisted in Pattamundai block in the District of Kendrapara". The details of land schedule along with the name of bonafide land owners are given below for information of the public and objection if any are invited from the public regarding the legal heir of the land owners which may be intimated to the undersigned on or before 05.03.2019 positively, otherwise the following land owners will be declared as actual land owners to receive their due compensation. No objection shall be entertained after the stipulated date.
The bonafide land owners are here by requested to submit their following land particulars on or before 27.02.2019 in the Office of the Executive Engineer, Rural Works Division-II, Kendrapara for making necessary arrangement for sale deed agreement in the District Registrar Office at Kendrapara.
1. Original R.O.R. & up to date revenue receipt.
2. E.C. for last 22 years.
3. Legal Heir certificate issued by Tahasildar, Kendrapara in case of land owner is not alive.
4. Voter I.D. Card / Adhaar Card
5. PAN Card/ I.T. return if available
6. Two colour passport size photographs.
7. Photo copy of front page of Bank account pass book or one number of cancelled cheque.

Sd./- Amulya Kumar Mohapatra
Executive Engineer, Rural Works Division-II, Kendrapara

Details of land schedule :-
1) Revenue village : Krushnadaspur, Pattamundai Block, Kendrapara

Sl. No.	Plot No.	Khata No.	Kisam	Land to be Acquired in Acre (1.00 Acre- 100 Dec)	Name of the land owner as per ROR: Name Sukumari Rout Mother	Father / Husband Name
1	2	3	4	5	6	7
1	515/ 628	147	Pala-II	0.20	Smt Sukumari Rout (Wife) Sri Bijaya Rout (Son) Sri Akhaya Rout, (Son) Sri Abhiram Rout (Son) Sri Ashok Rout, (Son)	Late Suratha Rout, Dandi-sahi
2	527	93	Para-II	0.25	Sri Khageswar Mohanty (Grand Son) Sri Pradeep Kishore Mohanty (Grand Son) Sri Raj Kishore Mohanty (Son) Sri Braja Kishore Mohanty (Son) Sri Debananda Mohanty (Son)	S/o. Late Akuli Charan Mohanty, Dandisahi
3	522	98	Para-II	0.17	Sri Abhiram Mohanty (Son) Smt Puspalata Mohanty (Daughter in law) Sri Debasis Mohanty (Grand Son) Sri Prakash Mohanty (Grand Son) Sri Subash Mohanty (Grand Son) Sri Ashok Mohanty (Grand Son) Smt Mamata Mohanty (Grand Daughter) Smt Namita Mohanty (Grand Daughter) Smt Kadambani Mohanty (Daughter in law) Sri Sailash Mohanty (Grand Son) Sri Bitu Mohanty (Grand Son) Smt Madhusmita Mohanty (Grand Daughter) Smt Sudita Swain (Grand Daughter)	S/o. Late Bidyadhar Mohanty

Sd./- Executive Engineer
R.W.Division-II, Kendrapara
25098/11/0022/1819

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
CAD-1425
E-PROCUREMENT NOTICE
NIT No. OMC/MAT/E-PROC/04/2019 Dated. 14/02/2019

1.	Name of the work	Empanelment of agencies to undertake SAP development projects in OMC
2.	Availability of bid document in Govt. Portal	18/02/2019 after 05:00PM
3.	Last date for sending queries to OMC	25/02/2019 up to 05:00PM
4.	Pre-bid meeting	27/02/2019 at 11.00AM
5.	Uploading of final tender schedule	04/03/2019 up to 05:00PM
6.	Last date of online submission of tender in portal	16/03/2019 up to 05:00PM.
7.	Submission of EMD	The bidder has to deposit Rs.50,000.00 (Rupees Fifty Thousand) only through on line as available in www.tendersodisha.gov.in
5.	Date of opening of Techno-commercial Bid	18/03/2019 at 11:00AM.

All other details can be seen from the tender document available at Govt. web site i.e www.tendersodisha.gov.in & in OMC website i.e. www.omcltd.in.
OMC reserves the right to reject any or all tenders without assigning any reason thereof.
GENERAL MANAGER (MAT)
30005/11/0183/1819

OFFICE OF THE
PANCHAYAT SAMITI, KUDUMULUGUMMA
No. 543/Account.2019 Dated 12.02.2019
QUOTATION CALL NOTICE

Sealed quotations are invited from interested reputed Travels Agencies / Tour operators or private individuals for providing 1 Number Non AC/AC Diesel driven vehicles having sitting capacity not more ten including driver, which shall confirm to the terms and conditions for official use in Block Office, Chitrakonda on monthly rent basis.
1. The vehicle must be in road worthy condition, shall not be more than 3 years old from the date of initial registration and must have valid registrations certificate, Insurance certificate, Fitness certificate, valid contract carriage permit, proof of uptodate tax payment etc. which are mandatory.
2. The driver of the vehicle must have a valid Driving License for driving light transport passenger vehicles and should be sufficiently experienced in driving transport passenger vehicle.
3. The driver should be well bahaved gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of Account Payee Bank Draft drawn in favour of the Block Development Officer, Chitrakonda / Cash and submitted along with the quotation as security deposit after completion of quotation process, the amount will be refunded to unsuccessful bidders.
5. The monthly rent of hire charge be quoted including driver.
6. The vehicle must achieve a fuel efficiency of 10 Kms per liter.
7. The details of the make and year of manufacture of the vehicle, registration No., mileage (Kms covered per Liter) and name of the driver with Driving License No. and period of validity should be specifically provided in the general bid information to be furnished with the quotation.
8. The quotation completed in all respect should reach the undersigned on or before 22.02.2019 by 2.00PM and shall be opened on the same day at 4.00PM in Panchayat Samiti Office, Chitrakonda.

Sd./- Block Development Officer
Chitrakonda

GOVERNMENT OF ODISHA, OFFICE OF THE EXECUTIVE ENGINEER, RWSS DIVISION, MALKANGIRI
Tel: 06861-231517, Email: eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING
Bid Identification No.: RWSS_MKG_ONLINE_08/2018-19, Dated: 11.02.2019

No. 1663-O:- The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up on turnkey basis (i.e. with design and execution).
1. Name of the Work : Supplying all materials, labour, T&P etc. and construction of RCC CHT, Pump House, compound wall, laying of GI/ HDPE pipe in rising main and distribution system, installation of submersible pump including five years maintenance cost in connection with RPWS to village BURUDIPUT under Chitrakonda Block.
2. No. of works : 1 No.
3. Estimated Cost : Rs. 79.37 lakhs
4. Tender Paper Cost : Rs. 10,000/-
5. Class of Contractor :

Estimated cost upto Rs. 20.00 lakhs	Estimated Cost more than Rs. 20.00 lakhs & within Rs. 40.00 lakhs	Estimated Cost more than Rs. 40.00 lakhs & within Rs. 300.00 lakhs
'D' & 'C'	'C' & 'B'	'B' & 'A'

6. Period of Completion : 8 (Eight) Calendar months
7. Critical dates:

Procurement Officer	Bid Identification No.	Availability of Tender online for Bidding From	To	Last Date of seeking tender Clarification	Date of opening of Bid
Executive Engineer, RWS&S Division, Malkangiri	RWSS_MKG_ONLINE _08 of 2018-19	19.02.2019 at 9.00AM	05.03.2019 upto 5.00PM	02.03.2019	06.03.2019 at 11.00AM

- Further details can be seen in the bidding documents, which is available in the e-Procurement portal https://www.tendersorissa.gov.in.
- Subsequent corrigendum if required shall be appreared in the website.
- Authority reserves the right to reject any or all tenders without assigning any reason thereof.

25044/11/0026/1819
Sd./- Executive Engineer, RWS&S Division, Malkangiri



ଆସନ୍ତା ଆଇସିସି ବିଶ୍ୱକପ୍ ପୂର୍ବରୁ ମୁଁ ଆଘାତଜନିତ ସମସ୍ୟାରୁ ମୁକ୍ତି ପାଇଯାଇଥିବି ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।

– ଜୋସ୍ ହାଜେଲ୍‌ଉଡ୍, ଅଷ୍ଟ୍ରେଲୀୟ ପେସ୍ ବୋଲର

ରିଷଭ ପନ୍ତ ଏଭଳି ଜଣେ ବ୍ୟାଟ୍ସମ୍ୟାନ, ଯାହାଙ୍କର ନମ୍ବର ୱାନରୁ ଆରମ୍ଭ କରି ୭ମ ସ୍ଥାନରେ ବ୍ୟାଟିଂ କରିବାର ସାମର୍ଥ୍ୟ ରହିଛି।

– ଆଶିଷ ନେହେରା, ପୂର୍ବତନ ଭାରତୀୟ ପେସ୍ ବୋଲର

ସଂକ୍ଷେପରେ

ଏଫ୍‌ଆଇଏଚ୍ ବାର୍ଷିକ ପୁରସ୍କାର
ଗୋଏଡ୍, ଡୋରେନ୍ ଶ୍ରେଷ୍ଠ ଖେଳାଳି

ଲାଉସାନେ (ସୁଇଜରଲାଣ୍ଡ), ୧୪।୨ (ପି.ଟି.): ଭାରତ ପୁଣି ଏଫଆଇଏଚ୍ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି) ପୁରସ୍କାର ଜିତିବାରେ ବିଫଳ ହୋଇଛି। ଗୁରୁବାର ନେଦରଲାଣ୍ଡର ଇଭା ଡି' ଗୋଏଡ୍ ଏବଂ ବେଲଜିୟମର ଆର୍ଥର ଭାନ୍ ଡୋରେନ୍ ୨୦୧୮ ବର୍ଷର ଶ୍ରେଷ୍ଠ ହକି ଖେଳାଳି ବିବେଚିତ ହୋଇଛନ୍ତି। କୌଣସି ଭାରତୀୟ ଖେଳାଳି ୧୯୯୮ରୁ ଦିଆଯାଇଆସୁଥିବା ଏହି ପୁରସ୍କାର ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୨୯ ବର୍ଷୀୟା ଗୋଏଡ୍ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିବାବେଳେ ବେଲଜିୟମର ୨୪ ବର୍ଷୀୟ ଭାନ୍ ଡୋରେନ୍ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ହୋଇଛନ୍ତି। ରେଡ୍ ଲାୟନ୍ସ ଡିଫେଣ୍ଡର ଭାନ୍ ଡୋରେନଙ୍କ ସମେତ ବେଲଜିୟମର ୪ଜଣ ୨୦୧୮ ଏଫ୍‌ଆଇଏଚ୍ ହକି ଷ୍ଟାର୍ସ ଆୱାର୍ଡ ଜିତିଛନ୍ତି। ୩୧ ବର୍ଷୀୟ ଭିନ୍‌ସେଣ୍ଟ ଭାନାସ୍କ ଲଗାତର ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ଗୋଲକିପର ହୋଇଛନ୍ତି। ସେ ନେଦରଲାଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ବେଲଜିୟମର ପେନାଲ୍ଟି ଶୁଟଆଉଟରେ ଷ୍ଟାର୍ ପରଫର୍ମର ଥିଲେ। ବେଲଜିୟମ ଡିଫେଣ୍ଡର ଆର୍ଥର ଡି' ସ୍ଲୁଭର ବର୍ଷର ଶ୍ରେଷ୍ଠ ପୁରୁଷ ଉଦୀୟମାନ ଖେଳାଳି ବିବେଚିତ ହୋଇଛନ୍ତି। ଏହି ପୁରସ୍କାର ୧୯୯୬ ଜାନୁୟାରୀ ୧ ପରେ ଜନ୍ମଲାଭ କରିଥିବା ଶ୍ରେଷ୍ଠ ଖେଳାଳିଙ୍କୁ ଦିଆଯାଇଛି। ବିଶ୍ୱକପ୍ ବିଜୟୀ ବେଲଜିୟମ ଦଳର ମୁଖ୍ୟ କୋଚ୍ ବର୍ଷର ଶ୍ରେଷ୍ଠ କୋଚ୍ ଭାବେ ବିବେଚିତ ହୋଇଛନ୍ତି। ନେଦରଲାଣ୍ଡର ମୁଖ୍ୟ କୋଚ୍ ଆଲିସନ ଆନ୍ନାନ ଦ୍ୱିତୀୟ ବର୍ଷ ପାଇଁ ବର୍ଷର ଶ୍ରେଷ୍ଠ କୋଚ ପୁରସ୍କାର ଜିତିଛନ୍ତି। ଇଂଲଣ୍ଡର ମିଡଲ ହିଞ୍ଚ୍ କ୍ରମାଗତ ତୃତୀୟ ବର୍ଷ ପାଇଁ ଶ୍ରେଷ୍ଠ ମହିଳା ଗୋଲକିପର ବିବେଚିତ ହୋଇଛନ୍ତି।

■ ଗୋଲ୍ଡ କପ୍ ମହିଳା ଫୁଟବଲ ଫାଇନାଲ ଆଜି
ନେପାଳ ବନାମ ମ୍ୟାନ୍‌ମାର

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଟାଇଟଲ ମୁକାବିଲାରେ ୪୪ ର୍‍ୟାଙ୍କପ୍ରାପ୍ତ ମ୍ୟାନମାରକୁ ଟକ୍କର ଦେବ ୧୦୮ ର୍‍ୟାଙ୍କିଙ୍ଗରେ ଥିବା ନେପାଳ। ଅନ୍ୟ ୨ ଦଳ ଭାରତ ଓ ଇରାନର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଛି।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ନେପାଳ ଓ ମ୍ୟାନମାର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମ୍ୟାନମାର ୩–୦ ଗୋଲରେ ନେପାଳକୁ ପରାସ୍ତ କରିଥିଲା। ମାତ୍ର ଏହାପରେ ଏହି ଲୋ ର୍‍ୟାଙ୍କପ୍ରାପ୍ତ ଦଳ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରି ଘରୋଇ ପରିବେଶରେ ଅପେକ୍ଷାକୃତ ଉଚ୍ଚ ର୍‍ୟାଙ୍କିଙ୍ଗରେ ଥିବା ଭାରତ(୬୨) ଓ ଇରାନ(୬୦)କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏବେ ଟାଇଟଲ ପର୍ଯ୍ୟାୟରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଭେଟୁଥିବାରୁ ଲିଗ୍ ପରାଜୟର ମଧୁର ପ୍ରତିଶୋଧ ଅପେକ୍ଷାରେ ରହିଛି ନେପାଳ। ଭାରତକୁ ୨–୧ ଗୋଲରେ ହରାଇବାପରେ ଦଳର ମନୋବଳ କାହିଁ କେତେ ଉପରେ ପହଞ୍ଚିଥିଲା। ଇରାନ ବିପକ୍ଷ ନିଜର ଶେଷ ଲିଗ୍ ମ୍ୟାଚରେ ତାହା ପ୍ରତିଫଳିତ ହୋଇଥିଲା। ଏହି ମ୍ୟାଚରେ ନେପାଳ ୩–୦ ଗୋଲରେ ଇରାନକୁ ହରାଇ ଭାରତକୁ କାଠଗଡ଼ାରେ

କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ୍ ଅଫିସିଆଲମାନେ।

ଛିଡ଼ା କରାଇ ଦେଇଥିଲା। ନେପାଳ–ଇରାନ ମ୍ୟାଚର ଫଳାଫଳ ଭାରତୀୟ ଖେଳାଳିଙ୍କ ଉପରେ ଗଭୀର ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା। ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ବୃହତ୍ ବ୍ୟବଧାନରେ ମ୍ୟାନମାରକୁ ହରାଇବା ଆବଶ୍ୟକ ହେଉଥିଲା ଯାହାକି ସହଜ ନ ଥିଲା। ଭାରତର ଦୁର୍ବଳ ରକ୍ଷଣଭାଗ ଏବଂ ଗୋଲକିପରଙ୍କ ତ୍ରୁଟି ଯୋଗୁ ମ୍ୟାନମାର ୨–୦ ଗୋଲରେ ଏହି ମ୍ୟାଚ ଜିତି ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା। ଦଳ ୩ ମ୍ୟାଚରୁ ୩ ବିଜୟ ସହ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଭାରତକୁ ବିଦାୟ ପଥ ଦେଖାଇଥିଲା।

ସାବିତ୍ରା ଟପ୍ ସ୍କୋରର

ନେପାଳର ସାବିତ୍ରା ଭଣ୍ଡାରୀ ଲିଗ୍ ପର୍ଯ୍ୟାୟ ଶେଷସୁଦ୍ଧା ୪ ଗୋଲ ଦେଇ ଟପ୍ ସ୍କୋରର ରହିଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ମ୍ୟାନମାର ଖେଳାଳିଙ୍କ ନଜର ରହିବ। ଟୁର୍ନାମେଣ୍ଟ ପୂର୍ବରୁ ନେପାଳକୁ ଅଣ୍ଡର ଡଗ୍ ବିବେଚିତ କରାଯାଉଥିଲା। ଲୋ ର୍‍ୟାଙ୍କପ୍ରାପ୍ତ ଦଳ ହୋଇଥିବାରୁ ନେପାଳ ବିନା ଚାପରେ ଖେଳିଥିଲା। ଫଳରେ ପ୍ରଥମ ମ୍ୟାଚ ପରାଜୟ ସତ୍ତ୍ୱେ ଏହି ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପାରିଲା। ଗତ ୨ଟି ମ୍ୟାଚରେ ଦଳ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଫାଇନାଲରେ ମ୍ୟାନମାରକୁ ଟକ୍କର ଦେବାକୁ ପ୍ରସ୍ତୁତ। ମୋମେଣ୍ଟମ ବଜାୟ ରଖି ପାରିଲେ ନେପାଳ ଟାଇଟଲ ହାସଲ କରି ଇତିହାସ ରଚିବା ଅସମ୍ଭବ ନୁହେଁ।

ଆମେ ଭାଗ୍ୟବାନ:ମୋଇ

ଭାରତ ବିପକ୍ଷ ଲିଗ୍ ମ୍ୟାଚରେ ବିଜୟୀ ହୋଇଥିବାରୁ ଆମେ ଭାଗ୍ୟବାନ। ମ୍ୟାଚର ୨ୟ ମିନିଟରେ ଦେଇଥିବା ଗୋଲଟି ଆମପାଇଁ ଲକି ସାବ୍ୟସ୍ତ ହୋଇଥିଲା। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଗୋଲ ଦେଇ ନ ପାରିଥିଲେ ଆମେ ନିଶ୍ଚିତ ଅସୁବିଧାରେ ପଡ଼ିଥାନ୍ତୁ ବୋଲି କହିଛନ୍ତି ମ୍ୟାନମାର ମୁଖ୍ୟ କୋଚ୍ ୱିନ୍ ଥୁ ମୋଇ। ଆମ ଖେଳାଳିମାନେ କ୍ଲାନ୍ତ ହୋଇ ପଡ଼ିଥିଲେ। ଫଳରେ ସେମାନଙ୍କୁ ଅଧିକ ଷ୍ଟ୍ରେଚିଂ କରାଯାଇ ନ ଥିଲା। ବଲ୍‌କୁ ଯଥାସାଧ୍ୟ ନିୟନ୍ତ୍ରଣରେ ରଖିବାକୁ ଖେଳାଳିମାନଙ୍କୁ ପରାମର୍ଶ ଦିଆ ଯାଇଥିଲା। ତେବେ ନେପାଳ ବିପକ୍ଷରେ ଭାରତର ପରାଜୟରେ ଆମେ ବିସ୍ମିତ। ଭାରତକୁ ଆମେ ଫାଇନାଲରେ ଭେଟିବୁ ବୋଲି ଆଶା କରିଥିଲୁ। ମାତ୍ର ନେପାଳକୁ ଭେଟିବାକୁ ଯାଉଥିବାରୁ ଆମେ ଖୁବ୍ ଖୁସି ବୋଲି ମୋଇ କହିଛନ୍ତି। ମିଡ୍ ଫିଲ୍ଡର ରତ୍ନବାଳା ଦେବୀ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ସେ ପ୍ରକାଶ କରିଛନ୍ତି।

ବିଶ୍ୱ ପାରାଗେମ୍ସରେ ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ

କଟକ ଅଫିସ,୧୪।୨

ପଦକ ସହ ପ୍ରମୋଦ ଭଗତ।

ୟୁଏଇ ଠାରେ ଚାଲିଥିବା ୱାର୍ଲଡ ପାରା ଗେମ୍ସରେ ଓଡ଼ିଶାର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। କୌଣସି ଅନ୍ତର୍ଜାତୀୟ ଚାମ୍ପିୟନଶିପରେ ପ୍ରମୋଦଙ୍କର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ପ୍ରମୋଦ ସ୍ୱର୍ଣ୍ଣ ଜିତିଥିବା ବେଳେ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ। ସିଙ୍ଗଲ୍ସ ବିଭାଗ ଫାଇନାଲରେ ପ୍ରମୋଦ ୨୧–୧୮, ୨୧–୧୫ ସେଟରେ ଥାଇଲାଣ୍ଡର ପ୍ରତିଦ୍ୱନ୍ଦ୍ୱୀ ବୁନସୁନ ମଙ୍ଗଖୋନଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ପାରୁଲ ପରମାରଙ୍କ ଯୋଡ଼ି ଫାଇନାଲ ମୁକାବିଲାରେ ଥାଇଲାଣ୍ଡର ବୁନସୁନ ମଙ୍ଗଖୋନ–ସମବଙ୍କନଙ୍କ ଯୋଡ଼ିକୁ ୨୧–୪, ୨୧–୧୩ ସେଟରେ ସିଧାସଳଖ ହରାଇଛନ୍ତି। ପୂର୍ବରୁ ସେମିଫାଇନାଲରେ ୟୁଏଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧–୪, ୨୧–୪ ସେଟରେ ହରାଇ ଭାରତର ଏହି ଯୋଡ଼ି ଫାଇନାଲରେ ପ୍ରବେଶ କରିଥିଲା। ଡବଲ୍ସ ବିଭାଗର ଫାଇନାଲରେ ପ୍ରମୋଦ ପରାସ୍ତ ହୋଇଥିଲେ। ପ୍ରମୋଦ– ସୁକାନ୍ତ କଦମଙ୍କ ଯୋଡ଼ି ସେମିଫାଇନାଲରେ ୟୁଏଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧–୧୦, ୨୧–୫ ସେଟରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ଥାଇଲାଣ୍ଡର ବତଚରଫୋନେ–ପ୍ରିଚା ସୋମସିନଙ୍କ ଠାରୁ ୧୪–୨୧, ୧୩–୨୧ ସେଟରେ ହାରିଥିଲେ। ପ୍ରମୋଦଙ୍କ ଏହି ସଫଳତା ନେଇ ଓଡ଼ିଶା ପାରା ପ୍ଲେୟର ଫୋରମ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

ଭାଲେଣ୍ଟାଇନ୍ସ ଡେ' ପାଳିଲେ କୋହଲି

ନୂଆଦିଲ୍ଲୀ,୧୪।୨: ଭାରତୀୟ କ୍ରିକେଟରଙ୍କ ଠାରୁ ଆରମ୍ଭ କରି ଅନ୍ୟ କ୍ରୀଡ଼ା ବ୍ୟକ୍ତି ବିଶେଷମାନେ ଗୁରୁବାର ଭାଲେଣ୍ଟାଇନ୍ସ ଡେ' ପାଳନ କରିଛନ୍ତି। ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଟୁଇଟରରେ ନିଜ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି। ଏହାର କ୍ୟାପସନରେ ଲେଖିଛନ୍ତି, କାଲି ରାତିରେ ମୋ ଭାଲେଣ୍ଟାଇନ୍ସ ସହ। ସେହିଭଳି ରୋହିତ ଶର୍ମା, ଅନ୍ୟତମ ଓପନର ଶିଖର ଧାୱନ, ସୁରେଶ ରାଇନା, ମୟଙ୍କ ଅଗ୍ରୱାଲ, କ୍ରୁନାଲ ପାଣ୍ଡ୍ୟା, ସାଇନା ନେହୱାଲ ଓ ସାକ୍ଷୀ ମଲିକ ଭାଲେଣ୍ଟାଇନ୍ସ ଡେ' ଅବସରରେ ସାଥୀଙ୍କୁ ବଧାଇ ଜଣାଇଛନ୍ତି।

ସିନ୍ଧୁ ସେମିରେ, ସାଇନା, କାଶ୍ୟପ କ୍ୱାର୍ଟରରେ

ଗୁଆହାଟୀ, ୧୪।୨ (ପି.ଟି.)

ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ୮୩ତମ ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ବିଳମ୍ବରେ ଖେଳାଯାଇଥିବା ଏକ ପ୍ରି–କ୍ୱାର୍ଟରଫାଇନାଲ ମ୍ୟାଚରେ ଗତଥରର ଚାମ୍ପିୟନ ସାଇନା ନେହୱାଲ ବିଜୟ ଲାଭ କରିଛନ୍ତି। ସିନ୍ଧୁ କ୍ୱାର୍ଟର ଫାଇନାଲରେ ୨୧–୧୬, ୨୧–୭ରେ ରିୟା ମୁକର୍ଜୀଙ୍କୁ ହରାଇ ଦେଇଥିଲେ। ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ସାଇନା ଏକ ମହିଳା ସିଙ୍ଗଲ୍ସ ପ୍ରି–କ୍ୱାର୍ଟର ଫାଇନାଲରେ ପୁଣେର ସ୍ମୃତି ମୁଣ୍ଡାଡାଙ୍କୁ ୨୧–୧୧, ୨୧–୧୦ରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ସକାଳେ ବ୍ୟାଡ୍‌ମିଣ୍ଟନ କୋର୍ଟର ଚଟାଣ ଅସମତଳ ଥିବା ଦର୍ଶାଇ ସାଇନା ସ୍ମୃତିଙ୍କ ବିପକ୍ଷ ମ୍ୟାଚ ଖେଳିବାକୁ ରାଜି ହୋଇ ନ ଥିଲେ। ମାତ୍ର ଆୟୋଜକ କାଠନିର୍ମିତ କୋର୍ଟକୁ ସଜାଡ଼ି ଦେବାପରେ ଏହି ମ୍ୟାଚ ଖେଳାଯାଇଥିଲା। ଅନ୍ୟପକ୍ଷରେ ସାଇନାଙ୍କ ସ୍ୱାମୀ ତଥା ତୃତୀୟ ସିଡ୍ ପାରୁପଲ୍ଲି କାଶ୍ୟପ ଏକ ପୁରୁଷ ସିଙ୍ଗଲ୍ସ ପ୍ରି–କ୍ୱାର୍ଟରରେ ୨୦–୨୨, ୨୧–୧୭, ୨୧–୧୭ରେ ରାହୁଲ ଯାଦବ ସିଙ୍କୁ ହରାଇ ଦେଇଥିଲେ।

ରାଜ୍ୟ ଜୁନିୟର କବାଡ଼ି ଦଳର ପଶ୍ଚିମବଙ୍ଗ ଯାତ୍ରା

କଟକ ଅଫିସ,୧୪।୨

ପଶ୍ଚିମବଙ୍ଗର ନେତାଜୀ ଇନଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ୪୫ତମ ଜୁନିୟର ବାଳିକା ଓ ବାଳକ କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଓଡ଼ିଶା ଦଳ ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରିଛି। ବାରବାଟୀ ଷ୍ଟାଡିୟମ ପରିସରରେ ଓଡ଼ିଶା କବାଡ଼ି ଆସୋସିଏଶନ ସଭାପତି ଡଃ ଶରତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ, ରେଫରି ବୋର୍ଡ ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଜାତୀୟ ଜୁନିୟର ହକି ପାଇଁ ଗାଙ୍ଗପୁର ଦଳ

ଗାଙ୍ଗପୁର ହକି ଦଳର ଖେଳାଳିମାନେ।

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ୯ମ ଜାତୀୟ ଜୁନିୟର ହକି (ଡିଭିଜନ–ଏ) ଚାମ୍ପିୟନଶିପ୍ ଚଳିତମାସ ୧୭ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ହକି ଗାଙ୍ଗପୁର ଓଡ଼ିଶା ଦଳ ଘୋଷିତ ହୋଇଛି। ଦଳ ଶୁକ୍ରବାର ରାଉରକେଲାରୁ ଔରଙ୍ଗାବାଦ ଯାତ୍ରା କରିବ ବୋଲି ହକି ଗାଙ୍ଗପୁର–ଓଡ଼ିଶା ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି। ଗାଙ୍ଗପୁର ଦଳ: ଦିଲୀପ କୁମାର ସା, ଇବ୍ରାହିମ୍ ଟପ୍ପୋ, ପ୍ରଯୁକ୍ତ ନାଗ୍, ଅମନଦୀପ ଲାକ୍ରା, ଗ୍ରେଗୋରି ଖେସ୍, ସୁହେଲ ତିର୍କୀ, ଆକାଶ କୁଜୁର(ଉପ–ଅଧିନାୟକ), ଶକ୍ତି କୁଜୁର, ସୁଦୀପ ଚିରମାକୋ, ଆଞ୍ଜିଲୁସ ଟପ୍ପୋ, ଆଲବର୍ଟ ଟେଟେ, ଆକାଶ ଏକ୍କା, ଅଭିଷେକ ଲାକ୍ରା(ଅଧିନାୟକ), ପ୍ରଶାନ୍ତ ଲାକ୍ରା, ରାହୁଲ ଏକ୍କା, ସମ୍ବିତ ମିଶ୍ର, ପୁରନ କେରକେଟା, ସିବ୍ରେନ ଲାକ୍ରା। କୋଚ୍: ବିଜୟ କୁମାର ଲାକ୍ରା, ମ୍ୟାନେଜର: ରୋଶନଜିତ ମିଞ୍ଜ।

ଧୋନୀଙ୍କ ନାମରେ ଷ୍ଟାଣ୍ଡ

ରାଞ୍ଚି,୧୪।୨: ମହେନ୍ଦ୍ର ସିଂ ଧୋନୀ ଭାରତୀୟ କ୍ରିକେଟର ଆଇକନ ଖେଳାଳି ହୋଇ ରହିଛନ୍ତି। କ୍ରିକେଟ ଇତିହାସର ଅନ୍ୟତମ ସଫଳତମ ଅଧିନାୟକଙ୍କ ଯୋଗୁ ଭାରତୀୟ କ୍ରିକେଟରେ ଝାଡ଼ଖଣ୍ଡକୁ ପରିଚୟ ମିଳିପାରିଛି। ଏଥିନେଇ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ (ଜେଏସ୍‌ସିଏ) ପକ୍ଷରୁ ଉପହାର ସ୍ୱରୂପ ରାଞ୍ଚି ସ୍ଥିତ ଷ୍ଟାଡିୟମ୍‌ର ଏକ ଷ୍ଟାଣ୍ଡକୁ ଧୋନୀଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜେଏସ୍‌ସିଏ ଷ୍ଟାଡିୟମ୍‌ର ଦକ୍ଷିଣ ଷ୍ଟାଣ୍ଡ 'ଏମ୍. ଏସ୍. ଧୋନୀ ପ୍ୟାଭିଲିଅନ' ନାମରେ ପରିଚିତ ହେବ। ଏ ନେଇ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଆସନ୍ତା ମାସ ୮ ତାରିଖରେ ଏଠାରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୩ୟ ଦିନିକିଆ ମ୍ୟାଚରେ ଏଥିନେଇ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ୨୦୦୪ରେ ବାଂଲାଦେଶ ବିପକ୍ଷ ମ୍ୟାଚ ଖେଳି ଧୋନୀ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।

ଗୁରୁକୁଳ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ ଟେନିସ
ଅଂଶୁ–ଚିନ୍ମୟ ଫାଇନାଲ

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଚାଲିଥିବା ଏଆଇଟିଏ–ଓଟିଏ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଦୁଇ ଖେଳାଳି ଅଂଶୁକୁମାର ଭୂୟାଁ ଓ ଚିନ୍ମୟ ପ୍ରଧାନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଉଭୟଙ୍କ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଅଂଶୁ ତେଲେଙ୍ଗାନାର ତାହା କାପାଡ଼ିଆଙ୍କୁ ୬–୨, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ଚିନ୍ମୟ ଆନ୍ଧ୍ର ପ୍ରଦେଶର ସାଜିଦ ଉର୍ ରହମାନଙ୍କୁ ୭–୫, ୬–୪ରେ ପରାସ୍ତ କରି ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ପୁରୁଷ ଡବଲ୍ସ ସେମିଫାଇନାଲରେ ଅଂଶୁ–ସାଜିଦ ଯୋଡ଼ି କର୍ଣ୍ଣାଟକର ରାଘବ ରବିକିରନ ଓ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସଙ୍କୁ ୪–୬, ୭–୫(୧୦–୬) ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ସେମିଫାଇନାଲରେ ତେଲେଙ୍ଗାନାର ତାହା କାପାଡ଼ିଆ ଓ ମହାରାଷ୍ଟ୍ରର ଫୟଜ ହୁସେନ କାଦ୍ରି ଯୋଡ଼ି ଓଡ଼ିଶାର ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି।

ଚିଡୋଲ, ଅଂଶୁପା ଚାମ୍ପିୟନ

ଭୁବନେଶ୍ୱର, ୧୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ଆନ୍ତଃ ମହାବିଦ୍ୟାଳୟ କିକ୍ ବକ୍ସିଂ

ଓଡ଼ିଶା କିକ୍ ବକ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ କିକ୍ ବକ୍ସିଂ (ମହିଳା/ପୁରୁଷ) ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବିଭାଗରେ ଯାଜପୁରର ଚିଡୋଲ ମୋଟ୍ ୧୦ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ପି.ଏନ୍. ମହାବିଦ୍ୟାଳୟ (୮) ରନର୍ସଅପ୍ ହୋଇଛି। ସେହିଭଳି ମହିଳା ବିଭାଗରେ ଆଠଗଡ଼ର ଅଂଶୁପା ମହାବିଦ୍ୟାଳୟ ମୋଟ୍ ୧୦ ପଏଣ୍ଟ ସହ ଚାମ୍ପିୟନ ଟ୍ରଫି ହାସଲ କରିଛି। ଚିଡୋଲ (୬) ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପରିଷଦର ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରତିଯୋଗିତା ସଂଯୋଜକ ରଞ୍ଜନ କୁମାର ସୂତାର, ଓଡ଼ିଶା କିକ୍ ବକ୍ସିଂ ସଂଘର ସହ ସମ୍ପାଦକ କୃଷ୍ଣଚନ୍ଦ୍ର ଡାକୁଆ, ପ୍ରବୀର କୁମାର ମହାନ୍ତି, ପ୍ରମୋଦ କୁମାର ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାର ଶ୍ରେଷ୍ଠ–୫ ଖେଳାଳି ଆନ୍ଧ୍ରପ୍ରଦେଶଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

ପୁରୁଷ ଓ ମହିଳା ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଅକ୍ଷୟଙ୍କ ଶତକ: ବିଦର୍ଭର ଇନିଂସ ଅଗ୍ରଣୀ

ନାଗପୁର, ୧୪।୨

ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷରେ ଏଠାରେ ଚାଲିଥିବା ଇରାନୀ କପ୍‌ରେ ଘରୋଇ ବିଦର୍ଭ ଟିମ୍ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଅବଶିଷ୍ଟ ଭାରତର ପ୍ରଥମ ଇନିଂସ ସ୍କୋର ୩୩୦ ରନ୍ ଜବାବରେ ବିଦର୍ଭ ଏହାର ପ୍ରଥମ ଇନିଂସରେ ୪୨୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ରଣ୍ଜୀ ଟ୍ରଫି ଚାମ୍ପିୟନ ଫୈଜ ଫଜଲଙ୍କ ବିଦର୍ଭ ଦଳ ୮୫ ରନର ଇନିଂସ ଅଗ୍ରଣୀ ଲାଭ କରିଛି। ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୫/୬ରୁ ବ୍ୟାଟିଂ ଗୁରୁବାର ଆରମ୍ଭ କରିଥିବା ବିଦର୍ଭ ବଳକା ୪ଟି ଉଇକେଟ୍‌ରେ ଆହୁରି ୧୮୦ ରନ୍ ଯୋଡ଼ିଥିଲା। ଦଳ ପକ୍ଷରୁ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଅକ୍ଷୟ କନୱର ୧୩୩ ବଲରୁ ୧୦୨ ରନ (୧୩ ଚୌକା, ୨ ଛକା) ମହତ୍ତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ପ୍ରଥମ ଶ୍ରେଣୀରେ ଅକ୍ଷୟଙ୍କ ଏହା ପ୍ରଥମ ଶତକ ଥିଲା। ସେହିଭଳି ପୂର୍ବଦିନ ୫୦ ରନ କରି ଅପରାଜିତ ରହିଥିବା ଉଇକେଟ୍‌କିପର ଅକ୍ଷୟ ୱାଡେକର (୭୩ ରନ) ନିଜ ସ୍କୋରରେ ଆଉ ୨୩ ରନ ଯୋଗ କରି ଆଉଟ୍ ହୋଇଥିଲେ। ଆଉଟ୍ ହେବାପୂର୍ବରୁ ୮ମ ଉଇକେଟ୍‌ରେ କନୱର ଓ ୱାଡେକର ୬୯ ରନର ପାର୍ଟନରଶିପ୍ କରିଥିଲେ। ରାଜସ୍ଥାନ ଲେଗ୍–ସ୍ପିନର ରାହୁଲ ଚହର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ଅକ୍ତିଆର

ଶତକ ହାସଲକାରୀ ଅକ୍ଷୟ କନୱର।

କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ୱାଖରେ ୨୦, ରଜନୀଶ ଗୁରବାନୀ ୨୮* ଓ ୟଶ୍ ଠାକୁର ୧୦ ରନ କରିଥିଲେ। ଅବଶିଷ୍ଟ ଭାରତ ପକ୍ଷରୁ ରାହୁଲ ଚହର ସଫଳ ବୋଲର ରହିଥିଲେ। ସେ ୪ଟି ଉଇକେଟ୍ ନେଇଥିବାବେଳେ ଅଙ୍କିତ ରାଜପୁତ, କ୍ରିଷ୍ଣାପ୍ପା ଗୋଥାମ ଓ ଧର୍ମେନ୍ଦ୍ର ଜାଡେଜା ୨ଟି ଲେଖାଏ ସଫଳତା ପାଇଥିଲେ।

୯୫ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଅବଶିଷ୍ଟ ଭାରତ ଗୁରୁବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୩୫ ଓଭରରେ ୨ ଉଇକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଛି। ଦୁଇ ଓପନର୍ ମୟଙ୍କ ଅଗ୍ରୱାଲ (୨୭ ରନ) ଓ ଅନ୍‌ମୋଲପ୍ରୀତ୍ ସିଂ (୬) ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସର ଶତକ ହାସଲକାରୀ ହନୁମା ବିହାରୀ ୪୦ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୫ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଫଳରେ ରାହାନେଙ୍କ ଟିମ୍ ଏବେ ମୋଟ୍ ଉପରେ ୭ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି।

ଏସ୍‌ସିବି ସର୍ଜରି ଓଟିରେ ନିଆଁ

କଟକ ଅଫିସ, ୧୪।୨

ଗୁରୁବାର ଏସ୍‌ସିବି ମେଡିକାଲର ସର୍ଜରୀ ବିଭାଗ ଓଟିରେ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା । ଓଟିରେ ଲାଗିଥିବା ଏକ ଫ୍ୟାନ୍‌ରୁ ଧୂଆଁ ବାହାରୁଥିବା ଦେଖି ରୋଗୀ ଓ ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ । ପରେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ତୁରନ୍ତ ଉକ୍ତ ଫ୍ୟାନକୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବା ସହିତ ଓଟିକୁ ବନ୍ଦ କରାଯାଇଥିଲା । ବାରମ୍ବାର ଏସ୍‌ସିବିରେ ଶଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଭଳି ଅଘଟଣ ଘଟୁଥିଲେ ମଧ୍ୟ ମେଡିକାଲ ପ୍ରଶାସନ କିମ୍ବା ବିଦ୍ୟୁତ୍ ବିଭାଗ ଏଥିପ୍ରତି ସଚେତନ ରହୁନାହାନ୍ତି । ଏ ସମ୍ପର୍କରେ ଏସ୍‌ସିବି ପ୍ରଶାସନିକ ଅଧିକାରୀ କହ୍ନତରୁ ବେହେରା କୁହନ୍ତି, ଆଜି ସେଭଳି କୌଣସି ବଡ଼ଧରଣର ଘଟଣା ଘଟିନାହିଁ । କେବଳ ଫ୍ୟାନରୁ ଧୂଆଁ ବାହାରୁଥିଲା । ଏହାକୁ ଆୟତ୍ତ କରାଯାଇଛି । ତେବେ ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି ।

ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ: ଅଭିଯୁକ୍ତ ପ୍ରେମିକ ଗିରଫ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

ପ୍ରେମିକାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଖଣ୍ଡଗିରି ଥାନା କଳିଙ୍ଗନଗର ଅଞ୍ଚଳର ଅଭିଷେକ ପଣ୍ଡାଙ୍କୁ ଗୁରୁବାର ଗିରଫ କରିଛି । ସୂଚନା ମୁତାବକ, ପ୍ରତାରଣାର ଶିକାର ଯୁବତୀ ଏକ ସରକାରୀ ଅନୁଷ୍ଠାନରେ କାମ କରୁଥିବାବେଳେ ଅଭିଷେକଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ପରେ ଅଭିଷେକ ତାଙ୍କ ସହ ଦୈହିକ ସମ୍ପର୍କ ସ୍ଥାପନ କରି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ନିଜ ମୋବାଇଲ୍ ଫୋନ୍‌ରେ ଉଠାଇ ରଖିଥିଲେ । ପରବର୍ତ୍ତୀ ସମୟରେ ତିକ୍ତତା ସୃଷ୍ଟି ହେବାରୁ ସେମାନେ ଅଲଗା ହୋଇଯାଇଥିଲେ । ଏଥିରେ ଅଭିଷେକ ପ୍ରତିଶୋଧ ପରାୟଣ ହୋଇ ଫଟୋ ଭାଇରାଲ କରିଥିଲେ ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

ଯେଉଁମାନେ କମ୍ କାମ କରନ୍ତି, ସେମାନେ ବେଶି କଥା କୁହନ୍ତି।

- ମହାତ୍ମା ଗାନ୍ଧୀ

ଭାରତ ଈଶ୍ୱରଙ୍କ ଅନୁଭୂତ ଦେଶ: ରାଜ୍ୟପାଳ

ମାହାଙ୍ଗା,୧୪।୨(ସ୍ୱ.ପ୍ର./ ଡି.ଏନ୍.ଏ.)

ଭାରତ କେବଳ ନଦୀ ପର୍ବତର ଦେଶ ନୁହେଁ। ଭାରତ ହେଉଛି ଈଶ୍ୱରଙ୍କ ଅନୁଭୂତ ଦେଶ। ଭଗବାନ ଅନନ୍ୟ। ଶିଶୁଙ୍କ ଚୈତନ୍ୟକୁ ଦୁନିଆକୁ ଆଣ। ସେମାନେ ପବିତ୍ର, ସେମାନଙ୍କ ପବିତ୍ରତାର କୌଣସି ପରିଧି ନାହିଁ,ଶିଶୁ ଈଶ୍ୱରଙ୍କ ଅଂଶ ଅଟନ୍ତି। ମାହାଙ୍ଗା ବ୍ଲକ ଏରକଣାସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାବିହାର ପରିସରରେ ଗୁରୁବାର ସନ୍ଧ୍ୟାରେ ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ବକ୍ତବ୍ୟ ରଖିଛନ୍ତି। ସେ ବିଭିନ୍ନ ପୌରାଣିକ ଓ ବୈଜ୍ଞାନିକ ବିଶ୍ଳେଷଣର ଉଦାହରଣ ଦେଇ ଶିଶୁମାନଙ୍କ ଅସୀମ ସତ୍ତା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦିବ୍ୟଚେତନା ଜାଗ୍ରତ କରାଇବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିରବଚ୍ଛିନ୍ନ ଅଧ୍ୟୟନ ଛାତ୍ରୀଛାତ୍ରଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ବିଦ୍ୟାବିହାର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ କୁମାର ନାୟକ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ସମ୍ପାଦକ ଡ.ଏକାଦଶୀ ପ୍ରଧାନ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ଚୈତନ୍ୟ ପାଲ ବିବରଣୀ ପାଠ କରିଥିଲେ। ରେଡିଓ ଜକ୍ଅି ଆର.ଜେ. କୋୟଲ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ରୌପ୍ୟ ଜୟନ୍ତୀ ସ୍ମାରକୀ ସ୍ତମ୍ଭ ଓ ବିଦ୍ୟାବିହାର ୨ୟ କ୍ୟାମ୍ପସର ଶିଳାନ୍ୟାସ କରାଯାଇଥିଲା। ଉତ୍ସବରେ ବିଦ୍ୟାବିହାରର ସ୍ମରଣିକା 'ପ୍ରଶାନ୍ତି ପ୍ରଭା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପରେ ରାଜ୍ୟପାଳ ପ୍ରଫେସର ଲାଲ ଓ ମନ୍ତ୍ରୀ ଜେନାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ଭଗବାନ ବୁଦ୍ଧଦେବଙ୍କ ପ୍ରସ୍ତର ମୂର୍ତ୍ତି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭୁବନେଶ୍ୱରର ଆଦୃତା ଚିଲ୍‌ଡ୍ରେନସ ହୋମର ଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ମାହାଙ୍ଗାସ୍ଥିତ ସତ୍ୟସାଇ ବିଦ୍ୟାବିହାର ରୌପ୍ୟ ଜୟନ୍ତୀ ସମାରୋହରେ ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

■ଶ୍ରୀ ସତ୍ୟସାଇ ବିଦ୍ୟାବିହାରର ରୌପ୍ୟ ଜୟନ୍ତୀ

■ନିଶ୍ଚିନ୍ତକୋଇଲିରେ ଗୌରୀଶଙ୍କରଙ୍କ ପ୍ରତିମୂର୍ତ୍ତି ଅନାବରଣ

ସଂକ୍ଷେପରେ

ଜାଲରୁ ପାଞ୍ଚଫୁଟର ନାଗସାପ ଉଦ୍ଧାର

ବାଙ୍କୀ, ୧୪।୨ (ସ୍ୱ.ପ୍ର.): ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗଡ଼ମନ୍ତ୍ରୀ ସାହିର ଟୁକୁନା ସ୍ୱାଇଁଙ୍କ ବିଲରୁ ଗୁରୁବାର ଏକ ୫ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ମାଙ୍କଡ଼ ଦାଉରୁ ରକ୍ଷାନିମନ୍ତେ ବିଲରେ ଲଗାଯାଇଥିବା ଜାଲରେ ସାପଟି ଫସି ଯାଇଥିଲା। ଖବରପାଇ ସ୍ନେକ ହେଲ୍ପଲାଇନ ସଂଯୋଜକ ଲଳିତ ମୋହନ ପଣ୍ଡା, ସଦସ୍ୟ ଦୁର୍ଗାମାଧବ ମହାପାତ୍ର ଓ ଅମିତ କୁମାର ସାହୁ ସେଠାରେ ପହଞ୍ଚି ନାଗସାପକୁ ଉଦ୍ଧାର କରି ନିକଟସ୍ଥ ପ୍ରାକୃତିକ ଆବାସିକ ସ୍ଥଳିରେ ଛାଡ଼ିଦେଇଥିଲେ।

୩ ବଖରା ଜଳିଗଲା

ନରସିଂହପୁର ୧୪।୨ (ଡି.ଏନ୍.ଏ.): ନରସିଂହପୁର ତହସିଲ ଅନ୍ତର୍ଗତ ପାଞ୍ଚଗୋଛିଆ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ବାପିନା ବେହେରା , ହାଡିଆଣୀ ବେହେରା ଓ ମାନସ ବେହେରାଙ୍କ ପରିବାରର ଏକ ବଖରା ଲେଖାଏ ଜଳିଯାଇଛି। ସେମାନଙ୍କ ସମସ୍ତ ଆସବାବପତ୍ର, ଧାନ ଚାଉଳ, ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଓ କିଛି ଟଙ୍କା ଜଳିପୋଡି ପାଉଁଶ ହୋଇଯାଇଛି। ଖବରପାଇ ନରସିଂହପୁର ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ଶଟ୍ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ତୁରନ୍ତ ବିପନ୍ନ ପରିବାରକୁ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି।

ଭୋଟର ସଚେତନତା କାର୍ଯ୍ୟକ୍ରମ

ସାଲେପୁର, ୧୪।୨ (ଡି.ଏନ୍.ଏ): ଇଲେକ୍‌ଶନ୍ ୱାଚ୍ ଓ ରାଜ୍ୟ ପ୍ରଶାସନର ମିଳିତ ଉଦ୍ୟମରେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ଓ ପୁରୁଷୋତ୍ତମପୁର ଗ୍ରାମରେ ଗୁରୁବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ନିରପେକ୍ଷ, ଚାପମୁକ୍ତ, କୌଣସି ପ୍ରଲୋଭନର ଶିକାର ନ ହୋଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ଏହା ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦ ଓଝା, ବେଲାଳସେନ୍ ନାୟକ, ବିଜୟ ସେନାପତି, ଶଙ୍କର ମୁର୍ମୁ, ଦେବେନ୍ଦ୍ର ସ୍ୱାଇଁ, ସୁବ୍ରତ ଦାସ ଓ ସରୋଜ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

ବୃକ୍ଷରୋପଣ କାର୍ଯ୍ୟକ୍ରମ

ସାଲେପୁର, ୧୪।୨ (ଡି.ଏନ୍.ଏ.): ସାଲେପୁର ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ସତ୍ୟମେବ ଜୟତେ ପରିବାର ପକ୍ଷରୁ ରୋଧପୁରଠାରେ ବୃକ୍ଷରୋପଣ ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାଲେପୁର ୟୁକୋ ବ୍ୟାଙ୍କ୍ ଶାଖା ପରିଚାଳକ ଚିନ୍ମୟ ରଞ୍ଜନ ଗତିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ଚିକିତ୍ସା କରାଯାଇଥିଲା। ପରେ ମୁଖ୍ୟଅତିଥି ଗତିଆଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀର ସୁବାଶିଷ୍ ଦାଶ, ଶ୍ରୀଧର ନାୟକ, ସସ୍ମିତା ଓଝା ଓ ପ୍ରମିଳା ରାଉତ ପ୍ରମୁଖ ଯୋଗଦେଇ ଚକ୍ଷୁ ଚିକିତ୍ସା କରିଥିଲେ। ଏହାକୁ ସତ୍ୟମେବ ଜୟତେ ପରିବାରର ସଭାପତି ପଣ୍ଡିତ ବିନୟ୍ ଭୂଷଣ ମିଶ୍ର, ସମ୍ପାଦକ ମାନସ ରଞ୍ଜନ ଦାଶ, ଅଭିଜିତ୍ ଷଡ଼ଙ୍ଗୀ, ତୃପ୍ତିମୟୀ ମିଶ୍ର ଓ ସଞ୍ଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ପକ୍ଷୀ ଗଣନା ପ୍ରଶିକ୍ଷଣ ଶିବିର

ବାଙ୍କୀ, ୧୪।୨ (ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀର ୩୧ଜଣ ଛାତ୍ରୀଛାତ୍ରଙ୍କୁ ନେଇ ୨ ଦିନିଆ ପକ୍ଷୀଗଣନା ଶିବିର ଗୁରୁବାର ଆରମ୍ଭ ହୋଇଛି। ବୁଧବାର ଏନେଇ କଲେଜ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଛାତ୍ରୀଛାତ୍ରମାନେ ଅରାଚଣ୍ଡୀ ପାଟକୁ ଯାଇ ଶିବିରରେ ଯୋଗଦେଇଛନ୍ତି। ସେଠାରେ ପ୍ରାଣୀବିଜ୍ଞାନ ପ୍ରାଧାପକ ମନୋଜ କୁମାର ମହାପାତ୍ର ତତ୍ତ୍ୱାବଧାନରେ ପକ୍ଷୀଗଣନା କରାଯାଉଛି। ଏଥିସହ ପକ୍ଷୀମାନଙ୍କ ଗତିପଥ, ବିଦେଶୀ ଓ ଦେଶୀୟ ପକ୍ଷୀମାନଙ୍କୁ ଚିହ୍ନଟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଡ.ଦେବରାଜ ମିଶ୍ର, ଡ.ଶଶିଭୂଷଣ ମହାପାତ୍ର, କୁମୁଦ ଚନ୍ଦ୍ର ମହାରଣା, ପକ୍ଷୀ ବିଶେଷଜ୍ଞ ଲଳିତ ମୋହନ ପଣ୍ଡା ଓ ଦୁର୍ଗା ମାଧବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

ସାଲେପୁରରେ ମିଠା ଖାଇଲେ ରାଜ୍ୟପାଳ

ସାଲେପୁର, ୧୪।୨ (ଡି.ଏନ୍.ଏ)

ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ମାହାଙ୍ଗା ଗସ୍ତରୁ ଫେରି ଥିବା ବେଳେ ସାଲେପୁରରେ କିଛି ସମୟ ପାଇଁ ବିକଳାନନ୍ଦ କରଙ୍କ ରସଗୋଲା ଦୋକାନକୁ ଯାଇ ସେଠାରେ ମିଠା ଓ ବରା ଖାଇଥିଲେ। ଏହି ସମୟରେ ରାଜ୍ୟପାଳଙ୍କୁ ଦେଖିବା ପାଇଁ ସେଠାରେ ଜନଗହଳି ସୃଷ୍ଟି ହୋଇଥିଲା। ରାଜ୍ୟପାଳଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଉପସ୍ଥିତ ଥିଲେ। ଏହି ଅବସରରେ କର ଆଣ୍ଡ ବ୍ରଦର୍ସ ପରିବାର ପକ୍ଷରୁ ନବକିଶୋର କର, ସାଇଶିବାନୀ କର, ସାଇ କିରଣ କର, ପ୍ରତୀକ୍ଷା କର ଓ ସଂଗ୍ରାମ କେଶରୀ କର ପ୍ରମୁଖ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବ

ନିଶ୍ଚିନ୍ତକୋଇଲି, ୧୪।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବ ଗୁରୁବାର ପାଳିତ ହୋଇଛି। ଉଦ୍‌ଘାଟନ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ଆଧ୍ୟାତ୍ମିକ ଚେତନାରେ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୁବିଲି କମିଟିର ସଭାପତି କିଶୋର କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ସ୍ମାରକ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ୧୦ ଜଣ ପୁରାତନ ଶିକ୍ଷକ ଓ ୫ ଜଣ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟ ନିକଟ ଡାକବଙ୍ଗଳା ଛକରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ରାଜ୍ୟପାଳ ଅନାବରଣ କରିଥିଲେ। ଏଥିରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ମନ୍ତ୍ରୀ ଜେନା, ବିଭାଗୀୟ ସଚିବ ପାଣିଗ୍ରାହୀ ଓ ରାଜ୍ୟସଭା ସଦସ୍ୟ ପଟ୍ଟନାୟକ ଉପସ୍ଥିତ ଥିଲେ।

କନ୍ତପଡ଼ା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ବଡ଼ମ୍ବା ୧୪।୨ (ଡ଼ି.ଏନ୍.ଏ)

ବଡ଼ମ୍ବା ବ୍ଲକ୍ କନ୍ତପଡ଼ା ଗ୍ରାମସ୍ଥିତ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଲକ୍ଷ୍ମୀଛକଠାରେ ଗୁରୁବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏହା ୩ଦିନ ଧରି ଅନୁଷ୍ଠିତ ହେବ। ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତସମିତି ପୂର୍ବତନ ଅଧ୍ୟକ୍ଷ ପରମାନନ୍ଦ ସେଠୀ ଓ ଶଙ୍ଖାମେରୀ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଗୋବର୍ଦ୍ଧନ ସାମନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପୂଜା କମିଟିର କର୍ମକର୍ତ୍ତା ଅବଧୂତ ରାଉତ, ଚୈତନ୍ୟ ନାୟକ, ପ୍ରଭାକର ନାୟକ, ଧ୍ରୁବ ରାଉତ ଓ ରାଜକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ୍ ଅନ୍ତର୍ଗତ ଗୋପମଥୁରା 'କ' ସାହିତରଫରୁ ଗୁରୁବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି।

ଅତିଥିଙ୍କ ଗହଣରେ ଖେଳାଳିମାନେ।

ଭୈରବୀ କ୍ରିକେଟ୍ ଟୁର୍ନାମେଣ୍ଟ: ହରିପୁର ଚାମ୍ପିୟନ

ବଡ଼ମ୍ବା,୧୪।୨(ଡ଼ି.ଏନ୍.ଏ.)

ବଡ଼ମ୍ବା ବ୍ଲକ କନ୍ତପଡ଼ା ଗ୍ରାମ ଅନ୍ତର୍ଗତ ଶିଶୁ ବଗିଚା ଖେଳ ପଡ଼ିଆରେ ଚାଲିଥିବା ଭୈରବୀ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ମା'ଭୈରବୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ହରିପୁର କ୍ରିକେଟ୍ କ୍ଲବ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ମ୍ୟାଚ ହରିପୁର କ୍ରିକେଟ୍ କ୍ଲବ ଓ କନ୍ତପଡ଼ାସ୍ଥିତ ଅନ୍ଧାରୁଆ ସୁନ୍‌ସାନିଆ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ହରିପୁର ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ମୋଟ ୧୭୪ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଅନ୍ଧାରୁଆ ସୁନ୍‌ସାନିଆ ଦଳ ମାତ୍ର ୧୬୮ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦ୍‌ଯାପିତ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ୍ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ହରିପୁରକୁ ଚାମ୍ପିୟନ୍ ଓ ଅନ୍ଧାରୁଆ ସୁନ୍‌ସାନିଆ ଦଳକୁ ରନର୍ସ ଅପ୍ ପୁରସ୍କାର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ପରମାନନ୍ଦ ସେଠୀ ଯୋଗଦେଇଥିଲେ । ଏହି ଅବସରରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ହରିପୁର ଦଳର ଖେଳାଳି ଦୀପ୍ତିରଞ୍ଜନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ମା'ଭୈରବୀ କ୍ରିକେଟ୍ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିବ ପ୍ରସାଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ କର୍ମକର୍ତ୍ତା ଗୋଲୋଖ ମହାନ୍ତି, ବାସୁଦେବ ବାରିକ, ପରମାନନ୍ଦ ସାହୁ ଓ ପିଙ୍କୁନ୍ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

ସ୍କୁଟିରୁ ପଡ଼ି ଦମ୍ପତି ଆହତ

ସାଲେପୁର, ୧୪।୨ (ଡି.ଏନ୍.ଏ.)

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ସାଲେପୁରସ୍ଥିତ ବରଫ କଳ ନିକଟରେ ଗୁରୁବାର ରାତିରେ ସ୍କୁଟିରୁ ପଡ଼ି ଦମ୍ପତି ଆହତ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପାଟପୁର ଗ୍ରାମର ରମାକାନ୍ତ ପଣ୍ଡା ଓ ସ୍ତ୍ରୀ ସରସ୍ୱତୀ ପଣ୍ଡା ସ୍କୁଟି ଯୋଗେ କଣ୍ଟାସାହି ଗ୍ରାମସ୍ଥିତ ସମ୍ବନ୍ଧିଙ୍କ ଘରକୁ ଆସୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ଗାଡ଼ିଟି ତଳେ ପଡ଼ିଯିବାରୁ ଉଭୟ ଆହତ ହୋଇଥିଲେ। ଖବରପାଇ ସାଲେପୁର ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ମେଡିକାଲକୁ ପଠାଇଛନ୍ତି।

ବିଧାୟକଙ୍କ ଘର ଆଗରେ ଶିକ୍ଷକ ସଂଘର ବିକ୍ଷୋଭ ଘଟଣା

ଆଲୋଚନା ବିଫଳ: ବାହାରିଲାନି ବାଟ

ନରସିଂହପୁର ୧୪।୨(ଡି.ଏନ୍.ଏ.)

୨ ଶିକ୍ଷକଙ୍କ ନିଲମ୍ବନକୁ ବିରୋଧ କରି ବୁଧବାର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଘର ଆଗରେ ଧାରଣା ଦିଆଯାଇଥିଲା। ବିଇଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ଗୁରୁବାର ନରସିଂହପୁରସ୍ଥିତ ତଳ ଡାକବଙ୍ଗଳା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକମାନଙ୍କ ଏକ ପ୍ରତିନିଧି ଦଳ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ବ୍ଲକ ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା ଯୋଗଦେଇଥିଲେ। ବୈଠକରେ ପୂର୍ବ ପ୍ରତିଶ୍ରୁତି ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ପଣ୍ଡା କିଛି କହି ନଥିଲେ। ଫଳରେ ସମାଧାନ ହୋଇପାରି ନ ଥିଲା। ସୂଚନାଯୋଗ୍ୟ, ୪୩ ଜଣ ଶିକ୍ଷକଙ୍କ ବକେୟା ଅର୍ଥ ପ୍ରଦାନ ଦାବିରେ ନରସିଂହପୁର ଶିକ୍ଷା ଅଧିକାରୀଙ୍କ ଅଫିସ ଆଗରେ ପ୍ରାଥମିକ ଶିକ୍ଷକ ସଂଘର ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଫେବୃୟାରୀ ୬ରେ ଧାରଣା ଦେଇଥିଲେ। ଏହି ଘଟଣାରେ ଶିକ୍ଷକ ସଂଘର ସଭାପତି ଲକ୍ଷ୍ମୀଧର ବେହେରା ଓ ସମ୍ପାଦକ ଶେଷଦେବ ସାମଲଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବିତ କରିଦିଆଯାଇଥିଲା।

ବାଙ୍କୀ କଲେଜର ବାର୍ଷିକ କ୍ରୀଡ଼ାଉତ୍ସବ

ବାଙ୍କୀ, ୧୪।୨ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଯୁକ୍ତ ୨ କଲେଜର ୪୬ ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ଉଦ୍‌ଘାଟନ କରି କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା କ୍ଲବର ଉପ ସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବାର୍ଷିକ କ୍ରୀଡ଼ାର ସଫଳତା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କର ସହଯୋଗ କାମନା କରିଥିଲେ। ଏଥିରେ ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ଅଧ୍ୟାପକ ବିଭାସ ଦାସ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଶୈଳେନ୍ଦ୍ର ନାରାୟଣ ଦେଓ ଓ ବିଶ୍ୱରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡାଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରାତଃ ସମୟରେ ଛାତ୍ର ଜଗନ୍ନାଥ ଦଳେଇଙ୍କ ନେତୃତ୍ୱରେ କ୍ରୀଡ଼ାବିତ୍‌ମାନେ ମା'ଚର୍ଚ୍ଚିକାଙ୍କ ପୀଠରୁ ଆଜ୍ଞାମାଳ ଆଣି ଅଧ୍ୟକ୍ଷ ଡ.ଶତପଥୀଙ୍କୁ ପ୍ରଦାନ କରିଥିଲେ। ଅଧ୍ୟକ୍ଷ କ୍ରୀଡାପତାକାକୁ ଉତ୍ତୋଳନ କରିବା ପରେ ଆନୁଷ୍ଠାନିକ ଭାବେ କ୍ରୀଡା ଆରମ୍ଭ ହୋଇଥିଲା।

ବାଙ୍କୀ କଲେଜ ବାର୍ଷିକ କ୍ରୀଡ଼ାରେ ଅତିଥି ମଶାଲ ଜାଳୁଛନ୍ତି।

ନିର୍ବାଚନ ପରିଚାଳନା ଅଧିକାରୀଙ୍କୁ ତାଲିମ

ସାଲେପୁର, ୧୪।୨ (ଡି.ଏନ୍.ଏ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେରଖି ଗୁରୁବାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନିର୍ବାଚନ ପରିଚାଳନାରେ ନିଯୁକ୍ତି ହୋଇଥିବା ପ୍ରିଜାଇଡ଼ିଂ ଓ ଫାଷ୍ଟ ପୋଲିଂ ଅଧିକାରୀମାନଙ୍କୁ ତାଲିମ୍ ଦିଆଯାଇଛି। ସାଲେପୁର ତହସିଲଦାର୍ ପଦ୍ମଜା ଦାଶ ଓ କଣ୍ଟାପଡ଼ା ତହସିଲ୍‌ର ଅତିରିକ୍ତ ତହସିଲଦାର୍ ପ୍ରମୋଦ କୁମାର ମହାପାତ୍ର ଏଥିରେ ଯୋଗଦେଇ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ଇଭିଏମ୍ ଓ ଭିଭିପାଟ ମେଶିନ୍ ସମ୍ପର୍କରେ ତାଲିମ୍ ଦେଇଥିଲେ। ତାଲିମ ଶିବିରରେ ସାଲେପୁର,ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଟାଙ୍ଗୀ-ଚୌଦ୍ୱାର ଆଦି ବ୍ଲକ୍‌ରୁ ମୋଟ୍ ୪୯ଜଣ ଅଧିକାରୀ ଯୋଗଦେଇଛନ୍ତି । ଏହି ଶିବିର ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଚାଲିବ।

କଳସ ଶୋଭାଯାତ୍ରା

ବାଙ୍କୀ, ୧୪।୨ (ସ୍ୱ.ପ୍ର)

ଡମପଡ଼ା ବ୍ଲକ ବିଲିପଡ଼ା ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଭାଗବତ ଗୋସ୍ୱାମୀ (ଚକ୍ରପାଣି)ଦେବଙ୍କ ଦ୍ୱାଦଶତମ ବାର୍ଷିକ କଳସ ଯାତ୍ରା ଓ ମହୋତ୍ସବ ଗୁରୁବାରଠାରୁ ଆରମ୍ଭହୋଇଛି। ଏହି ଯାତ୍ରା ପ୍ରାତଃ ୫ ଟା ୩୦ମିନିଟ୍‌ରେ ମହାନଦୀର ରେଣୁକା ଘାଟରୁ ଆରମ୍ଭ ହୋଇ ଦୀର୍ଘ ୬କିଲୋମିଟର ଦୂରରେ ଥିବା ବିଲିପଡ଼ା ପର୍ଯ୍ୟନ୍ତ ଯାଇଥିଲା। ଯାତ୍ରାରେ ୫ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏହି ଅବସରରେ ଜଣେ ପୁରୁଷ ଶ୍ରଦ୍ଧାଳୁ ରେଣୁକା ଘାଟରୁ ବିଲିପଡ଼ା ପର୍ଯ୍ୟନ୍ତ ରାସ୍ତାରେ ଗଡ଼ିଗଡ଼ି ଯାଇଥିଲେ। ଏହି ମହୋତ୍ସବ ଫେବୃୟାରୀ ୧୯ ପର୍ଯ୍ୟନ୍ତ ଚାଲିବ।

ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

କୋଲକାତାରୁ ସାଇକେଲ ଯାତ୍ରାରେ ଓଡ଼ିଆ ଯୁବକ

ପୁରୀ ଅଫିସ,୧୪।୨:

ରକ୍ତଦାନ ସଚେତନତା ଯାତ୍ରାରେ କୋଲ୍‌କାତାରୁ ବାହାରିଛନ୍ତି ଭଦ୍ରକ ଧାମନଗରର ଜୟଦେବ ରାଉତ। ଗୁରୁବାର ଅପରାହ୍ନରେ ସେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ସିଂହଦ୍ୱାର ନିକଟରେ ସାମାଜିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ମାନପତ୍ର ଦିଆଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ୟୁଥ୍ ରେଡ୍‌କ୍ରସ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ।

ଜୟଦେବ କୁହନ୍ତି, ୧୯୯୮ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରକ୍ତର ଆବଶ୍ୟକତା ନେଇ ସେ ବହୁ ସମସ୍ୟାରେ ପଡିଥିଲେ। ରକ୍ତ ଅଭାବରୁ ବହୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଜାଣିବାକୁ ପାଇଥିଲେ। ସେହିଦିନ ସେ ସଂକଳ୍ପ କରିଥିଲେ ଯେ ରକ୍ତଦାନ ଲାଗି ଜନସଚେତନତା ସୃଷ୍ଟି କରିବେ। ତା' ପରଠାରୁ ସେ ବିଭିନ୍ନ ସ୍ଥାନ ବୁଲି ରକ୍ତଦାନ ଲାଗି ସଚେତନତା ସୃଷ୍ଟି କରିବା ଆରମ୍ଭ କରିଥିଲେ। ଏହାପରେ ୨୦୧୮ ଅକ୍ଟୋବର ୫ରୁ ସେ କୋଲ୍‌କାତାରୁ ସାଇକେଲରେ ବାହାରିଛନ୍ତି। ଇତିମଧ୍ୟରେ ସେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଛତିଶଗଡ଼ ଦେଇ ଓଡ଼ିଶାର ବରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ ଓ ଭୁବନେଶ୍ୱର ଅତିକ୍ରମ କରି ଗୁରୁବାର ପୁରୀରେ ପହଞ୍ଚିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୭ ହଜାର କିମି ବାଟ ଅତିକ୍ରମ କରିସାରିଛନ୍ତି। ଏହି ସମୟରେ ସେ ୩ ଶହରୁ ଉର୍ଦ୍ଧ୍ୱ କଲେଜ, ସାଧାରଣ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ୨୦୧୭ରେ ସେ କୋଲ୍‌କାତାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରାକରି ରକ୍ତଦାନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ। ବର୍ତ୍ତମାନ ସୁଦ୍ଧା ୪୦ରୁ ଉର୍ଦ୍ଧ୍ୱଥର ରକ୍ତଦାନ ସହ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ଶୁକ୍ରବାର ଏଠାରୁ କୋଣାର୍କ, ନିମାପଡ଼ା, ନିଆଳି, କଟକ, ଭଦ୍ରକ, ବାଲେଶ୍ୱର ଦେଇ କୋଲ୍‌କାତାରେ ଯାତ୍ରା ସମାପ୍ତ କରିବେ ବୋଲି ଜୟଦେବ କହିଛନ୍ତି।

ହୁଗୁଳିର ଏକ ଝୋଟକଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜୟଦେବଙ୍କୁ ପରିବାର ଲୋକେ ବେଶ୍ ସହଯୋଗ କରନ୍ତି। ଶ୍ରମିକ ହୋଇଥିବାରୁ ନୋ ୱାର୍କ ନୋ ପେ ନ୍ୟାୟରେ ତାଙ୍କୁ ଦରମା ମିଳି ନ ଥାଏ। ତଥାପି ସେ ନିଜ ପ୍ରୟାସ ଜାରି ରଖିଥିବା କହିଛନ୍ତି। ମା'ବାପା, ସ୍ତ୍ରୀ, ପୁଅ ଓ ଝିଅଙ୍କୁ ନେଇ ତାଙ୍କ ପରିବାର।

ଜୟଦେବ ରାଉତଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମ୍ବର୍ଦ୍ଧିତ କରାଯାଉଛି।

ରକ୍ତଦାନ ସଚେତନତା

■୩ ଶହରୁ ଉର୍ଦ୍ଧ୍ୱ ସ୍କୁଲ, କଲେଜରେ ସଭା

■ଶ୍ରୀକ୍ଷେତ୍ରରେ ସ୍ୱାଗତ ସମ୍ବର୍ଦ୍ଧନା

ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

ସଂକ୍ଷେପରେ

ରେଭେନ୍ସା କଲଚରାଲ ଫେଷ୍ଟ ଉଦ୍‌ଯାପିତ

କଟକ ଅଫିସ,୧୪।୨: ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜ୍‌ଡମଠାରେ ଦୁଇ ଦିନ ଧରି ଚାଲିଥିବା ରେଭେନ୍ସା କଲଚରାଲ ଫେଷ୍ଟ-୨୦୧୯ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏହି ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱତନ୍ତ୍ର ନୃତ୍ୟ, ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ମଧ ପରିବେଷିତ ହୋଇଥିଲା। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଉପସ୍ଥିତ ରହି ମୁଖ୍ୟଅତିଥି ଓ କଣ୍ଠଶିଳ୍ପୀ ଅନ୍ତରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପୂର୍ବତନ କର୍ପୋରେଟର ଚିତ୍ରା ଖୁଣ୍ଟିଆଙ୍କ ପରଲୋକ

କଟକ ଅଫିସ,୧୪।୨: କଟକ ମହାନଗର ନିଗମ (ସିଏମ୍‌ସି)ର ପୂର୍ବତନ କର୍ପୋରେଟର ଚିତ୍ରା ଖୁଣ୍ଟିଆଙ୍କର ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ ବ୍ରେନ୍‌ଟ୍ୟୁମର ଜନିତ ରୋଗରେ ପୀଡ଼ିତ ଥିଲେ। ବୁଧବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀରକୁ ବାଦାମବାଡ଼ି ଖୁଣ୍ଟିଆ ଲେନ୍‌ସ୍ଥିତ ବାସଭବନକୁ ନିଆଯାଇଥିଲା। ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଦେବାଶିଷ ସାମନ୍ତରାୟ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, କଟକ

ନଗର କଂଗ୍ରେସ ସଭାପତି ଇଂ. ମହମ୍ମଦ ମୋକିମ, ରାଜ୍ୟ ଭାଜପା ଉପସଭାପତି ନୟନ କିଶୋର ମହାନ୍ତି, ଅଭିନେତା ଅରିନ୍ଦମ ରାୟ, ପୂର୍ବତନ ମେୟର ନିବେଦିତା ପ୍ରଧାନ, ସୌମେନ୍ଦ୍ର ଘୋଷ, ମିନାକ୍ଷୀ ବେହେରାଙ୍କ ସମେତ ଅନେକ ରାଜନୈତିକ ବ୍ୟକ୍ତି ଓ ସାମାଜିକ କର୍ମୀ ଗୁରୁବାର ସକାଳେ ଚିତ୍ରାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ପରେ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ସିଏମ୍‌ସି ୱାର୍ଡ ନଂ. ୪୪ର କର୍ପୋରେଟର ଥିଲେ ଚିତ୍ରା। ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ୨୦୧୪ ସିଏମ୍‌ସି ନିର୍ବାଚନରେ ଚିତ୍ରା ବିଜୟ ହାସଲ କରିବା ସବୁଠାରୁ ଚର୍ଚ୍ଚାର ବିଷୟ ଥିଲା। ଚିତ୍ରାଙ୍କ ସ୍ୱାମୀ ପ୍ରଦୀପ୍ତ କିଶୋର ଖୁଣ୍ଟିଆ ମଧ ସିଏମ୍‌ସିର ଜଣେ ପୂର୍ବତନ କର୍ପୋରେଟର ଓ ବିଜେଡିର ଜଣାଶୁଣା ନେତା।

ଗୋରୁ ଗାଡ଼ି ଧକ୍କା ଘଟଣା: ଚାଳକ ଗିରଫ

କଟକ ଅଫିସ, ୧୪।୨: ବେଆଇନ ଭାବେ ଗୋରୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନ ଧକ୍କାରେ ଗତ ଜାନୁଆରୀ ୧୮ ତାରିଖରେ ଜଣେ ଯୁବକ ଗୁରୁତର ହୋଇଥିଲେ। ପୁରୀଘାଟ ପୋଲିସ ସେହିଦିନ ଗାଡିକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଥିଲେ। ପରେ ପୋଲିସ ଅଭିଯୁକ୍ତ ଚାଳକ ଚାଉଳିଆଗଞ୍ଜ ଅଞ୍ଚଳର ରାଜକିଶୋର ସାସମଲଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

କମିଶନ୍‌ରେଟ ପୋଲିସରେ ବଡ଼ ଧରଣର ବଦଳି

■ ୭ ଅତିରିକ୍ତ ଡିସିପି, ୯ ଏସିପି, ୪ ଡିଏସ୍‌ପି, ୨୯ ଇନ୍ସପେକ୍ଟର, ୬୬ ଏସ୍‌ଆଇଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ଏବେ ପୋଲିସ ବିଭାଗରେ ଚାଲିଛି ବଦଳି ପ୍ରକ୍ରିୟା। ରାଜ୍ୟ ପୋଲିସ ପରେ ଏବେ କମିଶନ୍‌ରେଟ ପୋଲିସରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ୭ଜଣ ଅତିରିକ୍ତ ଡିସିପି, ୯ଜଣ ଏସିପି, ୪ଜଣ ଡିଏସ୍‌ପି, ୨୯ଜଣ ଇନ୍ସପେକ୍ଟର ଓ ୬୬ ଏସ୍‌ଆଇଙ୍କୁ ବଦଳି କରାଯାଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ଅସୀମ କୁମାର ମିଶ୍ରଙ୍କୁ କଟକ ଡିଆଇବି ଓ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, ଭୁବନେଶ୍ୱରରେ ଥିବା ଅତିରିକ୍ତ ଡିସିପି ତପନ କୁମାର ପଟ୍ଟନାୟକଙ୍କୁ ଭୁବନେଶ୍ୱର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ବଦଳି କରାଯାଇଛି। ସେହିଭଳି କଟକରେ ଅବସ୍ଥାପିତ ଅତିରିକ୍ତ ଡିସିପି ମାୟାଧର ସେଠୀଙ୍କୁ ଭୁବନେଶ୍ୱରକୁ, କମିଶନରେଟ ମୁଖ୍ୟାଳୟକୁ ନୂଆ ଆସିଥିବା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁରେ ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଭୁବନେଶ୍ୱରରେ ଥିବା ଅତିରିକ୍ତ ଡିସିପି ଗଦାଧର ପ୍ରଧାନୀଙ୍କୁ କଟକ ଓ କମିଶନରେଟ ମୁଖ୍ୟାଳୟର ଅତିରିକ୍ତ ଡିସିପି ତପସ୍ୱିନୀ ଆରୁଖଙ୍କୁ ଭୁବନେଶ୍ୱର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ବଦଳି କରାଯାଇଛି।

ସେହିପରି ଜୋନ୍-୧ ଏସିପି ଅସୀମ କୁମାର ପଣ୍ଡାଙ୍କୁ କମିଶନ୍‌ରେଟ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ କ୍ୟାପିଟାଲ ଥାନା ଅଧିକାରୀ ଚାର୍ଜରେ ଥିବା ଏସିପି ମାନସ ଗଡ଼ନାୟକଙ୍କୁ କଟକ ଜୋନ୍-୧, ଭୁବନେଶ୍ୱର ଜୋନ୍-୬ରେ ଥିବା ରବିନାରାୟଣ ଶତପଥୀଙ୍କୁ ଏସିପି ଜୁଡିସିଆଲ ଭାବେ ବଦଳି କରାଯାଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବ ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ କଟକ ଜୋନ୍-୩, ଡିଏସ୍‌ପି କୃଷ୍ଣପ୍ରସାଦ ଦାଶଙ୍କୁ କଟକ ଜୋନ୍-୪, କଟକ ଜୋନ୍-୬ ଏସିପି ଅନିଲ କୁମାର ମିଶ୍ରଙ୍କୁ ଭୁବନେଶ୍ୱର ଜୋନ୍-୫, କଟକ ଆଇୟୁସିଏଡବ୍ଲ୍ୟୁରେ ଥିବା ଏସିପି ଦେବଦତ୍ତ କରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କଟକ ଆଇୟୁସିଏଡବ୍ଲ୍ୟୁରେ ଅବସ୍ଥାପିତ ମନୋରଞ୍ଜନ ବିଶ୍ୱାଳଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କମିଶନ୍‌ରେଟ ପୋଲିସକୁ ଆସିଥିବା ଶୁଭନାରାୟଣ ମୁଦୁଲିଙ୍କୁ କଟକ ଜୋନ୍-୬କୁ ବଦଳି କରାଯାଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବା ଏସିପି ତରୁଣ କୁମାର ଦାଶଙ୍କୁ ଭୁବନେଶ୍ୱର ଜୋନ୍-୬, କମିଶନ୍‌ରେଟ ମୁଖ୍ୟାଳୟ ଜୁଡିସିଆଲରେ ଥିବା ବିଷ୍ଣୁପ୍ରସାଦ ପାତ୍ରଙ୍କୁ ଭୁବନେଶ୍ୱର ଜୋନ୍-୧, କମିଶନ୍‌ରେଟ ପୋଲିସରେ ଯୋଗଦେଇଥିବା ଡିଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ ଏସିପି ଓ ନୂଆ କରି କମିଶନ୍‌ରେଟରେ ଯୋଗ ଦେଇଥିବା ଡିଏସ୍‌ପି ସତ୍ୟରଞ୍ଜନ ମଲ୍ଲିକଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ ଇନ୍ସପେକ୍ଟର ସ୍ତରରେ ମଧ ବଦଳି ହୋଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବା ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କୁ କ୍ୟାପିଟାଲ ଥାନା ଅଧିକାରୀ ଦାୟିତ୍ୱ ମିଳିଛି। ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀଙ୍କୁ ଭୁବନେଶ୍ୱର ୟୁପିଡି(ଅର୍ବାନ ପୋଲିସ ଡିଷ୍ଟ୍ରିକ୍ଟ)ର ଲ'ଇନ୍ସପେକ୍ଟର, କ୍ୟାପିଟାଲ ଥାନାର ଅତିରିକ୍ତ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମହିଳା ଥାନା ଅଧିକାରୀ ଇମନ କଲ୍ୟାଣୀ ନାୟକଙ୍କୁ କଟକ କ୍ୟାଣ୍ଟନମେଣ୍ଟ ଥାନା, ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ର ମେହେରଙ୍କୁ କଟକ ମର୍କତନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ବାଦାମବାଡି, ବାଲିପାଟଣା ଥାନା ଅଧିକାରୀ ଆକାଶ ରଣାଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କୁ ଚୌଦ୍ୱାର ଥାନା, ଇନ୍‌ଫୋସିଟି ଥାନା ଅଧିକାରିଣୀ ବିଜୟିନୀ ସିଂଙ୍କୁ କଟକ ସିଡିଏ ଫେଜ୍-୨ ଥାନା, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିଆର୍‌ବି, ଚୌଦ୍ୱାର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀଙ୍କୁ ମଞ୍ଚେଶ୍ୱର ଥାନା, ଜଗତପୁର ଥାନା ଅଧିକାରୀ ବିରଞ୍ଚିନାରାୟଣ ପତିଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମଙ୍ଗଳାବାଗ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କୁ ନୟାପଲ୍ଲୀ ଥାନା ଦାୟିତ୍ୱ ମିଳିଛି। ଲାଲବାଗ ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କୁ ଇନ୍‌ଫୋସିଟି ଥାନା, ଦରଘାବଜାର ଥାନା ଅଧିକାରୀ ପରମାନନ୍ଦ ନାୟକଙ୍କୁ ନନ୍ଦନକାନନ ଥାନା, ମଧୁପାଟଣା ଥାନା ଅଧିକାରୀ ତିରୋସ୍କୋଭା ମହାପାତ୍ରଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ବିଡାନାସୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ରାଉତଙ୍କୁ ବାଲିପାଟଣା ଥାନା, ମର୍କତନଗର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଚନ୍ଦକା ଥାନା, ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାଶଙ୍କୁ କଟକ ୟୁପିଡି ଲ'ଇନ୍ସପେକ୍ଟର, ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଖଣ୍ଡଗିରି ଥାନା, କଟକ ଆଇୟୁସିଏଡବ୍ଲ୍ୟୁରେ ଥିବା ଅନିଲ କୁମାର ବେଉରିଆଙ୍କୁ ତମାଣ୍ଡୋ ଥାନା, କଟକ ସିଡିଏ ଫେଜ୍-୨ ଥାନା ଅଧିକାରୀ ରବିନାରାୟଣ ଭାନଜାଙ୍କୁ ମାଲଗୋଦାମ ଥାନା, କମିଶନ୍‌ରେଟକୁ ଆସିଥିବା ପ୍ରଦୀପ କୁମାର ଜେନାଙ୍କୁ ଦରଘାବଜାର ଥାନା ଅଧିକାରୀ ଦାୟିତ୍ୱ ମିଳିଛି। ସେହିଭଳି କମିଶନ୍‌ରେଟକୁ ଆସିଥିବା ଲକ୍ଷ୍ମୀନାରାୟଣ ତିଓ୍ୱାରୀଙ୍କୁ ବିଡାନାସୀ ଥାନା, କଟକ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗଙ୍କୁ ମଧୁପାଟଣା ଥାନା, ଫୁଲନଖରା ଏନ୍‌ଏଚ୍ ଟ୍ରାଫିକ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ନାୟକଙ୍କୁ ଜଗତପୁର ଥାନା, ଖାରବେଳନଗର ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାଙ୍କୁ ଏୟାରଫିଲ୍ଡ ଥାନା, ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ଏୟାରପୋର୍ଟ ଥାନା, ଏୟାରପୋର୍ଟ ଥାନା ଅଧିକାରୀ ବଳରାମ ନାୟକଙ୍କୁ ବାଲିପାଟଣା ଥାନା, କମିଶନ୍‌ରେଟକୁ ଆସିଥିବା ବିଶ୍ୱରଞ୍ଜନ ନାୟକଙ୍କୁ ଚନ୍ଦ୍ରଶେଖରପୁର ଥାନା, ଅମିତାଭ ମହାପାତ୍ରଙ୍କୁ ଖାରବେଳନଗର ଥାନା, ବିଶ୍ୱରଞ୍ଜନ ସେନାପତିଙ୍କୁ ଶହୀଦନଗର ଥାନା ଓ ଅର୍ପିତା ଖଟୁଆଙ୍କୁ ମହିଳା ଥାନା ଅଧିକାରୀ ଦାୟିତ୍ୱ ମିଳିଛି।

ଠକେଇ ଅଭିଯୋଗରେ ଜଣେ ଗିରଫ

ଚୌଦ୍ୱାର, ୧୪।୨(ଡି.ଏନ.ଏ.)

ଠକେଇ ଅଭିଯୋଗରେ ଚୌଦ୍ୱାର ପୋଲିସ ଗୁରୁବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ କଟକ ଲାଲ୍‌ବାଗ ଅଞ୍ଚଳର ବସନ୍ତ କୁମାର କର। ପୋଲିସ ସୂଚନା ଅନୁଯାୟୀ, ଚୌଦ୍ୱାର ନୁନ୍‌ଟିକିରି ଛକସ୍ଥିତ ଆଦିତ୍ୟ ମୋଟର୍ସର ପ୍ରୋପ୍ରାଇଟର ବସନ୍ତ କଟକର ଜେଏମ୍‌ଜି ଅଟୋମୋବାଇଲରୁ ବିଭିନ୍ନ ସମୟରେ ବାଇକ୍ ଆଣି ବିକ୍ରି କରିଥାନ୍ତି। ଏ ବାବଦ ଟଙ୍କା ଜେଏମ୍‌ଜିକୁ ପଇଠ କରିଥାନ୍ତି। ହେଲେ ସେ ଦୀର୍ଘଦିନ ଧରି ଜେଏମ୍‌ଜିର ବାକି ଥିବା ୨୭ଲକ୍ଷ ଟଙ୍କା ଦେଇ ନ ଥିଲେ। ଏ ନେଇ ଗତ ଜାନୁୟାରୀ ୩ ତାରିଖରେ ଚୌଦ୍ୱାର ଥାନାରେ ବସନ୍ତ ଓ ଜେଏମ୍‌ଜିର ଏମ୍.ଡି. ପ୍ରଦୀପ ଅଗ୍ରୱାଲଙ୍କ ମଧ୍ୟରେ ଏକ ଚୁକ୍ତିନାମା କରାଯାଇଥିଲା। ବାକିଥିବା ୨୭ଲକ୍ଷ ଟଙ୍କା ବସନ୍ତ ଜାନୁୟାରୀ ୧୨ ତାରିଖରେ ଦେବେ ବୋଲି ସେଠାରେ ସ୍ଥିର କରାଯାଇଥିଲା। ହେଲେ ଧାର୍ଯ୍ୟ ସମୟସୀମା ଅତିକ୍ରମ ହୋଇଥିଲେ ମଧ ବସନ୍ତ ଟଙ୍କା ପଇଠ କରି ନ ଥିଲେ। ଏ ନେଇ ଅଗ୍ରୱାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୫/୧୯) ରୁଜୁ କରି ବସନ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲା।

ଗୁରୁବାର କଟକ ନୂଆପାଟଣାସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାତୃପିତୃ ପୂଜନ ଦିବସ ପାଳନ କରୁଥିବା ଛାତ୍ରୀଛାତ୍ରମାନେ।

ପିଠା କାର୍ଯ୍ୟକ୍ରମରେ ମିଳିଲାନି ଏଲ୍‌ଇଡି ବଲ୍‌ବ

କଟକ ସଦର, ୧୪।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ଯଶପଡା ପଞ୍ଚାୟତରେ ଗୁରୁବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୦ ଜଣ ହିତାଧିକାରୀଙ୍କୁ ୪ଟି ଲେଖାଏ ଏଲ୍‌ଇଡି ବଲ୍‌ବ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଥିଲା। ମାତ୍ର ବହୁ ହିତାଧିକାରୀ ବଲ୍‌ବ ନେବା ପାଇଁ ସଭାସ୍ଥଳରେ ରୁଣ୍ଡ ହେବାରୁ ବଣ୍ଟନକୁ ବନ୍ଦ କରିଦିଆଯାଇଥିଲା। ଫଳରେ ଆଗରୁ ସୂଚନା ପାଇ ଆସିଥିବା ହିତାଧିକାରୀଙ୍କୁ ବଲ୍‌ବ ମିଳି ନ ଥିଲା। ଏହାଛଡା ସଭାରେ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରଞ୍ଜନ କୁମାର ଭୂୟାଁ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ଅଭିଯୋଗ କରିଥିଲେ। ହେଲେ ସଭାରେ ଉପସ୍ଥିତ ବର୍ତ୍ତମାନର ସମିତିସଭ୍ୟ ଚିତ୍ତରଞ୍ଜନ ବେହେରା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ନିୟମରେ କାର୍ଯ୍ୟ ହେଉଥିବାରୁ ବିଳମ୍ବ ଘଟୁଛି ବୋଲି ସଫେଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁବାସ ଚନ୍ଦ୍ର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା, ଅକ୍ଷୟ ପରିଡା, ଯାଜ୍ଞସେନୀ ଗୋଚ୍ଛାୟତ, ଯୋଗାଣ ନିରୀକ୍ଷକ ପୁନମ ଜେନା ଓ ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଉପସ୍ଥିତ ଥିଲେ।

ଚୋରି: ଅଭିଯୁକ୍ତ ଗିରଫ

କଟକ ଅଫିସ, ୧୪।୨: ଲାପ୍‌ଟପ୍ ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆଠଗଡ ଥାନା ଅନ୍ତର୍ଗତ ରାଧାଦର୍ଶନପୁର ଅଞ୍ଚଳର ପପୁନ ବେଉରା(୨୦)। ପୋଲିସ ତାଙ୍କଠାରୁ ଏକ ଲାପ୍‌ଟପ୍ ଜବତ କରିଛି। ବାଦାମବାଡି ଥାନା ଅନ୍ତର୍ଗତ ପିସି ସରକାର ଲେନ୍ ଅଞ୍ଚଳରେ ରହୁଥିବା ବିଷ୍ଣୁ ଚରଣ ବାରିକଙ୍କ ଘରୁ ଗତ ରବିବାର ଏକ ଲାପଟପ୍ ଚୋରି ହୋଇଥିଲା। ଦିନରେ ଘରେ କେହି ନ ଥିବା ସୁଯୋଗ ନେଇ ପପୁନ ଘରେ ପଶି ଲାପଟପ୍ ଚୋରି କରିଥିଲେ। ଏ ନେଇ ବିଷ୍ଣୁଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୩୭/୧୯) ରୁଜୁ କରିଥିଲା।

ଭିନ୍ନ ଢଙ୍ଗରେ ଭାଲେଣ୍ଟାଇନ୍ସ ଡେ ପାଳନ

କଣ୍ଟାପଡା, ୧୪।୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ବଡବିଲସ୍ଥିତ ଆମ ଅଧିକାର ସାମାଜିକ ସଙ୍ଗଠନ ପକ୍ଷରୁ ଗୁରୁବାର ଭିନ୍ନ ଢଙ୍ଗରେ ଭାଲେଣ୍ଟାଇନ୍ସ ଡେ' ପାଳନ କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଅଧ୍ୟାପକ ଚିନ୍ମୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦେଇ ଜୀବନ ବଞ୍ଚାଉଥିବା ଜଣେ ବ୍ୟକ୍ତିଙ୍କର ତ୍ୟାଗକୁ ଏ ସମାଜ ଭୁଲିଯିବା ଉଚିତ ନୁହେଁ ବୋଲି କହିଥିଲେ। ପ୍ରଫେସର ରାମଚନ୍ଦ୍ର ପଣ୍ଡା ଅନ୍ୟତମ ଅତିଥିଭାବେ ଯୋଗଦେଇ ଏହି ଦିନରେ ରକ୍ତଦାନ କରିବା ଅର୍ଥ ମଣିଷକୁ ପ୍ରକୃତ ଭଲପାଇବା ବୋଲି କହିଥିଲେ। ଏଥିରେ ୨୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଙ୍ଗଠନର ସମ୍ପାଦକ ପ୍ରମୋଦ କୁମାର ନାୟକ, ସଞ୍ଜୟ ରାଉତରାୟ, ସୁରେନ୍ଦ୍ର ପାତ୍ର, ରଶ୍ମିରଞ୍ଜନ ମହାନ୍ତି, ସୁକାନ୍ତ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ଏନ୍‌ବିଡବ୍ଲ୍ୟୁ ବଳରେ ୨ ଅଭିଯୁକ୍ତ ଗିରଫ

କଟକ ଅଫିସ, ୧୪।୨

ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ପୁରୀଘାଟ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର ଦୀପକ ରାଜ ଓ ଅନାମ ନାୟକ। ପୋଲିସ ସୂଚନା ଅନୁଯାୟୀ, ଦୀପକଙ୍କ ନାଁରେ ୨୦୧୮ ମସିହାରେ ଏକ ଚୋରି ମାମଲା ରହିଥିବା ବେଳେ ଅନାମଙ୍କ ନାଁରେ ୨୦୧୮ ଏବଂ ୨୦୧୪ରେ ୨ଟି ଚୋରି ମାମଲା ରହିଛି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ସେମାନେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ସେମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

ଭାଜପାର ଜନ ଅଦାଲତ କାର୍ଯ୍ୟକ୍ରମ

କଟକ ଅଫିସ, ୧୪।୨

ଜନ ଅଦାଲତ କାର୍ଯ୍ୟକ୍ରମରେ ଭାଜପାର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଉଦ୍‌ବୋଧନ ଦେଉଛନ୍ତି।

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋତାପୋଖରୀ ନିକଟରେ ଗୁରୁବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଜନ ଅଦାଲତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ରରୁ ଦଳୀୟ ନେତାମାନେ ଯୋଗଦେଇଥିଲେ। ଭାଜପାର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରି ରାଜ୍ୟରେ ଏକ ଲଲିପପ୍ ସରକାର ଚାଲିଥିବା କହିଥିଲେ। ରାଜ୍ୟରେ ଭାଜପା ସରକାର ଆସିଲେ ଚିଟ୍‌ଫଣ୍ଡ ଅଭିଯୁକ୍ତମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବା ସହ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ ବୋଲି କହିଥିଲେ। ଏଥିରେ ଡା. ଅନଙ୍ଗ ଦ୍ୱିବେଦୀ ବିଚାରପତି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ନୟନ କିଶୋର ମହାନ୍ତି, ସମୀର ଦେ, ପୀତାମ୍ବର ଆଚାର୍ଯ୍ୟ, ସୌର ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଅଭିନେତା ଶ୍ରୀତମ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାଜପାର ଏହି ଜନ ଅଦାଲତ କାର୍ଯ୍ୟକ୍ରମକୁ ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି। ବିଧାୟକ ପ୍ରଭାତ ବିଶ୍ୱାଳ କହିଛନ୍ତି, ଜନ ଅଦାଲତ ଜନସାଧାରଣ କରିବେ। ଜନତାଙ୍କ ସହିତ ନ ଥିବା ଲୋକ ଜନ ଅଦାଲତ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ଓଡ଼ିଶା ଲୋକ ନବୀନଙ୍କ ସହିତ ଅଛନ୍ତି। ତେବେ ଚିଟ୍‌ଫଣ୍ଡକୁନେଇ ଯାହା କରାଯାଉଛି ତାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଧାୟକ ବିଶ୍ୱାଳ କହିଥିଲେ।

ମର୍କତନଗର ଥାନା ଘେରିଲା ଭାଜପା

କଟକ ଅଫିସ, ୧୪।୨

ଭାଜପା ପକ୍ଷରୁ ଥାନା ଘେରାଉ କରାଯାଇଛି।

ମର୍କତନଗର ଥାନା ଅଧୀନ କାଠଯୋଡି ବିହାର ଅଞ୍ଚଳର ଦୁଇ ଭଉଣୀଙ୍କୁ ଅପହରଣ ଓ ସେମାନଙ୍କ ମଧ୍ୟରୁ ଜଣଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଗୁରୁବାର ବାରବାଟୀ-କଟକ ଭାଜପା ପକ୍ଷରୁ ମର୍କତନଗର ଥାନା ଘେରାଉ କରାଯାଇଥିଲା। ଗତ ୪ ଦିନ ତଳେ ଉଭୟଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ମଧ୍ୟରୁ ସାନଭଉଣୀ ଘରକୁ ଫେରିଥିବାବେଳେ ବୁଧବାର ସକାଳେ ଘର ଭିତରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷରେ ଗୁରୁବାର ବଡ଼ ଭଉଣୀ ଆସି ଥାନାରେ ପହଞ୍ଚିଥିଲେ। ଗୁରୁବାର ବାରବାଟୀ-କଟକ ଭାଜପାର ନେତୃବୃନ୍ଦଙ୍କ ସହ କର୍ମୀମାନେ ସେମାନଙ୍କ ଘରକୁ ଯାଇ ଘଟଣା ବିଷୟରେ ପଚାରି ବୁଝିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ମର୍କତନଗର ଥାନା ଘେରାଉ କରିଥିଲେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନ ଏଥିପାଇଁ ଦାୟୀ ରହିବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏଥିସହିତ ପୀଡିତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ କର୍ତ୍ତବ୍ୟରେ ଅବହେଳା ହେତୁ ମର୍କତନଗର ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ଭାଜପା ଦାବି କରିଥିଲା। ଭାଜପା ନେତା ସମୀର ଦେଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ବିଜୟ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

■ ଦୁଇ ନାବାଳିକା ଭଉଣୀଙ୍କ ଅପହରଣ ଘଟଣାର ନୂଆମୋଡ଼

ବଡ଼ ଭଉଣୀ ମାଉସୀ ଘରେ ଥିଲେ : ଏସିପି

କଟକ ଅଫିସ, ୧୪।୨

■ ମା' ଝିଅଙ୍କ କଥାରେ ରହୁନି ତାଳମେଳ

■ ରହସ୍ୟ ଘେରରେ ବାଇକ୍‌ରେ ନେଇଥିବା ଯୁବକ

■ ଟାହିଟାପରା ପାଇଁ ସାନ ଭଉଣୀ ଆତ୍ମହତ୍ୟା କରିଥାଇପାରନ୍ତି: ଡିସିପି

ମର୍କତନଗର ଥାନା ଅନ୍ତର୍ଗତ କାଠଯୋଡ଼ିବିହାର ଅଞ୍ଚଳର ଦୁଇ ନାବାଳିକା ଭଉଣୀଙ୍କ ଅପହରଣ ଘଟଣା ନୂଆ ମୋଡ଼ ନେଇଛି। ବୁଧବାର ସୁଦ୍ଧା ବଡ଼ ଭଉଣୀର ପତ୍ତା ମିଳୁ ନ ଥିଲାବେଳେ ସାନ ଭଉଣୀଙ୍କ ମୃତଦେହ ଘରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ହେଲେ ଗୁରୁବାର ବଡ଼ ଭଉଣୀ ଘରକୁ ଫେରିଛନ୍ତି। ସନ୍ଧ୍ୟାରେ ସେ ଥାନାରେ ପହଞ୍ଚି ତାଙ୍କୁ ଅପହରଣ କରାଯାଇ ନ ଥିବା ଓ ମାଉସୀ ଘରେ ଥିବା କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ମା'ଙ୍କ ବୟାନ ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଦେଇଛି। ଏ ସଂକ୍ରାନ୍ତରେ ଏସିପି ପ୍ରମୋଦ ରଥ କହିଛନ୍ତି, ବଡ଼ ଭଉଣୀ ଥାନାରେ ପହଞ୍ଚିବା ପରେ ତାଙ୍କୁ ପଚରାଉଚରା କରାଯାଇଥିଲା। ମା' ଗାଳି ଦେବାରୁ କାହାକୁ ନ କହି ଦୁଇ ଭଉଣୀ ଘର ଛାଡ଼ିଥିଲେ। ଟ୍ରେନ୍ ଯୋଗେ କେଉଁଝର ଅଞ୍ଚଳରେ ରହୁଥିବା ମାଉସୀ ଘରକୁ ଚାଲିଯାଇଥିଲେ। ବଡ଼ ଭଉଣୀ ଏକଥା ପ୍ରକାଶ କରିଥିବା ପୋଲିସ କହୁଥିବାବେଳେ ତାଙ୍କ ମା' ଭିନ୍ନ କଥା କହିଛନ୍ତି। ମା'ଙ୍କ କହିବାନୁସାରେ, ଦୁଇ ଭଉଣୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବାଇକରେ ବସାଇ ନେଇଥିଲେ। ସାନ ଝିଅଙ୍କୁ କଟକ ନୂଆବଜାରସ୍ଥିତ ଭିଣୋଇଙ୍କ ଘରେ ଛାଡ଼ିଥିଲେ। ବଡ଼ ଝିଅକୁ ସାଙ୍ଗରେ ନେଇ ଯାଇଥିଲେ। ଯିବାବେଳେ ଏକଥା କାହାକୁ କହିଲେ ଜୀବନରୁ ମାରିଦେବାକୁ ଯୁବକ ଜଣକ ସାନ ଝିଅକୁ ଧମକ ଦେଇଥିଲେ। ଘରକୁ ଫେରିବା ପରେ ସାନ ଝିଅଙ୍କଠାରୁ ଏକଥା ଜାଣିବାକୁ ପାଇଥିବା ମା' କହିଛନ୍ତି। ତେବେ ମା' ଝିଅଙ୍କ କଥାରେ ତାଳମେଳ ରହୁ ନ ଥିବା ଓ ଦୁଇ ଭଉଣୀଙ୍କ ସହିତ ଉକ୍ତ ଯୁବକଙ୍କର କି ସମ୍ପର୍କ ରହିଛି ତାହାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, କାଠଯୋଡ଼ିବିହାର ଅଞ୍ଚଳର ଏହି ଦୁଇ ଭଉଣୀ ଗତ ଶୁକ୍ରବାରଠାରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସାନ ଭଉଣୀ ମା'ଙ୍କ ସହିତ ମର୍କତନଗର ଥାନାକୁ ଆସିଥିଲେ। ନାବାଳିକାଙ୍କ ବୟାନ ଓ ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୬୩(ଅପହରଣ)ରେ ଏକ ମାମଲା(୨୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନାରୁ ଉଭୟେ ଘରକୁ ଫେରିଥିଲେ ମଧ ବୁଧବାର ସକାଳୁ ସାନ ଝିଅର ମୃତଦେହ ଘର ଭିତରେ ଝୁଲୁଥିବା ମା' ଦେଖିବାକୁ ପାଇଥିଲେ। ତେବେ ଡିସିପି ଅଖିଳେଶ୍ୱର ସିଂଙ୍କ ସୂଚନାନୁଯାୟୀ, ସାହି ପଡ଼ିଶା ଲୋକେ ଏମାନଙ୍କ ନିଖୋଜକୁ ନେଇ ଟାହିଟାପରା କରିଥିଲେ। ସାନଝିଅ ଘରକୁ ଫେରିବା ପରେ ପଡୋଶୀମାନେ ବିଭିନ୍ନ କଥା ଦେଖାଇ କହିଥିଲେ। ହୁଏତ ଲୋକଙ୍କ କଥାକୁ ସହ୍ୟ କରି ନ ପାରି ନାବାଳିକା ଜଣକ ଆତ୍ମହତ୍ୟା କରିଥାଇପାରନ୍ତି। ମାତ୍ର ଗଣବଳାତ୍କାର ସମ୍ପର୍କରେ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇନାହିଁ କିମ୍ବା ପ୍ରାଥମିକ ତଦନ୍ତରୁ ସେଭଳି କୌଣସି ସୁରାକ ମିଳି ନ ଥିବା ଡିସିପି ସିଂ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ନେଇ କଟକ ଚାଇଲ୍ଡ ଲାଇନ ପକ୍ଷରୁ ଗୁରୁବାର ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଘଟଣାର ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ଏହା ପଛରେ ଅନେକ ରହସ୍ୟ ଲୁଚି ରହିଥିବା କହିଛନ୍ତି ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ଫେବୃୟାରୀ, ୨୦୧୯

ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

ସଂକ୍ଷେପରେ

ମନ୍ କି ବାତ୍ ରଥ ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା ଅଫିସ,୧୪।୨: ଜଙ୍କିଆ ଛଣଗିରି ରାସ୍ତାର ମୁକ୍ତାପୁରଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଟାଟା ଏସ୍‌ସିରେ ସଜ୍ଜିତ ଭାଜପାର ଭାରତ କେ ମନ୍ କି ବାତ୍ ରଥ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଙ୍କିଆ ଥାନା ସିକୋ ଫାଣ୍ଡି ମୁକ୍ତାପୁରର ପ୍ରକାଶ ପାଇକରାୟ (୨୧)। ଜଙ୍କିଆ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ମାମଲା ନଂ. ୨୭/୧୯ ରୁଜୁ କରି ଡ୍ରାଇଭରଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ମୁକ୍ତାପୁର ଗାଁର ପ୍ରଦୀପଙ୍କ ପୁଅ ପ୍ରକାଶ ବଡବାପା ପୁଅଙ୍କ ମଙ୍ଗଳକୃତ୍ୟ ସଉଦା ଆଣିବାକୁ (ନଂ.ଓଆର୦୨ଏଡି ୫୧୨୭)ବାଇକ୍‌ରେ ଜଙ୍କିଆ ଯାଉଥିଲେ। ବିପରୀତ ଦିଗରୁ ହଜ ଅଭିମୁଖେ ଆସୁଥିବା ଟାଟା ଏସ୍‌ସି (ନଂ. ଓଡି୧୩ଜି ୫୧୪୩) ଭାଜପାର ପ୍ରଚାର ପାଇଁ ଯାଉଥିଲା। ଛଣଗିରି ପେଟ୍ରୋଲ ପମ୍ପ ନିକଟରେ ଟାଟା ଏସ୍‌ସି ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଲୋକମାନେ ଗାଡିର ଡ୍ରାଇଭର ତପନ କୁମାର ବରାଳଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ତପନଙ୍କୁ ପଚରାଉଚରା ସମୟରେ ସେ ମାଦକଦ୍ରବ୍ୟ ସେବନ କରିଥିବା ତଦନ୍ତକାରୀ ଅଫିସର ନିରଞ୍ଜନ ରାଉତ କହିଛନ୍ତି।

ଧରମ ମାମୁଙ୍କ କାରନାମା
ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଖୋର୍ଦ୍ଧା ଅଫିସ,୧୪।୨: ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷୀୟା ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ମଙ୍ଗଳବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଧରମ ମାମୁଙ୍କ କାରନାମା ଜଣାପଡିବା ପରେ ପୋଲିସ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ରାମଚନ୍ଦ୍ର ସାହୁ(୪୦)ଙ୍କୁ ଗିରଫ କରିଛି। ଗୁରୁବାର ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା। ଶୁକ୍ରବାର ରାମଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯିବ। ପୀଡିତାଙ୍କ ମା' ଏକ ଘରୋଇ କଲେଜରେ ଚାକିରି କରନ୍ତି। ଘରେ ପୁରୁଷ ଲୋକ ନ ଥିବାରୁ ରାମଚନ୍ଦ୍ରଙ୍କୁ ପୀଡିତାଙ୍କ ମା' ଧରମଭାଇ ରୂପେ ଘରର ବୁଝାଶୁଝା ଦାୟିତ୍ୱ ଦେଇଥିଲେ। ଘରେ କେହି ନ ଥିବାର ସୁଯୋଗରେ ରାମଚନ୍ଦ୍ର ଛାତ୍ରୀଙ୍କୁ ମଙ୍ଗଳବାର ବଳାତ୍କାର କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ନଂ. ୪୭/୧୯ ରୁଜୁ କରି ତଦନ୍ତ କରୁଛି।

ବିଶ୍ୱଶାନ୍ତି ମହାଯଜ୍ଞ

ଖୋର୍ଦ୍ଧା ଅଫିସ,୧୪।୨: ବାଣପୁର ଏନ୍‌ଏସି ଅନ୍ତର୍ଗତ ବାଲିପଦର ଶ୍ରୀଲୋକନାଥଦେବଙ୍କ ମନ୍ଦିର ପରିସରରେ ୪ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମହାବୀର ମନ୍ଦିର ପ୍ରତିଷ୍ଠା ମଧ୍ୟ ଅନୁରୂପ ଭାବେ କରାଯାଇଛି। ଯଜ୍ଞ ପ୍ରାରମ୍ଭରେ କଳସ ଶୋଭାଯାତ୍ରା, ଅଗ୍ନି ସଂଯୋଗ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ ଆଦି ସ୍ଥାନୀୟ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା। ସେହିପରି ସାରୁବାରିପଦର ଗ୍ରାମରେ ୩ ଦିନ ଧରି ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାରେ ନାମଯଜ୍ଞାଧିବାସ, ସୂର୍ଯ୍ୟପୂଜା, ଜଳଯାତ୍ରା ହୋଇ ବୁଧବାର ଭୋରରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ନଗର କୀର୍ତ୍ତନ ଓ ଯମୁନା ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା।

କମିଶନରେଟ୍ ପୋଲିସରେ ବଡ଼ ଧରଣର ଅଦଳବଦଳ

■ ୭ ଅତିରିକ୍ତ ଡିସିପି, ୯ ଏସିପି, ୪ ଡିଏସ୍‌ପି, ୨୯ ଇନ୍ସପେକ୍ଟର, ୬୬ ଏସ୍‌ଆଇଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ଏବେ ପୋଲିସ ବିଭାଗରେ ଚାଲିଛି ବଦଳି ପ୍ରକ୍ରିୟା। ରାଜ୍ୟ ପୋଲିସ ପରେ ଏବେ କମିଶନ୍‌ରେଟ ପୋଲିସରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ୭ଜଣ ଅତିରିକ୍ତ ଡିସିପି, ୯ଜଣ ଏସିପି, ୪ଜଣ ଡିଏସ୍‌ପି, ୨୯ଜଣ ଇନ୍ସପେକ୍ଟର ଓ ୬୬ ଏସ୍‌ଆଇଙ୍କୁ ବଦଳି କରାଯାଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ଅସୀମ କୁମାର ମିଶ୍ରଙ୍କୁ କଟକ ଡିଆଇବି ଓ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, ଭୁବନେଶ୍ୱରରେ ଥିବା ଅତିରିକ୍ତ ଡିସିପି ତପନ କୁମାର ପଟ୍ଟନାୟକଙ୍କୁ ଭୁବନେଶ୍ୱର ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ବଦଳି କରାଯାଇଛି। ସେହିଭଳି କଟକରେ ଅବସ୍ଥାପିତ ଅତିରିକ୍ତ ଡିସିପି ମାୟାଧର ସେଠୀଙ୍କୁ ଭୁବନେଶ୍ୱରକୁ, କମିଶନରେଟ ମୁଖ୍ୟାଳୟକୁ ନୂଆ ଆସିଥିବା ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁରେ ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଭୁବନେଶ୍ୱରରେ ଥିବା ଅତିରିକ୍ତ ଡିସିପି ଗଦାଧର ପ୍ରଧାନୀଙ୍କୁ କଟକ ଓ କମିଶନରେଟ ମୁଖ୍ୟାଳୟର ଅତିରିକ୍ତ ଡିସିପି ତପସ୍ୱିନୀ ଆରୁଖଙ୍କୁ ଭୁବନେଶ୍ୱର ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ବଦଳି କରାଯାଇଛି।

ସେହିପରି ଜୋନ୍-୧ ଏସିପି ଅସୀମ କୁମାର ପଣ୍ଡାଙ୍କୁ କମିଶନ୍‌ରେଟ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ କ୍ୟାପିଟାଲ ଥାନା ଅଧିକାରୀ ଚାର୍ଜରେ ଥିବା ଏସିପି ମାନସ ଗଡ଼ନାୟକଙ୍କୁ କଟକ ଜୋନ୍-୧, ଭୁବନେଶ୍ୱର ଜୋନ୍-୬ରେ ଥିବା ରବିନାରାୟଣ ଶତପଥୀଙ୍କୁ ଏସିପି ଜୁଡିସିଆଲ ଭାବେ ବଦଳି କରାଯାଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବ ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ କଟକ ଜୋନ୍-୩, ଡିଏସ୍‌ପି କୃଷ୍ଣପ୍ରସାଦ ଦାଶଙ୍କୁ କଟକ ଜୋନ୍-୪, କଟକ ଜୋନ୍-୬ ଏସିପି ଅନିଲ କୁମାର ମିଶ୍ରଙ୍କୁ ଭୁବନେଶ୍ୱର ଜୋନ୍-୫, କଟକ ଆଇୟୁସିଏଡବ୍ଲ୍ୟୁରେ ଥିବା ଏସିପି ଦେବଦତ୍ତ କରଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କଟକ ଆଇୟୁସିଏଡବ୍ଲ୍ୟୁରେ ଅବସ୍ଥାପିତ ମନୋରଞ୍ଜନ ବିଶ୍ୱାଳଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ, କମିଶନ୍‌ରେଟ ପୋଲିସକୁ ଆସିଥିବା ଶୁଭନାରାୟଣ ମୁଦୁଲିଙ୍କୁ କଟକ ଜୋନ୍-୬କୁ ବଦଳି କରାଯାଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବା ଏସିପି ତରୁଣ କୁମାର ଦାଶଙ୍କୁ ଭୁବନେଶ୍ୱର ଜୋନ୍-୬, କମିଶନ୍‌ରେଟ ମୁଖ୍ୟାଳୟ ଜୁଡିସିଆଲରେ ଥିବା ବିଷ୍ଣୁପ୍ରସାଦ ପାତ୍ରଙ୍କୁ ଭୁବନେଶ୍ୱର ଜୋନ୍-୧, କମିଶନ୍‌ରେଟ ପୋଲିସରେ ଯୋଗଦେଇଥିବା ଡିଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ ଏସିପି ଓ ନୂଆ କରି କମିଶନ୍‌ରେଟରେ ଯୋଗ ଦେଇଥିବା ଡିଏସ୍‌ପି ସତ୍ୟରଞ୍ଜନ ମଲ୍ଲିକଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ ଇନ୍ସପେକ୍ଟର ସ୍ତରରେ ମଧ୍ୟ ବଦଳି ହୋଇଛି। କମିଶନ୍‌ରେଟ ମୁଖ୍ୟାଳୟରେ ଥିବା ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କୁ କ୍ୟାପିଟାଲ ଥାନା ଅଧିକାରୀ ଦାୟିତ୍ୱ ମିଳିଛି। ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀଙ୍କୁ ଭୁବନେଶ୍ୱର ୟୁପିଡି(ଅର୍ବାନ ପୋଲିସ ଡିଷ୍ଟ୍ରିକ୍ଟ)ର ଲ'ଇନ୍ସପେକ୍ଟର, କ୍ୟାପିଟାଲ ଥାନାର

ଅତିରିକ୍ତ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମହିଳା ଥାନା ଅଧିକାରୀ ଇମନ କଲ୍ୟାଣୀ ନାୟକଙ୍କୁ କଟକ କ୍ୟାଣ୍ଟନମେଣ୍ଟ ଥାନା, ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ର ମେହେରଙ୍କୁ କଟକ ମର୍କତନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ବାଦାମବାଡି, ବାଲିପାଟଣା ଥାନା ଅଧିକାରୀ ଆକାଶ ରଣାଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ଶହୀଦନଗର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କୁ ଚୌଦ୍ୱାର ଥାନା, ଇନ୍‌ଫୋସିଟି ଥାନା ଅଧିକାରିଣୀ ବିଜୟିନୀ ସିଂଙ୍କୁ କଟକ ସିଡିଏ ଫେଜ୍-୨ ଥାନା, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ରଙ୍କୁ ଭୁବନେଶ୍ୱର ଡିସିଆର୍‌ବି, ଚୌଦ୍ୱାର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀଙ୍କୁ ମଞ୍ଚେଶ୍ୱର ଥାନା, ଜଗତପୁର ଥାନା ଅଧିକାରୀ ବିରଞ୍ଚିନାରାୟଣ ପତିଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମଙ୍ଗଳାବାଗ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କୁ ନୟାପଲ୍ଲୀ ଥାନା ଦାୟିତ୍ୱ ମିଳିଛି। ଲାଲବାଗ ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କୁ ଇନ୍‌ଫୋସିଟି ଥାନା, ଦରଘାବଜାର ଥାନା ଅଧିକାରୀ ପରମାନନ୍ଦ ନାୟକଙ୍କୁ ନନ୍ଦନକାନନ ଥାନା, ମଧୁପାଟଣା ଥାନା ଅଧିକାରୀ ତିରୋଷୋଭା ମହାପାତ୍ରଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ବିଡାନାସୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ରାଉତଙ୍କୁ ବାଲିପାଟଣା ଥାନା, ମର୍କତନଗର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଚନ୍ଦକା ଥାନା, ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାଶଙ୍କୁ କଟକ ୟୁପିଡି ଲ'ଇନ୍ସପେକ୍ଟର, ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଖଣ୍ଡଗିରି ଥାନା, କଟକ ଆଇୟୁସିଏଡବ୍ଲ୍ୟୁରେ ଥିବା ଅନିଲ କୁମାର ବେଉରିଆଙ୍କୁ ତମାଣ୍ଡୋ ଥାନା, କଟକ ସିଡିଏ ଫେଜ୍-୨ ଥାନା ଅଧିକାରୀ ରବିନାରାୟଣ ଭାନଜାଙ୍କୁ ମାଲଗୋଦାମ ଥାନା, କମିଶନ୍‌ରେଟକୁ ଆସିଥିବା ପ୍ରଦୀପ କୁମାର ଜେନାଙ୍କୁ ଦରଘାବଜାର ଥାନା ଅଧିକାରୀ ଦାୟିତ୍ୱ ମିଳିଛି। ସେହିଭଳି କମିଶନ୍‌ରେଟକୁ ଆସିଥିବା ଲକ୍ଷ୍ମୀନରାୟଣ ତିୱାରୀଙ୍କୁ ବିଡାନାସୀ ଥାନା, କଟକ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗାଙ୍କୁ ମଧୁପାଟଣା ଥାନା, ଫୁଲନଖରା ଏନ୍‌ଏଚ୍ ଟ୍ରାଫିକ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ନାୟକଙ୍କୁ ଜଗତପୁର ଥାନା, ଖାରବେଳନଗର ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାହୁଙ୍କୁ ଏୟାରଫିଲ୍ଡ ଥାନା, ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ଏୟାରପୋର୍ଟ ଥାନା, ଏୟାରପୋର୍ଟ ଥାନା ଅଧିକାରୀ ବଳରାମ ନାୟକଙ୍କୁ ବାଲିପାଟଣା ଥାନା, କମିଶନ୍‌ରେଟକୁ ଆସିଥିବା ବିଶ୍ୱରଞ୍ଜନ ନାୟକଙ୍କୁ ଚନ୍ଦ୍ରଶେଖରପୁର ଥାନା, ଅମିତାଭ ମହାପାତ୍ରଙ୍କୁ ଖାରବେଳନଗର ଥାନା, ବିଶ୍ୱରଞ୍ଜନ ସେନାପତିଙ୍କୁ ଶହୀନଗର ଥାନା ଓ ଅର୍ପିତା ଖଟୁଆଙ୍କୁ ମହିଳା ଥାନା ଅଧିକାରୀ ଦାୟିତ୍ୱ ମିଳିଛି।

ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ବନମାଳୀ ଜେନାଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧୪।୨

ବନମାଳୀ ଜେନା।

ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର, ବିକାଶ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାରେ ଗୁରୁଦାୟିତ୍ୱ ବହନ କରି ଆଜୀବନ ସାଧନାରତ ଥିବା ନୃତ୍ୟଗୁରୁ ବନମାଳୀ ଜେନା ଆଉନାହାନ୍ତି। ୮୧ ବର୍ଷ ବୟସରେ ନିଜ ବାସଭବନ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ନିକଟସ୍ଥ ହରିଚନ୍ଦନପୁର ଗାଁରେ ବୁଧବାର ରାତିରେ ପରଲୋକ ହୋଇ ଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଜେନାଙ୍କ ସଂସ୍କାର କରାଯାଇଛି। ବନମାଳୀଙ୍କ ମୃତ୍ୟୁରେ ଖୋର୍ଦ୍ଧା ଜିଲାରେ ଶୋକର ଛାୟା ଖେଳିଯାଇଛି। ୧୯୩୮ରେ ଅଗାଧୁ ଜେନାଙ୍କ ସୁପୁତ୍ର ଭାବେ ଜନ୍ମ ନେଇଥିବା ବନମାଳୀ ୯ମ ଶ୍ରେଣୀ ଯାଏ ପଢ଼ିଛନ୍ତି। ପରେ ଗୁରୁ ମହାଦେବ ରାଉତଙ୍କଠାରୁ ଗୋଟିପୁଅ ଓ ମାହାରୀ ନୃତ୍ୟ ଶିକ୍ଷା ଗ୍ରହଣ କରିଥିଲେ। ୨ବର୍ଷର ଶିକ୍ଷା ଗ୍ରହଣ ପରେ ନ୍ୟାଶନାଲ ମ୍ୟୁଜିକ୍ ଆସୋସିଏଶନ ମାଧ୍ୟମରେ ବମ୍ବେ ଯାଇ ପପେଟ୍ ଓ ବ୍ୟାଲେ ଡ୍ୟାନ୍ସରେ ତାଲିମ ନେଇ ପାଶ୍ଚାତ୍ୟ ଦେଶ ପରିକ୍ରମାରେ ବାହାରିଥିଲେ। କଥା ଅବଜ୍ଞା ନ କରି ବଲାଙ୍ଗୀର କଳା ପରିଷଦରେ ଓଡିଶୀ ନୃତ୍ୟ ବିଭାଗରେ ଗୁରୁ ଭାବେ ବନମାଳୀ ଶିକ୍ଷାଦାନ କରନ୍ତି। ପରେ ଭୁବନେଶ୍ୱରସ୍ଥିତ ରିଜିଓନାଲ ଅଫ ଏଜୁକେଶନର ଅଡିଓ ଭିଜୁଆଲରେ ଏବଂ ଏନ୍‌ସିଆରଟି ନୂଆଦିଲ୍ଲୀରେ ଡ୍ୟାନ୍ସ ବିଭାଗରେ କାର୍ଯ୍ୟ କରିଥିଲେ। ତେବେ ଓଡ଼ିଶୀ ନୃତ୍ୟର ପ୍ରସାର ପାଇଁ ସେ ଦିଲ୍ଲୀରେ କଳିଙ୍ଗ କଳା କେନ୍ଦ୍ର ଗଠନ କରି ସଫଳ ହୋଇଥିଲେ। ତାଙ୍କର ପ୍ରେରଣାର ଉତ୍ସ ଥିଲେ ଓଡିଶୀ ନୃତ୍ୟ ପଟିୟସୀ ସୋନାଲ ମାନସିଂହ। ସରକାରୀ ଚାକିରିରୁ ଅବସର ନେବା ପରେ ଜନ୍ମଭୂମି ବାଣପୁର ଓ ଚିଲିକା ଅଞ୍ଚଳରେ ଓଡିଶୀ ନୃତ୍ୟଗୁରୁ ଭାବେ ଶହଶହ ଛାତ୍ରୀଛାତ୍ରଙ୍କୁ ତାଲିମ୍ ଦେଇଥିଲେ। ତାଙ୍କର ଶିଷ୍ୟ ଭାବେ ମମତା ଦାଶ, ଭାଗୀରଥି ନାୟକ, ସୁଜାତା ପ୍ରଧାନ, ଦେବଜାନୀ ବକ୍ସିପାତ୍ର, ଲୋପାମୁଦ୍ରା ବକ୍ସିପାତ୍ରଙ୍କ ପରି ପ୍ରମୁଖ ଶିଷ୍ୟ ଅଛନ୍ତି। ୨୦୧୩ ବିଶ୍ୱ ନାଟ୍ୟମେଳାରେ ବନମାଳୀଙ୍କୁ ନୃତ୍ୟାଚାର୍ଯ୍ୟ ଉପାଧିରେ ଭୂଷିତ କରାଯାଇଥିଲା।

ଜଟଣୀ ନାବାଳିକା ବଳାତ୍କାର, ହତ୍ୟା ମାମଲା

ଘରୁ ମିଳିଲା ଚିଠି, ଦ୍ୱନ୍ଦ୍ୱରେ ପୋଲିସ

ଭୁବନେଶ୍ୱର,୧୪।୨ (ବ୍ୟୁରୋ)

■ **ଅଭିଯୁକ୍ତ ଗିରଫ, ଖସାଇଦେବାକୁ ଷଡ଼ଯନ୍ତ୍ର**

■ **ବଳାତ୍କାର କରାଯାଇ ନ ଥିବା ପୋଲିସ କହୁଛି**

ଚର୍ଚ୍ଚିତ ଜଟଣୀ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ପୋଲିସ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଗୁରୁବାର ଅଭିଯୁକ୍ତ ସିର୍ଦ୍ଧାପୁର ଗ୍ରାମର ଗଜାନନ ବେହେରାଙ୍କୁ ଗିରଫ କରିବା ପରେ ପଚରାଉଚରା କରାଯାଉଛି। ତେବେ ଘଟଣା ସଂକ୍ରାନ୍ତରେ ଅଭିଯୁକ୍ତଙ୍କଠାରୁ ପୋଲିସ କ'ଣ ରହସ୍ୟ ପାଇଛି ସେନେଇ କିଛି ବି ସୂଚନା ଦିଆଯାଉନି। ଅନ୍ୟପକ୍ଷରେ ନାବାଳିକାଙ୍କ ଘରୁ ପୋଲିସ ଏକ ଚିଠି ଜବତ କରିଛି। ଉକ୍ତ ଚିଠିରେ ନାବାଳିକାଙ୍କ ମୃତ୍ୟୁର ରହସ୍ୟ ଲୁଚି ରହିଛି। ଆତ୍ମହତ୍ୟା ସଂକ୍ରାନ୍ତରେ ଉଲ୍ଲେଖ ରହିଥିବାବେଳେ ମୃତ୍ୟୁ ପରେ ନ ପୋଡ଼ି ପୋତି ଦେବାକୁ ନାବାଳିକା ଜଣକ ଲେଖିଥିବା ଜଣାପଡିଛି। ହେଲେ କୌଣସି ପୋଲିସ ଅଧିକାରୀ ଚିଠିକୁ ନେଇ ମୁହଁ ଖୋଲୁ ନ ଥିବାରୁ ସନ୍ଦେହ ବଢୁଛି। ସବୁଠାରୁ ବଡ଼ କଥା ହେଲା, ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେବଳ ହତ୍ୟା ମାମଲା ରୁଜୁ କରି ଚୁପ୍ ବସିଥିଲା। ମେଡିକାଲ ରିପୋର୍ଟରୁ ନାବାଳିକାଙ୍କୁ ବଳାତ୍କାର କରାଯାଇ ନ ଥିବା ପୋଲିସ କହୁଛି। ଏପର୍ଯ୍ୟନ୍ତ ପୋଲିସ ବି ବଳାତ୍କାର ଦଫା ଲଗାଇ ନାହିଁ। ସେପଟେ ଚିଠିରେ ଆତ୍ମହତ୍ୟା କଥା ଲେଖାଥିବାବେଳେ ପୋଲିସ କିନ୍ତୁ ହତ୍ୟା ଦଫା ଲଗାଇଛି। ପୋଲିସ ଯଦି ଲଗାଯାଇଥିବା ୩୦୨ ଦଫାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବ ଓ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଜଣାପଡିବ ତେବେ ପୋଲିସ ଆଉ ଏକ ସମସ୍ୟାରେ ପଡ଼ିବ। ଏହାକୁ ନେଇ ଏବେ କମିଶନରେଟ ପୋଲିସ ଦ୍ୱନ୍ଦ୍ୱରେ ପଡିଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଶୁକ୍ରବାର ବ୍ୟବଛେଦ ରିପୋର୍ଟ ପୋଲିସ ନିକଟରେ ହସ୍ତଗତ ହେଲେ ପୋଲିସ ଅଭିଯୁକ୍ତ ବିରୋଧରେ ସେହି ଅନୁଯାୟୀ ଦଫା ଲଗାଇ କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ

ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଖସାଇ ଦେବାକୁ ଷଡ଼ଯନ୍ତ୍ର କରିଥିବା ମୃତା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କୁହନ୍ତି, ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ କୌଣସି ପ୍ରମାଣ ନାହିଁ। ଏପରିକି ଡାକ୍ତରୀ ରିପୋର୍ଟରେ ମଧ୍ୟ ତାହା ଆସୁନାହିଁ। ତେଣୁ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡିବ।

ଘଟଣାରୁ ପ୍ରକାଶ, ଗତ ୧୧ ତାରିଖରେ ଏହି ଦୁଃଖଦ ଘଟଣା ଘଟିଥିଲା। ନାବାଳିକାର ମା' ଅଙ୍ଗନୱାଡି ଚାକିରି କରିଥିବାରୁ ସକାଳେ ସେ କେନ୍ଦ୍ରକୁ ଯାଇଥିଲେ। ସେ ଘରୁ ଗଲାବେଳେ ତାଙ୍କ ଝିଅ ଖାଉଥିଲେ। ହେଲେ ଫେରିବା ପରେ ଘରେ ତାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏପରିକି ଏହି ସମୟରେ ଅଭିଯୁକ୍ତ ଗଜାନନ ତାଙ୍କ ଘରୁ ଦୌଡି ଯାଉଥିବା ସେ ଦେଖିଥିଲେ। ତେଣୁ ଗଜାନନ ହିଁ ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରିଥିବା ନେଇ ତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କେବଳ ହତ୍ୟା ଦଫା ଲଗାଇଥିବାରୁ ପ୍ରତିବାଦ କରିବା ସହ ବଳାତ୍କାର ଦଫା ଲଗାଇବା ଓ ସମ୍ପୃକ୍ତ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇଥିଲେ।

ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି।

ମହାବିଦ୍ୟାଳୟର ବାର୍ଷିକୋତ୍ସବ

ବୋଲଗଡ଼,୧୪।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କାଳିଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଯୁକ୍ତ ଦୁଇ ଏବଂ ଡିଗ୍ରୀ ଉଭୟ ମହାବିଦ୍ୟାଳୟର ୩୦ତମ ବାର୍ଷିକୋତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଓ ମୁଖ୍ୟବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିୟାର୍‌ସିଂହ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ୍ କାଳିଚରଣ ଜୟସିଂହ, ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା, ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଶିକ୍ଷକ ପଦ୍ମନାଭ ଖଟାଇ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ଅତିଥି ପରିଚୟ ପ୍ରଦାନ, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ସରପଞ୍ଚ-ସମିତି ସଭ୍ୟଙ୍କ ମଧ୍ୟରେ ବିବାଦ

ଏଲ୍‌ଇଡି ବଲ୍‌ବ ବଣ୍ଟନ ଅଧାରୁ ବନ୍ଦ

ଯାଁଳା,୧୪।୨(ଡି.ଏନ.ଏ)

ଜଟଣୀ ବ୍ଲକର ଯାଁଳା ପଞ୍ଚାୟତରେ ଗୁରୁବାର ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଏଲ୍‌ଇଡି ବଲ୍‌ବ ବଣ୍ଟନକୁ ନେଇ ସରପଞ୍ଚ ଓ ସମିତି ସଭ୍ୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏପରିକି ଦୁଇଜଣଙ୍କ ମଧ୍ୟରେ ଯୁକ୍ତିତର୍କ ଉଗ୍ରରୂପ ନେଇଥିଲା। ଫଳରେ ବଲ୍‌ବ ବଣ୍ଟନ ଅଧାରୁ ବନ୍ଦ ରହିଥିଲା। ସରପଞ୍ଚ ପ୍ରଦୋଷ ଜେନା କୁହନ୍ତି, ପୂର୍ବପରିଏଥର ପିଠା କାର୍ଯ୍ୟକ୍ରମରେ ୧୦୦ ଜଣଙ୍କ ତାଲିକା ପ୍ରସ୍ତୁତ କରାଯାଇ ଏଲଇଡି ବଲ୍‌ବ ବଣ୍ଟାଯାଉଥିଲା। ପରେ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଏହା ପ୍ରଦାନ କରାଯାଇଥାନ୍ତା। ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ବଲ୍ ଦେବା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ସମିତି ସଭ୍ୟ ନାଭିଦତ୍ୟ ମଙ୍ଗରାଜ କୁହନ୍ତି, ତାଙ୍କ ସହ କୌଣସି ପରାମର୍ଶ ନ କରି କେବଳ ନିଜ ସମର୍ଥିତ ଲୋକଙ୍କୁ ସରପଞ୍ଚ ଏଲଇଡି ବଲ୍‌ବ ବାଣ୍ଟୁଥିଲେ। ତେଣୁ ଏହାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ ବୋଲି କହିଛନ୍ତି। ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଭିନ୍ନ ଦଳର ସମର୍ଥକ ହୋଇଥିବାରୁ ଏପରି ପରିସ୍ଥିତି ହୋଇଥିବା ସ୍ଥାନୀୟ କେତେକ ଲୋକ କହିଛନ୍ତି। ଗତ ପିଠା କାର୍ଯ୍ୟକ୍ରମରେ ବଲ୍‌ବ ପାଇ ନ ଥିବା ଲୋକଙ୍କୁ ରାଶନ ସାମଗ୍ରୀ ନେଲା ବେଳେ ଦିଆଯିବ ବୋଲି ଯୋଗାଣ ବିଭାଗ କର୍ମଚାରୀ କହିଥିଲେ। ହେଲେ ଲୋକଙ୍କୁ ଏହା ଦିଆଯାଇ ନ ଥିବା ସ୍ଥାନୀୟ କେତେକ ଲୋକ ଅଭିଯୋଗ କରିଛନ୍ତି।

ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ପୁରୀ ଅଫିସ,୧୪।୨

ମୋବାଇଲରୁ ହୋଇଥିଲା ବନ୍ଧୁତା

ଜନୈକା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଟାଉନ ଥାନା ପୋଲିସ ଖୋର୍ଦ୍ଧା ବୋଲଗଡ଼ର ଗଣେଶ ମୁଦୁଲିଙ୍କୁ ଗିରଫ କରିଛି। ୩ବର୍ଷ ତଳେ ଟାଉନ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ସହିତ ଅଭିଯୁକ୍ତ ଗଣେଶଙ୍କର ମୋବାଇଲ ଫୋନରୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢିଥିଲା। ଜାନୁୟାରୀ ୨୮ରେ ଗଣେଶ ସମ୍ପୃକ୍ତା ନାବାଳିକାଙ୍କୁ ଭେଟିବା ବାହାନାରେ ଅପହରଣ କରି ନେଇଥିଲେ। ଏ ନେଇ ଅପହୃତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଟାଉନ ଥାନା ପୋଲିସ ସେମାନଙ୍କ ମୋବାଇଲକୁ ଟ୍ରାକ୍ କରିଥିଲା। ସେମାନେ ହାଇଦ୍ରାବାଦରେ ଥିବା ସୁରାକ ପାଇ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

କ୍ଷତିପୂରଣ ଦାବିରେ କଲେଜ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ଜଟଣୀ,୧୪।୨(ଡି.ଏନ.ଏ.)

ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଛାତ୍ର ଶିବାନନ୍ଦ ସାମନ୍ତରାୟଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଜଟଣୀ କଲେଜର ବହୁ ଛାତ୍ରୀଛାତ୍ର ଗୁରୁବାର ରାସ୍ତାରୋକୋ କରିଥିଲେ। ମୃତ୍ୟୁବରଣ କରିଥିବା ଶିବାନନ୍ଦ ଜଟଣୀ କଲେଜରେ ଯୁକ୍ତ ୩ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ଥିଲେ। ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବୁଧବାର ଚାଲି ଚାଲି ଆସୁଥିବା ବେଳେ ଏକ କାର୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦାବିରେ ଜଟଣୀ କଲେଜ ସମ୍ମୁଖ ରାସ୍ତାରେ ଏହି ଆନ୍ଦୋଳନ କରାଯାଇଥିଲା। କଲେଜ ୟୁନିୟନର ପୂର୍ବତନ ସଭାପତି ଶୁଭାଶିଷ ପରିଡ଼ା, ପୂର୍ବତନ ସମ୍ପାଦକ ଚନ୍ଦନ ମାର୍ଥା ଓ ଅନ୍ୟମାନଙ୍କ ନେତୃତ୍ୱରେ ଆୟୋଜିତ ଆନ୍ଦୋଳନରେ ନବନିର୍ମାଣ କୃଷକ ଯୁବ ଛାତ୍ର ସଙ୍ଗଠନର ସହ ସଂଯୋଜକ ସାଇପ୍ରସାଦ ପଲେଇ, ଛାତ୍ରନେତା ସାଗର ସାମନ୍ତରାୟ ଓ ଅନେକ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ପୋଲିସ ଓ ଜଟଣୀ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାସୁଝା କରିଥିଲେ। ହେଲେ ପିଲାମାନେ ଧାରଣାରୁ ନ ଉଠିବାରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟି ଥିଲା।

ଜଟଣୀ କଲେଜର ଛାତ୍ରୀଛାତ୍ର ରାସ୍ତାରୋକୋ କରିଛନ୍ତି।

■ ଭୁବନେଶ୍ୱରରେ ୨ଟି ଆର୍‌ଟିଓ ଅଫିସ

ଜିଲା ସଦର ମହକୁମାକୁ ଅଣଦେଖା

ଖୋର୍ଦ୍ଧା ଅଫିସ,୧୪।୨

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଅନେକ ଜିଲାସ୍ତରୀୟ କାର୍ଯ୍ୟାଳୟ ନାହିଁ। ଭୁବନେଶ୍ୱର ଖୋର୍ଦ୍ଧା ଜିଲାର ଏକ ସବ୍‌ଡିଭିଜନ ହୋଇଥିବାବେଳେ ଏଠାରେ ରାଜ୍ୟର ରାଜଧାନୀ ରହିଛି। ରାଜଧାନୀରେ ରାଜ୍ୟସ୍ତରୀୟ ଅଫିସଗୁଡିକ ରହିଥିବାବେଳେ ଜିଲା ସଦର ମହକୁମାର ଅନେକ ଜିଲାସ୍ତରୀୟ ଅଫିସ ଏଠାରୁ ଉଠାଇ ନିଆଯାଇଛି ଓ ନୂଆ କରି କରାଯାଇଛି। ଖୋର୍ଦ୍ଧାରେ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ କାର୍ଯ୍ୟାଳୟ ସ୍ଥାପନ ଲାଗି ସମସ୍ତ ପ୍ରକାରର ଭିତ୍ତିଭୂମି ରହିଥିଲେ ହେଁ ଏହାକୁ ପରିବହନ ବିଭାଗ ଓ ରାଜ୍ୟ ସରକାର ଅଣଦେଖା କରି ଆସୁଛନ୍ତି ବୋଲି ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟରେ ରହିଛି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ (ଏଆରଟିଓ)। ଏହା ଉପରେ ବାଲୁଗାଁ, ବାଣପୁର, ଟାଙ୍ଗୀ, ବେଗୁନିଆ, ବୋଲଗଡ, ଜଟଣୀ ଏବଂ ଖୋର୍ଦ୍ଧା ଅଞ୍ଚଳର ଲୋକମାନେ ନିର୍ଭର କରୁଛନ୍ତି। ଉକ୍ତ କାର୍ଯ୍ୟାଳୟ ଡ୍ରାଇଭିଂ ଲାଇସେନ୍ସ, ଯାନବାହନ ଫିଟନେଶ ଆଦି ଆନୁଷଙ୍ଗିକ କାର୍ଯ୍ୟ ହେଉଛି। କିନ୍ତୁ ଗାଡି ମୋଟର ଯାଞ୍ଚ (ଏନ୍‌ଫୋର୍ସମେଣ୍ଟ) ବ୍ୟବସ୍ଥା ଏଆରଟିଓ ଅଧୀନରେ ନାହିଁ। ଭୁବନେଶ୍ୱର ଆଚାର୍ଯ୍ୟବିହାର ଛକ ନିକଟରେ ରହିଛି ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ। ଭୁବନେଶ୍ୱରରେ ଏକ ଆରଟିଓ କାର୍ଯ୍ୟାଳୟ ରହିଥିବା ବେଳେ ପୁଣି ଆଉ ଏକ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ଭୁବନେଶ୍ୱରରେ ୨ଟି ଆରଟିଓ କାର୍ଯ୍ୟାଳୟ ହୋଇଥିଲେ ମଧ୍ୟ ଖୋର୍ଦ୍ଧା ଭାଗ ପଡିଲା ନାହିଁ। ଏହାକୁ ନେଇ ଖୋର୍ଦ୍ଧା ସବ୍‌ଡିଭିଜନର ବାସିନ୍ଦାମାନେ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ଏଆରଟିଓ କାର୍ଯ୍ୟାଳୟକୁ ଆରଟିଓ କାର୍ଯ୍ୟାଳୟ କରିବାକୁ ଦୀର୍ଘଦିନ ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଉପେକ୍ଷା କରିଚାଲିଛନ୍ତି।

ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦରକାର

ପରିବହନ କମିଶନରଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଭୁବନେଶ୍ୱରରେ ଆଉ ଏକ ଆରଟିଓ ଖୋଲିବ। ଖୋର୍ଦ୍ଧା ଏଆରଟିଓ ଆରଟିଓର ମାନ୍ୟତା ପାଇବ। ଏଥିରେ ଖୋର୍ଦ୍ଧା ଆଦର୍ଶ ଥାନା ଓ ସଦର ଥାନା, ଜଟଣୀ, ବେଗୁନିଆ, ବୋଲଗଡ, ଜଙ୍କିଆ, ନିରାକାରପୁର, ଟାଙ୍ଗୀ, ବାଣପୁର, ବାଲୁଗାଁ ଥାନା ରହିବ। ରାଜଧାନୀରେ ଯାନବାହନ ବୃଦ୍ଧିକୁ ନେଇ ଆଉ ଏକ ଆରଟିଓ ଖୋଲିବାର ଆବଶ୍ୟକତା ରହିଛି। ପୁଣି ଖୋର୍ଦ୍ଧା ଏଆରଟିଓ କାର୍ଯ୍ୟାଳୟକୁ ପୂର୍ଣ୍ଣାଙ୍ଗ ରୂପ ଦେବାର ଆବଶ୍ୟକତା ଥିବାରୁ ୨ଟି ଆରଟିଓ କାର୍ଯ୍ୟାଳୟ ଖୋଲିବାକୁ ପରିବହନ ବିଭାଗର ଯୋଜନା ପ୍ରସ୍ତୁତି ହୋଇଛି। ଏ ନେଇ ପରିବହନ କମିଶନର ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବଙ୍କୁ ଦୁଇ ଆରଟିଓ କାର୍ଯ୍ୟାଳୟ ଖୋଲିବା ସମ୍ପର୍କରେ ପ୍ରସ୍ତାବ ଦେଇଥିବା ଭୁବନେଶ୍ୱର ୧ ଆରଟିଓ ପି.କେ. ମହାନ୍ତି ସୂଚନା ଦେଇଛନ୍ତି। ଖୋର୍ଦ୍ଧାର ଏଆରଟିଓ କାର୍ଯ୍ୟାଳୟ ବର୍ତ୍ତମାନ ଭୁବନେଶ୍ୱର ଆରଟିଓ ୧ କାର୍ଯ୍ୟାଳୟ ଅଧୀନରେ ରହିଛି। ଖୋର୍ଦ୍ଧାରେ ୨୦୧୬ରେ ୬୮୧୦, ୨୦୧୭ରେ ୭ ହଜାର, ୨୦୧୮ରେ ୬୨୩୦ ଗାଡି ପଞ୍ଜୀକରଣ ହୋଇଥିବା ଆରଟିଓ ଅଫିସ ଖୋଲିବାର ପଥକୁ ସୁଗମ କରିଛି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

ସଂକ୍ଷେପରେ

ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ପୁରୀ ଅଫିସ,୧୪।୨: ଜନୈକା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଟାଉନ ଥାନା ପୋଲିସ ଖୋର୍ଦ୍ଧା ବୋଲଗଡ଼ର ଗଣେଶ ମୁଦୁଲିଙ୍କୁ ଗିରଫ କରିଛି। ୩ବର୍ଷ ତଳେ ଟାଉନ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ସହିତ ଅଭିଯୁକ୍ତ ଗଣେଶଙ୍କର ମୋବାଇଲ ଫୋନରୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ଜାନୁୟାରୀ ୨୮ରେ ଗଣେଶ ସମ୍ପୃକ୍ତା ନାବାଳିକାଙ୍କୁ ଭେଟିବା ବାହାନାରେ ଅପହରଣ କରି ନେଇଥିଲେ। ଏ ନେଇ ଅପହୃତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଟାଉନ ଥାନା ପୋଲିସ ସେମାନଙ୍କ ମୋବାଇଲକୁ ଟ୍ରାକ୍ କରିଥିଲା। ସେମାନେ ହାଇଦ୍ରାବାଦରେ ଥିବା ସୂରାକ ପାଇ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ପୁରୀ ଅଫିସ,୧୪।୨: ପୋଖରୀରେ ବୁଡ଼ି ଚନ୍ଦନପୁର ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ପ୍ରତାପ ସ୍ୱାଇଁଙ୍କ ୩ ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଶିଶୁଟି ଖେଳିବା ବେଳେ ଘର ନିକଟରେ ଥିବା ପୋଖରୀରେ ବୁଡ଼ିଯାଇଥିଲା। ବହୁ ଖୋଜାଖୋଜି ପରେ କୌଣସି ଖବର ମିଳି ନ ଥିଲା। ଅପରାହ୍ନରେ ଶିଶୁଟି ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ତାକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଚନ୍ଦନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଅଟୋ-କାର ଧକ୍କା, ୮ ଗୁରୁତର

ପୁରୀ ଅଫିସ,୧୪।୨: ପୁରୀ-ସାତପଡ଼ା ଜାତୀୟ ରାଜପଥ ଗିରଳ ଛକରେ ଗୁରୁବାର ରାତିରେ ଅଟୋ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଅଟୋରେ ବସିଥିବା ୮ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ବିଧୁରବାଙ୍କର ଗ୍ରାମର ମେମ୍ବର ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ଛଇନ ପ୍ରଧାନ, ନରହରି ପ୍ରଧାନ, ଚକ୍ରଧର ପ୍ରଧାନ ଓ ଅଟୋ ଡ୍ରାଇଭର ଯୋଗେନ୍ଦ୍ର ପ୍ରଧାନ। ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରି ନାହିଁ। ବିଧୁରବାଙ୍କର ୫ଜଣ ପୁରୀ ଆସି ଫେରୁଥିଲେ। ବାଟରେ ୨ ଜଣ ଯାତ୍ରୀ ଚଢ଼ିଥିଲେ। ଗିରଳ ଛକରେ ସାମ୍ନା ପଟୁ ଆସୁଥିବା ଏକ କାର ଅଟୋକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି ଆହତମାନଙ୍କୁ ମେଡିକାଲ ପଠାଇ ଥିଲେ।

କୁରାଳ ପଞ୍ଚମୀ ମହୋତ୍ସବ

କୁମ୍ଭକାର ସଙ୍ଗଠନ କର୍ମକର୍ତ୍ତା ସମ୍ବର୍ଦ୍ଧିତ

ପୁରୀ ଅଫିସ,୧୪।୨: କୁମ୍ଭାରପଡ଼ାସ୍ଥିତ ଶ୍ରୀକ୍ଷେତ୍ର କୁମ୍ଭକାର ସମିତି ଆନୁକୂଲ୍ୟରେ ଗୁରୁବାର କୁରାଳ ପଞ୍ଚମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ବନମାଳୀ ବିଶୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନ୍‌ସିଲର ପ୍ରଦୀପ୍ତ କୁମାର ନାୟକ, ସୁଦର୍ଶନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହେନ୍ଦ୍ର ବିଶୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମିତି ସମ୍ପାଦକ ଚୈତନ୍ୟ ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୁମ୍ଭକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଅନୁରୋଧ କରାଯାଇଥିଲା। ଏଥିରେ ବିଭିନ୍ନ କୁମ୍ଭକାର ସଙ୍ଗଠନର ସଭାପତି, ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀ ଓ ରଙ୍ଗଶାଳାର କଳାକାରମାନେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ ଅଫିସ,୧୪।୨: ଆସନ୍ତା ୧୭ରୁ ୨୦ ତିନିଦିନ ବ୍ୟାପୀ ସର୍ବଭାରତୀୟ ସବ୍‌ଜୁନିୟର ବାଳକ ବାଳିକା କୁସ୍ତି ପ୍ରତିଯୋଗିତା କଟକରେ ଅନୁଷ୍ଠିତ ହେବ। ଏ ନେଇ ପୁରୀ ଜିଲା କୁସ୍ତି ସଂଘ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗତ ୨ତାରିଖରୁ ଚାଲିଥିବା କୁସ୍ତି ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଓଡ଼ିଶା କୁସ୍ତି ସଂଘ ସଭାପତି ରାମଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ,ଏନ୍‌ଆଇଏସ୍ କୋଚ୍ ନାରାୟଣ ବେହେରା, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ପୁରୀ ମାଳତିପାଟପୁରଠାରେ ଥିବା ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ।

ବସ୍‌ଷ୍ଟାଣ୍ଡରେ ପାଣି ପାଇଁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି।

ଫି ଦେଉଛନ୍ତି, ସେବା ମିଳୁନି

ମାଳତିପାଟପୁର ବସ୍‌ଷ୍ଟାଣ୍ଡ
- ପାଣି ନାହିଁ, ଶୌଚାଳୟରେ ପଶି ହେଉନି
- ପ୍ରାଥମିକ ଚିକିତ୍ସା ସେବା ଗୃହରେ ତାଲା ଝୁଲୁଛି
- ଧାରଣା ଦେଲେ ପର୍ଯ୍ୟଟକ, ବସ୍ ଚାଳକ
- ଅତିଥି ଦେବୋ ଭବଃ ତୁଚ୍ଛାକୁ ମାତ୍ର

ପୁରୀ ଅଫିସ,୧୪।୨:

ଶ୍ରୀକ୍ଷେତ୍ରର ପ୍ରବେଶ ପଥରେ ରହିଛି ମାଳତିପାଟପୁର ବସ୍‌ଷ୍ଟାଣ୍ଡ। ଏଠାରେ ପାର୍କିଂ ପାଇଁ ଟୁରିଷ୍ଟ ବସ୍‌ଗୁଡ଼ିକଠାରୁ ୪୮୦ ଟଙ୍କା ଲେଖାଏ ଫି ନିଆଯାଉଛି। ହେଲେ ପର୍ଯ୍ୟଟକ ଏବଂ ବସ୍ କର୍ମଚାରୀଙ୍କୁ ଏଠାରେ ସାମାନ୍ୟତମ ମୌଳିକ ସୁବିଧା ମିଳୁନାହିଁ। ଦୀର୍ଘଦିନ ଧରି ଏପରି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏକାଧିକଥର ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ବସ୍ କର୍ମଚାରୀ ଲିଖିତ ଭାବେ ଜଣାଇବା ପରେ ମଧ୍ୟ ଏହାର କୌଣସି ସମାଧାନ କରାଯାଉ ନାହିଁ। ଫଳରେ ଗୁରୁବାର ପର୍ଯ୍ୟଟକ ଏବଂ ବସ୍ କର୍ମଚାରୀ ବସ୍‌ଷ୍ଟାଣ୍ଡରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

୨୦୧୫ ନବକଳେବର ସମୟରେ ମାଳତିପାଟପୁରଠାରେ ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ପ୍ରାୟ ୧୦ ଏକର ଜାଗାରେ ୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିଲା। ଲକ୍ଷ୍ୟ ଥିଲା ଏହା ଏକ ବିଶ୍ୱସ୍ତରୀୟ ବସ୍‌ଷ୍ଟାଣ୍ଡ ହେବ। ହେଲେ ଏହା ଏକ ପୂର୍ଣ୍ଣକାଳୀନ ବସ୍‌ଷ୍ଟାଣ୍ଡ ହୋଇପାରିଲା ନାହିଁ। କେବଳ ଟୁରିଷ୍ଟ ବସ୍‌ଗୁଡ଼ିକର ପାର୍କିଂ ସ୍ଥାନ ଭାବେ ଏହାକୁ ଏବେ ବ୍ୟବହାର କରାଯାଉଛି। ନିର୍ମାଣ ସମୟରେ ଏଠାରେ ଯାତ୍ରୀଙ୍କୁ ୨୪ ଘଣ୍ଟିଆ ସେବା ମିଳିବ ବୋଲି ଘୋଷଣା କରାଯାଇଥିଲା। ବିଦ୍ୟୁତ୍, ପାନୀୟ ଜଳ, ପୋଲିସ ବ୍ୟବସ୍ଥା, ଶୌଚାଳୟ, ୨ଟି ଶୟନାଗାର (ପୁରୁଷ ଓ ମହିଳା), ଗୋଟିଏ ମହିଳା ପ୍ରତୀକ୍ଷାଳୟ, ୩ଟି ଭୋଜନାଳୟ, ଜିନିଷପତ୍ର ରଖିବା ଗୃହ, ଯାତ୍ରୀ ସୂଚନା ଗୃହ, ପ୍ରାଥମିକ ଚିକିତ୍ସା ସୁବିଧା, ଦୋକାନ ଘର, ଏଟିଏମ୍ କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ହେଲେ ଏବେ ଯାତ୍ରୀଙ୍କୁ ପ୍ରାୟ ଉପରୋକ୍ତ କୌଣସି ସେବା ଠିକ୍ ଭାବେ ମିଳୁନାହିଁ ବୋଲି ଯାତ୍ରୀ ଏବଂ ବସ୍ କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

ପ୍ରତିଦିନ ଶତାଧିକ ଟୁରିଷ୍ଟ ବସ୍ ମାଳତିପାଟପୁର ବସ୍‌ଷ୍ଟାଣ୍ଡରେ ଲାଗୁଛି। ବିଶେଷକରି ପଶ୍ଚିମବଙ୍ଗରୁ ଅଧିକ ବସ୍ ଆସୁଛି। ହେଲେ ଯାତ୍ରୀ ବା ପର୍ଯ୍ୟଟକମାନେ ଏଠାରେ ଓହ୍ଲାଇବା ପରେ ଆରମ୍ଭ ହୋଇଯାଉଛି ସେମାନଙ୍କ ସମସ୍ୟା। ସ୍ନାନ, ଶୌଚ ଚିନ୍ତା ଘାରୁଛି। ବସ୍‌ଷ୍ଟାଣ୍ଡ ପରିସର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ଏଣେତେଣେ ଆବର୍ଜନା ଗଦା ହୋଇ ଦୁର୍ଗନ୍ଧ ହେଉଛି। ଶୌଚାଳୟ ଅବସ୍ଥା ନ କହିଲେ ଭଲ। ଏହାକୁ ସଫା କରାଯାଉ ନାହିଁ। ଫଳରେ ମଇଳା ଜମି ରହୁଛି। ଯାତ୍ରୀମାନେ ଶୌଚ ପାଇଁ ତା ଭିତରକୁ ପଶିପାରୁ ନାହାନ୍ତି। ଶୌଚାଳୟକୁ ପାଣି ମଧ୍ୟ ଠିକ୍ ଭାବେ ଆସୁନାହିଁ, ଯାହାକି ସ୍ଥିତିକୁ ଅଧିକ ବିଗାଡ଼ି ଦେଉଛି। ସେହିପରି ପ୍ରାଥମିକ ଚିକିତ୍ସା ସେବା ଗୃହରେ ତାଲା ଝୁଲୁଛି।

ଏ ସମ୍ପର୍କରେ କୋଲକାତାରୁ ବସ୍ ଆଣି ଆସିଥିବା ଚାଳକ କାଞ୍ଚନ କହିଛନ୍ତି, ମାସକୁ ପ୍ରାୟ ୪/୫ ଥର ଯାତ୍ରୀଙ୍କୁ ଆଣି ପୁରୀ ଆସୁଛି। ପାର୍କିଂ ଫି ବାବଦ ୪୮୦ ଟଙ୍କା ଦେଉଛୁ। ହେଲେ ଏଠାରେ ଆମକୁ ବିଭିନ୍ନ ସମସ୍ୟା ଭୋଗିବାକୁ ପଡୁଛି। ପାନୀୟ ଜଳ ମିଳୁନାହିଁ। ପାଇଖାନାରେ ବି ପାଣି ଆସୁନାହିଁ। ଲାଇଟ୍ ନାହିଁ। ପୂର୍ବରୁ ୨ ଥର ଲେଖିକି ଜଣାଇଛୁ। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ତେଣୁ ଗୁରୁବାର ଧାରଣା ଦେବାକୁ ବାଧ୍ୟ ହେଲୁ। ଅନ୍ୟଜଣେ ବସ୍ ଚାଳକ କୋଲକାତାର ଦେବଦାସ ଦିୟାନ କହିଛନ୍ତି, ପାର୍କିଂ ପରିସର ସଫା ହେଉନାହିଁ। ଗେଟ୍‌ରେ ଯେଉଁମାନେ ରହୁଛନ୍ତି ସେମାନେ ୧୦/୨୦ଟଙ୍କା ମାଗୁଛନ୍ତି। ଏମିତି ଜୁଲମ କରାଯାଉଛି। ବାଟରେ ବି ଯାଞ୍ଚ କରି ୨୦୦/୫୦୦ ଟଙ୍କା ମାଗୁଛନ୍ତି। ଓଡ଼ିଶା ଆସି ଆମେ ହଇରାଣ ହେଉଛୁ ବୋଲି ଦିୟାନ କହିଛନ୍ତି। ସେହିପରି ଯାତ୍ରୀ ବିଜୟ କୁମାର ବେହେରା କହିଛନ୍ତି, ମାଳତିପାଟପୁର ବସ୍‌ଷ୍ଟାଣ୍ଡ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ଅନ୍ୟ ଏକ ଶୌଚାଳୟକୁ ପଠାଉଛନ୍ତି। ସେଠାରେ ଗାଧୋଇବାକୁ ୧୦ ଟଙ୍କା ଦେବାକୁ ପଡୁଛି ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ସେମାନେ ଟୁରିଷ୍ଟ ବସ୍‌ଗୁଡ଼ିକଠାରୁ ପାର୍କିଂ ଫି ଆଦାୟ କରୁଛନ୍ତି। କିନ୍ତୁ ବାରମ୍ବାର ରକ୍ଷଣାବେକ୍ଷଣରେ ତ୍ରୁଟି ବିଚ୍ୟୁତି ନେଇ ଅଭିଯୋଗ ହେଉଛି। ଅଭିଯୋଗର ବି ସତ୍ୟତା ରହିଥିବା ପରିଲକ୍ଷିତ ହୋଇଛି। ଅବ୍ୟବସ୍ଥାକୁ ନେଇ ଗୁରୁବାର ପର୍ଯ୍ୟଟକ ବିକ୍ଷୋଭ ଏବଂ ଧାରଣା ଦେବା ମୋ ଦୃଷ୍ଟିକୁ ଆସିଛି। ଏ ନେଇ ଓଏସ୍‌ଆରଟିସି ପରିଚାଳନା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ପର୍ଯ୍ୟଟକମାନଙ୍କର ଯେଉଁ ସମସ୍ୟା ରହିଛି ତାହାର ଅନୁଧ୍ୟାନ ଲାଗି ଆର୍‌ଟିଓଙ୍କୁ ପଠାଯିବ। ସେ ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ।

■ ଖୋଲୁନି ପୁରୀ ମେଡିକାଲ କଲେଜ

ଶ୍ରୀଜଗନ୍ନାଥ ସେନାର ବିକ୍ଷୋଭ

ପୁରୀ ଅଫିସ,୧୪।୨:

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପୁରୀବାସୀଙ୍କ ଦୀର୍ଘଦିନର ଏକ ପ୍ରକଳ୍ପ। ଯୁଦ୍ଧକାଳୀନ ଭିତ୍ତିରେ କଲେଜର କୋଠା ଏବଂ ହଷ୍ଟେଲ ତିଆରି ସରିଛି। କିନ୍ତୁ ହସ୍ପିଟାଲ ପାଇଁ କୋଠା ତିଆରି କରାଯାଇପାରୁନାହିଁ। ଏଥିପାଇଁ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ଦାୟୀକରି ଗୁରୁବାର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ଶ୍ରୀଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପୁରୀ ସହରବାସୀଙ୍କ ସମେତ ଆଖପାଖ ସମଗରା, ବାଲିଗୁଆଳି, ବାଲିପାଟଣା, ନଗପାଟେଣା, ରାମେଶ୍ୱରପାଟଣା, ଗୋପାଳପୁର ପ୍ରଭୃତି ଗ୍ରାମବାସୀ ଏହି ପ୍ରକଳ୍ପ ପାଇଁ ପୂର୍ଣ୍ଣ ସହଯୋଗ କରିଛନ୍ତି। ଏହା କାର୍ଯ୍ୟକ୍ଷମ ହେଲେ ପୁରୀ ଜିଲାବାସୀଙ୍କୁ ଆଉ କଟକ କିମ୍ବା ଭୁବନେଶ୍ୱର ଯାଇ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ। କିନ୍ତୁ ହସ୍ପିଟାଲ କୋଠା ତିଆରି ହୋଇ ନ ଥିବାରୁ ଏହା ଉଦ୍‌ଘାଟନ ହୋଇପାରୁ ନାହିଁ। ହସ୍ପିଟାଲ ନିର୍ମାଣରେ ପ୍ରତିବନ୍ଧକ ସାଜିଛନ୍ତି ମନ୍ତ୍ରୀ ମହେଶ୍ୱର ମହାନ୍ତି। ହସ୍ପିଟାଲ ପାଇଁ ଉଦ୍ଦିଷ୍ଟ ଜାଗାରେ ମନ୍ତ୍ରୀଙ୍କ ଫାର୍ମ ହାଉସ୍ ରହିଥିବା ସେନାର ଆବାହକ ପଟ୍ଟନାୟକ କହିଛନ୍ତି। ତେଣୁ ଫାର୍ମ ହାଉସ୍ ଛାଡ଼ ନଚେତ ଗାଦି ଛାଡ଼ ଦାବିରେ ମେଡିକାଲ କଲେଜ ଏବଂ ମନ୍ତ୍ରୀଙ୍କ ଫାର୍ମ ହାଉସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ବୋଲି ପଟ୍ଟନାୟକ କହିଛନ୍ତି। ଏଭଳି ଅଭିଯୋଗକୁ ମନ୍ତ୍ରୀ ମହେଶ୍ୱର ମହାନ୍ତି ଅସ୍ୱୀକାର କରିଛନ୍ତି। ମନ୍ତ୍ରୀ କହିଛନ୍ତି, ହସ୍ପିଟାଲ ନିର୍ମାଣ ପ୍ରକ୍ରିୟା ବିଳମ୍ବିତ ହୋଇଥିବାରୁ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସରକାର ଅନ୍ୟ ଯେଉଁ ମେଡିକାଲ କଲେଜ କରିଛନ୍ତି, ତାହାକୁ ପର୍ଯ୍ୟାୟକ୍ରମେ ସାରିବାକୁ ଚାହୁଁଛନ୍ତି। ଏକକାଳୀନ ସବୁ କଲେଜ କଲେ ଡାକ୍ତର ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ଅସୁବିଧା ଯୋଗୁ ଏହା ବିଳମ୍ବ ହେଉଛି। ବର୍ତ୍ତମାନ ଏହାର ଟେଣ୍ଡର ପ୍ରକ୍ରିୟା ସରିଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଏହି ମେଡିକାଲ କଲେଜ ପ୍ରତି ମୋର ଆନ୍ତରିକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଶ୍ରୀଜଗନ୍ନାଥ ସେନା ପକ୍ଷରୁ କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ଦସ୍ତଖତ ଅଭିଯାନ

ପୁରୀ ଅଫିସ,୧୪।୨:

ପୁରୀ–କୋଣାର୍କ ଜାତୀୟ ରାଜପଥରେ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ନିର୍ମାଣ ଦାବି ଜୋର୍ ଧରିଛି। ସାମାଜିକ ଅନୁଷ୍ଠାନ ଜନଜାଗରଣ ମଞ୍ଚ କର୍ମକର୍ତ୍ତା ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆରମ୍ଭ କରିଛନ୍ତି ଦସ୍ତଖତ ଅଭିଯାନ। ଗତ ଏକ ସପ୍ତାହ ଧରି ଅନୁଷ୍ଠାନର କର୍ମକର୍ତ୍ତା ରେଳଫାଟକର ଉଭୟ ପାର୍ଶ୍ୱରେ ଠିଆ ହୋଇ ସଚେତନତା ସୃଷ୍ଟି କରୁଛନ୍ତି। ଲୋକଙ୍କ ମତାମତ ଏବଂ ଦସ୍ତଖତ ସଂଗ୍ରହ କରୁଛନ୍ତି। ଏହି ଅଭିଯାନ ଏବେ ଜନଆନ୍ଦୋଳନରେ ପରିଣତ ହୋଇଛି। ଜମି ଅଧିଗ୍ରହଣରେ ସମସ୍ୟା ରହିଥିବାରୁ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ଘଟୁଛି ବୋଲି ଜିଲାପାଳ ଜ୍ୟୋତିପ୍ରକାଶ ଦାସ ସୂଚନା ଦେଇଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଥିବା ସେ ଜଣାଇଛନ୍ତି। ଜନଜାଗରଣ ମଞ୍ଚର ଆବାହକ ଜ୍ୟୋତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ମନୋଜ ମହାରଣା, ନୀହାରିକା ତ୍ରିପାଠୀ, ରାଜ ପୂଜାପଣ୍ଡା, ମହେଶ୍ୱର ବେହେରା, ଚନ୍ଦନ ବେହେରା, ରାଜକୁମାର ମହାନ୍ତି, ରାକେଶ ପଣ୍ଡା, ଭବାନୀ ପଣ୍ଡା, ଯୋଗେନ୍ଦ୍ର ପାତ୍ର, ତୁଳସୀ ସାମଲ ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଜ୍ୟୋତି ରଞ୍ଜନ କୁହନ୍ତି, ବର୍ତ୍ତମାନ ସୁଦ୍ଧା ୨୪ ହଜାର ଲୋକଙ୍କ ଦସ୍ତଖତ ସଂଗ୍ରହ ସରିଛି। ୧ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ଦିଆଯିବ। ଉକ୍ତ ଓଭରବ୍ରିଜ୍ ନିର୍ମାଣ ପର୍ଯ୍ୟନ୍ତ ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

ଜନଜାଗରଣ ମଞ୍ଚର କର୍ମକର୍ତ୍ତାମାନଙ୍କ ଦ୍ୱାରା ଦସ୍ତଖତ ଅଭିଯାନ।

ପ୍ରିୟପତ୍ରର ବାର୍ଷିକ ଉତ୍ସବ

ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଲେଖିକା ଓ ଲେଖକମାନେ।

ପୁରୀ ଅଫିସ,୧୪।୨:

ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାର ପରିସରରେ ଗୁରୁବାର ସାହିତ୍ୟ ପତ୍ରିକା 'ପ୍ରିୟପତ୍ର'ର ୩୨ତମ ବାର୍ଷିକ ଉତ୍ସବ ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି ଏବଂ ବର୍ଷୀୟାନ କବି ଶକୁନ୍ତଳା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରିୟପତ୍ରର ସାହିତ୍ୟ ସେବା ସମ୍ପର୍କରେ କହିଥିଲେ। ରୀନା ମାନସିଂହଙ୍କ କବିତା ସଙ୍କଳନ କବିତା ଓ ଜହ୍ନରାତି, ସୁମିତା ବେହେରାଙ୍କ କବିତା ସଙ୍କଳନ ଦେଖନା! ଫଗୁଣ ଆସିଲାଣି, ଶୈଳେନ୍ଦ୍ର ନାରାୟଣ ବେହେରାଙ୍କ କବିତା ସଙ୍କଳନ 'ଅପେକ୍ଷାରେ ଫଗୁଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନୀଲ ମିଶ୍ର, ଅମ୍ବିକା ସ୍ୱାଇଁ, ଶର୍ମିଷ୍ଠା ମହାନ୍ତି, ପ୍ରକାଶ ତ୍ରିପାଠୀ, ଡ. ପ୍ରଭାକର ତ୍ରିପାଠୀ, ସୁମିତା ବେହେରା ଏବଂ ଶୈଳେନ୍ଦ୍ର ନାରାୟଣ ବେହେରାଙ୍କୁ ପ୍ରିୟପତ୍ର ଯୁଗଳବନ୍ଦୀ ସମ୍ମାନ, ସତ୍ୟନାରାୟଣ ମିଶ୍ର, ଅନନ୍ତ ପ୍ରଧାନ, ପ୍ରବାସିନୀ ମିଶ୍ର, ମନୋରମା ମହାପାତ୍ର, ମମତା ଦାସ, ତୃପ୍ତି ପଣ୍ଡା, ଲକ୍ଷ୍ମୀଧର ମହାରଣାଙ୍କୁ ରଘୁନାଥ ମହାପାତ୍ର ସ୍ମୃତି ସମ୍ମାନ, ହେମନ୍ତ ସାହୁ, ରାଜେନ୍ଦ୍ର କୁମାର ସାହୁଙ୍କୁ ଗୀତିକବି ସରୋଜ ତ୍ରିପାଠୀ ସମ୍ମାନ, ପ୍ରଫେସର ଡ. ବୀଣାପାଣି ମିଶ୍ର, ରଶ୍ମିମୟୀ ପତି ଓ ପ୍ରକାଶ କୁମାର ଚାନ୍ଦଙ୍କୁ ପ୍ରିୟପତ୍ର ସମ୍ମାନ– ୨୦୧୯ ପ୍ରଦାନ କରାଯାଇଥିଲା। ଦେବୀପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ବହୁ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ।

ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା

ପୁରୀ ଅଫିସ,୧୪।୨:

ସୃଜନୀ ସାହିତ୍ୟ ସଂସଦ ଆନୁକୂଲ୍ୟାରେ ବଡ଼ଦାଣ୍ଡସ୍ଥିତ ପଦ୍ମିନୀ ସଭାକକ୍ଷରେ ଶୀତ କବିତା ଆସର ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରଫେସର କାର୍ତ୍ତିକ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆସରରେ ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ ମୁଖ୍ୟଅତିଥି, ଅଧ୍ୟାପକ ଡ. ବଳରାମ ଦାଶ, କବି ହରେକୃଷ୍ଣ ପ୍ରଧାନୀ, କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବସନ୍ତର ମହନୀୟତା ଓ ଏହାର ସାମ୍ପ୍ରତିକ ସମାଜ ଉପରେ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ ଯୋଗଦେଇ ଶୀତଋତୁରେ ସାମାଜିକ ଓ ଧାର୍ମିକ ପରମ୍ପରା ସମ୍ପର୍କରେ କହିଥିଲେ। ସଂସଦର ଉପସଭାପତି ଅଶୋକ କୁମାର ଆଢ଼୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଶ୍ମୀରର ପୁଲ୍‌ଓ୍ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

■ ପୁରୀରେ ପେନ୍‌ସନ ଅଦାଲତ

ପେନ୍‌ସନ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି

ପୁରୀ ଅଫିସ,୧୪।୨:

ଅବସରପ୍ରାପ୍ତ କର୍ମଚାରୀଙ୍କୁ ଶୀଘ୍ର ପେନ୍‌ସନ ଦେବା ପାଇଁ ପେନ୍‌ସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏ ସମ୍ବନ୍ଧିତ କେସ୍‌ଗୁଡ଼ିକର ତୁରନ୍ତ ଫଇସଲା ଲାଗି ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ସାଧାରଣ ଅଭିଯୋଗ ଓ ପେନ୍‌ସନ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁ। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଗୁରୁବାର ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ ପକ୍ଷରୁ ୧୬୩ତମ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଭୂୟାଁ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ ଜିଲାରେ ପେନ୍‌ସନ ଅଦାଲତ କରୁଛନ୍ତି। ପୁରୀରୁ ଜିଲାୱାରି ପେନ୍‌ସନ ଅଦାଲତ ଆରମ୍ଭ କରାଯାଉଛି। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାରେ ଏହା କରାଯିବ। ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ଦୀନମଣି ମଲ୍ଲିକ ପେନ୍‌ସନ ଅଦାଲତର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ମହାଲେଖାକାରଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନ୍‌ସନ ଅର୍ଡର ପ୍ରସ୍ତୁତ କରାଯାଉଛି ଏବଂ ଡିଜିଟାଲ ପେନ୍‌ସନ ଦିଆଯାଉଛି ବୋଲି ଏଥିରେ କୁହାଯାଇଥିଲା। ଏହି ଅଦାଲତରେ ୧୨୫ ଜଣଙ୍କୁ ପେନ୍‌ସନ ଦେବା ପାଇଁ ପ୍ରସ୍ତୁତି ହୋଇଥିବା ବେଳେ ୯୪ ଜଣଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କୁ ଯଥାଶୀଘ୍ର ଏହା ଦିଆଯିବ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଫାଇନାଲ ପେନ୍‌ସନ ଓ ଗ୍ରାଚ୍ୟୁଇଟି ଦିଆଯାଇଛି ବୋଲି ଏହି ଅବସରରେ ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଆଡିଶନାଲ କଣ୍ଟ୍ରୋଲର ଆକାଉଣ୍ଟ୍ସ ସୁବ୍ରତ ସେନାପତି, ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଆକାଉଣ୍ଟ୍ସ ସ୍ନେହ ଦାସ, ଜିଲାପାଳଙ୍କ କାର୍ଯ୍ୟାଳୟର ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇଥିଲେ।

କୋଲକାତାରୁ ସାଇକେଲ ଯାତ୍ରାରେ ଓଡ଼ିଆ ଯୁବକ

ରକ୍ତଦାନ ସଚେତନତା
- ୩ ଶହରୁ ଊର୍ଦ୍ଧ୍ୱ ସ୍କୁଲ, କଲେଜରେ ସଭା
- ଶ୍ରୀକ୍ଷେତ୍ରରେ ସ୍ୱାଗତ ସମ୍ବର୍ଦ୍ଧନା

ପୁରୀ ଅଫିସ,୧୪।୨:

ଜୟଦେବ ରାଉତଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମ୍ବର୍ଦ୍ଧିତ କରାଯାଉଛି।

ରକ୍ତଦାନ ସଚେତନତା ଯାତ୍ରାରେ କୋଲ୍‌କାତାରୁ ବାହାରିଛନ୍ତି ଭଦ୍ରକ ଧାମନଗରର ଜୟଦେବ ରାଉତ। ଗୁରୁବାର ଅପରାହ୍ନରେ ସେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ସିଂହଦ୍ୱାର ନିକଟରେ ସାମାଜିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ମାନପତ୍ର ଦିଆଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ୟୁଥ୍ ରେଡ୍‌କ୍ରସ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ।

ଜୟଦେବ କୁହନ୍ତି, ୧୯୯୮ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରକ୍ତର ଆବଶ୍ୟକତା ନେଇ ସେ ବହୁ ସମସ୍ୟାରେ ପଡିଥିଲେ। ରକ୍ତ ଅଭାବରୁ ବହୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଜାଣିବାକୁ ପାଇଥିଲେ। ସେହିଦିନ ସେ ସଂକଳ୍ପ କରିଥିଲେ ଯେ ରକ୍ତଦାନ ଲାଗି ଜନସଚେତନତା ସୃଷ୍ଟି କରିବେ। ତା' ପରଠାରୁ ସେ ବିଭିନ୍ନ ସ୍ଥାନ ବୁଲି ରକ୍ତଦାନ ଲାଗି ସଚେତନତା ସୃଷ୍ଟି କରିବା ଆରମ୍ଭ କରିଥିଲେ। ଏହାପରେ ୨୦୧୮ ଅକ୍ଟୋବର ୫ରୁ ସେ କୋଲ୍‌କାତାରୁ ସାଇକେଲରେ ବାହାରିଛନ୍ତି। ଇତିମଧ୍ୟରେ ସେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଛତିଶଗଡ଼ ଦେଇ ଓଡ଼ିଶାର ବରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ ଓ ଭୁବନେଶ୍ୱର ଅତିକ୍ରମ କରି ଗୁରୁବାର ପୁରୀରେ ପହଞ୍ଚିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୭ ହଜାର କିମି ବାଟ ଅତିକ୍ରମ କରିସାରିଛନ୍ତି। ଏହି ସମୟରେ ସେ ୩ ଶହରୁ ଊର୍ଦ୍ଧ୍ୱ କଲେଜ, ସାଧାରଣ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ୨୦୧୭ରେ ସେ କୋଲ୍‌କାତାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରାକରି ରକ୍ତଦାନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ। ବର୍ତ୍ତମାନ ସୁଦ୍ଧା ୪୦ରୁ ଊର୍ଦ୍ଧ୍ୱଥର ରକ୍ତଦାନ ସହ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ଶୁକ୍ରବାର ଏଠାରୁ କୋଣାର୍କ, ନିମାପଡ଼ା, ନିଆଳି, କଟକ, ଭଦ୍ରକ, ବାଲେଶ୍ୱର ଦେଇ କୋଲ୍‌କାତାରେ ଯାତ୍ରା ସମାପ୍ତ କରିବେ ବୋଲି ଜୟଦେବ କହିଛନ୍ତି।

ହୁଗୁଳିର ଏକ ଝୋଟକଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜୟଦେବଙ୍କୁ ପରିବାର ଲୋକେ ବେଶ୍ ସହଯୋଗ କରନ୍ତି। ଶ୍ରମିକ ହୋଇଥିବାରୁ ନୋ ୱାର୍କ ନୋ ପେ ନ୍ୟାୟରେ ତାଙ୍କୁ ଦରମା ମିଳି ନ ଥାଏ। ତଥାପି ସେ ନିଜ ପ୍ରୟାସ ଜାରି ରଖିଥିବା କହିଛନ୍ତି। ମା'ବାପା, ସ୍ତ୍ରୀ, ପୁଅ ଓ ଝିଅଙ୍କୁ ନେଇ ତାଙ୍କ ପରିବାର।



ଯେଉଁମାନେ କମ୍ କାମ କରନ୍ତି,
ସେମାନେ ବେଶି କଥା କୁହନ୍ତି।
– ମହାତ୍ମା ଗାନ୍ଧୀ

ସଂକ୍ଷେପରେ

ଶ୍ମଶାନରୁ ମୃତଦେହ ଜବତ ଘଟଣା

ମିଳିଲା ମୃତକଙ୍କ ପରିଚୟ

ଗୋପ, ୧୪।୨(ଡି.ଏନ୍.ଏ.): ଗୋପ-ବାଲିଘାଇ ରାସ୍ତାର ଷୋଳପୁର ଶ୍ମଶାନରୁ ବୁଧବାର ମଧ୍ୟାହ୍ନରେ ଗୋପ ପୋଲିସ ଜବତ କରିଥିବା ଅଜଣା ମୃତଦେହର ପରିଚୟ ମିଳିଥିବା ଥାନା ପକ୍ଷରୁ ଜଣାପଡ଼ିଛି। ମୃତକଙ୍କ ଘର ପୁରୀ ସିଦ୍ଧମହାବୀର ଅଞ୍ଚଳ ଚମାରସାହିରେ ହୋଇଥିବାବେଳେ ତାଙ୍କ ନାମ ପୂର୍ଣ୍ଣଚନ୍ଦ୍ର ବେହେରା ବୋଲି ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ମୃତକ ପୂର୍ଣ୍ଣଚନ୍ଦ୍ର ତାଙ୍କ ସ୍କୁଟି ନଂ. ଓଡିଏକ୍-୮୫୭୦ ଯୋଗେ ଦୁଇଦିନ ତଳେ କୋଣାର୍କ ବୁଲିବାକୁ ଆସିଥିଲେ। ସେହିଦିନଠାରୁ ତାଙ୍କର କୌଣସି ଖୋଜଖବର ନ ଥିବା ଗୁରୁବାର ଗୋପ ଥାନାକୁ ଆସିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ତାଙ୍କୁ କେହି ହତ୍ୟାକରି ଏଠାରେ ଫୋପାଡ଼ି ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ବ୍ୟବଚ୍ଛେଦ ହୋଇଥିବା ମୃତଦେହକୁ ପୋଲିସ ପରିବାରକୁ ହସ୍ତାନ୍ତର କରିଛି। ବୁଧବାର ଷୋଳପୁର ଶ୍ମଶାନରେ ଯୁବକଙ୍କ ମୃତଦେହ ପଡ଼ିବା ପରେ ସ୍ଥାନୀୟ ଗ୍ରାମବାସୀ ଗୋପ ଅଗ୍ନିଶମ ବିଭାଗ ଓ ଅଧିକାରୀଙ୍କୁ ଅବଗତ କରିଥିଲେ। ପରେ ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି।

ସୁଆର ଗ୍ରାମ୍ୟ ଜଙ୍ଗଲରୁ କାଠ ଚୋରି

କୋଣାର୍କ, ୧୪।୨(ଡି.ଏନ୍.ଏ.): କୋଣାର୍କ-କାକଟପୁର ରାସ୍ତା ସଂଲଗ୍ନ ସୁଆର ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର କେତେଜଣ ଲୋକ ଆକାଶି ଗଛ କାଠ ଚୋରି କରୁଥିଲେ। ଏ ସମ୍ପର୍କରେ ଖବରପାଇ ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ ପ୍ରଭାସ କୁଣ୍ଡୁ ଓ ବନବିଭାଗର ଚିତ୍ରେଶ୍ୱରୀ ସେକ୍ସନ ବନପାଳ ରାଜୁ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା ୬ଟି ଗଛକୁ ଜବତ କରିଥିବାବେଳେ ଗଛକାଟୁଥିବା ଲୋକମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଅବଦାନ ପଞ୍ଚାୟତର ଜନୈକ ଠିକାଦାର ଗ୍ରାମର କେତେକ ଖଳ ଲୋକଙ୍କୁ ହାତବାରିସି କରି ଗ୍ରାମ୍ୟ ଜଙ୍ଗଲରୁ ନିୟମିତ କାଠଚୋରି କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ କାକଟପୁର ତହସିଲଦାର ରୋଜିନା ଦାସଙ୍କୁ ପଚାରିବାରେ କୁହନ୍ତି, ମୁଁ ଘଟଣା ସମ୍ପର୍କରେ ଜାଣିନାହିଁ କି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏ ସମ୍ବନ୍ଧରେ କୌଣସି ସୂଚନା ମୋତେ ପ୍ରଦାନ କରିନାହାନ୍ତି। ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ କୁଣ୍ଡୁ କଟାଯାଇଥିବା ଆକାଶି କାଠକୁ ଜବତ କରି ଏ ନେଇ ମାମଲା ରୁଜୁ କରିବା ପାଇଁ କାକଟପୁର ତହସିଲଦାର ଦାସଙ୍କୁ ରିପୋର୍ଟ କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କୁ ପଚାରିବାରେ କାଠଚୋରିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

ମାତୃପିତୃ ପୂଜନ

କଣାସ, ୧୪।୨(ସ୍ୱ.ପ୍ର.): କଣାସଠାରେ ପ୍ରତିଷ୍ଠିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଗୁରୁବାର ମାତୃପିତୃ ପୂଜନ ପାଳିତ ହୋଇଯାଇଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମାତାପିତା ବିଦ୍ୟାଳୟକୁ ଆସିବାପରେ ସେମାନଙ୍କୁ ଛାତ୍ରୀଛାତ୍ରମାନେ ପାଦଧୋଇ ଫୁଲଚନ୍ଦନ, ଧୂପଦୀପ ଦେଇ ପୂଜାଅର୍ଚ୍ଚନା କରିଥିଲେ। ମାତାପିତା ନିଜର ପିଲାମାନେ ଜଣେ ଜଣେ ଭଲମଣିଷ ହେବାପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମାନସ ବଳିୟାରସିଂହ ଆୟୋଜନ କରିଥିବା ବେଳେ ହରି ଓଁ ସଂଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମକେଶରୀ ମହାପାତ୍ର ଏହାକୁ ପରିଚାଳନା କରିଥିଲେ। ଶେଷରେ ଅଭିଭାବକମାନେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାଧୁବାଦ ଜଣାଇଥିଲେ।

ଲୁଲୁଙ୍କ ୫୫ତମ ଜୟନ୍ତୀ

ବ୍ରହ୍ମଗିରି, ୧୪।୨(ଡି.ଏନ୍.ଏ.): ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ୫୫ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଅଛି। ବ୍ରହ୍ମଗିରି ବ୍ଲକର ବିଭିନ୍ନ ସ୍ଥାନରେ ଲୁଲୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ତୁତିଚାରଣ କରାଯାଇଥିଲା। ଗଡରୋଡଙ୍ଗସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମ୍ୟୁଜିକାଲ ୱାଟର ଫାଉଣ୍ଟେନ ପାଇଁ ଲାଗିଥିବା ମେଶିନ୍।

ଗ୍ୟାଲେରିରେ ଥିବା ଚେୟାରଗୁଡିକ ଭାଙ୍ଗିଯାଇଛି।

■ ମ୍ୟୁଜିକାଲ ୱାଟର ଫାଉଣ୍ଟେନ ପ୍ରତି ଆନ୍ତରିକତା ନାହିଁ

ସାଢ଼େ ୭ କୋଟି ଟଙ୍କାର ପ୍ରକଳ୍ପ ଦିଶାହୀନ

ପୁରୀ ଅଫିସ,୧୪।୨

■ଭାଙ୍ଗିରୁଜି ଗଲାଣି ଚେୟାର
■ଚୋରି ହୋଇଯାଇଛି ଫ୍ୟାନ, ମ୍ୟୁଜିକ୍ ବକ୍ସ

ପୁରୀ ସହରର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ମ୍ୟୁଜିକାଲ ୱାଟର ଫାଉଣ୍ଟେନର ପରିକଳ୍ପନା କରିଥିଲା ପର୍ଯ୍ୟଟନ ବିଭାଗ। ଲେଜର ଶୋ ମାଧ୍ୟମରେ ମହାପ୍ରଭୁଙ୍କ ଆବିର୍ଭାବ କଥାବସ୍ତୁକୁ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଦେଖାଇବା ପାଇଁ ହୋଇଥିଲା ନିଷ୍ପତ୍ତି। ହେଲେ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପ୍ରକଳ୍ପ ଏକପ୍ରକାର ଅଧାପନ୍ତରିଆ ଭାବେ ରହିଛି। ପ୍ରଶାସନିକ ଅଧିକାରୀ ଏବଂ ରାଜନେତାଙ୍କ ଆନ୍ତରିକତା ଅଭାବରୁ ଏ ପର୍ଯ୍ୟନ୍ତ ଏହା ପୂର୍ଣ୍ଣକାଳୀନ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅନ୍ୟପକ୍ଷରେ ପର୍ଯ୍ୟଟକମାନଙ୍କ ପାଇଁ ପକାଯାଇଥିବା ଚେୟାରଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଫ୍ୟାନ୍, ମ୍ୟୁଜିକ୍ ବକ୍ସ ଚୋରି ହୋଇଯାଇଥିବା ବେଳେ ସଞ୍ଜ ନଇଁଲେ ପୁଷ୍କରିଣୀ ଚାରିପାଖରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଯନ୍ତ୍ରାଂଶକୁ ସଚଳ ରଖିବା ଉଦ୍ଦେଶ୍ୟରେ ବର୍ତ୍ତମାନ କେବଳ ଜଳ ଫୁଆରା ଦିନକୁ ପ୍ରାୟ ୧ ଘଣ୍ଟା ଚଲାଯାଉଛି। କିନ୍ତୁ କୌଣସି ଟିକେଟ କଟାଯାଉ ନାହିଁ କି ପର୍ଯ୍ୟଟକ ବି ଆସୁନାହାନ୍ତି। ଫଳରେ ସାଢେ ୭ କୋଟି ଟଙ୍କାର ଏହି ପ୍ରକଳ୍ପ ଏକପ୍ରକାର ଦିଶାହୀନ ହୋଇପଡିଛି।

ଶ୍ରୀକ୍ଷେତ୍ରରେ ପବିତ୍ର ପୁଷ୍କରିଣୀ ମଧ୍ୟରୁ ଅନ୍ୟତମ ଚନ୍ଦନ ପୁଷ୍କରିଣୀ। ଏହାର ମଧ୍ୟ ଭାଗରେ ଦୀପିଦାଣ୍ଡି ରହିଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତ୍ୟେକ ବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ଖ୍ୟାତ। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବର କାହାଣୀକୁ ଦେଖାଇବା ଲାଗି ୨୦୧୩ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭କୋଟି ୭୦ ଲକ୍ଷ ୮୪ ହଜାର ଟଙ୍କା ବ୍ୟୟରେ ମ୍ୟୁଜିକାଲ ୱାଟର ଫାଉଣ୍ଟେନ (ଜଳ ଫୁଆରା) ଏବଂ ଲେଜର ଶୋ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇ ଇଡ୍‌କୋକୁ ଦାୟିତ୍ୱ ଦିଆଯାଇଥିଲା। ନବକଳେବର ପୂର୍ବରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ କୋଲକାତାର ପ୍ରିମିୟମ୍ ୱାର୍ଲ୍ଡ ନାମକ ଏକ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲା। ଲେଜର ଶୋ'ରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ନୀଳମାଧବ ଆଲେଖ୍ୟ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ହୋଇଥିଲା। ୨୦୧୭ରେ ଇଡ୍‌କୋ ଉକ୍ତ ପ୍ରକଳ୍ପର ପରୀକ୍ଷାମୂଳକ ପ୍ରଦର୍ଶନ କଲାବେଳେ ଅନେକ ତ୍ରୁଟିବିଚ୍ୟୁତି ଜଣାପଡିଥିଲା। ଶ୍ରୀଜଗନ୍ନାଥ ଆବିର୍ଭାବ କଥାବସ୍ତୁକୁ ନେଇ ଚଳଚ୍ଚିତ୍ରର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇଥିଲା। କିନ୍ତୁ ପରୀକ୍ଷାମୂଳକ ପ୍ରଦର୍ଶନ ବେଳେ ଲଳିତା ପ୍ୟାଣ୍ଟଶାର୍ଟ ପିନ୍ଧିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ତେଣୁ ପୁନର୍ବାର ତାହାକୁ ସଂଶୋଧନ କରି ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୨୦୧୭ ଏପ୍ରିଲ ୧୫ରେ ପ୍ରଥମେ ମ୍ୟୁଜିକାଲ ଫାଉଣ୍ଟେନର ପରୀକ୍ଷାମୂଳକ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଯୋଗଦେଇ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ୨ ମାସ ମଧ୍ୟରେ ଲେଜର ଶୋ ଆରମ୍ଭ ହେବ ବୋଲି କହିଥିଲେ। ଅନ୍ୟପକ୍ଷରେ ଗତବର୍ଷଠାରୁ ଏହାର ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ମନ୍ଦିର ପ୍ରଶାସନ ଏହାର ରକ୍ଷଣାବେକ୍ଷଣ କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିପାରି ନ ଥିବାରୁ ଖଣ୍ଡିଏ ଟିକେଟ ବି ବିକ୍ରି ହୋଇପାରି ନାହିଁ। ଏହି ପ୍ରକଳ୍ପ ତୁରନ୍ତ ଆରମ୍ଭ କରିବା ପାଇଁ ପୁରୀର ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ସିଂ ୩ ଥର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ମଧ୍ୟ ଦେଇଥିଲେ। ସବୁଥର ମନ୍ତ୍ରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରକଳ୍ପର ଭାଗ୍ୟ ଦିଶାହୀନ ହୋଇପଡିଥିବାରୁ ଏ ନେଇ ସେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ କଥାବସ୍ତୁକୁ ନେଇ ଯେଉଁ ତ୍ରୁଟି ହୋଇଥିଲା ତାହାର ସଂଶୋଧିତ ସିଡୀ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ଆସନ୍ତା ପରିଚାଳନା କମିଟି ବୈଠକରେ ଏହା ପ୍ରଦର୍ଶିତ ହେବ। କମିଟି ଅନୁମତି ଦେବା ପରେ ମ୍ୟୁଜିକାଲ ୱାଟର ଫାଉଣ୍ଟେନ ପୂର୍ଣ୍ଣକାଳୀନ ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

ଅତିରିକ୍ତ ଆର୍‌ଆଇଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

ଭୟରେ ଅଭିଯୋଗ କଲେନି

ବ୍ରହ୍ମଗିରି, ୧୪।୨(ଡି.ଏନ୍.ଏ.)

ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ଜଣେ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଗୁରୁବାର କେତେଜଣ ବାଲି ଓ ମାଟି ମାଫିଆ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହି ଘଟଣା ସମ୍ପର୍କରେ ଆରଆଇଙ୍କୁ ଥାନାରେ ଅଭିଯୋଗ ନ କରିବା ପାଇଁ ଧମକ ମଧ୍ୟ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଏକ ଗ୍ରାମ ନିକଟରେ କେତେଜଣ ବାଲି ଓ ମାଟି ମାଫିଆ ଗୁରୁବାର ପୂର୍ବାହ୍ନରେ ଗାଡ଼ି ଯୋଗେ ବେଆଇନ ଭାବେ ମାଟି ଉଠାଉଥିଲେ। ଏ ସମ୍ପର୍କରେ ଖବର ପାଇ ଉକ୍ତ ରାଜସ୍ୱ ଅଧୀନ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି ଏହାକୁ ବାରଣ କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ସହ ମାଫିଆମାନଙ୍କର ଯୁକ୍ତିତର୍କ ହୋଇଥିଲା। ମାଫିଆମାନେ ତାଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଛଡାଇ ନେଇଥିଲେ। ସମ୍ପୃକ୍ତ ଆରଆଇ କୌଶଳ କ୍ରମେ ଘଟଣାସ୍ଥଳରୁ ଖସିଆସି ବ୍ରହ୍ମଗିରି ତହସିଲଦାରଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ଚାପରେ ଘଟଣାକୁ ଚପାଇ ଦିଆଯାଇଥିଲା। ଅଭିଯୁକ୍ତମାନେ ଆରଆଇଙ୍କ ଗୋଡ଼ ଧରି ଭୁଲ ମାଗିବାରୁ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। ଏ ସମ୍ପର୍କରେ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ପଚାରିବାରେ ଆଡେଇ ଯିବା ସହ ମୁହଁ ଖୋଲି ନ ଥିଲେ। ଅଳ୍ପ ଦିନ ତଳେ ବ୍ରହ୍ମଗିରି ତହସିଲ ଅଧୀନ ସିପସରୁବାଲିରୁ ମାଫିଆମାନେ ବାଲି ଚୋରା ଚାଲାଣ କରୁଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବ୍ରହ୍ମଗିରି ଅଞ୍ଚଳ ବାଲିମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଜଣେ ସ୍ଥାନୀୟ ପ୍ରଭାବଶାଳୀ ରାଜନେତା ସେମାନଙ୍କୁ ସୁରକ୍ଷା ଦେଉଥିବା ନେଇ ଚର୍ଚ୍ଚା ହେଉଛି।

ଏସ୍‌ଭି ନିର୍‌ତାର୍ ପକ୍ଷରୁ ୨୭୦ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ନିମାପଡ଼ା ବିଧାୟକ ସମୀର ଦାଶ ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କରୁଛନ୍ତି।

ଗୋପ, ୧୪।୨(ଡି.ଏନ୍.ଏ.)

ଅନେକ ସମୟରେ ଦିବ୍ୟାଙ୍ଗମାନେ ପରିବାର ପାଇଁ ବୋଝ ପାଲଟିଥିବାବେଳେ ରାଜ୍ୟ ସରକାର ସେମାନଙ୍କ ଲାଗି ବିଭିନ୍ନ ଯୋଜନା ପ୍ରଣୟନ କରିଆସୁଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଗୁରୁବାର ନାଗପୁର ସ୍ଥିତ ଗୋଠପଡ଼ିଆଠାରେ ଅନୁଷ୍ଠିତ ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ତଥା ପୁରୀ ଜିଲା ଯୋଜନା କମିଟି ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ଯୋଗଦେଇ ମତବ୍ୟକ୍ତ କରିଥିଲେ। ନାଗପୁର ସରପଞ୍ଚ ଅକ୍ଷୟ କୁମାର ନିଶଙ୍କଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ କାଳନ୍ଦି ଚରଣ ପ୍ରମୁଖ ଯୋଗ ଦେଇଥିଲେ। ଏସ୍‌ଭି ନିର୍‌ତାରର ମୁଖ୍ୟ ରଶ୍ମିରଞ୍ଜନ ସେଠୀ, ଡ. ସୁଧାକର ପ୍ରଧାନ, ବିନୟ କୁମାର, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଆବଶ୍ୟକ ଉପକରଣମାନ ବଣ୍ଟନ କରିଥିଲେ।

■ ରୂପା ଆଣ୍ଡ ଟ୍ରୁପ୍‌ର ବାର୍ଷିକ ନୃତ୍ୟ ଉତ୍ସବ

ମନ ମୋହିଲା କୁନି ପିଲାଙ୍କ ଓଡ଼ିଶୀ

ପୁରୀ ଅଫିସ, ୧୪।୨

ରୂପା ଆଣ୍ଡ ଟ୍ରୁପ୍‌ର କୁନି କୁନି କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଶ୍ରୀକ୍ଷେତ୍ରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ରୂପା ଆଣ୍ଡ ଟ୍ରୁପ୍‌ର ୧୯ତମ ବାର୍ଷିକ ନୃତ୍ୟ ଉତ୍ସବ ଗୁରୁବାର ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଇପ୍‌ସିତ ପ୍ରତିହାରୀ ଉଦ୍‌ଘାଟନ କରିଛନ୍ତି। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଗୁରୁ ବିଜୟଲକ୍ଷ୍ମୀ ଦାଶ, ବିଶିଷ୍ଟ ନାଟ୍ୟ ଶିଳ୍ପୀ ନରେନ୍ଦ୍ର କୁମାର ଜେନା ଯୋଗଦେଇ ଅନେକ ନୃତ୍ୟ ଶିଳ୍ପୀଙ୍କୁ ଗଢିବାରେ ଅନୁଷ୍ଠାନ ଯେଉଁ ଉଦ୍ୟମ ଚଳାଇଛି ତାହା ପ୍ରଶଂସନୀୟ ବୋଲି କହିଥିଲେ। ବିଷ୍ଣୁଦତ୍ତ ଦାସ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ। ସଭାପର୍ବ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ସାଂସ୍କୃତିକ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲେ ଅନୁଷ୍ଠାନର କୁନି ଶିଳ୍ପୀମାନେ। ସେମାନେ ଓଡ଼ିଶୀ ମେଳ ନୃତ୍ୟରେ ଶଙ୍ଖ ଗଦାଧର ପରିବେଷଣ କରିଥିଲେ। ଭଗବାନ ବିଷ୍ଣୁଙ୍କ ରୂପ ବର୍ଣ୍ଣନାକୁ ନେଇ ଆଧାରିତ ଏହି ନୃତ୍ୟ ବେଶ୍ କରତାଳି ସାଉଣ୍ଟି ଥିଲା। ଏହାପରେ ଓଡ଼ିଶୀ ମେଳ ନୃତ୍ୟ ଏବଂ ଏକକ ନୃତ୍ୟ ପରିବେଷିତ ହୋଇଥିଲା। ତେବେ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ବୋଇତ ବନ୍ଦାଣ। କୁନି କୁନି ଶିଳ୍ପୀମାନେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ଅନ୍ନପୂର୍ଣ୍ଣା ମଞ୍ଚରେ ବଖାଣିଥିଲେ। ଅତୀତରେ ଓଡ଼ିଆ ସାଧବପୁଅ ବାଣିଜ୍ୟ କରିବାକୁ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ଦୀପକୁ ଯାତ୍ରା କରୁଥିଲା। ସାଧବମାନଙ୍କୁ କିପରି ତାଙ୍କ ପରିବାର ଏବଂ ସାଧବାଣୀମାନେ ମେଲାଣି ଦେଉଥିଲେ ତାହା ହିଁ ଥିଲା ଏହାର ମୁଖ୍ୟ ଆଧାର। ଶିଳ୍ପୀମାନଙ୍କ ନୃତ୍ୟାଭିନୟ ଦର୍ଶକଙ୍କ ଆଖିରେ ଲୁହ ଆଣି ଦେଇଥିଲା। ଅନୁଷ୍ଠାନର ବାର୍ଷିକ ଉତ୍ସବ ଆସନ୍ତା ୧୬ତାରିଖରେ ଉଦ୍‌ଯାପିତ ହେବ।

ଓଲଟିଲା ବରଯାତ୍ରୀ କାର୍, ୮ ଆହତ

ଗୋପ,୧୪।୨(ଡି.ଏନ୍.ଏ.)

ଗୋପ–କୋଣାର୍କ ରାସ୍ତାର ଶାରଡା ଛକ ନିକଟରେ ଗୁରୁବାର ରାତିରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଖାଲକୁ ଓଲଟି ପଡିଥିଲା। ଏଥିରେ ୮ଜଣ ଆହତ ହୋଇଥିବା ବେଳେ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ପାଣି ଭିତରୁ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଭୁବନେଶ୍ୱରରୁ ବିଭିନ୍ନ ସ୍ଥାନରେ ଚାକିରି କରିଥିବା ୧୫ରୁ ଊର୍ଦ୍ଧ୍ୱ ଯୁବକ ରାମଚଣ୍ଡୀଠାରେ ଭୋଜି କରୁଥିଲେ। ଏହା ପରେ ଏକ ସାଙ୍ଗର ବିବାହ ଉତ୍ସବରେ ଯୋଗଦେବା ପାଇଁ ନିଆଳି ଯାଉଥିଲେ। ଶାରଡା ଛକ ନିକଟରେ କୌଣସି କାରଣରୁ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଖାଲକୁ ଓଲଟି ପଡିଥିଲା। ଖବରପାଇ ଅଗ୍ନିଶମ ଅଧିକାରୀ ସୁକାନ୍ତ କୁମାର ଜେନାଙ୍କ ସହ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ପାଣିରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ନାବାଳିକା ଝିଅାରୀଙ୍କୁ ଅପହରଣ କରି ଜେଲ ଗଲେ ମଉସା

କଣାସ, ୧୪।୨(ସ୍ୱ.ପ୍ର.)

ପୁରୀ ଜିଲା କଣାସ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ନିଜ ମଉସା ଜେଲ ଯାଇଛନ୍ତି। କଣାସ ପୋଲିସ ସୂଚନା ଅନୁସାରେ ନାବାଳିକା ଜଣକ ସ୍ଥାନୀୟ ଏକ ମହାବିଦ୍ୟାଳୟରେ +୨ ବିଜ୍ଞାନ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିଲେ। ଗତ ୯ତାରିଖ ଦିନ ନାବାଳିକାଙ୍କ ମା'ବାପା କଣାସ ଥାନାରେ ତାଙ୍କ ଝିଅକୁ ବ୍ରହ୍ମଗିରି ଅଞ୍ଚଳରେ ରହୁଥିବା ତାଙ୍କ ନିଜ ମଉସା ଅପହରଣ କରିନେଇଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ କଣାସ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଥାନା କେସ୍ ନଂ–୧୪/୧୯ରେ ମାମଲା ରୁଜୁ କରିଥିଲେ। ପରେ ମଉସା ରହୁଥିବା ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିବାବେଳେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଗୁରୁବାର ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ପୁରୀ ଡାକ୍ତରଖାନାକୁ ପଠାଯାଇଥିବାବେଳେ ଗିରଫ ମଉସାଙ୍କୁ କୋର୍ଟଚାଲଣ କରାଯାଇଥିଲା। ତାଙ୍କୁ ଜେଲ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ସାତପଡାଠାରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ପ୍ରତିବାଦ ସଭା।

ବ୍ରହ୍ମଗିରି ବିଧାୟକଙ୍କ ବିରୋଧରେ ଭାଜପାର ପ୍ରତିବାଦ ସଭା

ବ୍ରହ୍ମଗିରି, ୧୪।୨(ଡି.ଏନ୍.ଏ.)

ଚିଲିକା ଉପରେ ବ୍ରିଜ ନିର୍ମାଣ ଓ କୋଷ୍ଟାଲ ହାଇୱେ ନିର୍ମାଣକୁ ବିରୋଧ କରୁଥିବା ବ୍ରହ୍ମଗିରି ବିଧାୟକଙ୍କ ବିରୋଧରେ ଗୁରୁବାର ସାତପଡ଼ାଠାରେ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ଭାଜପାର ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ଜଗଦେବ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପାସନା ମହାପାତ୍ର, ଜିଲାସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଦୀଘାଠାରୁ ଗୋପାଳପୁର ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ଓ ଚିଲିକା ଉପରେ ବ୍ରିଜ ନିର୍ମାଣକୁ ସ୍ଥାନୀୟ ବିଧାୟକ ବିରୋଧ କରୁଥିବାରୁ ଏହା ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥ ଉପରେ ପ୍ରଭାବ ପକାଇବ ବୋଲି କହିଥିଲେ। ଏହା ସହ ଆଗାମୀ ଦିନରେ ବ୍ରହ୍ମଗିରି ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ଭାଜପା ନେତାମାନେ ଏହି ପ୍ରତିବାଦ ସଭାରେ ମତ ପ୍ରକାଶ କରିଥିଲେ।

■ ପିଠା କାର୍ଯ୍ୟକ୍ରମ ପାଲଟିଲା ରଣକ୍ଷେତ୍ର

ଏଲ୍‌ଇଡି ବଲ୍‌ବ ବଣ୍ଟାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଭଙ୍ଗାରୁଜା

ଗୋପ, ୧୪।୨(ଡି.ଏନ୍.ଏ.)

■ଚିରିଦେଲେ ଜରୁରୀ କାଗଜପତ୍ର
■ଭତ୍ତା ନ ପାଇ ନିରାଶରେ ଫେରିଲେ ହିତାଧିକାରୀ

ଗୋପ ବ୍ଲକ ଅଧୀନ ବେଦପୁର ଓ ଅଣ୍ଟରା ଇଚ୍ଛାପୁର ଗ୍ରାମପଞ୍ଚାୟତରେ ଗୁରୁବାର ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମ ରଣକ୍ଷେତ୍ରରେ ପରିଣତ ହୋଇଛି। ହିତାଧିକାରୀମାନେ ଏଲ୍‌ଇଡି ବଲ୍‌ବ ନ ପାଇ ଜନପ୍ରତିନିଧିଙ୍କୁ ଠେଲାପେଲା କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିଥିଲେ।

ଗୁରୁବାର ଗୋପ ବ୍ଲକର ୪ଟି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଦପୁର ପଞ୍ଚାୟତରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପୂର୍ବରୁ ୪ଟି ଏଲ୍‌ଇଡି ବଲ୍‌ବ ମିଳିବା ନେଇ ଘୋଷଣା କରାଯାଇଥିଲା। କିନ୍ତୁ କାର୍ଯ୍ୟକ୍ରମରେ ହିତାଧିକାରୀମାନେ ପହଞ୍ଚିବା ପରେ ସେମାନଙ୍କୁ ୨ଟି ବଲ୍‌ବ ବଣ୍ଟନ କରାଯାଇଥିଲା, ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ହିତାଧିକାରୀମାନେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ପଚାରିବାରୁ ସେମାନେ ନୀରବ ରହିବା ସହ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ହିତାଧିକାରୀମାନେ ସେମାନଙ୍କୁ ଠେଲାପେଲା କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଟେବୁଲ ଚେୟାର ଭଙ୍ଗାରୁଜା କରିଥିଲେ। ଏପରି କି ବ୍ଲକରୁ ଆସିଥିବା ଅଧିକାରୀମାନଙ୍କ ଖାତାପତ୍ର ଚିରାଚିରି କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଅଣ୍ଟରା ଇଚ୍ଛାପୁର ପଞ୍ଚାୟତରେ ଏଲ୍‌ଇଡି ବଲ୍‌ବ ବଣ୍ଟନରେ ପାତରଅନ୍ତର କରାଯିବାରୁ କେତେକ ହିତାଧିକାରୀ ଏହାକୁ ବିରୋଧ କରିବା ସହ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଠେଲାପେଲା କରିବା ସହ ଟେବୁଲ ଚେୟାର ଫୋପଡ଼ା ଫିଙ୍ଗା କରିଥିଲେ। ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୪ଟି ଲେଖାଏଁ ବଲ୍‌ବ ଦିଆଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏଭଳି ଘଟଣା ପରେ ଦୁଇ ପଞ୍ଚାୟତକୁ ମାସିକ ଭତ୍ତା ପାଇଁ ଆସିଥିବା ହିତାଧିକାରୀମାନେ ଭୟରେ ଟଙ୍କା ନ ପାଇ ନିରାଶ ହୋଇ ଫେରିଯାଇଥିଲେ। ଏ ସମ୍ପର୍କରେ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାଶଙ୍କୁ ପଚାରିବାରେ ଦୁଇ ପଞ୍ଚାୟତରେ ଏଲ୍‌ଇଡି ବଲ୍‌ବ ବଣ୍ଟନକୁ ନେଇ ଗଣ୍ଡଗୋଳ ହୋଇଥିବା ଅଭିଯୋଗ ଆସିଛି। ଅନ୍ୟ ଏକ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ଘଟଣା ସମ୍ପର୍କରେ ପରେ ଜାଣିଲି। ଏ ସମ୍ପର୍କରେ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବି ବୋଲି ସେ କହିଥିଲେ।